# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୧/୨୦୨୪ (୨୦ ପୃଷ୍ଠା) Bhubaneswar, Thursday, October 31/2024 Page 20 ₹ 7.00

୫୦ଶ ଭାଗ ୩୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 336 ମୂଲ୍ୟ ₹୭/-






KP GROUP Quality Since 1965
Safal
PAN MASALA
KP GROUP WISHES YOU ALL
HAPPY Diwali
Festival of Lights
KP GROUP Quality Since 1965
MADHUBAN
Safal TM
PAN MASALA
NO TOBACCO, NO NICOTINE ADDED
NOT FOR MINORS. 0% TOBACCO & NO NICOTINE CHEWING OF PAN MASALA IS INJURIOUS TO HEALTH.

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୧/୨୦୨୪ | Bhubaneswar, Thursday, October 31/2024 | ପୃଷ୍ଠା-୧


**ଧରିତ୍ରୀର ଛୁଟି**

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା୩୧।୧୦।୨୦୨୪ରିଖ ଗୁରୁବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା୦୨।୧୧।୨୦୨୪ ରିଖ ଶନିବାର ସକାଳେ ପ୍ରକାଶ ପାଇବ।

**ଦୀପାବଳି ଶୁଭେଚ୍ଛା**

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

- ନଭେମ୍ବର ୨୬ରୁ ବିଧାନସଭା
- ଯାତ୍ରାରେ ବନ୍ଦ ହେବ ଅଶ୍ଳୀଳ ନୃତ୍ୟ

ପୃଷ୍ଠା ୩

**ଆଜିର ସମ୍ପାଦକୀୟ**

ଦୀପାବଳିରେ ବିବିଧତା

# ଯାଯାବର ପରିବାରର ୫ ଜଣଙ୍କୁ ହତ୍ୟା

**ପେଟପାଟଣା ପାଇଁ ସ୍ଥାନ ବଦଳାଇ ତମ୍ବୁ ପକାଇ ରହୁଥିବା ମହାରାଷ୍ଟ୍ରର ଏକ ଯାଯାବର ପରିବାରର ୫ଜଣଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ହତ୍ୟା କରାଯାଇଛି। ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହି ଗୀତାପଡ଼ାରେ ଏହି ଘଟଣା ଘଟିଛି। ଏଥିରେ ଉକ୍ତ ପରିବାରର ୪ ଜଣ ଆହତ ହୋଇଥିବାବେଳେ ୩ଜଣଙ୍କୁ ଆକ୍ରମଣକାରୀମାନେ ଅପହରଣ କରି ନେଇଛନ୍ତି। ପରକୀୟା ପ୍ରୀତିକୁ ନେଇ ଅନ୍ୟ ଏକ ଯାଯାବର ଗୋଷ୍ଠୀର କେତେଜଣ ଏହି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇବା ସହ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରୁଛି।**

## ଶୋଇଥିବାବେଳେ ମାରଣାସ୍ତ୍ରରେ ଆଘାତ

- ୩ ଜଣଙ୍କୁ ଅପହରଣ, ୪ ଆହତ
- ପରକୀୟା ପ୍ରୀତିକୁ ନେଇ ଆକ୍ରମଣ

ସୁନ୍ଦରଗଡ଼,୩୦।୧୦ (ଜୟ ନାରାୟଣ ମେଣ୍ଟୁଳି)

କରମଡିହି ଗୀତାପଡ଼ାରେ ଏକ ବଡ଼ ତମ୍ବୁ ଭିତରେ ମଙ୍ଗଳବାର ରାତିରେ ଶୋଇଥିବା ଏକ ଯାଯାବର ପରିବାର ପ୍ରାୟ ୨୦ ସଦସ୍ୟଙ୍କ ଉପରେ ଅଚାନକ ମାଡ଼ି ଆସିଥିଲା ଆତଙ୍କ। ଅନ୍ୟ ଏକ ଯାଯାବର ଗୋଷ୍ଠୀ ୪ଜଣ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। କେହି କିଛି ଭାବିବା ପୂର୍ବରୁ ଅନେକେ ଲହୁଲୁହାଣ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି। ମୃତକମାନେ ହେଲେ ଛମା ଭୋସଲେ(୨୫), ତାଙ୍କ ଭାଇ ସୁବାସ ପାୱାର(୨୩), ଚରଣ କୁମାର(୪୫), ତାଙ୍କ ସ୍ତ୍ରୀ କାଇଲା କୁମାର(୩୫) ଓ ଦାଦି କୁଣ୍ଡି ପାୱାର। ଘଟଣାରେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଅବିନାଶ ପାୱାର(୩୦), ପୀୟୂଷ କୁମାର(୩୦), ମଞ୍ଜୁ ପାୱାର(୧୦) ଓ ଅନିଶାର କୁମାରୀ(୧୨)। ଆହତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକ ଏବଂ ଆହତ ସମସ୍ତେ ଗୋଟିଏ ପରିବାରର ଅଟନ୍ତି। ଆକ୍ରମଣ କରିଥିବା ଗୋଷ୍ଠୀ ଜଣେ ମହିଳା ଏବଂ ୨ ଶିଶୁଙ୍କୁ ନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ସଦର ଥାନା, ଟାଉନ ଥାନା, ଲେଫ୍ରିପଡା, ଭଷ୍ମା, ତଳସରା, ବଡଗାଁ ଥାନା ପୋଲିସ ସାଇଣ୍ଟିଫିକ ଟିମ ସହ ପହଞ୍ଚି ଘଟଣାର ତଦନ୍ତ କରିବାସହ ହତ୍ୟାକାରୀଙ୍କୁ ଧରିବା ପାଇଁ ତନାଘନା ଚଳାଇଛନ୍ତି। ଏଥିସହ ସଦର ଥାନା ପୋଲିସ କେସ୍ ନଂ. ୩୦୧/୨୪ରେ ହତ୍ୟା ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଛି।

ପୋଲିସ ସୂଚନା ମୁତାବକ, ଗତ କିଛି ମାସ ହେଲା ମହାରାଷ୍ଟ୍ର ୱାର୍ଦ୍ଧା ଅଞ୍ଚଳର କେତେଜଣ ଲୋକ ଆସି କରମଡିହି ଗୀତାପଡ଼ାରେ ତମ୍ବୁ ପକାଇ ରହି ଆସୁଛନ୍ତି। ସେମାନେ ପ୍ଲାଷ୍ଟିକ ମସିଣା ବୁଲି ବୁଲି କରିଥାନ୍ତି। ସେମାନଙ୍କ ମଧ୍ୟରୁ ଅବିନାଶ ପାୱାରଙ୍କ ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡ଼ି ଅନ୍ୟ କାହା ସହିତ ଚାଲି ଯାଇଥିଲେ। ଏହା ପରେ ଅବିନାଶ ଆଉ ଜଣେ ମହିଳାଙ୍କୁ ଆଣିଥିଲେ। ପୂର୍ବ ସ୍ତ୍ରୀଙ୍କ ଗୋଟିଏ ପୁଅ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କ ୨ ଟି ସନ୍ତାନ ରହିଛନ୍ତି। ତେବେ ଦ୍ୱିତୀୟ ସ୍ତ୍ରୀଙ୍କୁ ନେଇ ଆଉ ଏକ ଯାଯାବର ଗୋଷ୍ଠୀ ସହିତ ☞ ପୃଷ୍ଠା–୨













# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏଆଇଟିୟୁସିର ୧୦୫ତମ ପ୍ରତିଷ୍ଠା ଦିବସ ଓ ଗୁରୁଦାସ ଦାସଗୁପ୍ତଙ୍କ ସ୍ମୃତିବାର୍ଷିକୀ, ସ୍ଥାନ: ୟୁନିଟ୍-୯ ସ୍ଥିତ ରାଜ୍ୟ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ମା' ଦକ୍ଷିଣକାଳୀ ମନ୍ଦିରରେ କାଳୀପୂଜା, ସ୍ଥାନ: ଜିଜିପି କଲୋନୀ, ସମୟ: ପୂର୍ବାହ୍ନ ୧୦ଟା ୨୩।
- ଭିଏସ୍ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମା' ଶ୍ୟାମାକାଳୀ ପୂଜା, ସ୍ଥାନ: ଭିଏସ୍ଏସ୍ ନଗର, ସମୟ: ରାତି ୧୧ଟା।

## ପୁରୀ
- ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ହାଇସ୍କୁଲ, ସମୟ: ସକାଳ ୭ଟା।
- ନିରଞ୍ଜନ ମିଶନ ପକ୍ଷରୁ ସପ୍ତାହ ବ୍ୟାପୀ ଅଖଣ୍ଡଶାନ୍ତି ଆଧ୍ୟାତ୍ମିକ ଜ୍ଞାନଯଜ୍ଞ ଶିବିର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଓମ୍ଫେଡ୍ ଛକ, ନିକଟ ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ରାଇବଣିଆ ଦୁର୍ଗ (ପେଟ୍ରୋଲ ପମ୍ପ) ନିକଟରୁ ଏକ ଗଣଦୌଡ଼ ଆୟୋଜନ, ସ୍ଥାନ: ରାଇବଣିଆ, ଜଳେଶ୍ୱର, ସମୟ: ସକାଳ ୬ଟା।
- ରାଷ୍ଟ୍ରୀୟ ଏକତା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ସୃଜନଶୀଳ ସାହିତ୍ୟ ପତ୍ରିକା, ସୋର ପ୍ରଭାର ଲୋକାର୍ପଣ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉତ୍ତରେଶ୍ୱର, ସୋର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ରାଷ୍ଟ୍ରୀୟ ଏକତା ଦିବସ ପାଳନ ଉପଲକ୍ଷେ ଶପଥ ପାଠ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମା ଭଦ୍ରକାଳୀଙ୍କ ବେଦମାତା ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ରାତି ୧୦ଟା।
- ୯ଟି ମଣ୍ଡପରେ କାଳୀପୂଜା, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ରାତି ୧୧ଟା।
- କାଳୀପୂଜା, ସ୍ଥାନ: ରାଜଘାଟ, ଭଦ୍ରକ, ସମୟ: ରାତି ୧୧ଟା।

## କେନ୍ଦୁଝର
- ଶ୍ରୀ କାଳୀଙ୍କ ମନ୍ଦିରରେ ବାର୍ଷିକ ପୂଜା ଯଜ୍ଞ ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ବଣିଆପଙ୍କ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଚତୁର୍ଦ୍ଦଶୀ ମେଳା ଏବଂ ଭଜନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମା' ଶ୍ୟାମାକାଳୀ ପୂଜା, ସ୍ଥାନ: ଢେଙ୍କିକୋଟ, ସମୟ: ରାତି ୮ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଶ୍ୟାମାକାଳୀ ପୂଜା, ସ୍ଥାନ: ବୁଗୁଡା ଗୋଲିଆ,ସମୟ: ରାତି ୮ଟା।
- କାଳୀ ପୂଜା ଉତ୍ସବ, ସ୍ଥାନ: ବୁଗୁଡା ମଦନମୋହନ ଛକ,ସମୟ: ରାତି ୯ଟା।

## ଜଗତ୍‌ସିଂହପୁର
- ଅଠରବାଙ୍କି ବଣିକ ସଂଘ ପକ୍ଷରୁ କାଳୀପୂଜା ପାଇଁ କଳସ ଯାତ୍ରା: କାଉଡିଆ ନଦୀ ବାଲିପ୍ଲଟ, ଅଠରବାଙ୍କି ପାରାଦୀପ, ସକାଳ: ୭ ଟା।

## କେନ୍ଦ୍ରାପଡ଼ା
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମାର୍କଣ୍ଡପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଭାକରପୁର ବଜାର କମିଟି ପକ୍ଷରୁ ମାଆ ଶ୍ୟାମାକାଳୀଙ୍କ ପୂଜା, ସ୍ଥାନ: ପ୍ରଭାକରପୁର, ବଉଳକଣୀ, ମହାକାଳପଡା, ସମୟ:ରାତି ୮ଟା।
- ମାଆ ଶ୍ୟାମାକାଳୀଙ୍କ ପୂଜାସୋବ ଆରମ୍ଭ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ରାତି ୯ଟା

## ଯାଜପୁର
- ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା,ସ୍ଥାନ: ଧର୍ମଶାଳା ବ୍ଲକ୍ ଜାରକା ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଜାତୀୟ ଏକତା ଦିବସ ପାଳନ,ସ୍ଥାନ : ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ମା' ଶ୍ୟାମାକାଳୀ ପୂଜା,ସ୍ଥାନ : ଯାଜପୁର ରୋଡ଼ ସହରର ୧୬ଟି ପେଣ୍ଡାଲ ପରିସର, ସମୟ : ରାତି ୧୦ଟା।

## ନୟାଗଡ଼
- ଶ୍ୟାମାକାଳୀ ପୂଜା ଓ ୧୮ତମ ମହାଯଜ୍ଞ ଉତ୍ସବ, ସ୍ଥାନ:ନୟାଗଡ଼ ବ୍ଲକର ଖେଡପଡା ଗାଁ, ସମୟ: ରାତି ୧୨ଟା।
- ଶ୍ୟାମାକାଳୀ ପୂଜା, ସ୍ଥାନ: ନୟାଗଡ଼ ପୁରୁଣା ସହର, ସମୟ: ରାତି ୧୨ଟା।
- ଶ୍ୟାମାକାଳୀ ପୂଜା, ସ୍ଥାନ:ନୟାଗଡ଼ ବ୍ଲକର ବାରବାଟୀ ଗାଁ ମୁଣ୍ଡ, ସମୟ: ରାତି ୧୨ଟା।
- ଶ୍ୟାମାକାଳୀ ପୂଜା, ସ୍ଥାନ:ନୟାଗଡ଼ ବ୍ଲକର ଇଟାମାଟି ବଜାର, ସମୟ: ରାତି ୧୨ଟା।
- ଶ୍ୟାମାକାଳୀ ପୂଜା, ସ୍ଥାନ:ଗୋଡିପଡା ଶ୍ୟାମାକାଳୀ ବଜାର, ସମୟ: ରାତି ୧୨ଟା।

## ରାୟଗଡ଼ା
- କାଳୀ ପୂଜା ଆରମ୍ଭ, ସ୍ଥାନ: ବ୍ଲକ କଲୋନୀସ୍ଥିତ କାଳୀ ପୂଜା ମଣ୍ଡପ, ରାୟଗଡ଼ା, ସମୟ: ରାତି ୧୨ଟା।

## ନବରଙ୍ଗପୁର
- ରାଷ୍ଟ୍ରୀୟ ଏକତା ଦିବସ, ସ୍ଥାନ: ନବରଙ୍ଗପୁର ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮.୩୦।

## କୋରାପୁଟ
- ଆଲୋକର ପର୍ବ ଦୀପାବଳି ପାଳନ, ସ୍ଥାନ: ପଣ୍ଡି ପିକ୍‌ନିକ୍ ସ୍ପଟ, କେଟଲା, କୋରାପୁଟ, ସମୟ : ସନ୍ଧ୍ୟା ୬ଟା ୩୦।

## ସମ୍ବଲପୁର
- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସିଦ୍ଧେଶ୍ୱରୀ ଧର୍ମ ସଂସଦର ବାର୍ଷିକ ଉତ୍ସବ ସ କବିତା ପାଠ, ସ୍ଥାନ : ପଟ୍ଟନାୟକପଡା, ସମୟ : ପୂର୍ବାହ୍ନ ୧୧ଟା।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମଲେଇଙ୍କ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା ୩୦।

## ସୁବର୍ଣ୍ଣପୁର
- କାଳୀ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ବଡ଼ ଖମାର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମାସବ୍ୟାପି ଅଖଣ୍ଡ ନାମଯଜ୍ଞର ତ୍ରୟୋଦଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଡୁଙ୍ଗୁରିପାଲି ବ୍ଲକ ବୈଦ୍ୟପାଲି କାଳୀ ମନ୍ଦିରରେ ମାଙ୍କ ପୂଜା ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସିଭିକ ସେଣ୍ଟର, ସେକ୍ଟର-୧୯, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ଦକ୍ଷିଣ କାଳୀ ପୂଜା କମିଟି ପକ୍ଷରୁ ଜନ୍ମୋତ୍ସବ ଓ ଅଷ୍ଟମ ପ୍ରହରୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୦ଟା।
- କାଳୀପୂଜା, ସ୍ଥାନ: ସେକ୍ଟର-୨୦, ସମୟ: ରାତି ୧୨ଟା।

## ଦେବଗଡ଼
- ସଦଭାବନା ଦିବସରେ ପରେଡ଼, ସ୍ଥାନ: ରିଜର୍ଭ୍ ପୋଲିସ ପଡ଼ିଆ ଦେବଗଡ଼, ସମୟ: ସକାଳ ୮ଟା।
- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀମାନଙ୍କୁ ନେଇ ଉପକରଣ ମାଧ୍ୟମରେ ଭର୍ମି କଲଚର ଓ ଭର୍ମି କମ୍ପୋଷ୍ଟ ଉତ୍ପାଦନ ସମ୍ପର୍କିତ ୪ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବାରକୋଟ ମା' କାଳୀ ପୂଜା କମିଟି ପକ୍ଷରୁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ବାରକୋଟ ବ୍ଲକ ପୂଜା ମଣ୍ଡପ, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ୟାମା କାଳୀଙ୍କ ପୂଜା ଆରମ୍ଭ, ସ୍ଥାନ: ବାରକୋଟ ପୂଜା କମିଟି, ସମୟ: ରାତି ୧୦ଟା।

## କଳାହାଣ୍ଡି
- ଦୀପାବଳି ପର୍ବ ସହ ମା' ବେଙ୍ଗୁଲିଦେବୀ ଓ ବାବା ଭୈରବ ଦେବଙ୍କ ଝାମୁଯାତ୍ରା, ସ୍ଥାନ: ଥୁଆମୂଳ ରାମପୁର ବ୍ଲକର ତାଲବନ୍ଧ ପଡ଼ା, ସମୟ: ସନ୍ଧ୍ୟା ୫ଟା ୩୦।

## ନୂଆପଡ଼ା
- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ଦ୍ୱାଦଶ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଗିରି ଗୋବର୍ଦ୍ଧନ ପୂଜା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ପଞ୍ଚାୟତ ଗନିଆରି ଗାଁ, ସମୟ: ଅପରାହ୍ନ ୫ଟା ୩୦।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶପଥ ପାଠ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ,ସମୟ: ପୂର୍ବାହ୍ନ ୧୧ଟା।
- କରଞ୍ଜକଟା ଗ୍ରାମରେ ମା' କାଳୀଙ୍କ ପୂଜା, ସ୍ଥାନ: କରଞ୍ଜକଟା, ହରଭଙ୍ଗା, ସମୟ ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସମସ୍ତ ସୁବିଧା ଥାଇ ମଧ୍ୟ କାମ ହାସଲରେ ବାଧା ଉପୁଜିବ। ଦୀର୍ଘଦିନରୁ ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାକୁ ନେଇ ଚିନ୍ତିତ ରହିବେ। କୌଣସି ବିବାଦୀୟ ବିଷୟ ସକାଶେ ପାଖ ପଡ଼ୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ପରିସ୍ଥିତିବିଶତଃ କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ୍ୟ ହେବେ।

**ବୃଷ** ସକାଳୁ ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ନାପସନ୍ଦ କରିବେ। ଯେତେ ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ଛୋଟକଥାଟିକୁ କେନ୍ଦ୍ରକରି ମତାନ୍ତର ଘଟିପାରେ। ଆଜିର କର୍ମାରମ୍ଭ, ବ୍ୟବସାୟ ଏବଂ ପରିଜନଙ୍କ ସହ ଯାତ୍ରା ପ୍ରୀତିପ୍ରଦ ରହିବ।

**ମିଥୁନ** କଳେବଳେ କୌଶଳେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିପାରନ୍ତି। ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମ ହାସଲ କଷ୍ଟକର ହେବ। ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ମଧ୍ୟରେ ଦୈନନ୍ଦିନ ଜୀବନଯାତ୍ରା ସୁରୁଖୁରୁରେ ଅତିବାହିତ ହେବ।

**କର୍କଟ** ଭଲ ପଡୁ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ସନ୍ଦେହଜନିତ ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ପରିସ୍ଥିତି ବଶତଃ ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବେ। ସଭାସମିତିରେ ସମ୍ମାନିତ ହେବେ କିନ୍ତୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ।

**କନ୍ୟା** ପାଖରେ ଥିବା ଲୋକଟି ବହୁତ ଉପକାରରେ ଆସିବା ସମ୍ଭାବନା ରହିଛି। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିପାରନ୍ତି।

**ତୁଳା** ଭୁଲ୍ ବୁଝାମଣାରୁ ପାରିବାରିକ କଳହର ସମ୍ଭାବନା ରହିଛି। ଯାତ୍ରା କାଳରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭ କରି ଖୁସି ହେବେ। ମାଲିମକଦ୍ଦମାରେ ସଫଳତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରେ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। ବହୁତ ଦିନର ଆଶା ପୂରଣ ହେବା ସହ କୌଣସି ନୂତନ କାମରେ ବନ୍ଧୁ ସହଯୋଗର ହାତ ବଢ଼ାଇବେ। ପରିସ୍ଥିତିରେ ପଡି ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଘରୋଇ ଅଶାନ୍ତି ଲାଗିରହିବା ପଛରେ ପାରିବାରିକ ମତାନ୍ତର ହିଁ କାରଣ ହେବ।

**ଧନୁ** ଦିନର ଅଧିକାଂଶ ସମୟ ସମସ୍ୟା ଭିତରେ ଗତି କରୁଥିବାରୁ ଅନ୍ୟମନସ୍କ ରହିପାରନ୍ତି। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପଡ଼ୋଶୀ କଣ୍ଟାବାଡ଼ରେ ଲୁଗାଛାଟି କଳି କରିବାର ଉପକ୍ରମ କରିପାରନ୍ତି । ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିପାରନ୍ତି।

**ମକର** ଆପଣ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେପରି କିଛି ଅସୁବିଧା ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ। ସାମାନ୍ୟ ବିଳମ୍ବିତ ସମୟରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବା ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ।

**କୁମ୍ଭ** ସାଧାରଣ କଥାରେ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ଆଜିର କର୍ମକ୍ଷେତ୍ରରେ ଦକ୍ଷତାଭିତ୍ତିକ କୃତି ଓ କୃତିତ୍ୱ କାରଣରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ, ପ୍ରଶାସନିକ ସ୍ତରରେ କିମ୍ବା ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମ୍ପର୍କ ବ୍ୟାହତ ହେବ। ବ୍ୟବସାୟିକ କ୍ଷେତ୍ରରେ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ଅକ୍ଟୋବର ୩୧ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ସ୍ୱାଧୀନ ଭାରତର ପୂର୍ବତନପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନଦିବସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ। କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ ଗୁରୁବାର, କାଳୀ ପୂଜା, ଯମତର୍ପଣ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ. ୧୧.୧୫ ମି. ଗତେ ତୁଳାଚନ୍ଦ୍ର ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫.୫୧ମି. ଗତେ ଘ.୦୭।୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୫୪ମି. ଗତେ ଘ. ୦୨.୧୯ମି. ମଧ୍ୟେ ରାହୁକାଳ।

# ଡ. ସରୋଜିନୀ ସାହୁ ପାଇଲେ 'ଶାରଳା ପୁରସ୍କାର'



ଅତିଥିଙ୍କ ଗହଣରେ 'ଶାରଳା ପୁରସ୍କାର' ପାଇଥିବା ଡ. ସରୋଜିନୀ ସାହୁଙ୍କ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'ରେ ସମ୍ମାନିତ ସୁଦର୍ଶନ ସାହୁ ଓ କଣ୍ଠଶିଳ୍ପୀ ତାନସେନ ସିଂ।

**ପଦ୍ମଶ୍ରୀ ସୁଦର୍ଶନ ସାହୁ ଓ କଣ୍ଠଶିଳ୍ପୀ ତାନସେନ ସିଂଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**

ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)

ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ୪୫ତମ ଶାରଳା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ଗାଳ୍ପିକା, ଔପନ୍ୟାସିକା ଓ ସ୍ତମ୍ଭକାର ଡ. ସରୋଜିନୀ ସାହୁଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯାଇଛି। ଏହାସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ସ୍ଥପତି ପଦ୍ମଶ୍ରୀ ସୁଦର୍ଶନ ସାହୁ ଏବଂ କଣ୍ଠଶିଳ୍ପୀ ତାନସେନ ସିଂଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ୨୦୧୯ ମସିହାରେ ସୃଜନ ଇଣ୍ଡିଆ ଦ୍ୱାରା ପ୍ରକାଶିତ ଡ. ସରୋଜିନୀ ସାହୁଙ୍କ ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ତାଙ୍କୁ ପୁରସ୍କୃତ କରାଯାଇଥିବାବେଳେ ପୁରସ୍କାର ବାବଦରେ ତାଙ୍କୁ ୭ ଲକ୍ଷ ଅର୍ଥରାଶି ସହିତ ତାମ୍ରଫଳକ ଓ ଉପାୟନ ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ କରି ଡ. ସାହୁ କହିଲେ, ପୁରସ୍କାର ପାଇଁ ମନୋନୀତ ହେବାପରେ ମୋତେ ଶୈଶବ-କୈଶୋରର ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ଯୋଡ଼ି ହେବା ପରି ମନେହେଲା। ସେହିପରି ପୁରସ୍କାର ବାବଦରେ ଉଭୟ ସୁଦର୍ଶନ ଓ ତାନ୍‌ସେନଙ୍କୁ ୨.୫ ଲକ୍ଷ ଟଙ୍କାର ଅର୍ଥରାଶି ସହ ତାମ୍ରଫଳକ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ ଅବସରରେ କଣ୍ଠଶିଳ୍ପୀ ତାନସେନ ସିଂ ତାଙ୍କ ପିତାଙ୍କ ସ୍ମୃତିଚାରଣ କରିବା ସହ କିଛି ନାନାବାୟା ଗୀତର ପଂକ୍ତି ଗାଇ ଶୁଣାଇଥିଲେ।

ଉତ୍ସବରେ ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା ସଭାପତିତ୍ୱ କରି କହିଲେ, ଜଣେ ଯୋଗ୍ୟ ଲେଖକ କିମ୍ବା କଳାକାର ଅର୍ଥାଭାବ ଯୋଗୁ ସୃଜନଶୀଳତାରୁ ଦୂରେଇ ନ ଯାଆନ୍ତୁ, ଏହା ହିଁ ପୁରସ୍କାର ପ୍ରଦାନର ଆଭିମୁଖ୍ୟ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ଓ କଥାକାର ଦେବଦାସ ଛୋଟରାୟ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେ କହିଲେ, ପୃଥିବୀର ଅଧିକାଂଶ ଗଳ୍ପ ପଢୁଥିବା ମଣିଷ ଗଳ୍ପର ବାହାରେ ଥାଆନ୍ତି। କେବଳ ଗାଳ୍ପିକ ହିଁ ଏକମାତ୍ର ବ୍ୟକ୍ତି, ଯିଏ ଗଳ୍ପ ରଚନା କରୁ କରୁ ନିଜେ ତାହାର ମୋହରା ହୋଇଯାଏ। କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଯାଯାବର ପରିବାରର...

ବିବାଦ ଲାଗି ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ କେତେ ଜଣ ଲୋକ ଆସି ତମ୍ବୁ ଭିତରେ ଶୋଇଥିବା ଲୋକଙ୍କୁ ଭୁଜାଲି, ଖଣ୍ଡା ଦ୍ୱାରା ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ସଦର ଥାନା ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇ ଥିବା ବେଳେ ପଶ୍ଚିମାଞ୍ଚଳ ଡିଆଇଜି, ଏସ୍‌ପି, ସଦର ଏସ୍‌ଡିପିଓ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସର ୨ଟି ଟିମ୍ ଆକ୍ରମଣକାରୀଙ୍କୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି। ୪ପ୍ଲାଟୁନ ଫୋର୍ସ ମୁତୟନ ହୋଇଛି। ପୋଲିସ ସବୁ ଦିଗରୁ ତଦନ୍ତ କରିବା ସହ ହତ୍ୟାକାରୀଙ୍କୁ ଖୋଜାଖୋଜି କରିବା ପାଇଁ ବିଭିନ୍ନ ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେଶନଗୁଡ଼ିକରେ ଯାଞ୍ଚ କରୁଛି। ସଦର ଏସଡିପିଓ ହିମାଂଶୁ ବେହେରା କହିଛନ୍ତି, ପୋଲିସ ତଦନ୍ତ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଆହତମାନଙ୍କ ବୟାନ ଅନୁଯାୟୀ ଟଙ୍କା ନେଣଦେଣ ଓ ପରକୀୟା ପ୍ରୀତିକୁ ସନ୍ଦେହ କରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଝାରସୁଗୁଡା, ସମ୍ବଲପୁର, ରାଉରକେଲା ଆଦି ବିଭିନ୍ନ ରେଳଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରେ ପୋଲିସ ମୁତୟନ କରାଯାଇଛି।

# ୨ ମୃତ ଓଡ଼ିଆ ଶ୍ରମିକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୦(ଅନିଲ ଦାସ)

**ପାଟନା ମେଟ୍ରୋ ରେଳ ପ୍ରକଳ୍ପରେ ଦୁର୍ଘଟଣା**

ଗତ ୨୮ ତାରିଖରେ ବିହାରର ପାଟନାଠାରେ ନିର୍ମାଣାଧୀନ ମେଟ୍ରୋ ରେଳ ପ୍ରକଳ୍ପରେ ଦୁର୍ଘଟଣା ଘଟି ୨ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୟାଗଡ଼ ଜିଲା ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଗୋଛାବାଡ଼ି ଗାଁର ମନୋଜ ବେହେରା ଏବଂ କାଦୁଆ ଗାଁର ବିଜୟ ବେହେରା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୁଇ ମୃତ ଶ୍ରମିକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୬ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି।

# ଭିଜନ ଡକୁମେଣ୍ଟ: ୱେବ୍ ପୋର୍ଟାଲ, ଲୋଗୋ ଉନ୍ମୋଚିତ




ଭୁବନେଶ୍ୱର,୩୦।୧୦(ଅନିଲ ଦାସ)

- ୨୦୩୬ରେ ସମୃଦ୍ଧ ଓଡ଼ିଶା, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ
- ବିକଶିତ ଓଡ଼ିଶାର ରୂପରେଖ ରାଜ୍ୟବାସୀ ପ୍ରସ୍ତୁତ କରିବେ: ମୁଖ୍ୟମନ୍ତ୍ରୀ
- ପ୍ରସ୍ତାବ ଦେବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠିତ ହେବ। ୨୦୪୭ର ବିକଶିତ ଭାରତ ପାଇଁ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିବ। ଏହି ଲକ୍ଷ୍ୟ ହାସଲ ପାଇଁ ଏକ 'ଭିଜନ ଡକୁମେଣ୍ଟ' ପ୍ରସ୍ତୁତ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଏହି ଭିଜନ୍ ଡକୁମେଣ୍ଟ ପାଇଁ ଏକ ୱେବ୍ ପୋର୍ଟାଲ ଉନ୍ମୋଚନ କରି ଜନସାଧାରଣଙ୍କୁ ଏଥିପାଇଁ ମତାମତ ଦେବା ଲାଗି ଆହ୍ୱାନ ଦେଇଛନ୍ତି। ଏହି ୱେବ୍ ପୋର୍ଟାଲ ହେଉଛି https://vision.odisha.gov.in। ଜନସାଧାରଣ ଏହି ପୋର୍ଟାଲ ସହିତ ହ୍ୱାଟ୍ସ ଆପ୍ ଚାଟ୍ ବଟ୍ -+୯୧ ୬୩୭୦୯୫୧୯୨୦ ଏବଂ ଇ-ମେଲ vision@odisha.gov.in ଜରିଆରେ ରାଜ୍ୟ ସରକାରଙ୍କୁ ଆସନ୍ତା ୩ ସପ୍ତାହ ମଧ୍ୟରେ ପ୍ରସ୍ତାବ ପଠାଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକଶିତ ଓଡ଼ିଶା ଗଠନ ପାଇଁ ଆମେ ଯେଉଁ ଭିଜନ୍ ଡକୁମେଣ୍ଟ ପ୍ରସ୍ତୁତ କରିବାକୁ ଯାଉଛୁ, ତାହା ଲୋକଙ୍କ ମତାମତ ଆଧାରରେ ହିଁ ପ୍ରସ୍ତୁତ ହେବ। ଏହା କେବଳ ଏକ ସରକାରୀ ଦସ୍ତାବିଜ ହେବ ନାହିଁ। ଏହା ଓଡ଼ିଶାର ଜନସାଧାରଣଙ୍କ ପାଇଁ ସେମାନଙ୍କ ଦ୍ୱାରା ହିଁ ପ୍ରସ୍ତୁତ ଏପରି ଏକ ଦସ୍ତାବିଜ ହେବ, ଯାହା ଲୋକଙ୍କ ଆକାଂକ୍ଷାର ପ୍ରକୃତ ପ୍ରତିଫଳନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ନିଜେ ଓ ତାଙ୍କର ସହଯୋଗୀ ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଗଣ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସହ ଆଲୋଚନା କରି ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲୋକଙ୍କ ବିଚାର ଓ ପ୍ରସ୍ତାବ ଉପରେ ଅନୁଶୀଳନ କରି ମତାମତ ଗ୍ରହଣ କରିବେ। ମାନବ ବିକାଶ ସୂଚକାଙ୍କରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଅର୍ଜନ କରିବ। ରାଜ୍ୟ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଲୋକଙ୍କ ଇଚ୍ଛା ପ୍ରତିଫଳିତ ହେଉଛି। ୨୦୩୬ ଓ ୨୦୪୭ର ଓଡ଼ିଶା ଲୋକମାନଙ୍କ ଇଚ୍ଛାର ଏକ ପ୍ରତିଫଳନ ହେବ। ଏହି ଭିଜନ ଡକୁମେଣ୍ଟ ପ୍ରସ୍ତୁତି ପାଇଁ ସମାଜର ବିଶିଷ୍ଟ ନାଗରିକ, ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ପ୍ରବାସୀ ଓଡ଼ିଆ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କ ସମେତ ସାଧାରଣ ଜନତା ମତାମତ ଦେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ଏବଂ ୬ଟି ସଚିବସ୍ତରୀୟ କମିଟି ଗଠନ କରାଯାଇଛି।

ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲୁଥିବା ଭାଜପା ସରକାର ଲୋକଙ୍କ ସରକାର ଭାବରେ ପରିଚୟ ହାସଲ କରିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତର ରୂପରେଖକୁ ଆମେ ପ୍ରତିଦିନ ଅନୁଭବ କରୁଛୁ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ଭିଜନ ଡକୁମେଣ୍ଟ ପ୍ରସ୍ତୁତ ହେବ ସେଥିରେ ସବୁ ବର୍ଗର ଲୋକଙ୍କ ମତାମତ ପ୍ରତିଫଳିତ ହେବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ନୀତି ଆୟୋଗର ସହଯୋଗରେ ଓଡ଼ିଶା ସରକାର ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସାଧାରଣ ଲୋକଙ୍କ ମତାମତକୁ ଅନୁଶୀଳନ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଉତ୍କୃଷ୍ଟ ମତାମତ ଆଧାରରେ ଏହି ଡକୁମେଣ୍ଟ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।







# ଯାତ୍ରାରେ ବନ୍ଦ ହେବ ଅଶ୍ଳୀଳ ନୃତ୍ୟ

**ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)**

ଯାତ୍ରାରେ ଆଉ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ହେଇପାରିବନାହିଁ। ଖୋଲା ମଞ୍ଚ ଯାତ୍ରାରେ ନାଟକକୁ ନେଇ ଦର୍ଶକଙ୍କ ଭିତରେ କ୍ରେଜ୍ ବଢୁଛି। ହେଲେ ନାଟକରେ ଆଇଟମ୍ ଡ୍ୟାନ୍ସକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଥିବାରୁ ଏହାକୁ ନେଇ ବିଭିନ୍ନ ପ୍ରକାର ବିଶୃଙ୍ଖଳା ସୃଷ୍ଟିହେଉଛି। ଏହାକୁ ରୋକିବା ଲାଗି ରାଜ୍ୟ ସରକାର କଠୋର ପଦକ୍ଷେପ ନେବାକୁ ଯାଉଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଖୁବ୍‌ଶୀଘ୍ର ଆଇନ ଅଣାଯିବ। ସରକାର ଏହାକୁ ସମ୍ବେଦନଶୀଳ ପ୍ରସଙ୍ଗ ଭାବେ ଗ୍ରହଣ କରିଛନ୍ତି। ଏହାକୁ ନେଇ ବିଚାରବିମର୍ଶ ଚାଲିଛି। ଯାତ୍ରା ପାର୍ଟି ମାଲିକଙ୍କ ସହ ଏନେଇ ଆଲୋଚନା ହେବ ବୋଲି ପୃଥ୍ୱୀରାଜ କହିଛନ୍ତି। ସୂଚନାରୁ ପ୍ରକାଶ, ଗତ କିଛିଦିନ ହେଲା ଯାତ୍ରା ଦର୍ଶକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରକ୍ଷଣଶୀଳ ବ୍ୟକ୍ତି ନିଜ ପରିବାର ଲୋକଙ୍କ ସହ ଯାତ୍ରା ଦେଖିବାକୁ ଆସୁଛନ୍ତି। ହେଲେ ନାଟକ ଆରମ୍ଭ ପୂର୍ବରୁ ହେଉଥିବା ଅଶ୍ଳୀଳ ନୃତ୍ୟକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଛି। ରାଜ୍ୟ ସରକାରଙ୍କ କଡ଼ା ତାଗିଦ ସତ୍ତ୍ୱେ କେତେକ ଅନୁଷ୍ଠାନ ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଉଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ମଦ ବାର୍‌ଗୁଡ଼ିକରେ ହେଉଥିବା ଡ୍ୟାନ୍ସ ଉପରେ ସରକାର ରୋକ ଲଗାଇଥିଲେ। ଏଥିରେ ସରକାର କୋହଳ ହୋଇ ମଦ ବାର୍‌ଗୁଡ଼ିକରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ କେତେକ ସର୍ତ୍ତ ରଖି ଅନୁମତି ଦେଇଛନ୍ତି। ହେଲେ ବାର୍‌ଗୁଡ଼ିକରେ ନୃତ୍ୟକୁ ପୂର୍ବଭଳି ବାରଣ କରାଯାଇଥିବାବେଳେ କେବଳ ଗୀତ ଓ ବାଦ୍ୟଯନ୍ତ୍ର ପରିବେଷଣକୁ ଅନୁମତି ଦିଆଯାଇଛି।

## ନଭେମ୍ବର ୨୬ରୁ ବିଧାନସଭା

**ଭୁବନେଶ୍ୱର,୩୦।୧୦(ଅନିଲ ଦାସ)**

ଆସନ୍ତା ନଭେମ୍ବର ୨୬ରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଏହା ଡିସେମ୍ବର ୩୧ ତାରିଖ ଯାଏ ଚାଲିବ। ବୁଧବାର ବିଧାନସଭା ସଚିବାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଧିବେଶନରେ ମୋଟ୍ ୩୦ଟି କାର୍ଯ୍ୟ ଦିବସ ରହିଛି। ସେଥିରେ ମୋଟ ୨୫ ସରକାରୀ ଦିବସ ଥିବାବେଳେ ୫ ବେସରକାରୀ ଦିବସ ରହିଛି। ଅଧିବେଶନର ପ୍ରଥମ ଦିବସ ଅର୍ଥାତ ନଭେମ୍ବର ୨୬ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ଡିସେମ୍ବର ୨ରୁ ୪ ଯାଏ ଅତିରିକ୍ତ ବଜେଟ ଉପରେ ଆଲୋଚନା ହେବ। ୫ ତାରିଖରେ ଅତିରିକ୍ତ ବଜେଟ ବିଧାନସଭାର ଅନୁମୋଦନ ଲାଭ କରିବ। ଡିସେମ୍ବର ୨୫ରେ ବଡ଼ ଦିନ ପାଇଁ ବିଧାନସଭା ଛୁଟି ରହିବ। ଏହି ଅଧିବେଶନ କାଳରେ ନଭେମ୍ବର ୨୯, ଡିସେମ୍ବର ୬, ୧୩, ୨୦ ଓ ୨୭ରେ ବିଧାନସଭାରେ ବେସରକାରୀ ବିଲ୍ ଆଗତ ହେବ।




# ସିଡିପିଓଙ୍କୁ ଢେଙ୍କାନାଳ ବଦଳି

**କେନ୍ଦ୍ରାପଡ଼ା/ଡେରାବିଶ, ୩୦।୧୦ (ଜଗନ୍ନାଥ ଧଳ/ବେବର୍ତ୍ତା ଅଜୟ ଦାସ)**



ପୀଡ଼ିତାଙ୍କ ଘରେ ତଦନ୍ତ କମିଟିର ସଦସ୍ୟ।

**ନିର୍ଯାତନାରେ କିରାଣିଙ୍କ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣା**

- ୩ ଜଣିଆ କମିଟିର ତଦନ୍ତ ଆରମ୍ଭ
- ଜିଲା ଶିଶୁମଙ୍ଗଳ ଅଧିକାରୀ ପଦବୀରୁ ବି ଅପସାରଣ
- ସିଡିପିଓଙ୍କ ଲାଞ୍ଚ ଭିଡିଓ ଭାଇରାଲ

ପୂର୍ବରୁ କୋରାପୁଟ ଓ ମାଲକାନଗିରି ଜିଲା ଥିଲା ପନିଶ୍‌ମେଣ୍ଟ (ଦଣ୍ଡ) ପୋଷ୍ଟିଂ। ଏବେ ସେହି ମୁକୁଟ ପିନ୍ଧିଛି ଢେଙ୍କାନାଳ ଜିଲା। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସ୍ନେହଲତା ସାହୁଙ୍କୁ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସମସ୍ତ ସରକାରୀ ଦାୟିତ୍ୱରୁ ବୁଧବାର ଅବ୍ୟାହତି ଦେଇଛନ୍ତି। ସିଡିପିଓ ସାହୁଙ୍କୁ ଢେଙ୍କାନାଳର ପ୍ଲାନିଂ ଅଫିସର ଭାବେ ବଦଳି କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଚିଠି ହୋଇଛି। ସାହୁ ତାଙ୍କର ସମସ୍ତ ଦାୟିତ୍ୱ ଭାରପ୍ରାପ୍ତ ବିଡିଓ ଅନିରୁଦ୍ଧ ବେହେରାଙ୍କୁ ହସ୍ତାନ୍ତର କରିବେ। ଭାରପ୍ରାପ୍ତ ବିଡିଓଙ୍କୁ ଅର୍ଥ ପରିଚାଳନା ଦାୟିତ୍ୱ ନେବା ପାଇଁ ଏହି ଚିଠିରେ ଉଲ୍ଲେଖ ଅଛି।

ସୂଚନାଯୋଗ୍ୟ, ସିଡିପିଓ ସାହୁଙ୍କ ନିର୍ଯାତନା ପାଇଁ ଏହି ବିଭାଗରେ କାର୍ଯ୍ୟରତ କନିଷ୍ଠ କିରାଣିଙ୍କ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲାପାଳ ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ତଦନ୍ତରେ ବ୍ୟାଘାତ ସୃଷ୍ଟି ନ ହେବା ପାଇଁ ସିଡିପିଓ ସାହୁଙ୍କୁ ଢେଙ୍କାନାଳ ବଦଳି କରାଯାଇଛି। ଏଥିସହିତ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରେ ପ୍ରୋଗ୍ରାମ ଅଫିସର ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ସ୍ନେହଲତାଙ୍କୁ ମଧ୍ୟ ଜିଲାପାଳ ଦାୟିତ୍ୱରୁ ଅପସାରଣ କରିଛନ୍ତି। ୨ ପଦବୀରୁ ତାଙ୍କୁ ଅପସାରଣ କରାଯାଇଛି।

ଅନ୍ୟପକ୍ଷେ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଡେରାବିଶ ସମନ୍ୱିତ ଶିଶୁ ବିଭାଗର ପୀଡ଼ିତା କିରାଣି ବର୍ଷା ପ୍ରିୟଦର୍ଶନୀ ମହାପାତ୍ର ଓ ତାଙ୍କ ପରିବାର ପକ୍ଷରୁ ଜିଲାପାଳ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ କରାଯାଇଥିବା ଅଭିଯୋଗକୁ ଭିତ୍ତି କରି ଜିଲାପାଳ ୩ ଜଣିଆ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରିବା ସହ ବୁଧବାର ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ଡେରାବିଶ ତହସିଲଦାର ପ୍ରଜ୍ଞା ପାରମିତା ପୃଷ୍ଟିଙ୍କ ନେତୃତ୍ୱରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ ଓ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଚିତ୍ତରଞ୍ଜନ ବେହେରା ସାମିଲ ହୋଇ ବୁଧବାର ପୂର୍ବାହ୍ନରୁ ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଥମେ ତଦନ୍ତକାରୀ ଅଧିକାରୀମାନେ ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ୨୫ ତାରିଖର ଘଟଣା ସମ୍ପର୍କରେ ସିଡିପିଓ ସ୍ନେହଲତାଙ୍କୁ ପଚାରି ବୁଝିଥିଲେ। ଏଥିସହିତ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ୫ଜଣ ସୁପରଭାଇଜର ଓ ଅନ୍ୟ କର୍ମଚାରୀମାନଙ୍କଠାରୁ ଏହି ବିବାଦୀୟ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ବୁଧବାର ସନ୍ଧ୍ୟାରେ ତଦନ୍ତକାରୀ ଅଧିକାରୀମାନେ ପୀଡ଼ିତା ବର୍ଷାଙ୍କ ଘରକୁ ଯାଇ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଗୋଟିଏ ପଟେ ତଦନ୍ତ ଚାଲିଥିବା ବେଳେ ଅନ୍ୟପଟେ ସିଡିପିଓ ସ୍ନେହଲତାଙ୍କ ବିରୋଧରେ ଲାଞ୍ଚ ନେଇଥିବା ଅଭିଯୋଗର ଭିଡିଓ ଭାଇରାଲ ଜିଲାବାସୀଙ୍କୁ ସ୍ତବ୍ଧ କରିଛି। ଏହି ଘଟଣା ସମ୍ପର୍କରେ ମାନବ ଅଧିକାର କର୍ମୀ ପୁରୀର ଜୟନ୍ତ ଦାସ ମଙ୍ଗଳବାର ଜାତୀୟ ମାନବ ଅଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିବା ସହ ପୀଡ଼ିତାଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଅଭିଯୁକ୍ତା ସିଡିପିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ୩ୟ ପର୍ଯ୍ୟାୟରେ ଅଙ୍ଗନୱାଡି କର୍ମୀଙ୍କୁ ମିଳିବ ସୁଭଦ୍ରା ଅର୍ଥ

**ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)**

ଖୁବ୍‌ଶୀଘ୍ର 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ବଣ୍ଟନ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ପ୍ରଥମ ଦୁଇଟି ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ସବୁ ଅଙ୍ଗନୱାଡି କର୍ମୀଙ୍କୁ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିବ। କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନର ରି-ଚେକ୍ ହେବ। ଆବଶ୍ୟକ ପଡ଼ିଲେ ବାରମ୍ବାର ଯାଞ୍ଚ ହେବ। କେହି ଏହି ଯୋଜନାରୁ ବଞ୍ଚିତ ହେବେ ନାହିଁ। ଏଥିପାଇଁ ୧ ତାରିଖରେ ନୋଡାଲ ଏଜେନ୍ସି ନିଯୁକ୍ତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ସୁଭଦ୍ରା ରାଜ୍ୟର ଭାଜପା ସରକାରଙ୍କ ଲୋକାଭିମୁଖୀ ଯୋଜନା। ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ଗରିବ ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏ ଦେବେ ବୋଲି ସରକାରକୁ ଆସିବା ପୂର୍ବରୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଭାଜପା ସରକାର ଦୁଇଟି ପର୍ଯ୍ୟାୟରେ ଗରିବ ମହିଳାଙ୍କୁ ପ୍ରଥମ କିସ୍ତିର ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ହେଲେ ଏଥିରୁ ଅଙ୍ଗନୱାଡି କର୍ମୀ ବାଦ୍ ପଡ଼ିଥିଲେ। କିନ୍ତୁ ଏଥର ଅଙ୍ଗନୱାଡି କର୍ମୀଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଘୋଷଣା କରିଛନ୍ତି।

# ୮୨ ବର୍ଷରେ ଓଡ଼ିଆରେ ଏମ୍‌ଏ ପାସ୍ କଲେ ଗୋପୀନାଥ

**ରାଜକନିକା, ୩୦।୧୦ (ସଞ୍ଜୟ କୁମାର ଦାଶ)**



ଗୋପୀନାଥ ବିଶ୍ୱାଳ

ପାଠ ପଢ଼ିବାର ବୟସସୀମା ନ ଥାଏ। ସେଥିପାଇଁ ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳର ଆବଶ୍ୟକତା ଅଛି। ବୟସ ଯେତେ ବି ହେଉ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ପାରେନାହିଁ ବୋଲି ପ୍ରମାଣିତ କରିଛନ୍ତି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ମେଘପୁର ଗାଁର ୮୨ ବର୍ଷୀୟ ଗୋପୀନାଥ ବିଶ୍ୱାଳ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଦୂର ନିରନ୍ତର ଶିକ୍ଷା ମାଧ୍ୟମରେ ଗୋପୀନାଥ ଓଡ଼ିଆ ଭାଷା ସାହିତ୍ୟରେ ପ୍ରଥମ ଶ୍ରେଣୀରେ ଏମ୍‌ଏ ପାସ୍ କରିଛନ୍ତି। ଆଗକୁ ଓଡ଼ିଆ ବିଷୟରେ ପିଏଚ୍‌ଡି (ଗବେଷଣା) କରିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଅଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ ତଥା ବୟସ୍କଙ୍କ ମହଲରେ ଉଦାହରଣ ସାଜିଛନ୍ତି। ସବୁବର୍ଗଙ୍କ ପାଇଁ ପାଠ ପଢ଼ିବାର ବୟସ ସୀମା ନ ଥାଏ ବୋଲି ଗୋପୀନାଥ କହିଛନ୍ତି।

ଗୋପୀନାଥ ଆୟତନ ଏମ୍.ଇ. ବିଦ୍ୟାଳୟରୁ ୭ମ ପାସ୍ ପରେ ଘରୋଇ ଭାବେ ମାଟ୍ରିକ୍, ଯୁକ୍ତ ୨, ବି.ଏ. ବିଇଡି ଓ ଶେଷରେ ବୃତ୍ତିରୁ ଅବସର ନେବା ପରେ ଏବେ ଏମ୍‌ଏ ପାସ୍ କରିଛନ୍ତି। ଗୋପୀନାଥ ୭ମ ଶ୍ରେଣୀ ପାସ ପରେ ଡେଙ୍ଗସର୍ଗୀ ଆଶ୍ରମ ପ୍ରାଥମିକ ବିଦ୍ୟାଳୟ ସମ୍ବଲପୁରରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ରାଜକନିକା କୂଳସାହି ସେବାଶ୍ରମ ହାଇସ୍କୁଲ, କେନ୍ଦ୍ରାପଡ଼ାରୁ ପ୍ରଧାନ ଶିକ୍ଷକ ପଦବୀରୁ ୨୦୦୦ ମସିହାରେ ଅବସର ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେ ରାଜକନିକାର ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ସକ୍ରିୟ ଭାବେ ଯୋଡ଼ି ହୋଇରହିଛନ୍ତି। ବୟସର ଅପରାହ୍ଣରେ ପହଞ୍ଚି ମଧ୍ୟ ତାଙ୍କର ଏହି ଦୃଢ଼ ଇଚ୍ଛାଶକ୍ତିକୁ ରାଜକନିକାବାସୀ ପ୍ରଶଂସା କରିଛନ୍ତି। ତାଙ୍କର କୃତିତ୍ୱକୁ ନେଇ ପ୍ରାଧ୍ୟାପକ ବୈକୁଣ୍ଠ ନାଥ ପରିଡ଼ା, ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ହଳଧର ବେହେରା, ଲକ୍ଷ୍ମୀଧର ବିଶ୍ୱାଳ, ଉତ୍କଳ ଆର୍ଟ ପ୍ରେସ୍‌ର ପ୍ରତିଷ୍ଠାତା ନରହରି ଦାଶ, ଇଂ. ବିପିନ୍ ବିହାରୀ ରାଉତ, ବିଧାନ ଦାସ, ଅବସରପ୍ରାପ୍ତ ଶିକ୍ଷକ କାଳୀପ୍ରସାଦ ନାୟକ, ପରିବେଶବିତ୍ ଗୋପୀନାଥ ଦାଶ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

DSPL - 170

ଓଡ଼ିଶା ସରକାର

## ବାତ୍ୟା ପରବର୍ତ୍ତୀ ଜରୁରୀ ସ୍ୱାସ୍ଥ୍ୟ ସୂଚନା

**ବାତ୍ୟା ପରେ ଜଳବାହିତ ରୋଗ (ତରଳ ଝାଡା, ଜଣ୍ଡିସ୍, ଟାଇଫଏଡ୍), ଜ୍ୱର, ଥଣ୍ଡା କାଶ ଏବଂ ମ୍ୟାଲେରିଆ ଓ ଡେଙ୍ଗୁ ଆଦି ବ୍ୟାପିବା ସହିତ ସାପ କାମୁଡାର ଆଶଙ୍କା ବୃଦ୍ଧି ପାଏ।**

**ତରଳ ଝାଡ଼ା (ଡ଼ାଇରିଆ) ନ ହେବା ପାଇଁ**

- ବିଶୁଦ୍ଧ ପାଣି ପିଅନ୍ତୁ – ୧ଲିଟର ପାଣିରେ ଗୋଟିଏ ହାଲୋଜୋନ ବଟିକା (୪ ମି.ଗ୍ରା) ପକାଇ ଅଧ ଘଣ୍ଟାପରେ ପିଅନ୍ତୁ ଅଥବା ପାଣି ଛାଣି ଅଧ ଘଣ୍ଟା ପର୍ଯ୍ୟନ୍ତ ଫୁଟାଇ ଥଣ୍ଡା କରି ପିଅନ୍ତୁ।
- ବିଶୋଧିତ ହୋଇନଥିବା ପାଣି ଆଦୌ ପିଅନ୍ତୁ ନାହିଁ।
- ପଚାସଢା ଓ ବାସି ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଇବା ପୂର୍ବରୁ ଓ ଝାଡ଼ା ଯିବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ।
- ତରଳ ଝାଡ଼ା (ଡ଼ାଇରିଆ) ହେଲେ ଯଥେଷ୍ଟ ପରିମାଣରେ ଓ.ଆର.ଏସ୍ ସର୍ବତ ପିଅନ୍ତୁ। ଓ.ଆର୍.ଏସ୍ ନଥିଲେ ୧ ଗ୍ଲାସ୍ (୨୦୦ ମି.ଲି) ପାଣିରେ ଚିମୁଟେ ଲୁଣ ଏବଂ ଗ୍ଧ ଚାମଚରେ ୨ ଗ୍ଧମଚ ଚିନି ମିଶାଇ ପିଅନ୍ତୁ।



**ସାପ କାମୁଡ଼ିଲେ**

- ସାପ କାମୁଡ଼ିଲେ ରୋଗୀକୁ ତୁରନ୍ତ ଡ଼ାକ୍ତରଖାନା ନିଅନ୍ତୁ। ଗୁଣି ଗାରେଡି କିମ୍ବା ଦେଶୀ ଚିକିତ୍ସାରେ ସମୟ ନଷ୍ଟ କରନ୍ତୁ ନାହିଁ।
- ସାପ କାମୁଡ଼ା ଇଞ୍ଜେକ୍‌ସନ୍ ସରକାରୀ ଡ଼ାକ୍ତରଖାନାରେ ମାଗଣାରେ ଉପଲବ୍ଧ।

**ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ**

- ସର୍ବଦା ମଶାରୀ ଟାଙ୍ଗି ଶୁଅନ୍ତୁ। ମଶା ଡିମ୍ବ ଦେଉଥିବା ସ୍ଥାନରୁ ପାଣି ନିଗାଡି ଦିଅନ୍ତୁ ଓ ପରିବେଶ ସଫା ରଖନ୍ତୁ।
- ଜ୍ୱର ହେଲେ ତୁରନ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରାଇ ଚିକିତ୍ସା କରାନ୍ତୁ।

**ବାତ୍ୟା ପରେ କାଶ, ଥଣ୍ଡାଜ୍ୱର, ଜଣ୍ଡିସ, ଟାଇଫଏଡ୍ ଆଦି ରୋଗ ଦେଖାଦେଲେ**

- ସଙ୍ଗେ ସଙ୍ଗେ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରନ୍ତୁ।
- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ଚିକିତ୍ସା ମାଗଣାରେ ଉପଲବ୍ଧ।

**ବୟସ୍କ, ଭିନ୍ନକ୍ଷମ, ଗର୍ଭବତୀ ଓ ପ୍ରସୂତୀ ତଥା ଶିଶୁମାନଙ୍କର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ।**

OIPR-10003/13/0093/2425

National Health Mission
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ-ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। –ଶ୍ରୀଅରବିନ୍ଦ

-ଦୀପାବଳି, ଶ୍ୟାମାକାଳୀ ପୂଜା, ଚନ୍ଦ୍ରକ୍ଷୟ ଓ ହଳ ନିଷେଧ



# ଦୀପାବଳିରେ ବିବିଧତା



ଦେବଦତ୍ତ ପଟ୍ଟନାୟକ

ଉତ୍ତର ଭାରତର ଦିୱାଲି ବା ଦୀପାବଳି ପାଳନର ରାମାୟଣ ସହ ସମ୍ପର୍କ ରହିଛି। ଅଯୋଧ୍ୟାକୁ ରାମଙ୍କ ପ୍ରତ୍ୟାବର୍ତ୍ତନ ଉତ୍ସବ ଭାବରେ ଏହି ଦିବସ ପାଳନ କରାଯାଏ। ଦକ୍ଷିଣ ଭାରତରେ ଦୀପାବଳି ପାଳନର ସମ୍ପର୍କ କୃଷ୍ଣଙ୍କ ସହିତ ଜଡ଼ିତ। ସେଠାରେ ଏହି ଦିବସରେ କୃଷ୍ଣ ନରକାସୁରକୁ ବଧ କରିଥିବାରୁ ତାହାକୁ ଲୋକେ ଉତ୍ସାହର ସହ ପାଳନ କରିଥାନ୍ତି। ଦକ୍ଷିଣ ଭାରତୀୟ ପରମ୍ପରାରେ ଦୀପାବଳି ଉତ୍ସବ କୃଷ୍ଣପକ୍ଷର ୧୪ତମ ଦିନରେ, ଅର୍ଥାତ୍ ଅମାବାସ୍ୟା ପୂର୍ବଦିନ ପାଳନ କରାଯାଏ। ଏହି ଉତ୍ସବରେ ମହିଳାମାନେ ବଡ଼ି ଭୋରରୁ ସ୍ୱାମୀଙ୍କୁ ତେଲ ଓ ସୁଗନ୍ଧିତ ଦ୍ରବ୍ୟ ଲଗାଇ ଗାଧୋଇ ଦିଅନ୍ତି, ଯେମିତି ସତ୍ୟଭାମା କୃଷ୍ଣଙ୍କୁ ସ୍ନାନ କରାଇଥିଲେ। ତା'ପରେ ସେହିଦିନ ନରକାସୁରର ବିନାଶକୁ ପ୍ରତିପାଦିତ କରିବା ପାଇଁ ଏକ କାକୁଡ଼ି ପରି ଫଳ (କରିତ)କୁ ଖଣ୍ଡ ଖଣ୍ଡ କରାଯାଏ । ଗୋଆରେ ନରକାସୁର ପୋଡ଼ି ପାଳନ କରାଯାଏ। ଏଥିରେ ନରକାସୁରର ପୁତ୍ତଳିକା କରାଯାଇ ସେଥିରେ ଅଗ୍ନି ସଂଯୋଗ କରାଯାଇଥାଏ ଏବଂ ସେହି ଦିନ ବଡ଼ିଭୋରରୁ ବାଣ ଫୁଟାଯାଏ। ଏହିପରି ଭାବରେ ଦୀପାବଳିକୁ ନେଇ ଆମେ ଉତ୍ତର ଏବଂ ଦକ୍ଷିଣ ଭାରତର ପରମ୍ପରାଗୁଡ଼ିକରେ ସମ୍ପୂର୍ଣ୍ଣ ଭିନ୍ନତା ଥିବା ଦେଖିବାକୁ ପାଉ । କହିବାକୁ ଗଲେ ଉତ୍ତର ଭାରତରେ ରାମଙ୍କୁ ନେଇ ଦୀପାବଳି ପାଳନ କରାଯାଉଥିବାବେଳେ ଦକ୍ଷିଣ ଭାରତରେ ଏହା କୃଷ୍ଣଙ୍କ ପାଇଁ ପାଳନ କରାଯାଏ।

ଭାରତର ପଶ୍ଚିମ ଭାଗରେ ଅମାବାସ୍ୟା ଦିନ ବ୍ୟବସାୟୀମାନେ ଦୀପାବଳି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଥାନ୍ତି। ସେମାନେ ଏହି ଦିନ ସେମାନଙ୍କ ବ୍ୟବସାୟିକ କାରବାର ଅର୍ଥାତ୍ ଆୟ ବ୍ୟୟର ନୂଆ ଖାତା ଖୋଲିଥାନ୍ତି। ଦୀପାବଳିର ପର ଦିନ ଗୋବର୍ଦ୍ଧନ ପୂଜା କରାଯାଏ ଏବଂ କୃଷ୍ଣଙ୍କୁ ୫୬ ପ୍ରକାରର ବ୍ୟଞ୍ଜନ ପ୍ରଦାନ କରାଯାଇଥାଏ। ଏହାର ଦୁଇ ଦିନ ପରେ ଯମଙ୍କୁ ଭେଟ କରିବା ପାଇଁ ତାଙ୍କ ଭଉଣୀ ଯମି ବା ଯମୁନା ଆସନ୍ତି। ସବୁ ନଦୀ ପରି ଯମୁନା ନଦୀର ମଧ୍ୟ ଲକ୍ଷ୍ମୀଙ୍କ ସହ ସମ୍ପର୍କ ଥିବା ମାନ୍ୟତା ରହିଛି। ଯମ ହେଉଛନ୍ତି ମୃତ୍ୟୁ ଦେବତା। ମୃତ୍ୟୁଲୋକର ସେ ମାଲିକ ଓ ସେଠାରେ ହିଁ ସେ ରହିଥାନ୍ତି। କେଉଁ କର୍ମ (ଭଲ ଓ ମନ୍ଦ) ଅନୁଯାୟୀ କି ଦଣ୍ଡ ମଣିଷ ପାଇବ ତାହା ଚିତ୍ରଗୁପ୍ତ ନିର୍ଦ୍ଧାରଣ କରିଥାନ୍ତି। ତାହାକୁ ବିଚାରକୁ ନେଇ ଯମରାଜା ମଣିଷର ଭଲ ମନ୍ଦ କର୍ମ ଅନୁଯାୟୀ ସେମାନଙ୍କୁ



ଦଣ୍ଡ ଦିଅନ୍ତି। ଧନର ପ୍ରତୀକ ଭାବରେ ଭଉଣୀ ନିଜ ଭାଇର କଲ୍ୟାଣ କାମନା କରେ, ଯିଏ ତାଙ୍କୁ ସମ୍ମାନ, ଦାୟିତ୍ୱ ଏବଂ ଉତ୍ତରଦାୟିତ୍ୱ ଭଳି ମାନବୀୟ ଦାୟିତ୍ୱକୁ ନିଶ୍ଚିତ କରିଥାନ୍ତି।

ଦୀପାବଳି ଅମାବାସ୍ୟା ମଧ୍ୟ ପାତାଳର ରାଜା ବଳିଙ୍କ ଉତ୍ଥାନକୁ ପ୍ରତିପାଦିତ କରେ। ଏହି ଦିନ ସେ ପାତାଳରୁ ଉପରକୁ ଆସି ତା'ପରଦିନ ପୁଣି ତଳକୁ ଫେରିଯାଆନ୍ତି। ବଳି ଏଭଳି ଭାବେ ଉପରକୁ ଆସିବା ଓ ପୁଣି ପାତାଳକୁ ଫେରିଯିବା ପରମ୍ପରାର କୃଷି ସହିତ ସମ୍ପର୍କ ରହିଛି। ଏହା ପୃଥିବୀରେ ଫସଲ ଭଲ ଭାବେ ବଢ଼ିବା ଏବଂ ଅଧିକ ଅମଳକୁ ସୂଚିତ କରେ। ଦୀପାବଳି ଅମାବାସ୍ୟା ଦିନ ମର୍ତ୍ତ୍ୟକୁ ଏହି ଅସୁରରାଜାଙ୍କ ଆଗମନ ହେଉଥିବାରୁ ତାହାର ପ୍ରତୀକ ସ୍ୱରୂପ ସେହି ଦିନ ରାତିରେ ଜୁଆ ଖେଳାଯାଏ।

ବୈଦିକ ଯୁଗରେ ନକାରାତ୍ମକ ଶକ୍ତି ରାକ୍ଷସଠାରେ କମ୍ ଏବଂ ପିତୃପୁରୁଷ (ପିତୃ) ଏବଂ ଭୂତଠାରେ ଅଧିକ ଥିଲା। ତେଣୁ ଭାରତର ପୂର୍ବାଞ୍ଚଳରେ ଦୀପାବଳି କୌଣସି ଅସୁରକୁ କେନ୍ଦ୍ରକରି ପାଳନ କରାଯାଇ ନ ଥାଏ। ସେଠାରେ ଏହି ଉତ୍ସବ ମୃତବ୍ୟକ୍ତି ଅର୍ଥାତ୍ ପିତୃପୁରୁଷକୈନ୍ଦ୍ରିକ। ଦୀପାବଳି ଅମାବାସ୍ୟାର ପୂର୍ବଦିନକୁ ଭୂତ ଚତୁର୍ଦ୍ଦଶୀ କୁହାଯାଏ। ଏହି ଦିନ ବିଶେଷକରି ପଶ୍ଚିମବଙ୍ଗରେ ପିତୃପୁରୁଷମାନଙ୍କ ପାଇଁ ୧୪ଟି ଦୀପ ଜଳାଯାଇଥାଏ ଏବଂ ୧୪ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଅର୍ପଣ କରାଯାଏ। ଦୀପାବଳି ମା'କାଳୀଙ୍କ ଆଗମନକୁ ଦର୍ଶାଏ। ଏହି ଦିନ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଏ। ଏହା ସହ ଲକ୍ଷ୍ମୀଙ୍କ ପୂଜା ଏହାର ୧୫ ଦିନ ପୂର୍ବରୁ ଅର୍ଥାତ୍ ଶରତ ପୂର୍ଣ୍ଣିମା ରାତିରେ ସମ୍ପନ୍ନ କରାଯାଇଥାଏ।

ଓଡ଼ିଶାରେ ମଧ୍ୟ ଦୀପାବଳି ଦିନ ଶ୍ରାଦ୍ଧ ଦେବା ପରମ୍ପରା ରହିଛି। ଏହିଦିନ ଓଡ଼ିଶାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରାଦ୍ଧ ଲାଗି ବହୁ ଲୋକଙ୍କ ସମାଗମ ହୋଇଥାଏ। ବିଶେଷକରି ଲୋକମାନେ ସେମାନଙ୍କ ପିତୃପୁରୁଷଙ୍କୁ ଶ୍ରାଦ୍ଧ ବା ପିଣ୍ଡଦାନ କରି ସେମାନଙ୍କୁ ଖାଇବାକୁ ଦିଅନ୍ତି । ପିତୃପୁରୁଷମାନଙ୍କୁ ମର୍ତ୍ତ୍ୟରୁ ପିତୃଲୋକକୁ ଫେରିଯିବା ପାଇଁ ଦୀପ ଜାଳି ପଥ ଦେଖାଇଥାଆନ୍ତି। ବିଶ୍ୱାସ ରହିଛି ଯେ, ଜଗନ୍ନାଥ ରଥଯାତ୍ରା ଶେଷ ହେବା ସମୟରେ ପିତୃପୁରୁଷମାନେ ପିତୃଲୋକରୁ ପୃଥିବୀକୁ ଆସନ୍ତି। ଚତୁର୍ମାସ (ବର୍ଷା ଋତୁର ଚାରି ମାସ) ଶେଷ ହେବା ଏବଂ ବିଷ୍ଣୁ ଜାଗ୍ରତ ହେବା ସମୟ ପାଖେଇ ଆସୁଥିବାବେଳେ ସେମାନେ ପୃଥିବୀ ଛାଡ଼ି ପିତୃଲୋକକୁ ଚାଲିଯାଆନ୍ତି।

ବୈଦିକ କାଳରୁ ଭାରତରେ ପୂର୍ବପୁରୁଷ କିମ୍ବା ପିତୃପୁରୁଷ ପୂଜା ଚାଲିଆସୁଛି। ବୈଦିକ ସମୟରେ ଗୃହକର୍ତ୍ତା ବସନ୍ତ ଏବଂ ଗ୍ରୀଷ୍ମ ଋତୁରେ ପୂର୍ବ ଆଡ଼କୁ ମୁହଁ କରି ଦେବତାମାନଙ୍କୁ ପୂଜା କରନ୍ତି। ତେବେ ବର୍ଷା ଏବଂ ତା'ପରବର୍ତ୍ତୀ ଶରତ ଓ ଶୀତ ଋତୁରେ ପାଳନ କରାଯାଉଥିବା ପର୍ବଗୁଡ଼ିକର ପିତୃପୁରୁଷ ଓ ଭୂତମାନଙ୍କ ସହିତ ସମ୍ପର୍କ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ସେହି ପର୍ବଗୁଡ଼ିକ ଅସୁର ଏବଂ ଭୂତମାନଙ୍କ ସହିତ ଜଡ଼ିତ ହୋଇଗଲା । ଏହିପରି ପିତୃଲୋକ (ମୃତକଙ୍କ ରହିବା ସ୍ଥାନ)କୁ ଅସୁରଙ୍କ ବାସସ୍ଥଳୀ ଭୂତଳ ଅଞ୍ଚଳ (ପାତାଳ) ଏବଂ ନରକ (ନର୍କ) ସହିତ ଯୋଡ଼ାଯାଇଛି। ମଣିଷ ଜନ୍ମ ପରେ ଯେଉଁମାନେ ଖରାପ କର୍ମ ସହ ଜଡ଼ିତ ରହନ୍ତି ସେମାନଙ୍କୁ ସେହି କର୍ମର ଫଳ ଭୋଗ ସ୍ୱରୂପ ନର୍କରେ ରହିବାକୁ ପଡ଼ିଥାଏ। ଦୀପାବଳି ଏହି ପିତୃପୁରୁଷଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିବସ । ସେମାନଙ୍କୁ ସ୍ମରଣ କରିବାର ଦିନଟିଏ। ଏହା ସେମାନଙ୍କ କର୍ମଫଳକୁ ଶେଷ କରାଇ ନରକରୁ ମୁକ୍ତି ଦେବା ଲାଗି ତ୍ୟାଗ ଏବଂ ଦାନ( ଶ୍ରାଦ୍ଧ)କୁ ଉତ୍ସାହିତ କରେ। ଏହାସହ ପିତୃପୁରୁଷଙ୍କୁ ପୁନର୍ଜନ୍ମ(ଜନ୍ମ-ମୃତ୍ୟୁ)ର ଚକ୍ରରୁ ମୁକ୍ତ କରିବା ପାଇଁ ଏହି ଦିନଟି ଉଦ୍ଦିଷ୍ଟ।

ବିବିଧତାର ଦେଶ ଭାରତ। ଏଠାରେ ବିଭିନ୍ନ ଧର୍ମର ଲୋକ ସହାବସ୍ଥାନ କରନ୍ତି। ସେମାନଙ୍କ ପର୍ବପର୍ବାଣିରେ ଭିନ୍ନତା ରହିଛି। ହେଲେ ହିନ୍ଦୁଧର୍ମର ପର୍ବପର୍ବାଣିରେ ବିଶେଷକରି ଦୀପାବଳି ପାଳନରେ ବିବିଧତା ରହିଆସିଛି। ଆମେ ଏବେ ଏଭଳି ଏକ ଦୁନିଆରେ ରହିଛୁ ଯେଉଁଠାରେ ଉତ୍ତର ଭାରତୀୟ ପୁରାଣ ଭାରତର ପୂର୍ବ, ପଶ୍ଚିମ ଏବଂ ଦକ୍ଷିଣ ଭାଗରେ ଥିବା ଅନ୍ୟ ସମସ୍ତ ହିନ୍ଦୁ ପୁରାଣର ମହତ୍ତ୍ୱକୁ ହ୍ରାସ କରିଥାଏ। ଏହି ପରିପ୍ରେକ୍ଷୀରେ ହିନ୍ଦୁ ଧର୍ମର ବିବିଧତା ବିଷୟରେ କହୁଥିବା ଅନ୍ୟ ପରମ୍ପରାଗୁଡ଼ିକୁ ବି ମନେପକାଇବା ଭଲ।

–devduttofficial@gmail.com

# ତର ସହୁ ନାହିଁ



ଡ.ଚନ୍ଦନ କୁମାର ସିଂହ

ତର ସହୁ ନାହିଁ। ଅନୁରାଗର ଆକାଶରେ ସିନ୍ଦୂରା ଫାଟିଲାଣି। ସକାଳ ପରେ ସକାଳର ଜିଜ୍ଞାସା ଖିଅ ଧରୁଛି। ଏଠାରୁ ସେଠାଯାଏ, ସେଠାରୁ ଏଠାଯାଏ, ଏହି ଜିଜ୍ଞାସାର ଖିଅ, ଏହି ଅନୁରାଗ ଆକାଶର ସିନ୍ଦୂରା। ସମାଜ ଏଠି ସଂସାର ଏହି ପୃଥ୍ୱୀ ଯାହାକୁ ଯେତେ। ଯାହାର ଅନ୍ତ ଯେତେବଡ଼, ତା' ଅନୁରାଗ ଆକାଶର ଚଉହଦୀ ସେତେ ବଡ଼। ସେହି ଚଉହଦୀରେ ଗାଁ ଥାଏ ଗାଁ ନ ଥାଏ, ଦେଶ ଥାଏ ଦେଶ ନ ଥାଏ, ସକଳ ଭିଆଣରେ ଆଉ ଏକ ବାସ୍ନା ଭରପୂର ହୋଇ ରହିଥାଏ। ଏହି ସଂସାର ଏହି ପୃଥ୍ୱୀରେ କେତେ କେତେ ମଣିଷ ଆତଯାତ ହେଉଥିଲେ ମଧ୍ୟ ଆକାଶର ସିନ୍ଦୂରାକୁ ଅଳପ କେଇଜଣଙ୍କର କେବଳ ହେତୁ ପାଏ। ଅନେକେ ଆଡ଼ ଆଡ଼ ହୋଇ ଉଠନ୍ତି। ହଁ, ଏହିପରି ଅଳପ କେଇଜଣଙ୍କ ଭିତରୁ ଓଡ଼ିଶାର ଚିତ୍ତରଞ୍ଜନ ଦାସ ଥିଲେ (ଚିତ୍ତଭାଇ) ଅନୁରାଗ ଆକାଶରେ ପ୍ରତ୍ୟକ୍ଷ କରୁଥିବା ସକାଳର ବିଭୋର ବାସ୍ନାକୁ ଆଉଜଣେ କତିକୁ ନାଗି ନାଗି ଆସୁଥିବା ସୁହୃଦ୍। ସୁହୃଦ୍‌ର ବିଭୋର ମଣିଷ। ଜାତି ଯାଇଥିଲା, ମାତ୍ର ଅଜାତିଆର ଗୌରବପଣରେ ସେ ଥିଲେ ମରମଭେଦୀ। ମରମକୁ ଭେଦୁଥିଲେ, ମରମକୁ ହେଜୁଥିଲେ, ମରମକୁ ହାଣି ସକାଳର ଆକାଶକୁ କେଡ଼େ ବାଗରେ ଫର୍ଚ୍ଚା କରି ଆଣୁଥିଲେ।

## ଚିତ୍ତରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ

ଅବିଭକ୍ତ କଟକ ଜିଲା ବାଗଲପୁର ଅଧିବାସୀ ହାରାମଣି ଦେବୀ ଓ ଖୁସାଲି ଚରଣ ଦାସଙ୍କର ପୁଅ ଚିତ୍ତରଞ୍ଜନ ବଂଶବୁନିଆଦିର ଚିତ୍ତକୁ ରଞ୍ଜନ କରିବା ସହ ମଣିଷର ବଂଶ ବୁନିଆଦି ଆହୁରି କେତେ କେତେ ସମ୍ଭାବନାକୁ ଗୌରବୋଜ୍ଜ୍ୱଳ କରି ଆଣିବ, ତାହାର ଏକ ପ୍ରତିଜ୍ଞାବଦ୍ଧ ନମୁନା ରୂପେ କାଳ କାଳକୁ ନଜିର ହୋଇଯାଇଥିଲେ। କଟକ ଜେଲରେ ସ୍ୱାଧୀନତାରେ ବନ୍ଦୀ ଜୀବନ କାଟୁଥିବା ବେଳେ ସେ ଲେଖିଛନ୍ତି ଶତାଧିକ କବିତା। ଏଗୁଡ଼ିକ କେବଳ ଯେ ଲେଖିବା ପାଇଁ ଲେଖାଯାଇଛି ତା' ନୁହେଁ, ଆଲୁଅକୁ ଆଘ୍ରାଣ କରୁଥିବା ଜଣେ ସମଦରଦୀ ବନ୍ଧୁ ରୂପେ ଏସବୁ କବିତା ତାଙ୍କ ବ୍ୟଥିତ ପ୍ରାଣାକାଶର ନମୁନା।

ଦେଶ ସ୍ୱାଧୀନ ହେଲା। ଜଣେ ତରୁଣ ସେତେବେଳେ ଅନେକ ସ୍ୱପ୍ନର ଅଧିକାରୀ ଦେଶପାଇଁ। ଦେଶ ଓ ଦଶ ତାଙ୍କ ପାଇଁ ସ୍ୱପ୍ନର କେତେକ ଶବ୍ଦ ପୁଞ୍ଜି ନ ଥିଲେ। ଏହି ଭୂଇଁକୁ କେନ୍ଦ୍ର କରି ତାଙ୍କ ଅଭୀପ୍‌ସାର ମହିମା ଉକୁଟି ଉଠୁଥିଲା। ସେଥିଲାଗି କେନ୍ଦ୍ର ସରକାରଙ୍କ ବାରବାର ବିଦେଶ-ସେବାର ଅନୁରୋଧ ପତ୍ରକୁ ସେ ପ୍ରାପ୍ତି-ସ୍ୱୀକାର କରୁ ନ ଥିଲେ। ଜଣେ ଶିକ୍ଷକର ବାସ୍ନାକୁ ସେ ଆତ୍ମସ୍ଥ କରିସାରିଥିଲେ ସେତେବେଳକୁ। ମାଳତୀ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀଙ୍କର ମମତା ଅଙ୍ଗନରେ ସେ ଶିକ୍ଷାର ଜୀବନକୁ ବିଦ୍ୟାଳୟ ରୂପରେ ପ୍ରକାଶ ଦେବାପାଇଁ ମଗ୍ନ ମଣିଷର ଭୂମିକା ନିର୍ବାହ କରୁଥିଲେ।

ଦେଶ ସ୍ୱାଧୀନତା ସମୟର ସକାଳ ସରିଆସି ସଞ୍ଜ ଆସି ଯାଉଥିଲା କି! ମାତ୍ର ଚିତ୍ତରଞ୍ଜନ ସକାଳ ଓ ସଞ୍ଜର ମିତପଣକୁ ସାଉଁଟି ନେଉଥିଲେ ଝରା ଶେଫାଳୀକୁ ତୋଳିଧରିଲା ପରି। କେତେ କେତେ ଲୋଭ ଓ ଉପଦ୍ରବର ଫଟାଭୂଇଁକୁ ଆର୍ଦ୍ରକରି ଆଣିବାରେ ଚିତ୍ତରଞ୍ଜନ ନିଜ 'କତି' ପଣର ଖୁବ୍ ଭାଗୀଦାରି କରାଇପାରିଛନ୍ତି। ଏଥିରେ ଓଡ଼ିଶାରେ ହାତଗଣତି କେଇଜଣ ତାଙ୍କୁ ବୁଝିଛନ୍ତି, ମାତ୍ର ଅନେକଙ୍କୁ ବୁଝାଇଛନ୍ତି ଜୀବନର ଶେଷ ନିଃଶ୍ୱାସ ରଖିବା ପର୍ଯ୍ୟନ୍ତ।

ହଁ ଏକଥାକୁ ଦେଖି ହେଉଥିଲା ଯେ, ଚିତ୍ତରଞ୍ଜନ ଯେତିକି ପରିମାଣରେ ସାବଲୀଳ ଥିଲେ, ତା'ଠାରୁ ଅନେକ ବେଶି ଥିଲେ ଗତିଶୀଳ। ଝଲକାଏ ଖରାରେ ସେ ଲାଗୁଥିଲେ କେତେ ଉଜ୍ଜ୍ୱଳ ସମସ୍ତଙ୍କ ଭିତରେ, ସମସ୍ତଙ୍କ ଅଲକ୍ଷ୍ୟରେ। ଏହି ଗତିଶୀଳ ଜୀବନ ପଣରେ ଶ୍ରୀଅରବିନ୍ଦ, ରବୀନ୍ଦ୍ରନାଥ, ଗାନ୍ଧୀ, ସ୍ପିନୋଜା, କ୍ରିଷ୍ଟେନ୍ କଲ୍‌ଲ ପ୍ରମୁଖଙ୍କୁ ଯେମିତି ହୃଦୟଗ୍ରାହୀ କରି ବାଣ୍ଟିଦେଉଥିଲେ, ତାହା ଭିଡ଼ ଭିତରର ମଣିଷଙ୍କୁ ସତରେ ଅନେକ ଦୂର। ଯହୁଁ ଯହୁଁ ଖରା ବଢୁଥିଲା, ଚିତ୍ତରଞ୍ଜନ ଅଣନିଃଶ୍ୱାସୀ ହୋଇଯାଉଥିଲେ ମାତ୍ର ତାଙ୍କ ଆଲୋଚନା ଓ ଆବେଦନ ତର ସହୁ ନ ଥିଲା। ମନେପକାଇ ଗୋଟି ଗୋଟି କରି ଖୋଜୁଥିଲେ, ଏ ମୁଣ୍ଡରୁ ସେମୁଣ୍ଡ ଯାଏ, ଏ କାନିରୁ ସେ କାନି ଯାଏ। ସକାଳର ମହିମାରେ, ସକଳର ପ୍ରାର୍ଥନାରେ।

ପୁରୁଣା ଭୁବନେଶ୍ୱର
ମୋ:୮୨୪୯୬୫୭୭୭୮

## ଏଇ ଭାରତରେ

ସିଙ୍ଗଲ ୟୁଜ୍‌ଡ ବା ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ପରିବେଶ ପ୍ରଦୂଷଣର ଏକ ବଡ଼ କାରଣ ପାଲଟିଛି। ଏହି ସମସ୍ୟାର ସମାଧାନ ଲାଗି ଦେଶରେ ଅନେକ ବ୍ୟକ୍ତି ବିକଳ୍ପ ଉତ୍ପାଦ ତିଆରି କରୁଛନ୍ତି। କିଏ ପରିବେଶ ଉପଯୋଗୀ କପ୍, ଚାମଚ ଓ ପ୍ଲେଟ୍ ତିଆରି କରୁଛନ୍ତି ତ ଆଉ କିଏ ଗୁଆ ଖୋଳପାରୁ କଟେଲରି ପ୍ରସ୍ତୁତ କରୁଛନ୍ତି। କିନ୍ତୁ ତାମିଲନାଡୁ ମଦୁରାଇର ଦମ୍ପତି କ୍ରିଷ୍ଣା ସୁବ୍ରମଣ୍ୟନ ଓ ଗୌରୀ ଗୋପୀନାଥ କପା, ଖୋଟରୁ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରୁଛନ୍ତି । ଏହି ବ୍ୟାଗ୍ ପଲିଥିନ ବ୍ୟବହାର କମାଇ ପାରିବ ବୋଲି କହନ୍ତି କ୍ରିଷ୍ଣା। ସେମାନେ ତାମିଲନାଡୁ ପରମ୍ପରା ସହ ଜଡ଼ିତ ମାଞ୍ଜାପାଇ ବ୍ୟାଗ୍ (ହଳଦିଆ ରଙ୍ଗର କପଡ଼ା ବ୍ୟାଗ୍) ତିଆରି କରୁଛନ୍ତି, ଯାହାର ଆଦର ଏବେ କାହିଁରେ କ'ଣ। ଏମାନେ ଏଥିରୁ ବର୍ଷକୁ ୩ କୋଟି ଟଙ୍କା ରୋଜଗାର କରୁଛନ୍ତି। ଏଯାବତ ଏହି ଦମ୍ପତି ୧୦ ଲକ୍ଷରୁ ଅଧିକ ବ୍ୟାଗ୍ ତିଆରି କରିସାରିଲେଣି। ଦିନକୁ ୨,୦୦୦ରୁ ୩,୦୦୦ ବ୍ୟାଗ୍ ତିଆରି କରାଯାଉଛି। ଏହି କାର୍ଯ୍ୟରେ ଅନେକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ବ୍ୟାଗ୍‌ର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। କ୍ରିଷ୍ଣା ଚେନ୍ନାଇ ଓ ଗୌରୀ ବେଙ୍ଗାଲୁରୁରେ କାମ କରୁଥିଲେ। ସେମାନେ ୨୦୧୯ରେ ଚାକିରି ଛାଡ଼ି ଏହି କାର୍ଯ୍ୟରେ ମନୋନିବେଶ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୩୧ ଅକ୍ଟୋବର ୧୯୭୫

- କୋଣାର୍କକୁ ଅଧିକ ମନୋରମ ଓ ଚିତ୍ତାକର୍ଷକ କରିବା ନିମନ୍ତେ କେନ୍ଦ୍ର ସରକାର ୧ କୋଟି ୧୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ରାଜ୍ୟର ବନ୍ୟାକ୍ଷତିଗ୍ରସ୍ତ ସାହାଯ୍ୟ ବାବଦରେ କେନ୍ଦ୍ର ସରକାର ୭ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଭାରତୀୟ ଡାକତାର ବିଭାଗ ତରଫରୁ ରାଜ୍ୟ ଗୋଷ୍ଠୀ ପାର୍ଲାମେଣ୍ଟାରୀ ସମ୍ମିଳନୀ ଉପଲକ୍ଷେ ଏକ ବିଶେଷ ଡାକଟିକଟ ଉଦ୍‌ଘାଟିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 9 | | | 1 | | |
| | 8 | | 2 | | 4 | 5 | | |
| 7 | | 4 | 1 | | | | | 6 |
| | 1 | | | | | | 4 | |
| 5 | 4 | | | | | | | |
| | | 8 | 3 | | 5 | | | |
| | | | | | 1 | 3 | | |
| | 9 | | | 3 | | | | |
| 6 | | | 4 | | | | | 8 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 2 | 8 | 1 | 9 | 4 | 6 |
| 6 | 1 | 8 | 9 | 5 | 4 | 7 | 2 | 3 |
| 9 | 4 | 2 | 7 | 6 | 3 | 5 | 1 | 8 |
| 1 | 8 | 4 | 6 | 7 | 9 | 3 | 5 | 2 |
| 2 | 6 | 3 | 5 | 1 | 8 | 4 | 9 | 7 |
| 5 | 7 | 9 | 4 | 3 | 2 | 8 | 6 | 1 |
| 3 | 2 | 1 | 8 | 9 | 5 | 6 | 7 | 4 |
| 8 | 9 | 7 | 1 | 4 | 6 | 2 | 3 | 5 |
| 4 | 5 | 6 | 3 | 2 | 7 | 1 | 8 | 9 |

ଗତକାଲିର ଉତ୍ତର

# ଅର୍ଥନୀତିରେ ବାଉଁଶ



ବୈକୁଣ୍ଠନାଥ ମିଶ୍ର

ମାନବ ସଭ୍ୟତାର ପ୍ରାରମ୍ଭରୁ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ବାଉଁଶର ବୈଶିଷ୍ଟ୍ୟ ଅପରିହାର୍ଯ୍ୟ। ୧୯୨୭ରେ ବ୍ରିଟିଶ୍‌ଶାସିତ ଭାରତରେ ଜଙ୍ଗଲ ଆଇନ ପ୍ରଣୀତ ହେଲା। ସେ ସମୟରେ ବାଉଁଶ ଏକ ବୃକ୍ଷ ରୂପେ ବିବେଚିତ ହେଉଥିଲା। କିନ୍ତୁ ୨୦୧୭ (ପ୍ରାୟ ୯୦ ବର୍ଷ ପରେ)ରେ ଜଙ୍ଗଲ ଆଇନର ସଂଶୋଧନ କରାଯାଇ ବାଉଁଶକୁ ଏକ ଘାସଜାତୀୟ ଉଦ୍ଭିଦର ମାନ୍ୟତା ମିଳିଲା। ଫଳରେ ବାଉଁଶ ଛେଦନ ଓ ପରିବହନ ଉପରୁ ସମସ୍ତ ପ୍ରତିବନ୍ଧକ ଦୂରହେଲା। ଅନ୍ୟ ବୃକ୍ଷମାନଙ୍କର ଛେଦନ ଓ ପରିବହନ ଉପରେ ଥିବା କଟକଣା ବାଉଁଶ ପ୍ରତି ଲାଗୁ ହେଉନାହିଁ। ୨୦୧୭ରେ ନୀତି ଆୟୋଗ ବାଉଁଶ ଚାଷ ଓ ଏହାର ପ୍ରୟୋଜନୀୟତାକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି। ସଘନ ବାଉଁଶ ଚାଷ ଓ ଏହାର ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ 'ଜାତୀୟ ବାଉଁଶ ମିଶନ' ପ୍ରତିଷ୍ଠା କରାଗଲା। ପରିତାପର କଥା ଯେ ବାଉଁଶ ଉତ୍ପାଦନ ଓ ବାଉଁଶ ଶିଳ୍ପକୁ ଏଯାବତ୍ ମିଳିପାରିନାହିଁ ପର୍ଯ୍ୟାପ୍ତ ପ୍ରୋତ୍ସାହନ।

ବିଶ୍ୱରେ ପ୍ରାୟ ୧୫୦୦ ପ୍ରଜାତିର ବାଉଁଶ ଥିବାବେଳେ ଭାରତରେ ରହିଛି ପ୍ରାୟ ୧୫୦ ପ୍ରଜାତିର ବାଉଁଶ। ଭାରତର ଉତ୍ତର-ପୂର୍ବ ରାଜ୍ୟସମୂହ ଓ ପଶ୍ଚିମଘାଟ ପର୍ବତମାଳାର ପାଦଦେଶରେ ବିସ୍ତୃତ ବାଉଁଶ ଜଙ୍ଗଲ ଦେଖାଯାଏ। ବାଉଁଶ ଉତ୍ପାଦନରେ ଚାଇନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭାରତର ସ୍ଥାନ ଦ୍ୱିତୀୟ ଓ ମ୍ୟାନ୍‌ମାର ତୃତୀୟ ସ୍ଥାନରେ ଅଛି। ଉପରୋକ୍ତ ତିନୋଟି ଦେଶର ବାଉଁଶ ଉତ୍ପାଦନ ପୃଥିବୀର ସମୁଦାୟ ଉତ୍ପାଦନର ପ୍ରାୟ ୮୦ ପ୍ରତିଶତ। ଆମ ରାଜ୍ୟରେ ବ୍ୟାପକ ବାଉଁଶ କ୍ଷେତ ରହିଛି। ନୟାଗଡ଼ ଜିଲା ବିଶେଷକରି ଦଶପଲ୍ଲା ଜଙ୍ଗଲ ବାଉଁଶରେ ପ୍ରସିଦ୍ଧି ଅର୍ଜନ କରିଥିଲା, ଯାହା ବର୍ତ୍ତମାନ ଅବକ୍ଷୟର ସମ୍ମୁଖୀନ ହୋଇଛି। ବିସ୍ତୀର୍ଣ୍ଣ ବାଉଁଶ ବଗାୟତଗୁଡ଼ିକ ହ୍ରାସ ପାଇବାରେ ଲାଗିଛି। ଆଧୁନିକତାର ସ୍ପର୍ଶରେ ବାଉଁଶ ଉପରେ ନିର୍ଭରଶୀଳତା କ୍ରମେ ହ୍ରାସ ପାଉଛି। କେଉଁ ଅନାଦି କାଳରୁ ଗୃହ ନିର୍ମାଣରେ ବାଉଁଶ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସୁଥିଲା। ଘରର ଆସବାବପତ୍ର, କୃଷି ଉପକରଣ ଯଥା ଲଙ୍ଗଳ, ମଇ, କୋଦାଳ, କୋଡ଼ି ଓ ଶିଡ଼ି ଇତ୍ୟାଦିରେ ବାଉଁଶର ଆବଶ୍ୟକତା ଥିଲା ଅପରିହାର୍ଯ୍ୟ। ବାଉଁଶନିର୍ମିତ ବଂଶୀ ସାହାଯ୍ୟରେ ଗାଇ ଜଗୁଆଳ ତୋଳୁଥିଲା ସଙ୍ଗୀତ ସ୍ୱରର ଅପୂର୍ବ ମୂର୍ଚ୍ଛନା। କୃଷ୍ଣଙ୍କ ମୋହନବଂଶୀ ଯେପରି ଗୋପାଙ୍ଗନାଙ୍କୁ ଉଚ୍ଚାଟ କରୁଥିଲା, ନଦୀତଟରେ ଗୋପାଳ ବାଳକର ବଂଶୀବାଦନ ସେହିପରି ପଲ୍ଲିବାସୀଙ୍କୁ ବିମୋହିତ କରୁଥିଲା। ଆଧୁନିକ ଯୁଗରେ କାଗଜ ଶିଳ୍ପର ପ୍ରଧାନ କଞ୍ଚାମାଲ୍ ହେଉଛି ବାଉଁଶ। ଦିନେ ବାଉଁଶ ଥିଲା କୁଟିରଶିଳ୍ପ ଓ ହସ୍ତକଳାର ପ୍ରମୁଖ ଉପାଦାନ। ଟୋକେଇ, ବାଉଁଶିଆ ଓ ମତ୍ସ୍ୟ ଶିକାରର ବିଭିନ୍ନ ସାମଗ୍ରୀ ବାଉଁଶରୁ ପ୍ରସ୍ତୁତ ହେଉଥିଲା। ପ୍ରାଚୀନ ପରମ୍ପରାର ପ୍ରତୀକ ଚକୁଳିଆପଣ୍ଡାମାନେ ବ୍ୟବହାର କରୁଥିଲେ ବାଉଁଶ ଓ ତାଳପତ୍ର ନିର୍ମିତ ଛତା। ଏହି ପରମ୍ପରା ଏବେ ମଧ୍ୟ ଉଜ୍ଜୀବିତ ଅଛି।

ବାଉଁଶ ଗଛ ଅନ୍ୟ ଉଦ୍ଭିଦ ତୁଳନାରେ ଶୀଘ୍ର ବଢ଼ିଥାଏ ଓ ସ୍ଥଳ ବିଶେଷରେ ଏହାର ଉଚ୍ଚତା ପ୍ରାୟ ୩୦/୪୦ ଫୁଟ ହୋଇଥାଏ। ଏହା ଏକ ସରଳବର୍ଗୀୟ ଉଦ୍ଭିଦ। ବାଉଁଶ ପରିବେଶ ପାଇଁ ଅତ୍ୟନ୍ତ ଅନୁକୂଳ। ଏହା ସର୍ବାଧିକ ଅଙ୍ଗାରକାମ୍ଳ ଅବଶୋଷଣ କରେ ଓ ବାୟୁମଣ୍ଡଳକୁ ପ୍ରଚୁର ଅମ୍ଳଜାନ ଯୋଗାଇଥାଏ। ବାଉଁଶ ଗଛର ବୃଦ୍ଧି ପାଇଁ ରାସାୟନିକ ସାରର ଆବଶ୍ୟକ ହୁଏନାହିଁ।



ନୀତି ଆୟୋଗଙ୍କ ଅଭିନବ ଚିନ୍ତାଧାରା ଅନୁଯାୟୀ ବାଉଁଶରୁ ଇନ୍ଧନ ପ୍ରସ୍ତୁତ କରାଯାଇପାରିବ, ଯାହା ଏକ ଯୁଗାନ୍ତକାରୀ ପଦକ୍ଷେପ। କିନ୍ତୁ ଏଥିପାଇଁ ପ୍ରବଳ ନିଷ୍ଠା, ଆଗ୍ରହ ଓ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ନିକଟରେ ଚାଇନାର ଗବେଷକମାନେ ଏପରି ଏକ ପ୍ରଜାତିର ବାଉଁଶ କୃଷିର ବିକାଶ କରିଛନ୍ତି, ଯାହା ଅତ୍ୟନ୍ତ ସ୍ୱଚ୍ଛ ଓ ଅଗ୍ନିପ୍ରତିରୋଧୀ । ଏଥିରୁ ଏକ ଧୂମହୀନ ଇନ୍ଧନ ପ୍ରସ୍ତୁତ କରାଯାଇପାରିବ। ଚାଇନାର ସାଉଥ୍ ୟୁନିଭରସିଟି ଅଫ୍ ଫରେଷ୍ଟ୍ରି ଆଣ୍ଡ ଟେକ୍ନୋଲୋଜି(ସିଏସ୍‌ୟୁଏଫ୍‌ଟି) ଆଉ ଏକ ପ୍ରକାର ବାଉଁଶର ବିକାଶ କରିଛି, ଯେଉଁଥିରୁ ନିର୍ମିତ ପଦାର୍ଥ ଅତ୍ୟନ୍ତ ସ୍ୱଚ୍ଛ, ଅଗ୍ନିନିରୋଧକ ଓ ବିଦ୍ୟୁତ୍ କୁପରିବାହୀ। ପୂର୍ବରୁ କାଠତନ୍ତୁରୁ ଏପରି ପଦାର୍ଥ ସୃଷ୍ଟି କରାଯାଉଥିଲା। କିନ୍ତୁ ଏହା ଅଗ୍ନି ନିରୋଧକ ନ ଥିଲା। ବାଉଁଶରୁ ସୃଷ୍ଟ ପଦାର୍ଥ ହାଲକା, ସ୍ଥାନାନ୍ତରଯୋଗ୍ୟ ଓ କାଷ୍ଠପ୍ରସ୍ତୁତ ପଦାର୍ଥର ସହଜଲବ୍ଧ ବିକଳ୍ପ ହୋଇପାରିଛି।

ପୂର୍ବେ ବାଉଁଶରେ ନଦୀ ନାଳ ପ୍ରଭୃତିରେ ପୋଲ ନିର୍ମାଣ କରାଯାଇ ଯାତାୟାତକୁ ସୁଗମ କରାଯାଉଥିଲା। କାମ୍ବୋଡିଆର ମେକଙ୍ଗ୍ ନଦୀ ଉପରେ ଲୋକମାନେ ୩୩ଶହ ଫୁଟ ଲମ୍ବର ଏକ ପୋଲ ନିର୍ମାଣ କରନ୍ତି, ଯେଉଁଥିରେ ପ୍ରାୟ ୫୦ହଜାର ବାଉଁଶ ବ୍ୟବହୃତ ହୁଏ। ପ୍ରତି ୨ବର୍ଷ ଅନ୍ତରରେ ଏହି ପୋଲ ନୂତନ ଭାବେ ତିଆରିହୁଏ। ଏହି ପୋଲ ଏତେ ଶକ୍ତ ଯେ ଏଥିରେ ମୋଟରସାଇକେଲ ଓ କାର୍ ଅନାୟାସରେ ଯାତାୟାତ କରିପାରନ୍ତି। ଆମ ଦେଶର ବିହାରର ସମସ୍ତିପୁର ଜିଲାରେ ବାଉଁଶ ନିର୍ମିତ ଏକ ବିରାଟକାୟ ଛତା (ସ୍ଥାନୀୟ ଭାଷାରେ ଛତ୍ରୀ) ପ୍ରସ୍ତୁତ କରାଯାଏ, ଯାହା ଏକାଦିକ୍ରମେ ୨୦/୨୫ ଲୋକଙ୍କୁ ଖରା ଓ ବର୍ଷାରୁ ରକ୍ଷାକରେ। ଏହି ଛତା ବ୍ୟବହାର ଇତିହାସ ପ୍ରାୟ ୫୦୦ ବର୍ଷର ପୁରୁଣା। ସେହି ସମସ୍ତିପୁର ଜିଲାର ସୟ ନାମକ ଜଣେ ଯୁବକ ବାଉଁଶ ସାହାଯ୍ୟରେ ଏକ ସାଇକେଲ ନିର୍ମାଣ କରିବାରେ ସଫଳ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ବାଉଁଶନିର୍ମିତ ସାଇକେଲ ବହୁଳ ପ୍ରସାରିତ ହୋଇ ଜନମାନସକୁ ଆକୃଷ୍ଟ କରିଛି। ସାଇକେଲକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ସୟଙ୍କୁ ଲାଗିଛି ୨୫ ଦିନ ସମୟ। ପ୍ରାରମ୍ଭିକ ଭାବେ ସୟ ଏହି ସାଇକେଲଟିର ମୂଲ୍ୟ ରଖିଛନ୍ତି ମାତ୍ର ୫୦୦ ଟଙ୍କା। ଏହାର ଟାୟାର, ପେଡାଲ ଓ ଚେନ୍ ବ୍ୟତୀତ ଆଉସବୁ ଯନ୍ତ୍ରାଂଶ ବାଉଁଶରେ ତିଆରି। ଏହା ଅପେକ୍ଷାକୃତ ହାଲ୍‌କା ଓ କମ୍ ଦୁର୍ଘଟଣା ସମ୍ଭାବନା ବିଶିଷ୍ଟ। ସାମ୍ପ୍ରତିକ ଯୁଗରେ ଉଚ୍ଚ ଜ୍ଞାନ କୌଶଳ ବ୍ୟବହାରକରି ବୈଜ୍ଞାନିକମାନେ ଏପରି ସାଇକେଲ ନିର୍ମାଣ କରିବାରେ ସକ୍ଷମ ହେଲେଣି, ଯାହାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା। ଏହା ଏକ ସମୟରେ ଗମନାଗମନକୁ ତ୍ୱରାନ୍ୱିତ କରିବା ସହ ଆଭିଜାତ୍ୟର ନମୁନା ବହନ କରେ। ସବୁଠାରୁ ବଡ଼କଥା ହେଲା, ଏହା କି ଉପାଦାନରେ ତିଆରି ହୋଇଛି ଜାଣିବା କଷ୍ଟକର। ଏପରି ଏକ ସମୟରେ ସୟଙ୍କ ଦ୍ୱାରା ପ୍ରସ୍ତୁତ ବାଉଁଶନିର୍ମିତ ସାଇକେଲ ଏକ ବିସ୍ମୟ ନୁହେଁ କି? ଅବଶ୍ୟ ଏହାର ଆଦୃତି ପରବର୍ତ୍ତୀ ସମୟରେ ଜଣାପଡ଼ିବ।

ବାଉଁଶର ନାନାବିଧ ଉପକାରିତାକୁ ଦୃଷ୍ଟିରେ ରଖି ୨୦୦୦ ରେ ପ୍ରଥମ ଥର ପାଇଁ 'ବିଶ୍ୱ ବାଉଁଶ କଂଗ୍ରେସ' ସ୍ଥାପିତ ହୋଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କଲା। ୨୦୦୯ରେ ବାଉଁଶ କଂଗ୍ରେସର ନବମ ଅଧିବେଶନ ଥାଇଲାଣ୍ଡରେ ଅନୁଷ୍ଠିତ ହେଲା। ସେବେଠାରୁ ଥାଇଲାଣ୍ଡ ସଘନ ବାଉଁଶ ଚାଷକୁ ଆପଣେଇ ନେଇ ସଫଳତାର ଶୀର୍ଷରେ ପହଞ୍ଚିଛି। ବର୍ତ୍ତମାନ ଥାଇଲାଣ୍ଡ ବାଉଁଶ ଉତ୍ପାଦନ ଓ ରପ୍ତାନିରେ ପ୍ରମୁଖ ଅଂଶ ଗ୍ରହଣ କରିଛି। ଥାଇଲାଣ୍ଡ ଏକ ହାତୀବହୁଳ ଦେଶ ଭାବେ ବିଶ୍ୱପ୍ରସିଦ୍ଧ। ବାଉଁଶ ଗଛ, ଏହାର ଗଜା ଓ ତାଳପତ୍ର ହାତୀଙ୍କର ଅତିପ୍ରିୟ ଖାଦ୍ୟ। ସଘନ ବାଉଁଶ କୃଷି ଥାଇଲାଣ୍ଡ ଅର୍ଥନୀତିକୁ ସମୃଦ୍ଧ କରିବା ସହ ହାତୀମାନଙ୍କ ଖାଦ୍ୟର ଏକ ପ୍ରମୁଖ ଉତ୍ସ ପାଲଟିଛି। ସୁତରାଂ ବାଉଁଶ ଏକ ଉଭୟ ଅର୍ଥକରୀ ଓ ଉପକାରୀ ଉଦ୍ଭିଦ ଭାବେ ଆମଠାରୁ ଆବଶ୍ୟକ କରେ ସାମାନ୍ୟ ଯତ୍ନ। ଏହାକୁ ଅଣଦେଖା କରିବା ଉଚିତ ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଗହମ କେବେ ମିଳିବ

ମହାଶୟ,

ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରାଶନକାର୍ଡଧାରୀଙ୍କୁ ଏବେ ଚାଉଳ ସହ ଗହମ ଦିଆଯିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଏଯାବତ ତାହା ମିଳିନାହିଁ। ସେ କହିଛନ୍ତି ଯେ, ପୂର୍ବ ସରକାର ଗହମ ଯୋଗାଣ ବନ୍ଦ କରିଦେବା ଫଳରେ ଲୋକଙ୍କୁ ତାହା ମିଳିଲା ନାହିଁ। ଯେଉଁ ବୟସ୍କ, ବୃଦ୍ଧାବୃଦ୍ଧ ଓ ରୋଗୀ ଆଦି ରାତିରେ ରୁଟି ଖାଉଥିଲେ ସେମାନେ ଖୋଲାବଜାରରୁ ଚଢ଼ା ଦରରେ ଅଟା କିଣି ନିଜର ଚାହିଦା ମେଣ୍ଟାଇଲେ। ବିଗତ ସରକାର ଗହମ ଯୋଗାଣ ପୂରାପୂରି ବନ୍ଦ କରିବାରୁ ଅଟା ଯୋଗାଉଥିବା କମ୍ପାନୀଗୁଡ଼ିକ ଏକଚାଟିଆ ଭାବେ ଦର ବଢ଼ାଇଚାଲିଲେ। ଏହା ଯୋଗୁ ଖାଉଟିମାନେ ଶୋଷଣର ଶିକାର ହେଲେ। ଅଟା ଯୋଗାଇବା ପାଇଁ ଲୋକେ ଗଣମାଧ୍ୟମରେ ନିବେଦନ କରୁଥିଲେ ମଧ୍ୟ ବିଭିନ୍ନ ଆଳରେ ପୂର୍ବ ସରକାର ଏଡାଇ ଦେଉଥିଲେ। ବର୍ତ୍ତମାନ ସରକାରଙ୍କ ନିଷ୍ପତ୍ତି ଖାଉଟିଙ୍କୁ ଖୁସି କରିଛି। ତେବେ ଲୋକେ ଗହମ ନ ପାଇବାରୁ ସେମାନଙ୍କ ପ୍ରତିକ୍ରିୟା ଗତ ନିର୍ବାଚନରେ ପ୍ରତିଫଳିତ ହୋଇଛି ବୋଲି ମତ ପ୍ରକାଶ ପାଉଛି।

–ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଖିରେ ଏହି ବେଳେ
ଗୋପନ କଥା ହେଲେ
କହିବା ପାଇଁ ପୀଡ଼େ ପରାଣ
କୁମୁଦ ଦଳେ ଜଳ
ହୁଅଇ ଟଳମଳ
ଶୁଣସି ପଦେ କଥା, ମୋ ରାଣ।
–(ବର୍ଷାରତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପ୍ରତ୍ୟକ୍ଷ ଠାକୁରାଣୀ ମା' କୁଣ୍ଡିକାଳୀ

## ଦୀପାବଳି ପାଇଁ ପୀଠ ଚଳଚଞ୍ଚଳ

କଳିଯୁଗର ପ୍ରତ୍ୟକ୍ଷ ଠାକୁରାଣୀ ହେଉଛନ୍ତି ମା' କୁଣ୍ଡିକାଳୀ। ଭକ୍ତଙ୍କ ଗୁହାରି ଶୁଣି ଫଳ ଯାଚି ଦିଅନ୍ତି ବୋଲି ରହିଛି ବିଶ୍ୱାସ। ଭଦ୍ରକ ସହରଠାରୁ ମାତ୍ର ୩ କି.ମି. ଦୂରରେ ସାଳନ୍ଦୀ ନଦୀର ଶାଖା ନଦୀ କୁଣ୍ଡି ନଦୀକୂଳରେ ବ୍ରହ୍ମପୁର ମୌଜାର ମାଳିଅରୁଆ ଗ୍ରାମରେ ବିରାଜିତ ମା'ଙ୍କ ପୀଠ। ଦୀପାବଳି ପାଇଁ ମା'ଙ୍କ ପୀଠ ଏବେ ଚଳଚଞ୍ଚଳ ହୋଇଉଠିଛି। କାର୍ତ୍ତିକ ଅମାବାସ୍ୟା ଅକ୍ଟୋବର ୩୧ଠାରୁ ମା'ଙ୍କ ପୀଠରେ ଦୀପାବଳି ପାଳନ କରାଯିବା ସହ ପୂଜା ଆରମ୍ଭ ହେବ। ଗୁରୁବାର ସନ୍ଧ୍ୟାରେ ନିକଟରେ ଥିବା ବାବା ହଟକେଶ୍ୱରଙ୍କ ନିକଟରେ ଅଭିଷେକ ପରେ ଚଣ୍ଡୀପାଠ ଓ ପୂଜା କାର୍ଯ୍ୟ ଆରମ୍ଭ ହେବ। ଏହା ୨ଦିନ ଧରି ଚାଲିବ।

କିମ୍ବଦନ୍ତୀ ଅନୁଯାୟୀ ପ୍ରାୟ ୭୮ ବର୍ଷ ତଳେ କୁଣ୍ଡି ନଈ ମଧ୍ୟରୁ ମା'ଙ୍କ ଆବିର୍ଭାବ ହୋଇଥିବାରୁ କୁଣ୍ଡିକାଳୀ ନାମକରଣ କରାଗଲା। ନଈ ପାଖ ଜଙ୍ଗଲରେ ଗୋଟିଏ ସ୍ଥାନରେ ଥିବା ବିରାଟ ବଟ, ବେଲ ଓ ଲିମ୍ବ ବୃକ୍ଷ ନିକଟରେ ମା'ଙ୍କୁ ସ୍ଥାପନା କରିବା ପାଇଁ ମାଳିଅରୁଆ ଗ୍ରାମର ପୂଜକ ଉପେନ୍ଦ୍ର ପ୍ରସାଦ ବହଲିଙ୍କୁ ସ୍ୱପ୍ନାଦେଶ ହେବା ପରେ ସେଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ କରାଗଲା। ସେଠାରେ ଏବେ ମା'ଙ୍କ ମନ୍ଦିର ନିର୍ମାଣ କରାଯାଇଛି। ପୌରାଣିକ କଥା ଅନୁଯାୟୀ, ସତ୍ୟଯୁଗରେ ମା' ଦୁର୍ଗା, ଦ୍ୱାପରରେ ରୁକ୍ମିଣୀ, ତ୍ରେତୟାରେ ସୀତା ଓ କଳିଯୁଗରେ ମା' କୁଣ୍ଡିକାଳୀ ରୂପେ ବିରାଜିତ ଅଛନ୍ତି। କାଳୀପୂଜା ବ୍ୟତୀତ ପ୍ରତ୍ୟେକ ଚତୁର୍ଦ୍ଦଶୀ ଓ ଅମାବାସ୍ୟା ତିଥିରେ ନାମ ସଂକୀର୍ତ୍ତନ ସହ ମାନସିକଧାରୀ ଶ୍ରଦ୍ଧାଳୁମାନେ ରାତି ଉଜାଗର ହୋଇ ଦୀପ ଜାଳନ୍ତି। ସେହିପରି ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ବାରୁଣୀ ଯଜ୍ଞ ମା'ଙ୍କ ପୀଠରେ ଅନୁଷ୍ଠିତ ହୋଇଥାଏ। ଗରଦପୁର ଗ୍ରାମର ମାନସ କୁମାର ମିଶ୍ର କହନ୍ତି, ତାଙ୍କ ସ୍ତ୍ରୀ ଦେବୀ ଦର୍ଶନୀ ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ବହୁ ଡାକ୍ତର ଦେଖାଇ ମଧ୍ୟ ତାଙ୍କର ରୋଗ ଭଲ ହୋଇ ନ ଥିଲା। ମା'ଙ୍କୁ ଦର୍ଶନକରି ତାଙ୍କ ନିକଟରେ ମାନସିକ କରିବା ପରେ ସେ ଉପଶମ ପାଇଛନ୍ତି। ପ୍ରତି ଚତୁର୍ଦ୍ଦଶୀ ତିଥିରେ ମା'ଙ୍କୁ ଦର୍ଶନ କରିବା ସହ ରାତି ଉଜାଗର ହୋଇ ଦୀପ ଜାଳନ୍ତି।

**– ସନାତନ ରାଉତ, ଭଦ୍ରକ**


ମା' କୁଣ୍ଡିକାଳୀ



କୁଣ୍ଡିକାଳୀ ପୀଠ

# ୪ ବେଶରେ ଦର୍ଶନ

ଗୁରୁବାର କାଳୀପୂଜା। ପୀଠ ଠାରୁ ଆରମ୍ଭ କରି ମଣ୍ଡପ ଯାଏ ସବୁ ଚଳଚଞ୍ଚଳ ହୋଇ ଉଠିଛି। କଟକର ପ୍ରମୁଖ ପୀଠରୁ ଖାନନଗର ମଲାଚଣ୍ଡିଆସ୍ଥିତ ମା' ଶ୍ମଶାନ କାଳୀଙ୍କ ପୀଠ ଅନ୍ୟତମ। ବହୁକାଳରୁ ଏଠାରେ ମା' ପୂଜା ପାଇ ଆସୁଛନ୍ତି। ପୂର୍ବରୁ ଶ୍ମଶାନ ମଧ୍ୟରେ ମା'ଙ୍କ ପୀଠ ରହିଥିଲା। ପରେ ନାଗା ବାବା ମାନେ ଶ୍ମଶାନରେ ରହିବା ସହ ମା'ଙ୍କର ପୂଜାର୍ଚ୍ଚନା କରୁଥିଲେ। ନାଗାବାବା ମାନେ ଯିବା ପରେ ଶ୍ୟାମବାବା ମା' ଶ୍ମଶାନ କାଳୀଙ୍କ ସମସ୍ତ ନୀତିକାନ୍ତି, ପର୍ବପର୍ବାଣୀ ଆଦି ନିଷ୍ଠାର ସହ ପାଳନ କଲେ। ୨୦୧୦ରେ ଶ୍ୟାମବାବାଙ୍କ ଦେହାନ୍ତ ପରେ ତାଙ୍କ ପୁଅ ହେମନ୍ତ ନାୟକ ଏବେ ପୂଜାର୍ଚ୍ଚନା, ନୀତିକାନ୍ତି କରୁଛନ୍ତି। ମା'ଙ୍କ ଅଖଣ୍ଡ ଧୂନି ଏଠାରେ କାହିଁ କେଉଁ କାଳରୁ ଜଳୁଛି। ପୂର୍ବରୁ ଶବ ଆସିଲେ ମା' ଶ୍ମଶାନ କାଳୀଙ୍କ ମନ୍ଦିର ସମ୍ମୁଖରେ ରଖାଯାଉଥିଲା ଓ ଅନ୍ତିମ ସଂସ୍କାର ପାଇଁ ଅଖଣ୍ଡ ଧୂନିରୁ ଅଗ୍ନି ଯାଇ ଶବଦାହ ହେଉଥିଲା। ଏବେ ତାହା କରାଯାଉ ନାହିଁ, କିନ୍ତୁ ଶ୍ମଶାନରେ କେବେ ଜୁଇରୁ ନିଆଁ ଲିଭେ ନାହିଁ ବୋଲି କୁହାଯାଏ। ପ୍ରଥମେ ମା' ଶ୍ମଶାନ କାଳୀ ଶ୍ମଶାନ ମଧ୍ୟରେ ଖୋଲାରେ ରହୁଥିବା ବେଳେ ପରେ ମା'ଙ୍କ ପାଇଁ ଟିଣ ଘର ହେଲା। ପରେ କିଛିବର୍ଷ ହେବ ଛାତଘର ନିର୍ମାଣ ହୋଇ ମା'ଙ୍କର ପୂଜାର୍ଚ୍ଚନା କରାଯାଇ ଆସୁଅଛି। ମା' ଶ୍ମଶାନ କାଳୀଙ୍କ ପୀଠରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ରଥଯାତ୍ରାରେ ମା'ଙ୍କ ବାର୍ଷିକ ଉତ୍ସବ ପାଳିତ ହୁଏ। ଦଶହରା ସମୟରେ ୫ଦିନ ଧରି ସ୍ୱତନ୍ତ୍ର ନୀତିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। କାଳୀପୂଜା ପୀଠର ସବୁଠୁ ବଡ଼ ପର୍ବ। ଏହିଦିନ ମା' ଶ୍ମଶାନ କାଳୀ ଚତୁର୍ଦ୍ଧାମୂର୍ତ୍ତି, ଶିଆଳ, ବଡ଼ସିଂହାର ଓ ଚଣ୍ଡୀ ଏହି ଚାରୋଟି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ସେଦିନ ସନ୍ଧ୍ୟା ଆଳତି ପରେ ରାତିସାରା ପୂଜା ହୁଏ। ରାତି ସାଢ଼େ ୧୨ଟା ପରେ ପୀଠରେ ଚଣ୍ଡୀପାଠ, କାଳୀପୂଜା କରାଯାଏ। ରାତି ସାଢ଼େ ୧୨ରୁ ୨ଟା ମଧ୍ୟରେ ମା' ପାଖରେ ଆମିଷ ଭୋଗ ଲାଗି ହୁଏ। ଏଥିରେ ପିଆଜ, ରସୁଣ ବ୍ୟବହାର ହୋଇ ନଥାଏ। ରାତି ୪ଟା ବେଳକୁ ପୁଣି ଅନ୍ନ ଭୋଗ ହୁଏ। ସ୍ୱତନ୍ତ୍ର ପଣ୍ଡିତ ପୂଜାପାଠ କରନ୍ତି। କାଳୀପୂଜା ବ୍ୟତୀତ ଅନ୍ୟ ଦିନରେ ଭକ୍ତଙ୍କ ଯାଚଣା ଥିଲେ, ବାହାରେ ଆମିଷ ରନ୍ଧାଯାଇ ଶ୍ମଶାନରେ ଭୋଗ ଦିଆଯିବା ପରମ୍ପରା ରହିଥିବା ନେଇ ପୂଜକ ହେମନ୍ତ ନାୟକ କହିଛନ୍ତି।

**– ଶିଳ୍ପା ପ୍ରିୟଦର୍ଶିନୀ, କଟକ**


କଟକ ଖାନନଗର ମା' ଶ୍ମଶାନ କାଳୀ

# ଦୀପାବଳି ଉତ୍ସବର ମହତ୍ତ୍ୱ

**ଶ୍ରୀ ଶ୍ରୀ ରବି ଶଙ୍କର**



ଦୀପାବଳି ଉତ୍ସବ ଅଜ୍ଞାନ ଉପରେ ଜ୍ଞାନର ବିଜୟ ପ୍ରତୀକ। ପ୍ରତ୍ୟେକ ବର୍ଷ ଦୀପାବଳି ଦିନ ପ୍ରକାଶ ଉତ୍ସବ ପାଳନ କରାଯାଏ। ଦୀପାବଳି ଦିନ କେବଳ ଘର ସଜେଇବାକୁ ଦୀପ ଜଳାନ୍ତୁ ନାହିଁ, ବରଂ ପ୍ରତ୍ୟେକ ହୃଦୟରେ ଜ୍ଞାନ ଏବଂ ପ୍ରେମର ଦୀପ ପ୍ରଜ୍ୱଳିତ କରନ୍ତୁ। ପ୍ରତ୍ୟେକଙ୍କ ମୁଖରେ ହସ ଭରି ଦିଅନ୍ତୁ। ଦୀପାବଳିକୁ ଦିବାଲି ମଧ୍ୟ କୁହାଯାଏ, ଯାହାର ଅର୍ଥ ହେଲା ଦୀପର ପଂକ୍ତି। ଦୀପର ପଂକ୍ତି ଆମକୁ ମନେ ପକେଇଦିଏ କି ଜୀବନର ପ୍ରତ୍ୟେକ ସ୍ତରରେ ଜ୍ଞାନରୂପୀ ପ୍ରକାଶର ଆବଶ୍ୟକତା ରହିଛି। ଆଉ ଅନ୍ଧକାରକୁ ଦୂର କରିବାକୁ ଆପଣଙ୍କୁ ବହୁତ ଦୀପ ଜଳେଇବାର ଆବଶ୍ୟକତା ଥାଏ। ତେଣୁ ଗୋଟିଏ ଦୀପ ଜଳେଇକି ସନ୍ତୁଷ୍ଟ ହୁଅନ୍ତୁ ନାହିଁ ବରଂ ଅଜ୍ଞାନ ଅନ୍ଧକାରକୁ ଦୂରେଇବାକୁ ଜ୍ଞାନର ହଜାରେ ଦୀପ ଜଳାନ୍ତୁ। ଗୋଟିଏ ଦୀପ ଜଳେଇବାକୁ ବତିର ଏକ ଭାଗ ତେଲରେ ବୁଡ଼ିରହିବା ଆବଶ୍ୟକ ହୋଇଥାଏ। କିନ୍ତୁ ପୂରା ବତି ଯଦି ତେଲରେ ବୁଡ଼ିରହିବ ତାହେଲେ ଦୀପ ଜଳିପାରିବ ନାହିଁ, ତେଣୁ ତା'ର ଉପର ଭାଗ ବାହାରେ ରହିଥାଏ। ଆମର ଜୀବନ ମଧ୍ୟ ଦୀପର ବତି ଭଳି। ଆପଣଙ୍କୁ ସଂସାରରେ ରହି ମଧ୍ୟ ଏଠାରେ ଘଟୁଥିବା ଘଟଣାଠାରୁ ଉପରକୁ ଉଠିବା ଆବଶ୍ୟକ। ଯଦି ଆପଣ ସଂସାରର ଭୌତିକତାରେ ବୁଡ଼ିଯିବେ, ତାହେଲେ ଆପଣ ଜୀବନରେ ଜ୍ଞାନ ଏବଂ ଆନନ୍ଦ ଅନୁଭବ କରିପାରିବେ ନାହିଁ।

ଦୀପାବଳିର ଉତ୍ସବ ବାଣ ସହ ଜଡ଼ିତ ହୋଇଛି। ବାଣ ଫୁଟେଇବାର ଏକ ମନୋବୈଜ୍ଞାନିକ ଦିଗ ରହିଛି, ଯାହା ଦବି ରହିଥିବା ଭାବନାକୁ ମୁକ୍ତ କରିବାରେ ସହାୟତା କରିଥାଏ। ଯେବେ ଆପଣ ବାହାରେ କିଛି ବିସ୍ଫୋଟକକୁ ଦେଖନ୍ତି ନିଜ ଭିତରେ ସେଇ ସମବେଦନାକୁ ଅନୁଭବ କରିଥାନ୍ତି। ଯେମିତି ବାଣ ଫୁଟିବା ସହ ଚାରିଆଡେ ଆଲୋକର ପ୍ରକାଶ ଉତ୍ପନ୍ନ ହୋଇଥାଏ, ସେହିଭଳି ଆପଣ ଦବି ହୋଇ ରହିଥିବା ନକାରାତ୍ମକ ଭାବନାଗୁଡ଼ିକୁ ଛାଡ଼ିଦେବେ ତାହେଲେ ଆପଣ ଶାନ୍ତି ଅନୁଭବ କରିବେ। ପ୍ରତ୍ୟେକ ବର୍ଷ ଭାରତରେ କେତେ ମହାନଗରରେ ବାଣ ନାଁରେ ଏତେ ଅଧିକ ମାତ୍ରାରେ ବିଷାକ୍ତ ତତ୍ତ୍ୱ ଛଡ଼ାଯାଏ ଯାହା ଲୋକଙ୍କ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ। ଏଠାରେ ଆମକୁ ଦେଖିବାକୁ ହେବ ଯେ ଆମେ ବାଣଗଡ଼ିକୁ ଇଲେକ୍ଟ୍ରୋନିକ ରୂପେ କିମ୍ବା ପରିବେଶ ଅନୁକୂଳ ଉପାୟରେ କିପରି ଚଳେଇପାରିବା। ଯେତେବେଳେ ଆମ ରୋଷେଇ ଘର ଚୁଲି ଇଲେକ୍ଟ୍ରିକାଲ ଶକ୍ତି ଏବଂ ସୌର ଶକ୍ତିରେ ଚାଲିପାରୁଛି, ତାହେଲେ ଆମେ କ'ଣ ବାଣ ଫୁଟେଇବାର କିଛି ଅନ୍ୟ ଉପାୟ ବିଷୟରେ ଭାବି ପାରିବା ନାହିଁ, ଯେଉଁଥିରୁ ଧୂଆଁ ବାହାରିବନି। ଆପଣ ଉତ୍ସବ ପାଳନ କରିବାକୁ ଚାହୁଁଛନ୍ତି, ତେବେ ପରିବେଶକୁ ପ୍ରଦୂଷିତ ନ କରି ଉତ୍ସବ ପାଳନ କରିପାରିବା। ଆମକୁ ଜନ୍ମଦିନ ଏବଂ ବିବାହରେ ମଧ୍ୟ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବନ୍ଦ କରିବା ଉଚିତ। ଏହିଦିନ ଉପହାର ଏବଂ ମିଷ୍ଟାନ୍ନ ବାଣ୍ଟିବାର ପ୍ରଥା ମଧ୍ୟ ରହିଛି। ମିଠା ଏବଂ ଉପହାରର ଆଦାନ ପ୍ରଦାନ କରିବା ବିତିଯାଇଥିବା ତିକ୍ତତାକୁ ଭୁଲି ପୁଣି ମିତ୍ରତାକୁ ଆଗକୁ ବଢ଼େଇବାର ପ୍ରତୀକ ହୋଇଥାଏ। କୌଣସି ଉତ୍ସବ ସେବା ଭାବନା ବିନା ସମ୍ପୂର୍ଣ୍ଣ ହୋଇନଥାଏ। ତେଣୁ ଯାହା କିଛି ଆମକୁ ଈଶ୍ୱରଙ୍କଠାରୁ ମିଳିଛି, ଦୀପାବଳି ଉତ୍ସବ ଦିନ ଆମକୁ ଅନ୍ୟମାନଙ୍କ ସହିତ ବାଣ୍ଟିବା ଆବଶ୍ୟକ, କାରଣ ଖୁସି ଓ ଜ୍ଞାନ ବାଣ୍ଟିବା ଏବଂ ଲୋକଙ୍କୁ ଏକତ୍ରିତ କରିବା ହିଁ ବାସ୍ତବିକ ଉତ୍ସବ। ପ୍ରାଚୀନ ଋଷିମାନେ ପ୍ରତ୍ୟେକ ଉତ୍ସବ ସହିତ ପବିତ୍ରତାକୁ ଯୋଡ଼ି ଦେଇଛନ୍ତି, କାରଣ ଉତ୍ସବର ଉତ୍ସାହରେ ଆପଣଙ୍କ ମନ କେନ୍ଦ୍ରିତ ରହିବ। ଧାର୍ମିକ ସଂସ୍କାର ଏବଂ ଅନୁଷ୍ଠାନର ଉଦ୍ଦେଶ୍ୟ ଈଶ୍ୱର ପ୍ରାପ୍ତି ଲାଗି ନିଜର କୃତଜ୍ଞତା ବ୍ୟକ୍ତ କରିବା। ସେଥିରେ ଉତ୍ସବରେ ଗଭୀରତା ଆସିଥାଏ। ଯେଉଁ ବ୍ୟକ୍ତିଙ୍କ ପାଖରେ ଆଧାତ୍ମିକ ଜ୍ଞାନ ନାହିଁ, ତାଙ୍କ ଲାଗି ଦୀପାବଳି ବର୍ଷକୁ ଥରେ ଆସେ। କିନ୍ତୁ ବୁଦ୍ଧିମାନ ବ୍ୟକ୍ତିଙ୍କ ପାଇଁ ପ୍ରତ୍ୟେକ କ୍ଷଣ ଏବଂ ପ୍ରତ୍ୟେକ ଦିନ ଦୀପାବଳି ହୋଇଥାଏ।

## ଏଥର କିପରି ପାଳିବେ

ଆମ ଓଡ଼ିଆ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ପରିବାର ସଦସ୍ୟଙ୍କ ସହ ଦିପାବଳୀ ପାଳନ କରିବି। ଏଥିପାଇଁ ଘରେ ବିଭିନ୍ନ ପ୍ରକାରର ପିଠା ମିଠା ଆଦି କରିବାର ଯୋଜନା ରହିଛି। ପ୍ରଦୂଷଣ ମୁକ୍ତ ବାଣ ଫୁଟାଇବି। ଅଧିକ ଟଙ୍କାରେ ବାଣ ପାଇଁ ଖର୍ଚ୍ଚ ନ କରି ସେହି ଟଙ୍କାରେ ଗରିବ ଲୋକଙ୍କୁ ସହାୟତା କରିବି।

**-ଦୀପିକା ସାମଲ, ଭଦ୍ରକ**

ପ୍ରତିବର୍ଷ ଭଳି ଏବର୍ଷ ମଧ ଦିପାବଳୀ ପୂର୍ବରୁ ଘରକୁ ସଫା କରାଯାଇଛି। ସନ୍ଧ୍ୟାରେ ସୁନ୍ଦର ମୁରୁଜ ପକେଇବି। ଏଥର ଲିଚୁ ଲାଇଟ୍ ଅଗଣା ଓ ଛାତ ଉପରେ ଦୀପ ଲଗାଇବି। ଭାଇଭଉଣୀ ମିଶି ବାଣ ଫୁଟାଇବୁ। ଘରର ସମସ୍ତ ସଦସ୍ୟ ପ୍ରତିବର୍ଷ ଭଳି ଏଥର ମଧ ସନ୍ଧ୍ୟାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜଳାଇ ବଡବଡୁଆ...ଡାକିବୁ।

**- ସଂଯୁକ୍ତା ମଲ୍ଲିକ, ଭୁବନେଶ୍ୱର**

ଦିପାବଳୀରେ ପ୍ରତିବର୍ଷ ମହାଲକ୍ଷ୍ମୀଙ୍କୁ ପୂଜା କରିବା ସହ ଦୋକାନ ପୂଜା କରେ। ଘରରର ସମସ୍ତଙ୍କ ପାଇଁ ନୂଆପୋଷାକ କିଣାଯାଇଛି। ସକାଳେ ମନ୍ଦିର ଯିବି। ସନ୍ଧ୍ୟାରେ ଘରେ ସାନମାନଙ୍କ ସହ ମିଶି ବାଣ ଫୁଟାଇବି। ଯେହେତୁ ବାଣ ଫୁଟାଇବା ପାଇଁ ମାତ୍ର ୨ ଘଣ୍ଟାର ଅନୁମତି ଅଛି ତେଣୁ ସେଇ ସମୟ ମଧ୍ୟରେ ସୁରକ୍ଷାର ସହିତ ବାଣ ଫୁଟାଇବି।

**- ଦୀପ୍ତିକାନ୍ତ ସାହୁ, କାକଟପୁର**

# ୧୦୪ବର୍ଷରେ ତୁଡ଼ିଗଡ଼ିଆ କାଳୀପୂଜା

ବାଲେଶ୍ୱର ଜିଲା ଖଇରା ବ୍ଲକର ରକ୍ତତୀର୍ଥ ତୁଡ଼ିଗଡ଼ିଆର ପ୍ରସିଦ୍ଧ କାଳୀପୂଜା। ମଣ୍ଡପରେ ମା'ଙ୍କ ବିରାଜମାନ ଲାଗି ସ୍ଥାନୀୟ ଅଞ୍ଚଳବାସୀ ବେଶ ଉତ୍ସାହିତ। ଏଥିପାଇଁ ମାସେ ଧରି ଚାଲିଛି ବ୍ୟାପକ ପ୍ରସ୍ତୁତି। ବଜାର କମିଟି ମୁଖ୍ୟ ବସନ୍ତ ସାହୁ, ରତ୍ନାକର ମାଝି ଓ ଯୁଧିଷ୍ଠୀର ମହାରଣା ପ୍ରମୁଖ ସହଯୋଗରେ ଚାଲିଆସୁଥିବା ଏହି ପୂଜା ୯ଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ସ୍ୱାଧୀନତା ସଂଗ୍ରାମର ସ୍ମୃତି ବହନ କରିଆସୁଥିବା ଏହି ମାଟିରେ କାଳୀପୂଜାର ସ୍ୱତନ୍ତ୍ର ଆକର୍ଷଣ ରହିଛି।

୧୯୨୦ ମସିହାରେ ସ୍ୱାଧୀନତା ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିଥିବା ବେଳେ ଏହି ପୂଜା ଆରମ୍ଭ ହୋଇଥିଲା। ତୁଡ଼ିଗଡ଼ିଆ ଅଞ୍ଚଳରେ ଆନ୍ଦୋଳନର ସଫଳତା ଏବଂ ସଂଗ୍ରାମୀମାନଙ୍କ ମନୋବଳ ବଢାଇବା ତଥା ବ୍ରିଟିଶ ବାହିନୀକୁ ବିତାଡ଼ିତ କରିବା ଲକ୍ଷ୍ୟରେ ତତ୍କାଳୀନ ଗ୍ରାମମୁଖିଆ ବିଶ୍ୱନାଥ ଘଡେଇ, ଲକ୍ଷ୍ମଣ ଧର, ଗୋପୀନାଥ ବେହେରା, ଭାଗବତ ମହାନ୍ତି, ମିର ହାଲିମ ଓ ଲାବଣ୍ୟନିଧି ପାଢୀଙ୍କ ଦ୍ୱାରା ପ୍ରଥମେ ଝାଟିମାଟି ଛପର ଘରେ ପୂଜା ଛୋଟ ଆକାରରେ ଆରମ୍ଭ ହୋଇଥିଲା। କିଛି ବର୍ଷ ଧରି ଏହା ଅଭାବ ଓ ସଂଘର୍ଷ ମଧ୍ୟରେ ପଲିଥିନ ତଳେ ଚାଲିଥିଲା। ଏବେ ପୂଜା କାୟାବିସ୍ତାର କରିବା ସହ ଶହୀଦ ମଣ୍ଡପରେ ମୂର୍ତ୍ତି ସ୍ଥାପନା କରିଛି। ଚଳିତବର୍ଷ କମିଟି ସଭାପତି ବିଷ୍ଣୁପ୍ରସାଦ ସାହୁ ଓ ସମ୍ପାଦକ ଉଦୟ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଧୁମଧାମ୍‌ରେ ଆୟୋଜନ କରାଯାଉଛି। ପାର୍ଶ୍ୱ କଳାକୃତି ଭାବେ ପୁଅବୋହୂଙ୍କର ବୁଢା ମା'ବାପାଙ୍କ ଉପରେ ଅତ୍ୟାଚାର ଓ ଦ୍ରୌପଦୀ ବସ୍ତ୍ରହରଣ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି କମିଟି ଆଶାବ୍ୟକ୍ତ କରିଛି। ୭ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।

**– ଉତ୍କଳବନ୍ଧୁ ପଣ୍ଡା, ଖଇରା**


ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶିଳ୍ପୀଙ୍କ ଶେଷସ୍ପର୍ଶ।

ODISHA
No. CAD-978
**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: VISC(LEM)Proj-64/24-25/୧୨୯୯୧ ତାରିଖ: ୧୭।୦୮।୨୦୨୪

**ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିବେଦନ**

**ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ମୂର୍ତ୍ତି ନିର୍ମାଣରେ ପୋତା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ।
- ମୂର୍ତ୍ତିର ଉଚ୍ଚତାକୁ ୨୦ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ଫୁଟ ମଧ୍ୟରେ ସୀମିତ ରଖନ୍ତୁ।
- ପୂଜାପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢ଼ରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢ଼ି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ଏହାକୁ ବିସର୍ଜନ ସ୍ଥଳରେ ପୋତନ୍ତୁ ନାହିଁ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।

**ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ଜନସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ।
- ଜନସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ।
- ସମ୍ପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ Synthetic Liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ।
- ମୂର୍ତ୍ତି ବିସର୍ଜନ ହେବାର ୨୪ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal Dumpsiteକୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ।

**ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ:**
- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ। ସାଜସଜ୍ଜା ନିମନ୍ତେ ଏକକ ବ୍ୟବହର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡ଼ି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ।

**ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା:**
Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ଅନୁଯାୟୀ ମୂର୍ତ୍ତି କାରିଗରମାନେ ରୁଲ୍ ୩ର ଅବମାନନା କଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ। ଏହା ବ୍ୟତୀତ ମୂର୍ତ୍ତି ନିର୍ମାତାମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ।
ପୂଜା କମିଟି କର୍ମକର୍ତ୍ତାମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ର ଅବମାନନା ହେଲେ, ସମ୍ପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ।
- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା।
- ମ୍ୟୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା।
- ମ୍ୟୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା।

**ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା**

- ବି.ଦ୍ର.: ଏ ସମ୍ବନ୍ଧୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021ରେ ମିଳିପାରିବ। (Weblink: **http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf**।

ସ୍ୱା./- ସଦସ୍ୟ ସଚିବ
OSPCB-CL-MISC-0049-2023/13/2024
**OIPR-08012/11/0066/2425**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **ତା୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ୦୯.୧୨.୨୦୨୪** ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୦୫.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ୦୯.୧୨.୨୦୨୪ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ସମୟ: ୦୨.୧୨.୨୦୨୪ ରୁ ୦୭.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ତେଲକୋଇ ଶାଖା ପ୍ରବନ୍ଧକ- ମୋ.: ୭୬୮୪୦୮୨୦୪୦, ଝୁମ୍ପୁରା ଶାଖା ପ୍ରବନ୍ଧକ- ମୋ.: ୮୦୫୦୮୮୮୧୭୮ ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକାଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | ତେଲକୋଇ ଶାଖା / ଋଣଗ୍ରହୀତା: ମେସର୍ସ ବିଶାଲ ଏଚ୍‌ପି ଗ୍ୟାସ ଗ୍ରାମୀଣ ବିତରକ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସୌଦାମିନୀ ସାହୁ, ସ୍ୱାମୀ: ଶ୍ରୀ ଉଦୟ କୁମାର ସାହୁ /ଗ୍ୟାରେଣ୍ଟିଦାତା: ଶ୍ରୀ ଉଦୟ କୁମାର ସାହୁ, ପିତା: ତ୍ରିଲୋଚନ ସାହୁ, ଉଭୟଙ୍କ ଠିକଣା - ସା/ପୋ: ବିଂଝବାହାଳ, ଥାନା: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଓଡିଶା, ପିନ୍ - ୭୫୮୦୧୯ / ମୋଟ ବକେୟା ରାଶି: ତା.୨୯.୦୫.୨୦୨୪ ରିଖ ସୁଦ୍ଧା ଟ.୮,୩୮,୬୦୬.୯୧ + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀ ଉଦୟ କୁମାର ସାହୁ, ପିତା: ଶ୍ରୀ ତ୍ରିଲୋଚନ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୪୨୧/୭୪୪୯, ଖାତା ନଂ.: ୪୫୯/୩୭୧, କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ବିଂଝବାହାଳ, ତହସିଲ: ତେଲକୋଇ, ଥାନା: ତେଲକୋଇ, ଏସ୍‌ଆରଓ: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭିକାରୀ କୋହ୍ଲ, ଦକ୍ଷିଣ: ରାସ୍ତା, ପୂର୍ବ: ସଦାଶିବ ସାହୁ, ପଶ୍ଚିମ: କାଙ୍ଗାଲୀ ଦେହୁରୀ | ଟ.୩୧,୨୫,୫୦୦/- / ଟ.୩,୧୨,୫୫୦/- / ସାଙ୍କେତିକ |
| ୨. | ତେଲକୋଇ ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀମତୀ ପୁଷ୍ପଲତା ପରିଡା, ସ୍ୱାମୀ: ଶ୍ରୀ ଗୁଣନିଧି ପରିଡା, ୨) ଶ୍ରୀ ଗୁଣନିଧି ପରିଡା, ପିତା: କୃଷ୍ଣ ଚନ୍ଦ୍ର ପରିଡା, ଉଭୟଙ୍କ ଠିକଣା - ସା/ପୋ: ଦୁଲ୍ଲଭପୁର, ଥାନା: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଓଡିଶା, ପିନ୍ - ୭୫୮୦୧୯ / ମୋଟ ବକେୟା ରାଶି: ତା.୨୯.୦୫.୨୦୨୪ ରିଖ ସୁଦ୍ଧା ଟ.୬,୬୮,୬୧୫.୦୧ + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀମତୀ ପୁଷ୍ପଲତା ପରିଡା, ସ୍ୱାମୀ: ଶ୍ରୀ ଗୁଣନିଧି ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୫୬/୧୨୧୦, ଖାତା ନଂ.: ୭୭/୬୧, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଦୁଲ୍ଲଭପୁର, ତହସିଲ: ତେଲକୋଇ, ଥାନା: ତେଲକୋଇ, ଏସ୍‌ଆରଓ: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜେ (କୃଷ୍ଣ ଚନ୍ଦ୍ର ପରିଡା), ଦକ୍ଷିଣ: ରାସ୍ତା, ପୂର୍ବ: ଅର୍ଜୁନ ବିଶ୍ୱାଳ, ପଶ୍ଚିମ: କରୁଣାକର ପରିଡା | ଟ.୧,୩୧,୨୫୦/- / ଟ.୧୩,୧୨୫/- / ସାଙ୍କେତିକ |
| ୩. | ଝୁମ୍ପୁରା ଶାଖା / ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ବାବା ବୈଦ୍ୟନାଥ ପ୍ଲାଷ୍ଟ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ସାହୁ, ସା/ପୋ: ଆହାରପସି, ଜିଲ୍ଲା: କେନ୍ଦୁଝର / ମୋଟ ବକେୟାରାଶି: ତା.୧୬.୦୭.୨୦୨୧ରିଖ ସୁଦ୍ଧା ଟ.୫୬,୭୦,୮୬୫.୮୦ + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀ ପ୍ରଶାନ୍ତ କୁମାର ସାହୁ, ପିତା: କ୍ଷମାକର ସାହୁଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୨୬/୭୫୦, ଖାତା ନଂ.:୮୨/୬୭, କ୍ଷେତ୍ର: ଏକର୦.୧୦୦ଡିସିମିଲି, କିସମ: ଘରବାରୀ, ମୌଜା: ଆହାରପସି, ତହସିଲ: ସଦର, ଆର୍‌ଆଇ: ପଳାସପଙ୍ଗା, ଏସ୍‌ଆର୍‌ଓ/ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ବିରଞ୍ଚି ପ୍ରଧାନଙ୍କ ସମ୍ପତ୍ତି, ପୂର୍ବ: ମାଲିକ ନିଜେ, ପଶ୍ଚିମ: ସର୍ବସାଧାରଣ ରାସ୍ତା | ଟ.୧୦,୩୪,୭୦୫/- / ଟ.୧,୦୩,୪୭୦/- / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।
**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୩୦ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍**
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୩୦ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ।

ସ୍ଥାନ : କେନ୍ଦୁଝର, ତାରିଖ : ୩୦.୧୦.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ନାବାଳକଙ୍କୁ ଉଦ୍ଧାର କରି ପୋଲିସ ଜିମାଦେଲେ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ବଜାର ନିକଟ ସୁବାସ ବୋଷ ସେତୁ ନିକଟରୁ ମଙ୍ଗଳବାର ରାତିରେ ଜଣେ ନାବାଳକଙ୍କୁ ଉଦ୍ଧାର କରି ବୁଧବାର ଜଣେ ସହୃଦୟ ବ୍ୟକ୍ତି ପୋଲିସ ଜିମା ଦେଇଛନ୍ତି। ପ୍ରକାଶ ଯେ, ଚନ୍ଦକା ଥାନା ଅଞ୍ଚଳର ଜି.ଲୋକନାଥଙ୍କ ପୁଅ ଗତ ସୋମବାରଠାରୁ ଘରୁ ରାଗି ପଳାଇ ଆସିଥିଲେ। ମଙ୍ଗଳବାର ରାତିରେ କାଠଯୋଡ଼ି ନଦୀ ସୁବାସ ସେତୁ ନିକଟରେ ବୁଲୁଥିବାବେଳେ ସଦର ଥାନା ଅଞ୍ଚଳ କାଜିପାଟଣା ଗ୍ରାମର ଅଜିତ କୁମାର ସ୍ୱାଇଁ ଉକ୍ତ ନାବାଳକଙ୍କୁ ଅଟକାଇ ପାଖରେ ରଖି ତାଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ନାବାଳକ ଜଣଙ୍କ ରାଗି ଘରୁ ପଳାଇ ଆସିଥିବା ଜାଣିବା ପରେ ସେ ବୁଧବାର ସକାଳେ ବାରଙ୍ଗ ଥାନାକୁ ଖବର ଦେଇଥିଲେ। ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଥାନାକୁ ଆଣିଥିଲା। ପରେ ନାବାଳକଙ୍କୁ ପଚରାଉଚରା ପରେ ଚନ୍ଦକା ଥାନାକୁ ହସ୍ତାନ୍ତର କରାଯାଇଥିଲା। ଚନ୍ଦକା ଥାନା ପୋଲିସ ନାବାଳକଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଏଭଳି କାର୍ଯ୍ୟ ପାଇଁ ଅଜିତଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି।

## ବିଏମ୍‌ସିର ମାସିକିଆ ବୈଠକ

# ଅଧିକାରୀଙ୍କ ବିରୋଧରେ ଏକାଠି ହେଲେ କର୍ପୋରେଟର



- ସିଟି ଇଞ୍ଜିନିୟରଙ୍କ ବଦଳି ନେଇ ଜାରି ହେଲା ପ୍ରୋସିଡିଙ୍ଗ୍
- ଭେହିକିଲ ବିଭାଗ ଟେଣ୍ଡର ବାତିଲ

ଭୁବନେଶ୍ୱର, ୩୦।୧୦(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମାସିକିଆ ବୈଠକ ବୁଧବାର ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ଉଭୟ ଶାସକ ଓ ବିରୋଧ ଦଳର କର୍ପୋରେଟର ମିଳିତ ଭାବେ ବିଏମ୍‌ସି ଅଧିକାରୀଙ୍କ ବିରୋଧରେ ମେୟରଙ୍କୁ ଅଭିଯୋଗ କରିଥିଲେ। ବୈଠକ ଆରମ୍ଭରେ ୱାର୍ଡ ନମ୍ବର ୫୫ର କର୍ପୋରେଟର ନୃପେଶ ନାୟକ ବିଏମ୍‌ସି ସିଟି ଇଞ୍ଜିନିୟର ବିଳାଶ ବେହେରାଙ୍କ ମନମୁଖି କାର୍ଯ୍ୟାଧାରାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସମ୍ପୃକ୍ତ ଅଧିକାରୀ ଆନୁଆଲ ମେଣ୍ଟେନାନ୍ସ ଟେଣ୍ଡର କରି ବାଟମାରଣା କରିବାକୁ ଚେଷ୍ଟା କରୁଥିବା ସେ କହିଥିଲେ। ରାସ୍ତାଗୁଡିକର ଛୋଟମୋଟ ମରାମତି ପାଇଁ ପ୍ରାୟ ୧୭ଟି ପ୍ୟାକେଜରେ ଏହି ଟେଣ୍ଡର ଡକାଯାଇଥିଲା। ତେବେ ଏହାକୁ କର୍ପୋରେଟର ଅମରେଶ ଜେନା ମଧ୍ୟ ସମର୍ଥନ କରିଥିଲେ। ଶେଷରେ ଅଧିକାଂଶ କର୍ପୋରେଟରଙ୍କ ଅଭିଯୋଗ ପରେ ସମ୍ପୃକ୍ତ ଟେଣ୍ଡର ବାତିଲ କରାଯାଇଥିବାବେଳେ ସିଟି ଇଞ୍ଜିନିୟରଙ୍କୁ ତୁରନ୍ତ ବଦଳି କରିବାକୁ ପ୍ରୋସିଡିଙ୍ଗ ଲେଖାଯାଇଥିଲା। ସେହିପରି ଏଯାଏ ୨୦୨୩-୨୪ ଆର୍ଥିକ ବର୍ଷର ୱାର୍କ ଅର୍ଡର ମିଳି ନ ଥିବା ଅଭିଯୋଗ ଉଠିବା ସହ ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଥିଲା। ମେୟର ଏହାକୁ ସମର୍ଥନ କରି ଯଥାଶୀଘ୍ର ୱାର୍କ ଅର୍ଡର ଦେବାକୁ କହିଥିଲେ। ଯଦି ନୂତନ ସରକାର ବିଏମ୍‌ସିକୁ ଅନୁଦାନ ନ ଦିଅନ୍ତି, ତେବେ ବିଏମସି ନିଜସ୍ୱ ଫିକ୍ସଡ୍ ଡିପୋଜିଟ୍‌କୁ ଭାଙ୍ଗି ୨୦୨୪-୨୫ ବର୍ଷ ପାଇଁ ୱାର୍କ ଅର୍ଡର ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାବାଦ ବିଏମ୍‌ସି ଭେହିକିଲ ବିଭାଗରେ ଟେଣ୍ଡର ଫିକ୍ସିଂକୁ ନେଇ ମଧ୍ୟ କର୍ପୋରେଟର ନୃପେଶ ଓ ଅନ୍ୟମାନେ ପ୍ରଶ୍ନ ଉଠାଇଥିଲେ। ଟେଣ୍ଡର ଅଫିସିଆଲ ପ୍ରୋସିଜିଓରରେ ହୋଇଥିବା ନେଇ ପୂର୍ବରୁ ବିଭାଗୀୟ ଡେପୁଟି କମିଶନର କହିଥିବାବେଳେ ଏହାକୁ ନେଇ ଅଭିଯୋଗ ହୋଇଥିଲା। କର୍ପୋରେଶନର ଅନୁମୋଦନ ବିନା କିପରି ଏହି ଟେଣ୍ଡର ହେଲା ବୋଲି ପ୍ରଶ୍ନ କରିଥିଲେ। ଏପରିକି ଗାଡି ବାବଦରେ ବିନା ଟେଣ୍ଡରରେ ଯେତିକି ଟଙ୍କା ଖର୍ଚ୍ଚ ହେଉଥିଲା, ଟେଣ୍ଡର ହେବା ପରେ ତାହାର ପରିମାଣ ଅଧିକ କିପରି ହେଲା ଓ କାହା ସ୍ୱାର୍ଥରେ ଏଭଳି ଟେଣ୍ଡର ଫିକ୍ସିଂ ହୋଇଛି ବୋଲି ପ୍ରଶ୍ନ ଉଠିଥିଲା। ବିଭାଗୀୟ ଅଧିକାରୀ ଅଭିଯୋଗ ସଂକ୍ରାନ୍ତରେ କୌଣସି ଉତ୍ତର ଦେଇପାରି ନ ଥିବାବେଳେ ଏହି ଟେଣ୍ଡର ଦୁର୍ନୀତିରେ ଭିଜିଲାନ୍ସ ତଦନ୍ତ ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ବୈଠକରେ କମିଶନର ଉପସ୍ଥିତ ନ ଥିବାରୁ ଏନେଇ ପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର କରାଗଲା। ହେଲେ କର୍ପୋରେଟଙ୍କ ଚାପ ଓ ବିଏମ୍‌ସିର ସ୍ୱାର୍ଥ ଦୃଷ୍ଟିରୁ ଏହି ଟେଣ୍ଡରକୁ ବାତିଲ କରାଯାଇ ରି-ଟେଣ୍ଡର କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ସିଟି ଇଞ୍ଜିନିୟରଙ୍କ ଆଉଏକ ମନମୁଖି କାର୍ଯ୍ୟକୁ ନେଇ ମଧ୍ୟ ବିରୋଧ ହୋଇଥିଲା। କର୍ପୋରେଶନରେ ଖାରଜ ହେବା ପରେ ବି ଡ୍ରେନ୍‌ରେ ସ୍ଲାବ ପକାଇବା ପାଇଁ ପ୍ରାୟ ୧୦ କୋଟି ଟଙ୍କାର ଜଏଣ୍ଟ ଟେଣ୍ଡର ଡକାଯାଇ କାମ କରାଯାଉଛି, ଯାହାକି ସମ୍ପୂର୍ଣ୍ଣ ନିୟମ ବିରୋଧ। ତେଣୁ ଅଧିକାରୀଙ୍କ ଏଭଳି ମନମୁଖି କାର୍ଯ୍ୟ ବନ୍ଦ କରିବାକୁ କର୍ପୋରେଟରମାନେ ଦାବି କରିଥିଲେ। ଏଥିସହ ଟେଣ୍ଡର କମିଟିରେ ମେୟର ରହିବା ପାଇଁ ଦଳମତ ନିର୍ବିଶେଷରେ କର୍ପୋରେଟରଙ୍କ ପକ୍ଷରୁ ଦାବି କରାଯାଇଥିଲା। ସେହିପରି ୧୦ଟି ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ, ପ୍ରତି ୱାର୍ଡରେ ନେଇବରହୁଡ୍ ମାର୍କେଟ ନିର୍ମାଣ, ବିଡିଏର ସମସ୍ତ ପାର୍କ ବିଏମ୍‌ସି ଅଧୀନକୁ ଆଣିବା, ଡ୍ରେନଗୁଡିକରେ କଭର ସ୍ଲାବକୁ ନିଶ୍ଚିତ କରିବା, ବିଭିନ୍ନ ଟ୍ରାଫିକ ପୋଷ୍ଟରେ ସ୍ଥାୟୀ ଛାତ ନିର୍ମାଣ କରିବା, ଛାତ ଉପରେ ଆଲୋକ ପାଇଁ ସୋଲାର ପ୍ୟାନେଲ ସ୍ଥାପନ ଓ ଏଜି ଛକରେ ପରୀକ୍ଷାମୂଳକ ଭାବେ ଏହାକୁ ପ୍ରଥମେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୁଶାନ୍ତ କୁମାର ରାଉତ, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ କମିଶନର କୈଳାଶ ଚନ୍ଦ୍ର ଦାସ, ସିଟି ଇଞ୍ଜିନିୟର ବିଳାସ କୁମାର ହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଭିତରେ ବୈଠକ, ବାହାରେ ଧାରଣା




ବିଏମ୍‌ସିର ମାସିକ ବୈଠକରେ ଆଉଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। ଭିତରେ ବୈଠକ ଚାଲିଥିବାବେଳେ ବାହାରେ ଆନ୍ଦୋଳନ ଚାଲିଥିଲା। ଭେହିକିଲ୍ ଓନର୍ସ ଆସୋସିଏଶନ ପକ୍ଷରୁ ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବକେୟା ବିଲ ପ୍ରଦାନ ସହ ବିଭିନ୍ନ ଦାବି ପୂରଣ ପାଇଁ ସେମାନେ ନାରାବାଜି କରିଥିଲେ। ଏପରିକି ମେୟରଙ୍କ ପ୍ରତିଶ୍ରୁତି ପରେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆନ୍ଦୋଳନସ୍ଥଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ତ୍ରିଶୂଳିଆ,୩୦।୧୦(ତୁଷାରକାନ୍ତ ବେହେରା)

ମୁଣ୍ଡଳୀସ୍ଥିତ ୩ୟ ବାଟାଲିୟନ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଶହୀଦ ଏମ୍.କେ. ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଆଳିସ୍ଥିତ ରତନପୁର ସରକାରୀ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁଲ୍‌ୱାମା ଆକ୍ରମଣ ସମୟରେ ଶହୀଦ ଏମ୍. କେ. ବେହେରାଙ୍କ ଦେଶମାତୃକା ପ୍ରତି ବଳିଷ୍ଠ ତ୍ୟାଗ ସମ୍ପର୍କରେ ଯୁବକଙ୍କୁ ଶହୀଦଙ୍କ ତ୍ୟାଗ, ସାହସିକତା ଓ ଦେଶ ପାଇଁ ସେ ଏକ ଗର୍ବ ବୋଲି ଉପସ୍ଥିତ ଏନ୍‌ଡିଆର୍‌ଏଫ୍ ଅଧିକାରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ଶହୀଦଙ୍କ ମାତାପିତା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ସ୍ଥାନୀୟ ସରପଞ୍ଚ, ସ୍ଥାନୀୟ ଥାନାର ପୋଲିସ ଅଧିକାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦଙ୍କ ନାମରେ ଏକ ରାସ୍ତାର ନାମକରଣ, ସ୍ଥାନୀୟ ଥାନାରେ ଶହୀଦଙ୍କ ଏକ ଫଟୋଚିତ୍ର ସ୍ଥାପିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାହସିକତା ଓ ଦେଶ ପାଇଁ ତ୍ୟାଗ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସେକେଣ୍ଡ ଇନ୍ କମାଣ୍ଡ ଶ୍ରୀ ବର୍ଦ୍ଧମାନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ପି. କେ. ଯାଦବ ଓ ୧୦ ଜଣ ଅଧିକାରୀ ପରିଚାଳନାରେ ସହାୟତା କରିଥିଲେ।

## ଦିପାବଳି ପାଇଁ ରାଜଧାନୀରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡ଼ି

ଭୁବନେଶ୍ୱର,୩୦।୧୦(ସୂର୍ଯ୍ୟକାନ୍ତ ବେହେରା)

ଦୀପାବଳିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଡିସିପି ପିନାକ ମିଶ୍ର ରାଜଧାନୀବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସତର୍କତାର ସହ ଉତ୍ସବକୁ ପାଳନ କରିବାକୁ ଅପିଲ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁସାରେ ସବୁଜ ବାଣକୁ ଫୁଟାନ୍ତୁ, ବିସ୍ଫୋରକ ବାଣଠାରୁ ଦୂରେଇ ରହିବାକୁ ଡିସିପି କହିଛନ୍ତି। ଏଥିସହ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୭ଟାରୁ ରାତି ୯ଟା ମଧ୍ୟରେ ବାଣ ଫୁଟାଇବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ସହରରେ ଯେପରି କୌଣସି ବିଶୃଙ୍ଖଳା ନ ଘଟେ, ସେଥିପାଇଁ ସମସ୍ତ ଥାନା ଅଧିକାରୀଙ୍କୁ କଡାକଡି ପାଟ୍ରୋଲିଂ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବେଆଇନ ବାଣ ବିକ୍ରି ଉପରେ ନଜର ରଖାଯାଇଛି। ଲୋକଙ୍କ ଯାତାୟାତର ସୁରକ୍ଷା ପାଇଁ ସହରରେ ସାଦା ପୋଷାକଧାରୀ ପୋଲିସ କର୍ମଚାରୀ ମୁତୟନ କରାଯାଇଥିବା ଡିସିପି ମିଶ୍ର କହିଛନ୍ତି।

## ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଜଟଣୀ,୩୦।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନରୁ ଜଣେ ମହିଳାଙ୍କଠାରୁ ଖୋର୍ଦ୍ଧାରୋଡ୍ ଆର୍‌ପିଏଫ୍ ୧୮ କିଲୋ ୯୩୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ କରିବା ସହ ମହିଳାଙ୍କୁ ରେଲ୍‌ୱେ ସୁରକ୍ଷା ବଳ ଗିରଫ କରିଛି। ଗିରଫ ମହିଳା ଜଣଙ୍କ ଯାଜପୁର ଥାନା ଅଧୀନ ଜରି ଗ୍ରାମର ସୁକାନ୍ତି ସାମଲ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୬ ହଜାର ୫୦୦ ଟଙ୍କା ହେବ ବୋଲି ଆର୍‌ପିଏଫ୍ ଅଧିକାରୀ ମୁନୁକୁମାର ଶର୍ମା ସୂଚନା ଦେଇଛନ୍ତି। ଏନେଇ ରେଲ୍‌ୱେ ପୋଲିସ ୧୩୮/୨୪ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ରାତି ୧୦ଟା ୨୦ ସମୟରେ ସୁକାନ୍ତି ଏକ ବ୍ୟାଗ ନେଇ ଖୋର୍ଦ୍ଧାରୋଡ୍ ଷ୍ଟେଶନ ଭିତରକୁ ଯିବାବେଳେ ପ୍ଲାଟଫର୍ମରେ ଥିବା ଲଗେଜ ସ୍କାନରରେ ବ୍ୟାଗ ସ୍କାନ ନ କରି ପ୍ଲାଟଫର୍ମ ଭିତରକୁ ପ୍ରବେଶ କରୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଆର୍‌ପିଏଫ୍ କର୍ମଚାରୀ ସୁକାନ୍ତିଙ୍କ ଉପରେ ସନ୍ଦେହ କରି ବ୍ୟାଗ ଚେକିଂ କରିବାରୁ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ପରେ ସୁକାନ୍ତିଙ୍କୁ ଅଟକ ରଖି ତଦନ୍ତ କରିବା ସମୟରେ ସେ ବାହାର ରାଜ୍ୟକୁ ଚାଲାଣ କରିବାକୁ ଯୋଜନା କରିଥିବା କହିଥିଲେ।

## ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଧନ୍ୱନ୍ତରୀ ପୂଜା, ଆୟୁର୍ବେଦ ଦିବସ



ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଭଗବାନ ଧନ୍ୱନ୍ତରୀ ଦେବଙ୍କ ଆବିର୍ଭାବ ଦିବସକୁ ଆୟୁର୍ବେଦ ଦିବସ ଭାବେ ବୁଧବାର ପାଳନ କରାଯାଇଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ଆୟୁର୍ବେଦ ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ଔଷଧୀୟ ବୃକ୍ଷ ଚାରାରୋପଣ ନିମନ୍ତେ ଚାରାବଣ୍ଟନ, ଜନ ସଚେତନତା ଉଦ୍ଦେଶ୍ୟରେ ପଦଯାତ୍ରା, ସେମିନାର ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ଆୟୁର୍ବେଦୀୟ ଆହାର ମେଳାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପ, ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣି ଉଦ୍‌ଘାଟନ କରିଥିଲେ। ଆୟୁର୍ବେଦ ମହାବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ପ୍ରମୁଖ ଧନ୍ୱନ୍ତରୀ ଦେବଙ୍କ ପୂଜାର୍ଚ୍ଚନାରେ ଯୋଗଦେବା ସହ ଛାତ୍ରୀଛାତ୍ର ତଥା ରୋଗୀଙ୍କୁ ପ୍ରସାଦ ଦେଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟସେବାରେ ଆୟୁର୍ବେଦ ନୂତନତ୍ୱ ଶୀର୍ଷକୀୟ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପ୍ରଫେସର ଦିଲୀପ କୁମାର ଗୋସ୍ୱାମୀ, ପ୍ରଫେସର ଅଲେଖଚନ୍ଦ୍ର ମହାନ୍ତି, ପ୍ରଫେସର ନଗେନ୍ଦ୍ର ପ୍ରସାଦ, ପ୍ରଫେସର ଅଭୟ ମିଶ୍ର ଏବଂ ପ୍ରଫେସର ରମାକାନ୍ତ ରାଉତଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ପରିଚାଳନା କରାଯାଇଥିଲା।

## ଆଞ୍ଚଳିକ ଗଣମାଧ୍ୟମର ଆବଶ୍ୟକତା ବଢ଼ିଛି

### ଦୈନିକ ଖବରକାଗଜ 'ସର୍କାର' ଲୋକାର୍ପିତ

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

ଦୈନିକ ଖବରକାଗଜ ଓ ଡିଜିଟାଲ ଟିଭି 'ସର୍କାର'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦି ନିୟୁ ଇଣ୍ଡିଆନ ଏକ୍ସପ୍ରେସ୍‌ର ସମ୍ପାଦକୀୟ ନିର୍ଦ୍ଦେଶକ ପ୍ରଭୁଦୟାଲ ଚାୱଲା ଯୋଗଦେଇ କହିଲେ, ଗତ ଚାରି ଦଶନ୍ଧି ଭିତରେ ଗଣମାଧ୍ୟମରେ ଅନେକ ପରିବର୍ତ୍ତନ ଘଟିଛି। ପରିବର୍ତ୍ତିତ ପରିସ୍ଥିତିରେ ଖବରକାଗଜର ପାଠକ ସଂଖ୍ୟା ହ୍ରାସ ପାଉଥିବା ବେଳେ ଟେଲିଭିଜନର ଦର୍ଶକ ସଂଖ୍ୟା ପ୍ରାୟ ୮୦ ଭାଗ ହ୍ରାସ ପାଇ ସାରିଲାଣି। ତଥାପି ଆଞ୍ଚଳିକ ଗଣମାଧ୍ୟମର ଆବଶ୍ୟକତା ବଢ଼ିଛି ବୋଲି ଚାୱଲା କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ଗଣମାଧ୍ୟମ ଚତୁର୍ଥସ୍ତମ୍ଭ ବୋଲି ନିଜକୁ ବିଚାର ନ କରି ତୃତୀୟ ନୟନ ଭାବେ କାର୍ଯ୍ୟ କରିବା ଉଚିତ। ଅନ୍ୟତମ ଅତିଥି ଭାବେ ରାଜ୍ୟର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ତାଙ୍କ ଶାସନକାଳର ଅନୁଭୂତିରୁ ଗଣମାଧ୍ୟମ ବିଷୟରେ କେତେକ ତଥ୍ୟ ରଖିଥିଲେ। ଗଣମାଧ୍ୟମ ନିରପେକ୍ଷ ଭାବେ କାର୍ଯ୍ୟ କରିଲେ ଲୋକଙ୍କ ଦ୍ୱାରା ଆଦୃତ ହେବ ବୋଲି କହିଥିଲେ। ସର୍କାର ଗ୍ରୁପ୍‌ର ମୁଖ୍ୟ ତଥା ସର୍କାର ଖବରକାଗଜର ପ୍ରତିଷ୍ଠାତା ଜଗଦୀଶ ନାୟକ. କେଉଁ ଖବର ପରିବେଷଣ କରାଯିବ, କେତିକି କରାଯିବ ଏବଂ କେଉଁଠି ତାହାକୁ ବନ୍ଦ କରାଯିବ, ତାହା ଏକ ଦାୟିତ୍ୱବାନ୍ ଗଣମାଧ୍ୟମ ସଂସ୍ଥାର କର୍ତ୍ତବ୍ୟ ବୋଲି କହିଥିଲେ। ମୁଖ୍ୟ ସମ୍ପାଦକ ପ୍ରକାଶ ରଥ କହିଲେ, ସର୍କାର ଖବରକାଗଜ ସର୍ବଦା ନିର୍ଭୀକ ଭାବରେ ଲୋକଙ୍କ ଅସୁବିଧାକୁ ସରକାରଙ୍କ ପାଖରେ ପହଞ୍ଚାଇବ। ଖବରକାଗଜର ସମ୍ପାଦକ ରବି ନାରାୟଣ ଜେନା କହିଲେ, ସମସ୍ତ ପରାମର୍ଶକୁ ବିଚାରକୁ ନେଇ ସର୍କାର ଦାୟିତ୍ୱସମ୍ପନ୍ନ ଖବରକାଗଜ ଭାବେ କାର୍ଯ୍ୟ କରିବ ।

## ଜୁଏଲ୍‌ସ ସ୍କୁଲ୍ ଫର୍ ଅଟିଜମର ଶୁଭାରମ୍ଭ




ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

ଚନ୍ଦ୍‌କା ନିକଟ ମାର୍ଗଦର୍ଶୀଠାରେ 'ସ୍କୁଲ ଫର୍ ଅଟିଜମ' ନାମରେ ଏକ ବିଦ୍ୟାଳୟ ଚାଲିଆସୁଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟଟି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ୍ରମେ ଜୁଏଲ୍‌ସ ଇଣ୍ଟରନ୍ୟାଶନାଲ ଅଧିନକୁ ନିଆଯାଇ ନୂତନ ନାମ 'ଜୁଏଲ୍‌ସ ସ୍କୁଲ ଫର୍ ଅଟିଷ୍ଟିକ ଚିଲ୍‌ଡ୍ରେନ' ରଖାଯାଇଛି। ଡ. ବିନୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମଣ ଗୌଡ଼ ସୂଚନା ଦେଇଛନ୍ତି। ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସ୍ପେଶାଲ ଏଜୁକେଶନ, ଆଇପି, ସେନସୋରି ଇଣ୍ଟିଗ୍ରେଶନ, ଅକୁପେଶନାଲ ଥେରାପି, ସ୍ପିଚ୍ ଥେରାପି, ଫିଜିଓଥେରାପି, ଆର୍ଟ ଥେରାପି, ମ୍ୟୁଜିକ ଥେରାପି, ଖେଳ ମାଧ୍ୟମରେ ଶିକ୍ଷାଦାନ, ବ୍ୟବହାରିକ ପରିବର୍ତ୍ତନ, ସାମାଜିକ ଦକ୍ଷତା ଆଦି ଶିକ୍ଷା ପ୍ରଦାନ କରାଯାଉଛି।

## ସ୍ୱଚ୍ଛ, ସବୁଜ ଦୀପାବଳି ପାଳନ ପାଇଁ ବେଲୁନ୍ ଫୁଟାନ୍ତୁ

ପୁରୁଣା ଭୁବନେଶ୍ୱର,୩୦।୧୦
(ସୁବାସଚନ୍ଦ୍ର ପ୍ରଧାନ)

ସୁରକ୍ଷିତ ରୁହନ୍ତୁ, ଅନ୍ୟକୁ ସୁରକ୍ଷିତ ରଖନ୍ତୁ। ପରିବେଶକୁ ବଞ୍ଚାନ୍ତୁ। ଆଲୋକର ପର୍ବ ଦୀପାବଳିରେ ବାଣ ବଦଳରେ ବେଲୁନ୍ ଫୁଟାନ୍ତୁ। ଦୀପାବଳି ଉତ୍ସବକୁ ପ୍ରଦୂଷଣ ଏବଂ ବିପଦ ମୁକ୍ତ କରିବାକୁ ଏଭଳି ନିଆରା ବାର୍ତ୍ତା ଦେଇଛନ୍ତି ପରିବେଶକର୍ମୀ ସୁଶାନ୍ତ ସାହୁ। ଇକୋ-ଫ୍ରେଣ୍ଡଲି ଦୀପାବଳିର ଉପାଦେୟତାକୁ ସେ ବେଲୁନ୍ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି, ସାଧାରଣତଃ ଦୀପାବଳି ସମୟରେ ବାଣ



ଫୁଟିବା ଦ୍ୱାରା ଭୟଙ୍କର ବାୟୁ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ପରିବେଶ ବ୍ୟାପକ ରୂପେ କ୍ଷତାକ୍ତ ହୋଇଥାଏ। ଶ୍ୱାସକ୍ରିୟାରେ ସଙ୍କଟ ଦେଖାଦେଇଥାଏ। ସତେ ଯେପରି ପିଲାଠାରୁ ବୃଦ୍ଧ ସମସ୍ତେ ଏହି ପ୍ରଦୂଷିତ ବାୟୁରେ ବନ୍ଧା ପଡିଯାଆନ୍ତି। ପ୍ରଶ୍ୱାସ ନେବାର ଅନେକ ବିକଳ ସ୍ଥିତି ଦେଖିବାକୁ ମଧ୍ୟ ମିଳିଥାଏ। ଏଣୁ ଦୀପାବଳିରେ ବାଣ ବ୍ୟବହାର ନ କରି ତା' ବଦଳରେ ବେଲୁନ୍ ଫୁଟାଇବାକୁ ଜନସାଧାରଣଙ୍କୁ ସୁଶାନ୍ତ ନିବେଦନ କରିଛନ୍ତି। ଯଦ୍ୱାରା ଏକ ସବୁଜ, ସ୍ୱଚ୍ଛ ଓ ସୁନ୍ଦର ପରିବେଶ ତିଆରିରେ ବେଶ୍ ସହାୟକ ହୋଇପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।







ଆଲୋକ ପର୍ବ ଦୀପାବଳି ପାଇଁ ଭୁବନେଶ୍ୱର ବଜାରରେ ବୁଧବାର କାଉଁରିଆ କାଠି, ଦୀପ ଓ ବାଣ କିଣିବାକୁ ଲୋକଙ୍କ ଭିଡ଼। (ଫଟୋ- ବିକାଶ ନାୟକ)

# ଲକ୍ଷାଧିକ ଟଙ୍କାର ବିସ୍ଫୋରକ ଦ୍ରବ୍ୟ ଜବତ

ବେଗୁନିଆ,୩୦।୧୦
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଆଇନ ବାଣ ପ୍ରସ୍ତୁତି ପାଇଁ ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ଦ୍ରବ୍ୟକୁ ବେଗୁନିଆ ପୋଲିସ ବୁଧବାର ଜବତ କରିଛି। ଜବତ ଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଘଟଣାସ୍ଥଳରୁ ପୋଲିସ ୫ ବାଇକ୍‌କୁ ଜବତ କରିଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଏନେଇ ଥାନାରେ ମାମଲା ନଂ. ୩୦୯/୨୪ ଓ ଦଫା ୨୮୮/୩(୫) ବିଏନ୍‌ଏସ୍, ୪/୫ ଇଏସ୍ ଆକ୍ଟ ରୁଜୁ କରି ଅଧିକ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ପ୍ରତିବର୍ଷ ଭଳି ଚଳିତବର୍ଷ ପାର୍ବଣ ଋତୁ ଆରମ୍ଭରୁ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବିଭାଗ ପକ୍ଷରୁ ବେଆଇନ ମଦ ଓ ବାଣ ବିକ୍ରି ରୋକିବାକୁ ପୋଲିସ ପକ୍ଷରୁ ନଜର ରଖାଯାଇଛି। ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ ମୁତାବକ, ବେଗୁନିଆ ପୋଲିସ ପକ୍ଷରୁ ବୁଧବାର ସକାଳୁ ମାଣିବନ୍ଧ ଗ୍ରାମରେ ଚଢ଼ାଉ କରାଯାଇଥିଲା। କେଦାର ଧଳ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରାଯିବାରୁ ଏକ କୋଠରି ମଧ୍ୟରେ ଗଚ୍ଛିତ ଥିବା ବିସ୍ଫୋରକ ଦ୍ରବ୍ୟ ବାରୁଦ, ଆମୋନିଆ ନାଇଟ୍ରେଟ୍, ପଟାସ, ଗନ୍ଧକ ଆଦି ପ୍ରାୟ ଏକ କ୍ୟୁଣ୍ଟାଲ ଓଜନର ମିଳିଥିଲା। ଚଢ଼ାଉବେଳେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସମେତ ଥାନା ଏବଂ ଧଳାପଥର ଫାଣ୍ଡିର କର୍ମଚାରୀ ସାମିଲ ଥିଲେ। ଅନ୍ୟପକ୍ଷେ କେଦାରଙ୍କ ଘରୁ ବିପୁଳ ପରିମାଣର ବିସ୍ଫୋରକ ଦ୍ରବ୍ୟ ଜବତକୁ ନେଇ ବେଗୁନିଆ ପୋଲିସର ସନ୍ଦେହ ଜାତ ହୋଇଛି। ଜବତ ହୋଇଥିବା ବିସ୍ଫୋରକ ଦ୍ରବ୍ୟ କେବଳ ବାଣ ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ। ତେଣୁ ବେଆଇନ ବାଣ ପ୍ରସ୍ତୁତ କରୁଥିବା ଅନ୍ୟ କୌଣସି ବ୍ୟବସାୟୀଙ୍କ ସହିତ କେଦାରଙ୍କ ସମ୍ପୃକ୍ତି ଥାଇପାରେ ବୋଲି ଅଧିକ ତଦନ୍ତରୁ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।



- ବେଆଇନ ବାଣ ପ୍ରସ୍ତୁତ ପାଇଁ ଥିଲା ମହଜୁଦ
- ୫ ବାଇକ୍ ଜବତ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବେଗୁନିଆ,୩୦।୧୦(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର) ବେଗୁନିଆ ଥାନା ଅଧୀନ ଛତ୍ରପଡ଼ା ଗାଁର ବୃଦ୍ଧା ଶଶୀ ପାହାଡ଼ସିଂ(୭୩)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଏନେଇ ବେଗୁନିଆ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୮/୨୪ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଶୌଚ ପାଇଁ ଘର ନିକଟରେ ଥିବା ଏକ ପୋଖରୀକୁ ଶଶୀ ଯାଇଥିଲେ। ବିଳମ୍ବିତ ରାତିଯାଏ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବାରୁ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଜିଲା ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ବୁଧବାର ସକାଳୁ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

### ରେଳଷ୍ଟେଶନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଜଟଣୀ,୩୦।୧୦(ରବୀନ୍ଦ୍ରନାଥ ମହାକୁଡ଼) ଖୋର୍ଦ୍ଧାରୋଡ଼ ରେଳଷ୍ଟେଶନରୁ ଜଣେ ମହିଳାଙ୍କଠାରୁ ଖୋର୍ଦ୍ଧାରୋଡ୍ ଆର୍‌ପିଏଫ୍ ୧୮ କିଲୋ ୯୩୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ କରିବା ସହ ମହିଳାଙ୍କୁ ରେଲ୍‌ୱେ ସୁରକ୍ଷା ବଳ ଗିରଫ କରିଛି। ଗିରଫ ମହିଳା ଜଣଙ୍କ ଯାଜପୁର ଥାନା ଅଧୀନ ଜରି ଗ୍ରାମର ସୁକାନ୍ତି ସାମଲ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୯୬ ହଜାର ୫୦୦ ଟଙ୍କା ହେବ ବୋଲି ଆର୍‌ପିଏଫ୍ ଅଧିକାରୀ ମୁନୁ କୁମାର ଶର୍ମା ସୂଚନା ଦେଇଛନ୍ତି। ଏନେଇ ରେଲ୍‌ୱେ ପୋଲିସ ୧୩୮/୨୪ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ରାତି ୧୦ଟା ୨୦ ସମୟରେ ସୁକାନ୍ତି ଏକ ବ୍ୟାଗ ନେଇ ଖୋର୍ଦ୍ଧାରୋଡ୍ ଷ୍ଟେଶନ ଭିତରକୁ ଯିବାବେଳେ ପ୍ଲାଟଫର୍ମରେ ଥିବା ଲଗେଜ ସ୍କାନରରେ ବ୍ୟାଗ ସ୍କାନ ନ କରି ପ୍ଲାଟଫର୍ମ ଭିତରକୁ ପ୍ରବେଶ କରୁଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଆର୍‌ପିଏଫ୍ କର୍ମଚାରୀ ସୁକାନ୍ତିଙ୍କ ଉପରେ ସନ୍ଦେହ କରି ବ୍ୟାଗ ଚେକିଂ କରିବାରୁ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ପରେ ସୁକାନ୍ତିଙ୍କୁ ଅଟକ ରଖି ତଦନ୍ତ କରିବା ସମୟରେ ସେ ବାହାର ରାଜ୍ୟକୁ ଚାଲାଣ କରିବାକୁ ଯୋଜନା କରିଥିବା କହିଥିଲେ।

# ଅତ୍ରିରେ ନୂତନ ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ



ଅତ୍ରି ପାସେଞ୍ଜର ହଲ୍ଟକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରୁଛନ୍ତି।

ବେଗୁନିଆ/ଭୁବନେଶ୍ୱର, ୩୦।୧୦
(ସନ୍ଧ୍ୟାରାଣୀ ମିଶ୍ର/ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳଲାଇନ୍‌ର ଅତ୍ରିଠାରେ ଏକ ନୂତନ ପାସେଞ୍ଜର ହଲ୍ଟ ବୁଧବାର ଯାତ୍ରୀଙ୍କୁ ସମର୍ପିତ କରାଯାଇଛି, ଯାହା ଏହି ଅଞ୍ଚଳର ପରିବହନ ଭିତ୍ତିଭୂମିରେ ଏକ ଉଲ୍ଲେଖନୀୟ ଉନ୍ନତି ଆଣିବ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ପାସେଞ୍ଜର ହଲ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବଜୱା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ଅତ୍ରି ଉଷ୍ଣପ୍ରସ୍ରବଣ ପର୍ଯ୍ୟଟନସ୍ଥଳୀକୁ ଏହି ନୂତନ ହଲ୍ଟ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ପର୍ଯ୍ୟଟକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସୁବିଧା ପ୍ରଦାନ କରିବ। ଅତ୍ରି ପାସେଞ୍ଜର ହଲ୍ଟରେ ଦଶପଲ୍ଲା-ଭୁବନେଶ୍ୱର ମେମୁ ପ୍ରଥମ ଟ୍ରେନ ଭାବେ ରହଣି କରିଛି। ଏମ୍‌ପି ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ସମେତ ରେଳମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ଦାବି ତଥା ଆକାଂକ୍ଷା ପୂରଣ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ଅତ୍ରି ପାସେଞ୍ଜର ହଲ୍ଟ ନିର୍ମାଣରେ ପ୍ରାୟ ୫୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି, ଯେଉଁଥିରେ ୪୬୭ ମିଟର ଦୈର୍ଘ୍ୟ ପ୍ଲାଟଫର୍ମ, ୬ଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳୀ ଏବଂ ୩୦ ଜଣଙ୍କ ବସିବା କ୍ଷମତା ବିଶିଷ୍ଟ ୬ଟି ବେଞ୍ଚ ଉପଲବ୍ଧ ଅଛି। ଏହାସହିତ ଯାତ୍ରୀଙ୍କ ପାଇଁ ସାମଗ୍ରିକ ଭ୍ରମଣ ଅଭିଜ୍ଞତାକୁ ବୃଦ୍ଧି କରାଇବା ଲାଗି ୧୪ଟି ଲାଇଟ ପୋଷ୍ଟ, ଏକ ନଳକୂଅ ଏବଂ ଏକ ବୁକିଂ କାଉଣ୍ଟର ସୁବିଧା ରହିଛି। ଏହି ବିକାଶ ସ୍ଥାନୀୟ ପର୍ଯ୍ୟଟନକୁ ବୃଦ୍ଧି କରାଇବା ସହିତ ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ଉନ୍ନତ ଗମନାଗମନ ସଂଯୋଗ ଯୋଗାଇବ ଏବଂ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସକାରାତ୍ମକ ଯୋଗଦାନ ଦେବ ବୋଲି ଆଶା କରାଯାଉଛି। ତୁରନ୍ତ ଅତ୍ରି ପାସେଞ୍ଜର ହଲ୍ଟରେ ୩ଟି ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନଗୁଡ଼ିକ ହେଉଛି ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଏବଂ ପୁରୀ-ଦଶପଲ୍ଲା-ପୁରୀ ମେମୁ ପାସେଞ୍ଜର ଟ୍ରେନ। ଭଦ୍ରକରୁ ଛାଡୁଥିବା ୦୮୫୫୫/୦୮୫୫୬ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ ଅତ୍ରିରେ ପୂର୍ବାହ୍ନ ୧୦ଟା ୩୬ରେ ପହଞ୍ଚି ୧୦ଟା ୩୭ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଦଶପଲ୍ଲାଠାରୁ ଏହି ଟ୍ରେନ ଅତ୍ରିରେ ଅପରାହ୍ନ ୫ଟା ୫୫ମିରେ ପହଞ୍ଚି ୫ଟା ୫୬ରେ ଭଦ୍ରକ ଅଭିମୁଖେ ଯାତ୍ରା କରିବ। ଭୁବନେଶ୍ୱରରୁ ଛାଡୁଥିବା ୦୮୪୨୯/୦୮୪୩୦ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଅତ୍ରିରେ ପୂର୍ବାହ୍ନ ୧୦ଟା ୫୧ରେ ପହଞ୍ଚି ୧୦ଟା ୫୨ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଅତ୍ରିରେ ଅପରାହ୍ନ ୫ଟା ୧୪ରେ ପହଞ୍ଚି ୫ଟା ୧୫ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ପୁରୀରୁ ଛାଡୁଥିବା ୦୮୪୨୩/୦୮୪୨୪ ପୁରୀ-ଦଶପଲ୍ଲା-ପୁରୀ ମେମୁ ଅତ୍ରିରେ ସନ୍ଧ୍ୟା ୭ଟା ୪୦ରେ ପହଞ୍ଚି ୭ଟା ୪୧ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଅତ୍ରିରେ ସକାଳ ୭ଟା ୫୨ରେ ପହଞ୍ଚି ୭ଟା ୫୩ରେ ପୁରୀ ଅଭିମୁଖେ ଯାତ୍ରା କରିବ।

### ୨ରୁ ଗୋପୀନାଥ ଦେବଙ୍କ ପୀଠରେ ବାଦୀପାଲା ମହୋତ୍ସବ

ବେଗୁନିଆ,୩୦।୧୦(ସନ୍ଧ୍ୟାରାଣୀ ମିଶ୍ର) ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅଧୀନ ମଲିପଦର, ବାସୁଦେବପୁର ଗ୍ରାମବାସୀଙ୍କ ସହଯୋଗରେ ଆରାଧ୍ୟ ଦେବତା ଗୋପୀନାଥ ଦେବଙ୍କ ପୀଠରେ ୨୧ତମ ବାର୍ଷିକ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବର ପ୍ରସ୍ତୁତି ବୈଠକରେ ଗାୟକ କସ୍ତୁରୀ ମିହିର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ୪ ଦିନ ଧରି ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ପୁରୀ ଜିଲାର ଯୁବ ଗାୟକ ତତ୍ତ୍ୱ ବିଭୂଷଣ ଲମ୍ବୋଦର ବେହେରା ଓ ଜଗତ୍‌ସିଂହପୁର ଜିଲାର ଗାୟକ ସୌରଭ ରବି ନାରାୟଣ ପତି ଆସନ୍ତା ନଭେମ୍ବର ୨ରୁ ୫ ପର୍ଯ୍ୟନ୍ତ ପାଲା ପରିବେଷଣ କରିବେ। ବହୁ ସଂଖ୍ୟାରେ ପାଲାପ୍ରେମୀ ଯୋଗ ଦେବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

### ତ୍ରିନାଥ ଦେବ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ

ବୋଲଗଡ଼,୩୦।୧୦(ଦେବବ୍ରତ ହୋତା) ବୋଲଗଡ଼ ଥାନା ଅଧୀନ ବଙ୍କୋଇ ଫାଣ୍ଡି ପରିସରରେ ଥିବା ଶ୍ରୀଶ୍ରୀ ତ୍ରିନାଥ ଦେବ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ଏହି ଧର୍ମାନୁଷ୍ଠାନରେ ଆୟୋଜିତ ପୂଜା ଓ ହୋମଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଫାଣ୍ଡି ଅଧିକାରୀ ଦିଲୀପ ସାହୁ ଉପବେସନ ଥିଲେ। ବ୍ରାହ୍ମଣ ପୁରୋହିତ ପ୍ରମୋଦ ମହାପାତ୍ର ପୂଜାପାଠ ଓ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ମନ୍ଦିରର ନିୟମିତ ପୁରୋହିତ ତ୍ରିନାଥ ମହାପାତ୍ର ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବ୍ୟବସାୟୀ, ଖବରଦାତା ଓ ଅନେକ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଭୁ କୃପାଲାଭ କରିଥିଲେ। ଖୋର୍ଦ୍ଧା ଏସ୍‌ଡିପିଓ ଅନିଲ ମହାନ୍ତି, ବୋଲଗଡ଼ ଥାନା ନିରୀକ୍ଷିକା ସ୍ନିଧାମୟୀ ବରାଳଙ୍କ ସମେତ ଫାଣ୍ଡିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏଏସ୍ଆଇ ତୁଷାରକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିଥିଲେ। ଏଥିସହିତ ସନ୍ଧ୍ୟାରେ ସଂକୀର୍ତ୍ତନମଣ୍ଡଳୀ ହରିନାମ ଭଜନ ପରିବେଷଣ କରିଥିଲେ।

## ୩୨ତମ ଶ୍ରୀରାମଚରିତ ମାନସ ପାରାୟଣ



ବୋଲଗଡ଼,୩୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ନାଉପଡା ଗ୍ରାମର ୩୨ତମ ଶ୍ରୀରାମଚରିତ ମାନସ ପରାୟଣ ମହାଯଜ୍ଞ ଆନନ୍ଦ ଉଲ୍ଲାସର ସହ ମହାଆଡ଼ମ୍ବରରେ ଅନୁଷ୍ଠିତ ହେଉଛି। ସୋମବାର ଶୁଭଧିବାସ ଦିବସରେ ସଂକଳ୍ପ, କଳସ ଯାତ୍ରା, ଘଟ ସ୍ଥାପନ ସହ ନାମ ସଂକୀର୍ତ୍ତନ ଓ ପାରମ୍ପରିକ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସ ପ୍ରଥମ ବିଶ୍ରାମ ଦିବସ ମଙ୍ଗଳବାର ସନ୍ଧ୍ୟାରେ କୁନି ପ୍ରବଚକ ଶ୍ରୀକେଶବ ଦାସ ଦ୍ୱିତୀକୃଷ୍ଣ ଓ ତୃତୀୟ ସନ୍ଧ୍ୟା ବୁଧବାର ଦ୍ୱିତୀୟ ବିଶ୍ରାମ ଅବସରରେ ସୁନାମଧନ୍ୟ ପ୍ରବଚକ ପଣ୍ଡିତ ଗୋପାଳଚନ୍ଦ୍ର ରାୟଗୁରୁଙ୍କ ଦ୍ୱାରା ଶ୍ରୀରାମ ବନଗମନ, ଭରତ ପ୍ରସଙ୍ଗ ଓ ସୀତା ହରଣ ପ୍ରମୁଖ ଶ୍ରୀରାମ କଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାମାଜିକ କର୍ମୀ ପଞ୍ଚୁ ଭାରିମଲ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ସମାଜ ଓ ବିଶ୍ୱର ମଙ୍ଗଳ ନିମନ୍ତେ ପ୍ରଥମତଃ ଈଶ୍ୱର ପ୍ରେମୀ ହେବା ନିହାତି ଆବଶ୍ୟକ ବୋଲି କହିଥିଲେ। ପରେ ମର୍ଯ୍ୟାଦା ପୁରୁଷ ଭଗବାନ ଶ୍ରୀରାମ ଯେପରି ପିତାଙ୍କର ଉତ୍ତମ ପୁତ୍ର ରୂପେ ବିବେଚନା ହୋଇ ସମାଜ ପାଇଁ ଉଦାହରଣ ହୋଇଥିଲେ, ସେହିପରି ଆଜିର ସମାଜରେ ପିତାମାତାଙ୍କ ପାଇଁ ପ୍ରତ୍ୟେକ ପୁତ୍ର ଉତ୍ତମ ଆଚରଣ ହେବା ନିହାତି ଜରୁରୀ ବୋଲି ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫାସିଓଦା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ କଳାଙ୍ଗ ସମିତି ସଭ୍ୟ ହିପିନା ପ୍ରଧାନ ଯୋଗ ଦେଇଥିଲେ। ସଭାକୁ ଶିକ୍ଷକ ନେତା ପ୍ରସନ୍ନ ଶ୍ରୀଚନ୍ଦନ ପରିଚାଳନା କରିଥିଲେ। ଭାରିମଲ୍ଲ ଧନ୍ୟବାଦ ଦେଇଥିଲେ। ଅନ୍ତିମ ଦିବସ ତଥା ଗୁରୁବାର ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ।

## ହାତୀ ପାଇଁ ରାତି ଉଜାଗର ଚାଷୀ

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଟାଙ୍ଗୀ ବନାଞ୍ଚଳରେ ହାତୀ ଆତଙ୍କ। ଏକ ୨୮ଟିକିଆ ହାତୀପଲ ଖୋର୍ଦ୍ଧା ନିକଟସ୍ଥ କାଇପଦର, ମାଧପୁର, ଗୋଡା ନିକଟ ଜଙ୍ଗଲରେ ରହିଛନ୍ତି। ଖାଦ୍ୟ ଲାଳସାରେ ଗାଁ ମୁହାଁଉଛନ୍ତି। ବ୍ୟାପକ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗୁଛନ୍ତି। ଧାନରେ ଥୋଡ ବାହାରିବା ସମୟରେ ହାତୀଙ୍କ ଉପଦ୍ରବ ବଢିବାରେ ଲାଗିଛି। ଧାନକ୍ଷେତକୁ ହାତୀ ଦାଉରୁ ବଞ୍ଚାଇବା ଲାଗି ଚାଷୀମାନେ ପାଳି କରି ରାତିରେ କ୍ଷେତରେ ମଞ୍ଚାବାନ୍ଧି ଜଗୁଥିବା ଦେଖିବାକୁ ମିଳିଛି। ହାତୀଙ୍କ ଫସଲ ନଷ୍ଟ ବାବଦକୁ ଯାହା ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ପରି। ଏଣୁ କ୍ଷତିପୂରଣ ନୁହଁ ହାତୀଙ୍କ ନିୟନ୍ତ୍ରଣ ଦିଗରେ ବନ ବିଭାଗ ଗୁରୁତ୍ୱ ଦେଉ ବୋଲି ଗ୍ରାମବାସୀ କହିଛନ୍ତି। ଘଣ୍ଟ ବାଡେଇ, ନିଆଁ ହୁଳା ଲଗାଇ ଜମି ନିକଟରେ ଜଗି ରହୁଥିବା ନଳିନୀକାନ୍ତ ଛୋଟରାୟ, ଶିବଶଙ୍କର ଦାସ, ସୁକାନ୍ତ ଛୋଟରାୟ, ଶିବ ଚମ୍ପତି ପ୍ରମୁଖ ଚାଷୀ କହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି ବୋଲି ଟାଙ୍ଗୀ ବନ ବିଭାଗ ପକ୍ଷରୁ କୁହାଯାଉଛି। ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ, ଦଳେଇପୁଟ, ପାନବରଜ, ଦେଉଳଟାଙ୍ଗୀ, କାଇପଦର, ବେରୁଆଁ, ଶରଧାପୁର, ଛତିପୁର ଏବଂ ଟାଙ୍ଗୀ ବନାଞ୍ଚଳର ଗୟାବନ୍ଧ, ଡମଣଭୂଇ, ଜଙ୍କିଆ, ବାଲିଗାଡିଆ,ମୋଟା, ଗୋଲବାଇ, ହଜ, ନାରଗୋଦା, ଟାଙ୍କୋଲ, ସିକୋ ପ୍ରଭୃତି ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। ହାତପଲ ନିକଟସ୍ଥ ଜଙ୍ଗଲରେ ରହୁଛନ୍ତି। ତେଣୁ ଗ୍ରାମବାସୀ ଅତ୍ୟନ୍ତ ଭୟଭୀତ ହୋଇ ରହିଛନ୍ତି। ସନ୍ଧ୍ୟା ହେଲେ ଏହିଗ୍ରାମ ଗୁଡିକରେ ତାଟିକବାଟ ପଡିଯାଉଛି। ଏ ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜଟଣୀ-ଭୁବନେଶ୍ୱର ମୁଖ୍ୟରାସ୍ତାରେ ଜଳିଗଲା ବାଇକ୍

ଜଟଣୀ,୩୦।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ-ଭୁବନେଶ୍ୱର ମୁଖ୍ୟରାସ୍ତା ଗୋବିନ୍ଦପୁରଠାରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍‌ରେ ଅଗ୍ନିକାଣ୍ଡ ଘଟିଛି। ଜଟଣୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ବାଇକ୍ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଫଳରେ ଗାଡ଼ିର ନମ୍ବର ଠିକ୍ ଭାବେ ଜଣାପଡ଼ିନାହିଁ। ତେବେ ଏହି ଅଗ୍ନିକାଣ୍ଡ ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ଦୀପାବଳି ପାଇଁ ଜଟଣୀ ସହର ବାଣ ବ୍ୟବସାୟକୁ ନେଇ ଚଳଚଞ୍ଚଳ ଥିବାବେଳେ ଜଟଣୀରୁ ଦେଶୀବାଣ ନେଇ ଉକ୍ତ ଗାଡ଼ିରେ ଯାଉଥିବାବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିବା କେତେଜଣ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଅନ୍ୟପଟେ ଏହି ଘଟଣା ସମ୍ପର୍କରେ ଇନ୍‌ଫୋଭ୍ୟାଲି ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ଙ୍କୁ ପଚାରିବାରେ, ସେ ଘଟଣା ବିଷୟରେ ଜାଣି ନ ଥିବାବେଳେ ଏନେଇ କୌଣସି ଅଭିଯୋଗ ପାଇ ନ ଥିବା କହିଛନ୍ତି।

# ଆୟୁର୍ବେଦ ମାନବ ଜାତି ପାଇଁ ବରଦାନ

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)

ଖୋରଧା ଧନ୍ୱନ୍ତରୀ ଜୟନ୍ତୀ ପାଳନ କମିଟି ପକ୍ଷରୁ ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ ଅତୀତର ଶଲ୍ୟ ଓ ଭେଷଜ ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ଯୋଗେଶ ଚନ୍ଦ୍ର ରଥ କହିଲେ, ଆୟୁର୍ବେଦ ଏକ ପ୍ରାଚୀନ ଚିକିତ୍ସା ପଦ୍ଧତି। ପ୍ରାଚୀନ କାଳରୁ ଗାଁ ବୈଦ୍ୟମାନେ ଔଷଧୀୟ ଜଡିବୁଟି ବ୍ୟବହାରକରି ଅସାଧ୍ୟ ରୋଗର ଚିକିତ୍ସା କରୁଥିଲେ। ମାନବଜାତି ପାଇଁ ଆୟୁର୍ବେଦ ବରଦାନ ସଦୃଶ। ଚରକ, ସୁଶ୍ରୁତ, ବାଗଭଟ୍ଟ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଯାଇଛନ୍ତି। ଅନିୟମିତ ଜୀବନଶୈଳୀରୁ ଦେଖାଦେଉଥିବା ବହୁ ଦୁରାରୋଗ୍ୟ ବ୍ୟାଧି ଆୟୁର୍ବେଦରେ ସଫଳ ଚିକିତ୍ସା ରହିଛି। ଆଧୁନିକ ବିଜ୍ଞାନ ଯୁଗରେ ପ୍ରାଚୀନ ଆୟୁର୍ବେଦ ଚିକିତ୍ସା ଧୀରେ ଧୀରେ ଜନାଦୃତ ହେବାରେ ଲାଗିଛି। ପୁଣି ଲୋକେ ଔଷଧୀୟପତ୍ର, ଜଡିବୁଟି ଚିକିତ୍ସା ଆଡକୁ ମୁହାଁଇବା ଆରମ୍ଭ କରିଛନ୍ତି। କାରଣ ଏହି ଚିକିତ୍ସା ପଦ୍ଧତି ଅତି ସରଳ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ ବୋଲି ରଥ ପ୍ରକାଶ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ହୋଇଥିଲା। ଶିକ୍ଷାବିତ୍ ଅନସୂୟା ସାମନ୍ତରାୟଙ୍କ ସମେତ ଆରତି ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ଉମେଶ ସାହୁ, ପ୍ରସନ୍ନ କୁମାର ଛୁଆଳସିଂ, ସତ୍ୟଜିତ୍ ସାହୁ ପ୍ରମୁଖ ଯୋଗଦେଇ ଧନ୍ୱନ୍ତରୀଙ୍କ ବିଷୟରେ ଆଲୋଚନା କରିଥିଲେ। ଡା. ମହାଶ୍ୱେତା ସାମନ୍ତରାୟ ପଞ୍ଜାବରେ ଥାଇ ଆଭାସିରେ ଯୋଡ଼ି ହୋଇଥିଲେ। ଶେଷରେ ରଶ୍ମିରଞ୍ଜନ ପରିଜା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଫାନ୍‌ସି ରଙ୍ଗବେରଙ୍ଗ ଦୀପ, ଚାଇନା ଲାଇଟକୁ ପସନ୍ଦ

ଜଟଣୀ,୩୦।୧୦(ରବୀନ୍ଦ୍ରନାଥ ମହାକୁଡ଼)

ରାତିପାହିଲେ ଆଲୋକର ପର୍ବ ଦୀପାବଳୀ ଓ କାଳୀ ପୂଜା। ସେଥିପାଇଁ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ। ସମସ୍ତ ବଜାର ଘାଟ ଜନଗହଳି। ଦୀପାବଳି ପାଇଁ ଜଟଣୀ ବଜାର ବୁଧବାର ସନ୍ଧ୍ୟାରେ ବେଶ୍ ଚଳଚଞ୍ଚଳ ଏବଂ ବଜାରରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ଚଳିତ ଦୀପାବଳି ପାଳନକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥିଲାବେଳେ ଗୁରୁବାର ଏବଂ ଆଉ କେତେ ଲୋକ ଶୁକ୍ରବାର ଦୀପାବଳି ପାଳନ କରିବାକୁ ସମସ୍ତ ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଛି। ତେବେ ଦୀପାବଳିରେ ଘର ସଜାଇବା ଏବଂ ପାୟା ଶ୍ରାଦ୍ଧ ପାଇଁ ଲୋକେ ବିଭିନ୍ନ ରଙ୍ଗବେରଙ୍ଗର ଲାଇଟ୍, ମୁରୁଜ, ଦୀପ ସହିତ ବିଭିନ୍ନ ଫୁଲଫଳ ଆଖୁ ଏବଂ କାଉଁରିଆ କାଠି ଆଦି କିଣିବାକୁ ଦୋକାନଗୁଡ଼ିକରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ଜଟଣୀ ସୀତାରାମ ଛକ, ବଡ଼ ବଜାର, ହରିଭାଇନା ଛକ, ଗୋଲେଇ ମାର୍କେଟ, ରାଜା ବଜାର ଏବଂ ବାଣ ବଜାର ଆଦି ସ୍ଥାନରେ ଦୀପାବଳି ସାମଗ୍ରୀ କିଣିବାକୁ ଗ୍ରାହକଙ୍କ ବିଶେଷ ଗହଳି ଦେଖାଦେଇଛି। ଜଟଣୀ ବଜାରରେ କଲିକତା, ଦିଲ୍ଲୀ, ସୁରଟ ଆଦି ବିଭିନ୍ନ ସ୍ଥାନରୁ ରଙ୍ଗବେରଙ୍ଗର ଚାଇନା ଲାଇଟ୍ ଜଟଣୀରେ ବ୍ୟବସାୟୀ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଚାଇନା ଲିଚୁ ଲାଇଟ୍, ଟେବଲ ଲାଇଟ୍, ଲାଇଟ୍ ଦୀପ ସହିତ ବିଭିନ୍ନ ଏବଂ ରଙ୍ଗବେରଙ୍ଗର ଦୀପକୁ ଲୋକେ ବେଶି ପସନ୍ଦ କରୁଛନ୍ତି। ଲାଇଟ୍ ଦର ୩୦ ଟଙ୍କାରୁ ଆରମ୍ଭ କରି ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବା ସୀତାରାମ ଛକରେ ବ୍ୟବସାୟ କରୁଥିବା ଫୁଟପାଥ ବ୍ୟବସାୟୀ ନାଗରାଜ କହିଛନ୍ତି। ସେ ଦୀର୍ଘ ୮ବର୍ଷ ଧରି ସ୍ଥାନୀୟ ସୀତାରାମ ଛକଠାରେ ଦୀପାବଳି ଏବଂ ନୂଆ ବର୍ଷରେ ଲୋକଙ୍କ ଚାହିଦା ମୁତାବକ ବିଭିନ୍ନ ସ୍ଥାନରୁ ରଙ୍ଗବେରଙ୍ଗର ଲାଇଟ୍ ଆଣି ବିକ୍ରି କରୁଥିବା ନାଗରାଜ କହିଛନ୍ତି। ସୀତାରାମ ଛକଠାରେ ମାଟି ଦୀପ ବିକ୍ରି କରୁଥିବା ଜଣେ ବ୍ୟବସାୟୀ କହିଛନ୍ତି, ବର୍ତ୍ତମାନ ମାଟି ଦୀପ ଲୋକେ ବେଶି କିଣୁନାହାନ୍ତି, ବେପାର ହେଉନି କି ପରିଶ୍ରମ ମୁତାବକ ଟଙ୍କା ମିଳୁନି। ଟେରାକୋଟା ଦୀପ ଏବଂ ଫ୍ୟାନ୍‌ସି ରଙ୍ଗବେରଙ୍ଗ ଦୀପ ଦୋକାନରେ ଭିଡ଼ କରୁଛନ୍ତି। ଅନ୍ୟପଟେ ଦୀପାବଳିକୁ ନେଇ ଫଳ ବଜାରରେ ଲୋକଙ୍କ ଗହଳି ଲାଗିଥିବାବେଳେ ଫଳ ଦର ଆକାଶ ଛୁଆ ରହିଛି। ସବୁ ଫଳ ୧୫୦ରୁ ୨୦୦ଟଙ୍କା ଉପରେ ମିଳିଛି। ଆଖୁ ଦଣ୍ଡା ୫୦ ଟଙ୍କା ଏବଂ କାଉଁରିଆ କାଠି ବିଡ଼ାକୁ ୩୦ରୁ ୪୦ ଟଙ୍କାରେ ବ୍ୟବସାୟୀ ଜଟଣୀ ବଜାରରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି।





ଆଜି କାଳୀପୂଜା: କଟକର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବାକୁ ଥିବା ମା’ ଶ୍ୟାମାକାଳୀ: ଚନ୍ଦିନୀଚୌକ।



ମହମଦିଆ ବଜାର।



ଶେଖବଜାର।

# ଭିତ୍ତିଭୂମି ବିକାଶ, ସ୍ୱଚ୍ଛତା ଉପରେ ଗୁରୁତ୍ୱ

## ଏସ୍‌ସିବି ପରିଦର୍ଶନରେ ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ

କଟକ,୩୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ବିଧାନସଭା ଷ୍ଟାଣ୍ଡିଂ କମିଟି ବୁଧବାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ପରିଦର୍ଶନ କରିଥିଲା। ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ମେଡିକାଲର ସମସ୍ତ ବ୍ୟବସ୍ଥା ଓ ସମ୍ପ୍ରସାରଣ କାର୍ଯ୍ୟ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେଡିକାଲରେ ରୋଗୀ ସଂଖ୍ୟା ଅନୁଯାୟୀ ଶଯ୍ୟା ସଂଖ୍ୟା, ନୂତନ ଅଧୀକ୍ଷକ ନିଯୁକ୍ତି, ଆବଶ୍ୟକ ଅନୁଯାୟୀ ଡାକ୍ତର, ନର୍ସିଂ ଅଫିସର ନିଯୁକ୍ତି, ଭିତ୍ତିଭୂମିର ବିକାଶ, ଆଇସିୟୁ ସଂଖ୍ୟା ବୃଦ୍ଧି, ସ୍ୱଚ୍ଛତା, ଆବଶ୍ୟକ ଶୌଚାଳୟ, ନିରାମୟ କେନ୍ଦ୍ରରେ ରୋଗୀଙ୍କ ଅପେକ୍ଷାର ସମସ୍ୟା, ସୁରକ୍ଷା ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରାଯିବା ସହ ସମ୍ପ୍ରସାରଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ନେଇ କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଲୁସି ଦାସ କମିଟିକୁ ମେଡିକାଲର ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥାପନା କରିଥିଲେ।



ଏସ୍‌ସିବି ମେଡ଼ିକାଲ କଲେଜ ପରିଦର୍ଶନରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କମିଟି ପକ୍ଷରୁ ମେଡିକାଲରେ ରୋଗୀ ଓ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର କରିବା, ସମସ୍ତ ଡାକ୍ତର, ନର୍ସିଂ ଅଫିସର, ସ୍ଥାୟୀ ଓ ଆଉଟସୋର୍ସିଂ କର୍ମଚାରୀଙ୍କ ନିମନ୍ତେ ବାୟୋମେଟ୍ରିକ ବ୍ୟବସ୍ଥା କରିବାକୁ କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପରେ କମିଟି ସଦସ୍ୟମାନେ ମେଡିକାଲର ନୂତନ ଭେଷଜ ବିଭାଗ, ନନ୍ ଟ୍ରମା କାଜୁଆଲଟି ପରିଦର୍ଶନ କରିଥିଲେ। ଏନେଇ କମିଟିର ଅଧ୍ୟକ୍ଷ ତଥା ବିଧାୟକ ବିଭୂତି ଭୂଷଣ ପ୍ରଧାନ କହିଛନ୍ତି, ଏସ୍‌ସିବି ମେଡିକାଲରେ ଯେପରି ରୋଗୀ ଓ ସମ୍ପର୍କୀୟମାନେ ସମସ୍ତ ସୁବିଧା ଆହୁରି ଅଧିକ ପାଇବେ ସେନେଇ ଆଲୋଚନା କରାଯାଇଛି। ମେଡିକାଲରେ ୨,୨୭୨ଟି ଶଯ୍ୟା ରହିଥିବାବେଳେ ୪ହଜାରରୁ ଅଧିକ ପ୍ରତ୍ୟେକ ଦିନ ରୋଗୀ ମେଡିକାଲ ଆସିଥାନ୍ତି। ତେଣୁ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଅଧୀକ୍ଷକ, ଡାକ୍ତର, ନର୍ସ ନିଯୁକ୍ତି ପ୍ରକ୍ରିୟା ଶୀଘ୍ର କରାଯିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ଯେଉଁମାନେ ଏସ୍‌ସିବିର ନାଁକୁ ବଦନାମ କରିବା ପାଇଁ ଚେଷ୍ଟା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ବିଧାୟିକା ସୁଜାତା ସାହୁ, ବିଧାୟକ ପ୍ରଶାନ୍ତ ବେହେରା, ଉମାଚରଣ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ଗୌତମବୁଦ୍ଧ ଦାସ, ସତ୍ୟଜିତ ଗମାଙ୍ଗୋ, ବିଜୟ ଦଳବେହେରା, ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ ବିଶ୍ୱାଳ, ଜିଲାପାଳଙ୍କ ଦାୟିତ୍ୱରେ ଥିବା ତଥା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବାଷ ଚନ୍ଦ୍ର ରାୟ, ଅତିରିକ୍ତ ଅଧୀକ୍ଷକ ଡା. ମନୋଜ ପଟ୍ଟନାୟକ, କୁଳସଚିବ ଡ. ଅବିନାଶ ରାଉତଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଏସ୍‌ସିବିରେ ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଠାରେ ଏସ୍‌ସିବି ରୋଗୀ ସୁରକ୍ଷା ମଞ୍ଚ ପକ୍ଷରୁ ସଭାପତି ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ମେଡିକାଲରେ ଥିବା ଜରୁରିକାଳୀନ ପାଥୋଲୋଜିରେ କୋଟି କୋଟି ଟଙ୍କା ଦେୟରେ ମେଶିନ୍ ପଡ଼ିଛି। କିନ୍ତୁ ରୋଗୀଙ୍କ ଏଲ୍‌ଏଫ୍‌ଟି, ଲିପିଡ୍ ପ୍ରୋଫାଇଲ ଭଳି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ଏଠାରେ ରାତିରେ କରାଯାଉ ନାହିଁ। ତେଣୁ ପାଥୋଲୋଜିରେ ଏହି ଟେଷ୍ଟ ଜରୁରିକାଳୀନ ବ୍ୟବସ୍ଥା ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ସହ ସରକାରୀ ଛୁଟି ଦିନଗୁଡ଼ିକରେ ଏହାକୁ ଖୋଲିବା, ଅଲଟ୍ରାସାଉଣ୍ଡ ଓ ଏଣ୍ଡୋସ୍କୋପିର ରିପୋର୍ଟ ମାନୁଆଲ ପ୍ରଦାନ କରାଯିବା, ଏସ୍‌ସିବିର ରେକର୍ଡ ସେକ୍ସନକୁ କମ୍ପ୍ୟୁଟରୀକରଣ କରାଯିବା ଭଳି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ରକୁ କମିଟିର ସଦସ୍ୟ ଗ୍ରହଣ କରିବା ସହ ଏହି ଦିଗରେ ସରକାରଙ୍କୁ ଅବଗତ କରାଇବା ନେଇ ପ୍ରତିଶ୍ରୁତି ଦେଇଥିବା ମହାନ୍ତି ସୂଚନା ଦେଇଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର





ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା।

କଟକ,୩୦।୧୦(କାର୍ତ୍ତିକ ସାହୁ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ କଟକ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବୁଧବାର ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଅସିତ୍ କୁମାର ପାଣିଗ୍ରାହୀ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଜୋବ୍ରା ଆନିକଟ ଛକଠାରୁ ବାହାରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଛାତ୍ରୀଛାତ୍ରମାନେ ଦୁର୍ନୀତି ନିବାରଣ ସ୍ଲୋଗାନ ଦେଇଥିଲେ।

# ପରମେଶ୍ୱରୀ କାରଖାନା ଜାଲିଆତିର ପର୍ଦ୍ଦାଫାଶ

- ଛତିଶଗଡ଼ ବ୍ରାଣ୍ଡ ଲୁହା କାରଖାନାର ଲୋଗୋ ବ୍ୟବହାର କରି ଚୋରା କାରବାର
- ୧୫୨ ଟନ୍ ରଡ଼ ଜବତ

ଖୁଣ୍ଟୁଣୀ,୩୦।୧୦(ସଚ୍ଚିଦାନନ୍ଦ ପଣ୍ଡା)



ଗୁରୁଡ଼ିଝାଟିଆ ଥାନା ଅଧୀନ କପୁରସିଂହ ଜାତୀୟ ରାଜପଥ କଡ଼ରେ ଥିବା ପରମେଶ୍ୱରୀ ଷ୍ଟ୍ରିପ ପ୍ରାଇଭେଟ ଲିମିଟେଡ୍ କାରଖାନାରେ ଦୀର୍ଘ ବର୍ଷ ଧରି ଚାଲିଥିବା ଲୁହାରଡ ଜାଲିଆତି କାରବାରର ପର୍ଦ୍ଦାଫାଶ ହୋଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ଚଢ଼ାଉ ହୋଇ ଏହି କାରଖାନାରୁ ୧୫୨ ଟନ୍ ରଡ଼ ଜବତ କରାଯାଇଛି। ଏନେଇ ଥାନା ପକ୍ଷରୁ ୧୯୩/୨୪ରେ ଏକ ମକଦ୍ଦମା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି।

ଏସ୍‌ପି ସିଂ ଏହି କାରଖାନାରେ ରଡ଼ ଜାଲିଆତି କାରବାର ହେଉଥିବା ଖବରପାଇ ଚଢ଼ାଉ ପାଇଁ ଗୁରୁଡ଼ିଝାଟିଆ ଆଇଆଇସି ପରେଶ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇଆଇସି ମହାନ୍ତି ଓ ତାଙ୍କ ସହଯୋଗୀ ସୋମବାର ରାତିରେ ଏହି କାରଖାନା ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରେ ଗଦା ହୋଇଥିବା ଲୁହା ଆଙ୍ଗଲ ଓ ରଡ଼ରେ ଛତିଶଗଡ଼ ବନଦୁର୍ଗା ଫୁଏଲର ଲାଇସେନ୍ସ ଓ ଲୋଗୋ ଲେଖାଥିବା ଜାଣିବାକୁ ପାଇଥିଲେ। କାରଖାନାରୁ ୧୫୨ ଟନ୍ ରଡ଼ ଜବତ କରାଯାଇଥିଲା। ମଙ୍ଗଳବାର ଛତିଶଗଡ଼ କାରଖାନା ସହିତ ଯୋଗାଯୋଗ କରିବାରୁ ଏହି କାରଖାନାର ମ୍ୟାନେଜର ମହମ୍ମଦ ସଫିଦ ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନା ପକ୍ଷରୁ ମାମଲା ରୁଜୁ ହୋଇ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଚାଲୁ ରହିବା ସହିତ ପରମେଶ୍ୱରୀ ମାଲିକଙ୍କ ନାମରେ ମକଦ୍ଦମା କରାଯାଇଥିବା ଆଇଆସି ମହାନ୍ତି ସୂଚନା ଦେଇଛନ୍ତି। ଏହି ଜାଲିଆତି କାରବାର ବର୍ଷ ବର୍ଷ ଧରି ଚାଲୁଥିବା ମହାନ୍ତିଙ୍କ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତଦନ୍ତ ଚାଲୁଥିବାରୁ ଅଧିକ ତଥ୍ୟ ମିଳିବା ଆଶା କରାଯାଉଛି ବୋଲି ମହାନ୍ତି କହିଛନ୍ତି।

# ୧୮ ବାଣ ଦୋକାନ ପାଇଁ ଅନୁମତି

ଚୌଦ୍ୱାର,୩୦।୧୦(ଆଶୁତୋଷ ଦାସ)

ଦୀପାବଳି ଉପଲକ୍ଷେ ଚୌଦ୍ୱାର ସହରରେ ସୀମିତ ଭାବେ ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ କମିଶନରେଟ ପୋଲିସ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ସହର ଭିତରେ କପାଳେଶ୍ୱର ପଡ଼ିଆରେ ୧୭ଟି ବାଣ ଦୋକାନ ପାଇଁ ଅନୁମତି ମିଳିଥିବାବେଳେ ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଗୋଟିଏ ମାତ୍ର ଦୋକାନ ଖୋଲିଛି। ବାଣ ବିକ୍ରି ସମୟରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ସେଥିଲାଗି ବ୍ୟବସାୟୀ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସମସ୍ତ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଆଇଆଇସି ବିଶ୍ୱରଞ୍ଜନ ସାହୁ ପରାମର୍ଶ ଦେଇଥିଲେ।

# ଲୌହମାନବଙ୍କ ସ୍ମୃତିରେ ଏକତା ପାଇଁ ଦୌଡ଼





ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ।

କଣ୍ଟାପଡ଼ା,୩୦।୧୦(ସୁରନାରାୟଣ ସାହୁ)

ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକ ସ୍ମୃତିରେ ଓଲଟପୁରସ୍ଥିତ ଏସ୍ ଭି ନିରତାର କର୍ମଚାରୀଙ୍କ ପକ୍ଷରୁ ଏକତା ପାଇଁ ଦୌଡ଼ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସ୍ ଭି ନିରତାରର ନିର୍ଦ୍ଦେଶକ ପତିତପାବନ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରୀଛାତ୍ର ଏସ୍ ଭି ନିରତାର ମୁଖ୍ୟଫାଟକଠାରୁ କଣ୍ଟାପଡ଼ା ସ୍କୁଲ ଛକ ପର୍ଯ୍ୟନ୍ତ ଏକ ସାମୂହିକ ଦୌଡ଼ କାର୍ଯ୍ୟକ୍ରମ କରାଯାଇଥିଲା। ଆରମ୍ଭରେ ନିର୍ଦ୍ଦେଶକ ମହାନ୍ତି ଉକ୍ତ ଦିବସର ବୈଶିଷ୍ଟ୍ୟ ଓ ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଭବିଷ୍ୟତରେ ଛାତ୍ରୀଛାତ୍ର ଦେଶର ବିକାଶରେ ନିଜକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଉପନିର୍ଦ୍ଦେଶକ ସତ୍ୟଜିତ୍ ମହାନ୍ତି ଅନୁଷ୍ଠାନର କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେଇଥିଲେ।

# ସମସ୍ତେ ନେତୃତ୍ୱ ନେଲେ ଚୌଦ୍ୱାରର ବିକାଶ ହେବ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୩୦।୧୦(ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ପୌର ଅଧୀନ ୱାର୍ଡସ୍ଥିତ କଳା ପ୍ରକାଶନୀ କ୍ଲବ ପରିସରରେ ଚୌଦ୍ୱାର ଯୁବକ ସଂଘ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଯୁବକ ସଂଘ ମୁଖ୍ୟ ଅଶୋକ ସାହୁ ଓ ଯୁବ ସଙ୍ଗଠକ ବିଷ୍ଣୁଚରଣ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଶୋଭେନ ମହାନ୍ତି ଯୋଗଦେଇ ବିକାଶ କ୍ଷେତ୍ରରେ ଚୌଦ୍ୱାର ବହୁତ ପଛରେ ଅଛି। ରାଜନୀତିରୁ ଊର୍ଦ୍ଧ୍ୱରେ କେବଳ ମୁଁ ନୁହେଁ, ସମସ୍ତେ ନେତୃତ୍ୱ ନେଇ ଆଗେଇ ଆସିଲେ ଚୌଦ୍ୱାରରେ ବିକାଶ ହୋଇପାରିବ ବୋଲି କହିଥିଲେ। ସଂଘର ସଦସ୍ୟ ମଳୟ ରଞ୍ଜନ ସାହୁ, ଅଶୋକ ସାହୁ, ହିମାଂଶୁ ବେହେରା, ଚନ୍ଦ୍ରଶେଖର ଦଳାଇ, ବଳରାମ ବେହେରା, ବିଶ୍ୱରଞ୍ଜନ ଦଳାଇ, ସଞ୍ଜୀବ ନାୟକ, ଲୋକନାଥ ବେହେରା, ବିଶ୍ୱଜିତ୍ ଗଜେନ୍ଦ୍ର ମହାପାତ୍ର, ଓମ୍ ପ୍ରକାଶ ବେହେରା, ବିଶ୍ୱଜିତ୍ ସୁବୁଦ୍ଧିରାୟ, ମନୋଜ ଦାସ ପ୍ରମୁଖ ପରିଚାଳନା କରିଥିଲେ। ୩ ହଜାରରୁ ଊର୍ଦ୍ଧ୍ୱ ଯୁବ ଗୋଷ୍ଠୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ଶୋଭେନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦେବାଶିଷ ସାମଲ ଧନ୍ୟବାଦ ଦେଇଥିଲେ। ଯୁବ ସଙ୍ଗଠକ ପରିଡ଼ା ବିଧାୟକ ଶୌଭିକ ବିଶାଳଙ୍କ ପ୍ରତିନିଧି ଓ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। କାର୍ଯ୍ୟକ୍ରମରେ ୩ ହଜାରରୁ ଊର୍ଦ୍ଧ୍ୱ ଯୁବ ଗୋଷ୍ଠୀ ଗୋଟିଏ ମଞ୍ଚରେ ଏକାଠି ହେବା ଚୌଦ୍ୱାର ରାଜନୀତି ପାଣିପାଗକୁ ଖୋରାକ ଯୋଗାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି।



ଚୌଦ୍ୱାର ଯୁବକ ସଂଘ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

# ଜିଲା ପ୍ରଶାସନର କାଳୀପୂଜା, ଭସାଣି ପ୍ରସ୍ତୁତି

କଟକ,୩୦।୧୦(କାର୍ତ୍ତିକ ସାହୁ)

କଟକ ଜିଲା ପ୍ରଶାସନ ପକ୍ଷରୁ କାଳୀପୂଜାକୁ ସରସ ସୁନ୍ଦର ଭାବେ ପାଳନ କରାଯିବା ତଥା ଶାନ୍ତି ଶୃଙ୍ଖଳାର ସହ ଭସାଣି ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂଜା ଓ ଭସାଣି ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ସହ ରାସ୍ତାଘାଟ ଓ ନାଳନର୍ଦ୍ଦମାଗୁଡ଼ିକର ସଫେଇ କାର୍ଯ୍ୟ ଉପରେ ଉଭୟ ଶାନ୍ତି କମିଟିର ସଦସ୍ୟମାନେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେଢ଼ ଯିବା ରାସ୍ତାଗୁଡ଼ିକର ଆବଶ୍ୟକ ମରାମତି ନିମନ୍ତେ ଉଭୟ ପୂର୍ତ୍ତ ଓ କଟକ ମହାନଗର ନିଗମର ଯନ୍ତ୍ରୀମାନଙ୍କ ସହ ଆଲୋଚନା ହୋଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ପୂଜା କମିଟି ସଦସ୍ୟ।

ଏଥିସହ ମେଢ଼ ଯିବା ରାସ୍ତାରେ ଉଭୟ ଟିଭି ଓ ବିଦ୍ୟୁତ୍ କେବୁଲ ତାରଗୁଡ଼ିକୁ ଭସାଣି ପୂର୍ବରୁ ହଟାଇବା ନେଇ ଆଲୋଚନା ହୋଇଥିଲା। ବିଶେଷକରି ଟିଭି କେବୁଲ୍‌ଗୁଡ଼ିକ ହଟାଇବା ପାଇଁ କେବୁଲ ଅପରେଟର ସଂଘଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ କହିଛନ୍ତି। ସମସ୍ତ ପ୍ରଶାସନିକ ସହଯୋଗ ପୂଜା କମିଟିଗୁଡ଼ିକୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ସମ୍ପୃକ୍ତ ଅଧିକାରୀ ଓ ଯନ୍ତ୍ରୀମାନେ ସମସ୍ତ ପୂଜା କମିଟି ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଣେଶ ମନ୍ଦିର ରତ୍ନମୁଦ, ନାମଯଜ୍ଞ ଉତ୍ସବ



**ଅସ୍ତରଙ୍ଗ,୩୦।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ):** ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଗ୍ରାମରେ ସର୍ବପୁରାତନ ଗଣେଶ ମନ୍ଦିର ପୁନଃ ରୂପାନ୍ତରୀକରଣ କରାଯାଉଥିବା ମନ୍ଦିରରେ ରତ୍ନମୁଦ ଓ ନାମ ଯଜ୍ଞ ବହୁ ଆଡ଼ମ୍ବରରେ ପାଳିତ ହୋଇଛି। ଏହି ମନ୍ଦିରକୁ ନଈଗୁଆଁ ଗ୍ରାମବାସୀ ଓ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଚେଷ୍ଟା ପରେ ନୂତନ ଭାବରେ କରାଯାଉଥିବା ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ଓ ପୂଜାର୍ଚ୍ଚନାରେ କର୍ତ୍ତା ତପନ ମଲ୍ଲ, ସୁଧୀର ଜେନା ହୋଇଥିବା ବେଳେ ପୂଜକ କାଶୀନାଥ ଦାସ, ଜୟନ୍ତ ତ୍ରିପାଠୀ, ସମ୍ପଦ ତ୍ରିପାଠୀ, ଦେବେନ୍ଦ୍ର ଦାସ, କପିଳେନ୍ଦ୍ର ତ୍ରିପାଠୀ ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ନିଜ ନିଜ ଭକ୍ତି ଓ ସାମର୍ଥ୍ୟ ଅନୁସାରେ ଶସ୍ୟ, ଧାତୁ ଓ ଅର୍ଥ ମନ୍ଦିର ଗୃହ ଗହ୍ୱରରେ ଦେଇ ଗଣେଶଙ୍କ କୃପା ଭିକ୍ଷା କାମନା କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ସଙ୍କୀର୍ତ୍ତନ ମଧ୍ୟ ପରିବେଷିତ ହୋଇଥିଲା।

### ବାବା ପଶ୍ଚିମେଶ୍ୱର ପୀଠରେ କ୍ଷୀରସାଗର ମେଳା

**ଅସ୍ତରଙ୍ଗ,୩୦।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ):** ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମର ଅନ୍ୟତମ ଶୈବପୀଠ ବାବା ପଶ୍ଚିମେଶ୍ୱର ପୀଠରେ ଶ୍ୟାମାକାଳୀ ପୂଜା ଓ ଦୀପାବଳି ପର୍ବ ଅବସରରେ କ୍ଷୀର ସାଗର ମେଳା ଅନୁଷ୍ଠିତ ହୋଇଯାଇଛି। ବହୁହଜାର ଲିଟର କ୍ଷୀରରେ ସ୍ନାନକଲେ ବାବା ପଶ୍ଚିମେଶ୍ୱର। ଘଣ୍ଟ, ଘଣ୍ଟା, ହୁଳହୁଳି ଓ ଶଙ୍ଖ ଧ୍ୱନିରେ କମ୍ପି ଉଠିଥିଲା ମନ୍ଦିର ପରିସର। ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଯାଦବମାନେ ଏଥିରେ ସାମିଲ ହୋଇଥିଲେ। ଦୀର୍ଘ ବର୍ଷ ଧରି ଆୟୋଜିତ ଏହି କ୍ଷୀର ସାଗର ମେଳାକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ବଳକା କ୍ଷୀରରେ ଖିରି ପ୍ରସ୍ତୁତ କରାଯାଇ ପ୍ରସାଦ ଭାବେ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥାଏ।

### ପ୍ରଶାସନ ମୋ’ ସହ ଆଲୋଚନା କଲେ ମତ ଦେଇପାରିବି

**■ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ନେଇ ଶଙ୍କରାଚାର୍ଯ୍ୟଙ୍କ ପ୍ରତିକ୍ରିୟା**

**ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି):** କାର୍ତ୍ତିକ ମାସ ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲାଗୁ ହେବ ନୂଆ ଦର୍ଶନ ବ୍ୟବସ୍ଥା। ଭକ୍ତଙ୍କ ନିମନ୍ତେ ସାତପାହାଚଠାରୁ ବାହାର କାଠ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବ୍ୟାରିକେଡ କରାଯିବା ସହ ର୍ୟାମ୍ପ୍ ବ୍ୟବସ୍ଥା କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ତେବେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି, ଏ ନେଇ ସରକାର ନିଜର ପକ୍ଷ ରଖିଲେ ହିଁ ସେ କିଛି ମତ ଦେଇପାରିବେ। କୌଣସି ବିଷୟରେ ପୂରା ତଥ୍ୟ ନ ପାଇ ଆଖି ବୁଜି ସମର୍ଥନ ବା ନିନ୍ଦା କରାଯାଇପାରିବ ନାହିଁ। ପ୍ରଶାସନ ତରଫରୁ କେହି ଯଦି ସେ ବିଷୟରେ ତାଙ୍କୁ ଅବଗତ କରାନ୍ତି ଏବଂ ନୂଆ ଦର୍ଶନ ବ୍ୟବସ୍ଥାର ଆବଶ୍ୟକତା ଉପରେ କୁହନ୍ତି, ତେବେ ସେ ମତ ରଖିପାରିବେ ବୋଲି ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ

**ପୁରୀ ୩୦।୧୦(ଅଜିତ୍ କୁମାର ମହାନ୍ତି)**

**ଦୀପାବଳିକୁ ନେଇ ଉତ୍ସବମୁଖର ପୁରୀ**

ଆଲୋକର ପର୍ବ ଦୀପାବଳିକୁ ସ୍ୱାଗତ କରିବା ପାଇଁ ପୁରୀ ସହର ଏବେ ଉତ୍ସବମୁଖର ହୋଇଉଠିଛି। ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୀପାବଳି ପାଇଁ ମାଟି ଦୀପ ସହ ମହମବତୀ ପସରା ବିଭିନ୍ନ ସ୍ଥାନରେ ଖୋଲିଛି। ସେହିପରି ଦୀପାବଳିରେ ପୟାଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ତେଣୁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ କାଉଁରିଆ କାଠି ବିକ୍ରି ହେଉଥିବା ବେଳେ ଲୋକମାନେ ବଡ଼ବଡୁଆ ଡାକିବା ପାଇଁ ଘରକୁ କିଣି ନେଉଥିବା ଦେଖିବାକୁ ମିଳିଛି। ଆଲୋକର ପର୍ବକୁ ଧୁମ୍‌ଧାମରେ ପର୍ବ ପାଳନ କରିବାକୁ ଯାଉଛନ୍ତି ପୁରୀବାସୀ। ଦୀପାବଳିକୁ ସ୍ୱାଗତ କରିବା ପାଇଁ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ବେଶ୍ ତତ୍ପର ହୋଇଉଠିଛନ୍ତି। କିଏ ଘରକୁ ସୁନ୍ଦର ଆଲୋକମାଳାରେ ସଜାଇଛି ତ କିଏ ବିଭିନ୍ନ ରଙ୍ଗବେରଙ୍ଗର ରଙ୍ଗ ଓ ରଙ୍ଗୋଲିରେ ଦୀପାବଳିକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇଛି। କୁମ୍ଭକାରମାନଙ୍କଠାରୁ ଆରମ୍ଭ କରି ବାଣ ବ୍ୟବସାୟୀମାନେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

ପୁରୀ କୁମ୍ଭାରପଡ଼ା, ଟିକରପଡ଼ା ଆଦି ସ୍ଥାନରେ ବସବାସ କରୁଥିବା କୁମ୍ଭକାରମାନେ ବିଭିନ୍ନ ପ୍ରକାର ଦୀପ ନିର୍ମାଣ କରିଛନ୍ତି। ସେହିପରି ଦୋକାନରେ ଫ୍ୟାନ୍ସି ଦୀପର ମୂଲ୍ୟ ୧୦ରୁ ଆରମ୍ଭ କରି ୨୦୦/୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଗ୍ରାହକମାନଙ୍କ ଚାହିଦା ନେଇ ଦୀପ ପ୍ରସ୍ତୁତ କରାଯାଇଥିବା କୁମ୍ଭକାରମାନଙ୍କ ପକ୍ଷରୁ କୁହାଯାଇଛି। ବାଣ ଅମାବାସ୍ୟା ପାଳନ ହେଉଥିବାରୁ ବାଣ ବ୍ୟବସାୟୀମାନେ ବେଶ ଖୁସି ପ୍ରକାଶ କରିଛନ୍ତି। ପୁରୀ ତାଳବଣିଆ ପଡ଼ିଆଠାରେ ପ୍ରଶାସନ ପକ୍ଷରୁ ବାଣ ବ୍ୟବସାୟୀଙ୍କୁ ଷ୍ଟଲ୍ କରିବା ପାଇଁ ଅନୁମତି ମିଳିଛି। ଲାଇସେନ୍ସପ୍ରାପ୍ତ ବ୍ୟବସାୟୀମାନେ ଦୋକାନ କରିଛନ୍ତି। ଚଳିତବର୍ଷ ଭଲ ବ୍ୟବସାୟ ନେଇ ବ୍ୟବସାୟୀମାନେ ଆଶା ରଖିଛନ୍ତି। ସେହିପରି ବାଣ ଦୋକାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ପାଖରେ ପାଣି, ବାଲି ରଖିବା ପାଇଁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଏବଂ ବାୟୁ ପ୍ରଦୂଷଣ କରୁଥିବା ବାଣ ବିକ୍ରି ନେଇ କଟକଣା ଜାରି କରାଯାଇଛି। ଦୀପାବଳି ଅବସରରେ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବା ବେଳେ ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏନେଇ ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ଅମାବାସ୍ୟା ତିଥିରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ତେଣୁ ଭକ୍ତଙ୍କ ସୁବିଧା ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ କରାଯିବ। ସେହି ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ କାଉଁରିଆ ଜାଳି ବଡବଡୁଆ ଡାକିବେ। ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ୩ ଅତିରିକ୍ତ ଏସ୍‌ପି, ୧୧ ଡିଏସ୍‌ପି, ୧୮ ଇନ୍ସପେକ୍ଟର, ୨୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ବୀରଗୋବିନ୍ଦପୁର ଦକ୍ଷିଣକାଳୀ ମନ୍ଦିରଠାରେ ଭକ୍ତଙ୍କ ସୁବିଧା ଦର୍ଶନ ନିମନ୍ତେ ଜଣେ ଅତିରିକ୍ତ ଏସ୍‌ପି, ୨ ଡିଏସ୍‌ପି, ୮ ଇନ୍ସପେକ୍ଟର ଓ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ପୁରୀ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସାଧାରଣ ପରିଷଦ ବୈଠକ।

## ପ୍ରଧାନଶିକ୍ଷକମାନଙ୍କ ମାସିକ ଯୋଜନା ବୈଠକ

**ପିପିଲି,୩୦।୧୦(ଦୁର୍ଗା ମାଧବ ମିଶ୍ର)**

ପ୍ରଧାନଶିକ୍ଷକମାନଙ୍କ ପଞ୍ଚମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ବୁଧବାର ଗୋବିନ୍ଦପୁର କ୍ଲଷ୍ଟର ଅନ୍ତର୍ଗତ ଅଡ଼ଙ୍ଗପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରେ ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ମଧୁଛନ୍ଦା ମିଶ୍ର, ଜୟନ୍ତୀ ଦାସ, ଜୟଲକ୍ଷ୍ମୀ ସ୍ୱାଇଁ, ଚିନ୍ମୟୀ ସାହୁ, ଲକ୍ଷ୍ମୀଧର ପ୍ରଧାନ, ସନ୍ଧ୍ୟାରାଣୀ ନାୟକ, ସୁମନ୍ତ କୁମାର ବେହେରା, ସ୍ନିଗ୍ଧା ପ୍ରଧାନ ଏବଂ ମୌଳିକ ସଂଖ୍ୟା ଜ୍ଞାନ ଓ ସାକ୍ଷରତା ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷକ ପ୍ରଭାତୀ ମାର୍ଥା, ସୁନାମଣି ଦେଇ, ସନ୍ଧ୍ୟାରାଣୀ ପାତ୍ର, ସସ୍ମିତା ବେହେରା, ସୁଧାଂଶୁବାଳା ପ୍ରଧାନ, ମନ୍ଦାକିନୀ ଦଳେଇ, ସୁପ୍ରିୟା ପ୍ରଧାନ, ସ୍ଥିତପ୍ରଜ୍ଞା ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବିଷୟବସ୍ତୁରେ ଅକ୍ଟୋବରର ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ ଯୋଜନା, ମାନ ନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟର୍, ଜାତୀୟ ଉପଲବ୍ଧି ପରୀକ୍ଷଣ ପାଇଁ ପ୍ରସ୍ତୁତି, ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଆଦି ଆଲୋଚନା କରାଯାଇଥିଲା।

## ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ନିମାପଡ଼ା,୩୦।୧୦(ବିଚିତ୍ରାନନ୍ଦ ସାହୁ)**




ନିମାପଡ଼ା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକର ମୋଟ ୨୨ଟି କ୍ଲଷ୍ଟରରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏନ୍‌ଏସି ଅଧୀନ ଗୋପୀନାଥପାଟଣା ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ଏକ କ୍ଲଷ୍ଟରସ୍ତରୀୟ ବୈଠକ ପ୍ରାକ୍ଟିସିଂ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିଥି ଭାବେ ବିଇଓ ଦ୍ୱିତିକାନ୍ତ ପ୍ରଧାନ, ଏବିଇଓ ପ୍ରତିଭା ମହାନ୍ତି, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ପ୍ରଧାନ ଶିକ୍ଷକ ନିର୍ମଳ ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, ହରିହର ସ୍ୱାଇଁ, ଗୌରୀପ୍ରିୟା ନନ୍ଦ, ମିନାକ୍ଷୀ ପ୍ରଧାନ, ବିବେକିନି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଷୟବସ୍ତୁ, ଶ୍ରେଣୀ ପରିଚାଳନା ସମୟରେ ବିଭିନ୍ନ ସୁବିଧା, ଅସୁବିଧାମାନ ନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟାର ଆଲୋଚନା, ଜାତୀୟ ଉପଲବ୍ଧି ପରୀକ୍ଷା ପାଇଁ ପ୍ରସ୍ତୁତ, ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଗୋପୀନାଥପାଟଣା ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରର ସିଆର୍‌ସିସି ଶିକ୍ଷକ ଲକ୍ଷ୍ମୀଧର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି କାର୍ଯ୍ୟକ୍ରମ ଓ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷାବିତ୍ ସିମାନ୍ତ ଶେଖର ରଥଙ୍କ ସମେତ ୧୪ଟି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓଏଫ୍‌ଏଲ୍‌ଏନ୍‌ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ଶୈକ୍ଷିକ ଆଲୋଚନାଚକ୍ର

**ଡେଲାଙ୍ଗ,୩୦।୧୦(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ପଞ୍ଚଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିପୁଣ ଓଡ଼ିଶା ଓ ପରଖ ପରୀକ୍ଷଣ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ଲକ୍ଷ୍ମଣ ପ୍ରଧାନ ପ୍ରତିବନ୍ଧକ ଓ ଆନନ୍ଦଦାୟକ ଶିକ୍ଷା ମାଧ୍ୟମରେ ଶିଶୁଙ୍କ ଭାଷା ଓ ସଂଖ୍ୟାଜ୍ଞାନକୁ ସୁଦୃଢ଼ କରିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସିଆର୍‌ସିସି ଲୋକନାଥ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ନୃସିଂହ ପାଇକରାୟ ଭାଷା ଓ ଗଣିତ ଶିକ୍ଷଣ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଅଭୟ ରଥ, ଦିଲୀପ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ରବୀନ୍ଦ୍ର ନାଥ, ପ୍ରଦୀପ ସେଠୀ, ତ୍ରିନାଥ ସେନାପତି, ଅଭିମନ୍ୟୁ ମୁଦୁଲି, ଅନ୍ନପୂର୍ଣ୍ଣା ହରିଚନ୍ଦନ, କୁନି ମଲ୍ଲିକ, ବାସନ୍ତୀ ବେହେରାଙ୍କ ସମେତ ବିଭିନ୍ନ କ୍ଲଷ୍ଟରରୁ ୪୦ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ ଅଭୟ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ଟ୍ରାଫିକ୍ ସମସ୍ୟା ଗୁରୁତର, ଅଟକିଲା ଆମ୍ବୁଲାନ୍ସ

**ଯୋଗେଶ୍ୱରପୁର,୩୦।୧୦(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଏକ ଜନଗହଳିପୂର୍ଣ୍ଣ ବଜାର। ଉକ୍ତ ବଜାରକୁ ଦୈନିକ ୬ ବ୍ଲକ, ୩ ଜିଲାର ଲୋକମାନେ ଆସିଥାନ୍ତି। ପ୍ରତ ବୁଧବାର ଓ ରବିବାର ହାଟବାରିଗୁଡ଼ିକରେ ସକାଳ ଓ ସନ୍ଧ୍ୟାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ବୁଧବାର ସନ୍ଧ୍ୟାରେ ଶିଙ୍ଗପାନିଆ ଗ୍ରାମଠାରୁ ନୟାହାଟ ଫାଣ୍ଡି ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ରହିଥିବାରୁ ୧ଘଣ୍ଟା ଧରି ଆମ୍ବୁଲାନ୍ସ ଅଟକି ରହିଥିଲା। ଖବରପାଇ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରା ପହଞ୍ଚି ଟ୍ରାଫିକ ସମସ୍ୟା ଦୂର କରିବା ସହିତ ଆମ୍ବୁଲାନ୍ସକୁ ଛାଡ଼ିଥିଲେ। ବୁଧବାର ହାଟବାରି ଥିବାରୁ ଲୋକମାନେ ରାସ୍ତା ଉପରେ ଗାଡ଼ିମୋଟର ପାର୍କିଂ କରିଥିଲେ। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ସାଧାରଣ ଲୋକେ ରାସ୍ତାରେ ଚାଲିକି ଯିବା କଷ୍ଟକର ହେଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଜବରଦଖଲ ହଟାଇବା ପାଇଁ ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛନ୍ତି।

## ମା’ ଦକ୍ଷିଣକାଳୀଙ୍କ ମସ୍ତକ ସଂଯୋଗ



**ସାକ୍ଷୀଗୋପାଳ,୩୦।୧୦(ଭରତ ରାଉତ)**

କାର୍ତ୍ତିକ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ମା’ ଦକ୍ଷିଣକାଳୀଙ୍କ ପୀଠରେ ପବିତ୍ର କାଳୀପୂଜା ଅମାବାସ୍ୟା ତିଥିରେ ଅନୁଷ୍ଠିତ ହବ। ବର୍ଷସାରା ଏହି ପୀଠରେ ଦକ୍ଷିଣକାଳୀଙ୍କ ପଛିଦିଅଁ ପୂଜା ପାଇଥାନ୍ତି। ବର୍ଷକରେ ମା’ଙ୍କ ପୀଠରେ ଦକ୍ଷିଣକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଅନୁଷ୍ଠିତ ହୁଏ। କାର୍ତ୍ତିକ କୃଷ୍ଣପକ୍ଷ ଦ୍ୱିତୀୟା ତିଥି ଅବସରରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ କାଳିକା ପଡ଼ିଆରେ ମାଟି ଅନୁକୂଳ ହୋଇଥିଲା। ବୁଧବାର ଅପରାହ୍ଣରେ ମା’ ଓ ମହାଦେବଙ୍କ ମୂର୍ତ୍ତିରେ ମସ୍ତକ ସଂଯୋଗ କାର୍ଯ୍ୟକ୍ରମ ଯଥାରୀତି ଅନୁଷ୍ଠିତ ହୋଇଯାଇଛି। ଏହି ମସ୍ତକ ସଂଯୋଗ ପରେ ରାତି ସମୟରେ ମାଟି ନିର୍ମିତ ଅଳଙ୍କାର ଲାଗି ହୋଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଏବଂ ରାତିରେ ବଡ଼ସିଂହାର ବେଶ ଅନୁଷ୍ଠିତ ହେବବୋଲି ମନ୍ଦିର ପୂଜକ କାଶୀନାଥ ମିଶ୍ରଙ୍କଠାରୁ ସୂଚନା ମିଳିଛି।

## ବଳଙ୍ଗା ଥାନାର ନୂତନ ଗୃହ ବୁଲି ଦେଖିଲେ ଅତିରିକ୍ତ ଏସ୍‌ପି




**ବଳଙ୍ଗା,୩୦।୧୦(କେଦାରେଶ୍ୱର ନନ୍ଦ)**

ବଳଙ୍ଗାରେ ନିର୍ମିତ ନୂତନ ଥାନା ଗୃହ ନିରୀକ୍ଷଣ ସହ ହସ୍ତାନ୍ତର ହୋଇଥିବା ସୂଚନା ମିଳିଛି। ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବବ୍ରତ ଚକ୍ର, ପିପିଲି ଉପଖଣ୍ଡ ଅଧିକାରୀ ବିରଞ୍ଚି ନାରାୟଣ ପତି ଓ ବଳଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ପ୍ରମୁଖ ନୂତନ ଥାନା ଗୃହ ବୁଲି ଦେଖିଥିଲେ। ଆସନ୍ତା ସପ୍ତାହରେ ଥାନା ଗୃହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ୧୦୦ ଶିକ୍ଷକଙ୍କୁ ତାଲିମ ପ୍ରଦାନ



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ନିମାପଡ଼ା,୩୦।୧୦(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏକ ୩ ଦିନିଆ ଉଚ୍ଚ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ଶିବିର ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବିଇଓ ପ୍ରତିଭା ମହାନ୍ତି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଲକ୍ଷ୍ମୀଧର ସେଠୀ, ପ୍ରଶିକ୍ଷକ ବରିଷ୍ଠ ଶିକ୍ଷକ ରାଜକିଶୋର ସାହୁ, ସସ୍ମିତା ଚୌଧୁରୀ, ପ୍ରତିମା ରାଉତ, ସଂଯୁକ୍ତା ଶତପଥୀ, ଶଶିଭୂଷଣ ସାହୁ, ମାଣିକପ୍ରଭା ପ୍ରହରାଜ ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷାନୀତି ପଦ୍ଧତିରେ ଶିକ୍ଷାଦାନ, ଶିକ୍ଷାଦାନର କୌଶଳ, କୋମଳମତି ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ଓ ଶିକ୍ଷାର ବିକାଶରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ବିଇଓ ଦ୍ୱିତିକାନ୍ତ ପ୍ରଧାନ ଏଥିରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଶିବିରରେ ନିମାପଡ଼ା ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ସନ୍ଦୀପ ନାରାୟଣ ଦାଶ, ପ୍ରତାପ ସାବୁତ, ମହେନ୍ଦ୍ର ମିଶ୍ର, ନିର୍ମଳ ମିଶ୍ର, କ୍ଷଣପ୍ରଭା ପାତ୍ର, ମିନତି ବେହେରା ପ୍ରମୁଖ ଶିବିର ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାକ୍ଷୀଗୋପାଳ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**ସାକ୍ଷୀଗୋପାଳ,୩୦।୧୦(ଭରତ ରାଉତ)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ବୁଧବାର ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାକୁ ଅଧ୍ୟକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସର୍ବପ୍ରଥମେ ସଭାପତିଙ୍କ ଅନୁମତିକ୍ରମେ ଦୁର୍ନୀତି ନିବାରଣ ଉପରେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ‘ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି’ ଉପରେ ପ୍ରାଧ୍ୟାପକ ରତ୍ନାକର ସାହୁ ଉଦାହରଣ ମାଧ୍ୟମରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଇଂରାଜୀ ବିଭାଗ ପ୍ରାଧ୍ୟାପକ ମନୋଜ କୁମାର ପରିଡ଼ା, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବୈକୁଣ୍ଠ କୁମାର ମେହେର ଦୁର୍ନୀତି ସମାଜର ଏକ ବ୍ୟାଧି ବୋଲି ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଇତିହାସ ବିଭାଗର ଅଧ୍ୟାପିକା ଭାରତୀ ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ମରନାଥ ପାଲ, ଭୂଗୋଳ ବିଭାଗର ଅଧ୍ୟାପକ ସାର୍ଥକ ମିଶ୍ର, କ୍ରୀଡ଼ା ଶିକ୍ଷକ ରଘୁନାଥ ପରିଡ଼ା, ଲାଇବ୍ରେରିଆନ ଆକାଶ ସାହୁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମଟିକୁ ଓଡ଼ିଆ ବିଭାଗର ମୁଖ୍ୟ ତଥା ଯୁକ୍ତ୩ ଜାତୀୟ ସେବା ଯୋଜନାର ଅଧିକାରୀ ଡ. ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।



ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଛାତ୍ରୀଛାତ୍ର ଶପଥପାଠ କରୁଛନ୍ତି।

### କ୍ଲଷ୍ଟରସ୍ତରୀୟ ଶିକ୍ଷୟିତ୍ରୀଶିକ୍ଷକ ବୈଠକ

**ଅସ୍ତରଙ୍ଗ,୩୦।୧୦(ମମତା ଜେନା)**

କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର୍ ଅଧୀନ ବିଭୂତିପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ ବୁଧବାର ସିଆର୍‌ସିସି ଦୁର୍ଗାପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ କ୍ଲଷ୍ଟରର ୬ ପ୍ରଧାନ ଶିକ୍ଷକ ଓ ୭ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲୀପ ଜେନା, ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ପଙ୍କଜିନୀ ଦେଈ, ଜିଲା ପ୍ରକଳ୍ପ ସଂଯୋଜକ ରମେଶ ବଲ୍ଲଭ ସାହୁ ଓ ରାଜଶ୍ରୀ ମିଶ୍ର ମୌଳିକ, ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍)ର ଗୁରୁତ୍ୱ ବିଷୟରେ ଆଲୋଚନା କରି ଏଫ୍‌ଏଲ୍‌ଏନ୍‌କୁ ବିଦ୍ୟାଳୟସ୍ତରରେ ପିଲାଙ୍କ ପାଖରେ ପହଞ୍ଚାଇବା ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ଜ୍ୟୋତିର୍ମୟୀ ବେହେରା, ସବ୍‌ନମ ଆରା, ବରିଷ୍ଠ ଶିକ୍ଷକ ମୁନିର ଅହମ୍ମଦ ଖାଁ, ଶେଖ ଇଦ୍ରିସ, ମୋକାରିବ ଖାଁ, ବିକ୍ରମ ଚରଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାଡ଼ିଲେଣି ଚକଡ଼ା ପୋକ

**ନିମାପଡ଼ା,୩୦।୧୦(ରଞ୍ଜନ ପଟ୍ଟନାୟକ)**



ଫଳନ୍ତି ଧାନରେ ଏବେ ଚକୋଡ଼ା ପୋକ ମାଡ଼ିଲେଣି, ଯାହାକୁ ନେଇ ଏବେ ଚିନ୍ତାରେ ନିମାପଡ଼ା ଅଞ୍ଚଳର ଚାଷୀ। ଆଉ ଦିନ କେଇଟା ପରେ ଧାନ ଅମଳ ହୋଇ ଖଳାକୁ ଆସିଥାଆନ୍ତା। ହେଲେ ଗରମ ଜଳବାୟୁ ଯୋଗୁ ବିଲରେ ଚକୋଡ଼ା କାୟାବିସ୍ତାର କରିବା ଆରମ୍ଭ କରିଛି। ସୂଚନାନୁଯାୟୀ, ଏଥର ନିମାପଡ଼ା କୃଷି ଜିଲା ଅଧୀନ ନିମାପଡ଼ା ବ୍ଲକରେ ମୋଟ ୧୯, ୫୦୦ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ସେଥିମଧ୍ୟରୁ ଶତକଡ଼ା ୨୦ ଭାଗ ଉଚ୍ଚ, ଶତକଡ଼ା ୨୫ ଭାଗ ମଧ୍ୟମ ଏବଂ ଅବଶିଷ୍ଟ ଶତକଡ଼ା ୫୫ ଭାଗ ଖାଲୁଆ ଜମି ରହିଛି। ଚଳିତବର୍ଷ ଅଗଷ୍ଟରୁ ଅକ୍ଟୋବର ପର୍ଯ୍ୟନ୍ତ ସ୍ୱାଭାବିକଠାରୁ କମ୍ ପରିମାଣର ବୃଷ୍ଟିପାତ ହୋଇଛି। ବତ୍ୟା ‘ଦାନା’ ପ୍ରଭାବରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲା, ହେଲେ ବର୍ଷା ହେଲାନାହିଁ। ବର୍ଷା ହୋଇଥିଲେ ପରିବେଶ ଥଣ୍ଡା ହୋଇଥାଆନ୍ତା, ଚକୋଡ଼ା ପୋକଙ୍କ ଦମନ ହୋଇଥାନ୍ତା। ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁ ଗରମ ରହୁଛି। ଯଦ୍ୱାରା ଚକୋଡ଼ା କାୟା ବିସ୍ତାର କରିବାକୁ ଅନୁକୂଳ ବାତାବରଣ ସୃଷ୍ଟି ହେଉଛି। ଆଗକୁ ଯଦି ପରିବେଶ ଥଣ୍ଡା ନ ହୁଏ, ଚକୋଡ଼ା ଧାନ ଫସଲକୁ ନଷ୍ଟ କରିଦେବ। ବର୍ତ୍ତମାନ ବିଲରେ ଧାନ

**ଚିନ୍ତାରେ ଚାଷୀ**

ଗଛ ସବୁ ପାହି କରିବା, ଗଛମୂଳରୁ ଜଳ ନିଷ୍କାସନ, ବିଲରେ ସୋରିଷ ପୀଡ଼ିଆ ସହିତ ଲିମ୍ବ ଓ କରଞ୍ଜ ତେଲ ସିଞ୍ଚନ କରିବା, ବିଲରେ ହଳଦିଆ ଏବଂ ନେଳିଆ କୀଟନାଶକ ଯନ୍ତା ବ୍ୟବହାର କରିବା ଦ୍ୱାରା ମାଟିଆ ଗୁଣ୍ଡି ବା ଚକୋଡ଼ା ପୋକ ଦମନ ହୋଇପାରିବେ ବୋଲି ବରିଷ୍ଠ କୃଷି ବିଶେଷଜ୍ଞ ବିଜୟ ପଟ୍ଟନାୟକ ଏବଂ ସୁଭାଶିଷ ବଳ କହିଛନ୍ତି। ସ୍ଥାନୀୟ କୃଷି ବିଭାଗର ପରାମର୍ଶ ଅନୁଯାୟୀ କ୍ଷେତରେ ଯେତେ କୀଟନାଶକ ପ୍ରୟୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଚାଷୀ ସଂଗ୍ରାମ ପାତ୍ର, ଶରତ ପ୍ରଧାନ, ହରିହର ପ୍ରଧାନ କହିଛନ୍ତି। ଯଦି ପରିସ୍ଥିତିରେ ପରିବର୍ତ୍ତନ ନ ଆସେ ତା’ହେଲେ ଚଳିତବର୍ଷ ଧାନ ଫସଲ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଚାଷୀକୁଳ ଆଶା ଓ ଆଶଙ୍କାରେ ରହିଛି।

# ୨ନୂଆ ରୁଟ୍‌ରେ ଗଡ଼ିଲା ୧୨ ଇ-ବସ୍



ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅଧିକାରୀମାନେ ନୂଆ ଇ-ବସ୍ ସେବାର ଉଦ୍‌ଘାଟନ କରୁଛନ୍ତି।

## ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନ ସେବା ଆରମ୍ଭ

### 'ଓଡ଼ିଶା ଯାତ୍ରୀ' ଆପ୍‌ର ଲୋଗୋ ଉନ୍ମୋଚନକଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ୧୨ଟି ନୂଆ ଇ-ବସ୍ ସେବାର ଶୁଭାରମ୍ଭ କରାଯାଇଛି। ଏସବୁ ବସ୍ ୨ଟି ନୂଆ ରୁଟ୍‌ରେ ଗଡିଛି। ମାଷ୍ଟରକ୍ୟାଣ୍ଟିନରୁ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଭାୟା ୱାଣ୍ଡର୍ଲା ପାର୍କ (ରୁଟ୍ ନଂ.୬୫) ଏବଂ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ପଥରଗାଡ଼ିଆ ଓ କିସ୍ ମହାବିଦ୍ୟାଳୟ ଭାୟା ମାଷ୍ଟରକ୍ୟାଣ୍ଟିନ (ରୁଟ୍ ନଂ.୬୬) ସୃଷ୍ଟି କରାଯାଇଛି। ଏହାସହ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍‌ଷ୍ଟାଣ୍ଡ (ବିଏସ୍‌ଏବିଟି) ବରମୁଣ୍ଡା, ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ଓ ପୁରୀ ବସ୍‌ଷ୍ଟାଣ୍ଡରେ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନ (ଏଟିଭିଏମ୍) ସେବା ଆରମ୍ଭ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ବିଏସ୍‌ଏବିଟିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇ-ବସ୍ ଏବଂ ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଯାତ୍ରୀଙ୍କ ପାଇଁ ନିରାପତ୍ତା ଓ ଜନ ପରିବହନର ଆବଶ୍ୟକତାକୁ ପ୍ରାଥମିକତା ଦିଆଯାଇ ଇ-ବସ୍ ଏବଂ ଏଟିଭିଏମ୍ ସେବାର ଆରମ୍ଭ ହୋଇଛି। ଏହା ସାଧାରଣ ଯାତ୍ରୀଙ୍କୁ ଏକ ଶ୍ରେଷ୍ଠ ଯାତ୍ରା ଅନୁଭୂତି ପ୍ରଦାନ କରିବ। ସ୍ୱୟଂଚାଳିତ ଟିକେଟ ଭେଣ୍ଡିଂ ମେଶିନଗୁଡ଼ିକ ଦ୍ୱାରା ସାଧାରଣ ଯାତ୍ରୀଟିଏ ନିଜେ ଟିକେଟ କାଟି ବସ୍‌ରେ ଯାତ୍ରା କରିପାରିବ। ଏଥିରେ ସମସ୍ତ ରୁଟ୍‌ର ବିସ୍ତୃତ ମାର୍ଗ ସୂଚନା ପ୍ରଦାନ ପାଇଁ ଉନ୍ନତ ଜ୍ଞାନକୌଶଳ ପଦ୍ଧତିକୁ ବ୍ୟବହାର କରାଯାଇଛି। ଟିକେଟ କରିବା ପାଇଁ ନଗଦ ଟଙ୍କା ଆକାରରେ ନୋଟ୍ ଏବଂ ମୁଦ୍ରା ସହିତ ୟୁପିଆଇ ପେମେଣ୍ଟର ସୁବିଧା ରହିଛି। ଏହି ସେବା ଟିକେଟ ପ୍ରକ୍ରିୟାକୁ ସରଳ କରିବା ସହ ଯାତ୍ରୀ ସଂଖ୍ୟା ଏବଂ ରାଜସ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିସହ ମନ୍ତ୍ରୀ ଡ. ମହାପାତ୍ର 'ଓଡ଼ିଶା ଯାତ୍ରୀ' ଆପ୍‌ର ଲୋଗୋ ଉନ୍ମୋଚନ କରିବା ସହ କିଓସ୍କର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଓଡ଼ିଶା ଯାତ୍ରୀ ଆପ୍ ଉଭୟ କ୍ୟାବ୍ ଓ ଅଟୋ ଡ୍ରାଇଭରଙ୍କୁ ସଶକ୍ତ କରିବ। ଓପନ ନେଟ୍‌ୱର୍କ ଡିଜିଟାଲ କମର୍ସ ଯାତ୍ରୀ ଓ ଡ୍ରାଇଭରଙ୍କ ଡିଜିଟାଲ ବାଣିଜ୍ୟ ପ୍ରତିଷ୍ଠାରେ ବ୍ୟାପକ ବିକାଶ କରିବ। ଏନେଇ ପୂର୍ବରୁ କ୍ରୁଟ୍ ସହିତ ଅନ୍ୟ ଏକ କମ୍ପାନୀ ମୁଭିଂ ଟେକ୍, ଓପନ ନେଟ୍‌ୱର୍କ ଡିଜିଟାଲ କମର୍ସ ଏବଂ ଓଡ଼ିଶା ସଡକ ସୁରକ୍ଷା ସୋସାଇଟି ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅଭିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏନ୍ .ତିରୁମାଲା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ କ୍ରୁଟ୍ ୯୭ଟି ରୁଟ୍‌ରେ ୪୭୫ ମୋ ବସ୍ ସେବା ପ୍ରଦାନ କରୁଛି। ସେଥିମଧ୍ୟରୁ ୯୫ଟି ଇ-ବସ୍ ଚଳାଚଳ କରୁଛି।

# ଗଜପତିଙ୍କ ପରେ ଆପତ୍ତି ଉଠାଇଲେ ଶଙ୍କରାଚାର୍ଯ୍ୟ

## ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ

ପୁରୀ, ୩୦।୧୦ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରମ୍ପରା ଓ ସଂସ୍କୃତିକୁ ଅବମାନନା କରି ଇସ୍କନ ପୁଣି ଅଦିନିଆ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି। ଏହାକୁ ଶ୍ରୀମନ୍ଦିର ସେବାୟତଙ୍କ ସମେତ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ମହାପ୍ରଭୁଙ୍କ ପ୍ରତି ଇସ୍କନ କର୍ତ୍ତୃପକ୍ଷ ଅପମାନ କରୁଥିବା ନେଇ ଜଗନ୍ନାଥପ୍ରେମୀ ଅଭିଯୋଗ ଆଣି କ୍ଷୋଭ ପ୍ରକାଶ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଇସ୍କନର ଏଭଳି ଅଦିନିଆ ରଥଯାତ୍ରାକୁ ନେଇ ମଙ୍ଗଳବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଆପତ୍ତି ଉଠାଇଥିବାବେଳେ ବୁଧବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଆମେରିକାର ହୋଷ୍ଟନ ସହରରେ ନଭେମ୍ବର ୯ରେ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି ଇସ୍କନ। ସେହିଭଳି ନଭେମ୍ବର ୩ରେ ସ୍ନାନଯାତ୍ରା ଆୟୋଜନ ହେବା ନେଇ ଇସ୍କନ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ଏହାକୁ ଜଗନ୍ନାଥପ୍ରେମୀ ଏବଂ ସେବାୟତମାନେ ତୀବ୍ର ବିରୋଧ କରିଛନ୍ତି। ପରମ୍ପରା ଓ ଶାସ୍ତ୍ର ଅନୁଯାୟୀ, ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଏବଂ ଜ୍ୟେଷ୍ଠପୂର୍ଣ୍ଣିମାରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ। ସମଗ୍ର ବିଶ୍ୱରେ ମଧ୍ୟ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନ କରାଯାଏ। ରଥଯାତ୍ରା କେଉଁଦିନ ଆୟୋଜନ ହେବ ସେ ନେଇ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି। ମାତ୍ର ସମସ୍ତ ନୀତି ନିୟମ, ଶାସ୍ତ୍ର ପରମ୍ପରାକୁ ଜଳାଞ୍ଜଳି ଦେଇ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା କରାଯାଉଛି। ଏହାକୁ ଗଜପତି ମହାରାଜା ବିରୋଧ କରିଛନ୍ତି। ସେ ହୋଷ୍ଟନ୍‌ସ୍ଥିତ ଇସ୍କନର ମୁଖ୍ୟଙ୍କୁ ଚିଠି ଲେଖି ଅଦିନିଆ ରଥଯାତ୍ରା ଆୟୋଜନକୁ ବାରଣ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଦିନରେ ରଥଯାତ୍ରା ଆୟୋଜନ କରିବା ଶ୍ରୀଜଗନ୍ନାଥ ସଂସ୍କୃତି ତଥା ପରମ୍ପରା ବିରୋଧୀ। ତେଣୁ ସନାତନ ବୈଦିକ ଧର୍ମର ବିଧିବ୍ୟବସ୍ଥା ଓ ପରମ୍ପରାକୁ ସମ୍ମାନ ଜଣାଇ ଅଦିନିଆ ରଥଯାତ୍ରା ଆୟୋଜନ ବନ୍ଦ କରାଯାଉ। ତିଥି ଓ ପରମ୍ପରା ଅନୁଯାୟୀ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା କରାଯାଉ ବୋଲି ସେ ନିବେଦନ କରିଛନ୍ତି। ସେହିପରି ଇସ୍କନର ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିନ୍ଦା କରିଛନ୍ତି। ସେ କହିଛନ୍ତି, ବିଧି ଓ ଭାବନା ମଧ୍ୟରେ ସାମଞ୍ଜସ୍ୟକୁ ନେଇ କାର୍ଯ୍ୟ କଲେ ସଫଳତା ମିଳିଥାଏ। ଇସ୍କନ ସଂସ୍ଥାକୁ ରଥଯାତ୍ରା କରାଯିବାର ବିଧି ଜଣାଥିଲେ ମଧ୍ୟ ଖ୍ୟାତି ଅର୍ଜନ ନିମନ୍ତେ ଏପରି ଅଦିନରେ ରଥଯାତ୍ରା ଆୟୋଜନ ସହ ଜାଣିଶୁଣି ବିଧି ପରମ୍ପରାକୁ ଉଲ୍ଲଂଘନ କରୁଛି। ଏହାଦ୍ୱାରା ସଫଳତା ପରିବର୍ତ୍ତେ ବିଫଳତା ମିଳିଥାଏ। ଶ୍ରୀମନ୍ଦିର ପରମ୍ପରା ମୁତାବକ ରଥଯାତ୍ରା କରିବାକୁ ପୂର୍ବରୁ କୁହାଯାଇଛି। ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଇସ୍କନ କର୍ତ୍ତୃପକ୍ଷଙ୍କୁ ଗଜପତି ମହାରାଜା ଚିଠି ଲେଖିବା ଘଟଣାକୁ ଶଙ୍କରାଚାର୍ଯ୍ୟ ସ୍ୱାଗତ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ପୂଜାପଣ୍ଡା ସେବାୟତ ମାଧବ ଚନ୍ଦ୍ର ପୂଜାପଣ୍ଡା କହିଛନ୍ତି, ଏନେଇ ପୂର୍ବରୁ ଇସ୍କନକୁ ବାରମ୍ବାର ଅବଗତ କରାଯିବା ସହ ଆପତ୍ତି ଉଠାଯାଇଛି। ତେବେ ଆପତ୍ତି କେବଳ କାଗଜ କଲମରେ ରହିଲେ ହେବନାହିଁ। ଏନେଇ ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ମିଳିତ ଭାବେ କଠୋର ପଦକ୍ଷେପ ନେବା ଉଚିତ। ଇସ୍କନ ଅଦିନରେ ରଥଯାତ୍ରା କରିବା ଅର୍ଥ ମନରେ ମହାପ୍ରଭୁଙ୍କ ପ୍ରତି ଭକ୍ତିଭାବ ନ ଥିବା ଦର୍ଶାଉଛି। ତେଣୁ ଇସ୍କନ କର୍ତ୍ତୃପକ୍ଷ ଏପରି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ପ୍ରଥମେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ଅବଗତ ହୁଅନ୍ତୁ। କେବେ କେଉଁ ନୀତି ପାଳନ କରିବେ ସେ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରନ୍ତୁ। ତିଥି ପରମ୍ପରା ନ ଜାଣି ଏଭଳି କାର୍ଯ୍ୟ କରିବା ଅକ୍ଷମଣୀୟ ବୋଲି ପୂଜାପଣ୍ଡା କହିଛନ୍ତି।

# ନଭେମ୍ବର ୧ରୁ ଅଲିଭ୍‌ରିଡ୍‌ଲେ କଇଁଛ କଟକଣା ଆରମ୍ଭ

## ୭ ମାସ ଯାଏ ନିଷିଦ୍ଧାଞ୍ଚଳରେ ମାଛଧରା, ଟ୍ରଲର ଚଳାଚଳ ବନ୍ଦ

ରାଜନଗର, ୩୦।୧୦ (ଭାସ୍କର ରାଉତରାୟ)

ନଭେମ୍ବର ୧ରୁ ଆରମ୍ଭ ହେଉଛି ଅଲିଭ ରିଡ୍‌ଲେ କଇଁଛ ଲାଗି କଟକଣା। ଅଲିଭ୍ ରିଡ୍‌ଲେଙ୍କ ଅନ୍ତୁଡ଼ିଶାଳ ଭାବେ ୧୪୩୭ ବର୍ଗ କି.ମି. ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଣରୁ ଦେବୀ ମୁହାଣ ଯାଏ ୧୬୦ କି.ମି. ପର୍ଯ୍ୟନ୍ତ ଲାଗିବ କଟକଣା। ନଭେମ୍ବର ୧ରୁ ମେ ୩୧ ତାରିଖ ଯାଏ ୭ ମାସ ଧରି ନିଷିଦ୍ଧାଞ୍ଚଳ ମଧ୍ୟରେ ମାଛଧରା ଓ ଟ୍ରଲର ଚଳାଚଳ ବନ୍ଦ ରହିବ। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ରହିଥାଏ। କଇଁଛ ଋତୁ ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ଧାମରା ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ରକୂଳଠାରୁ ୨୦କି.ମି. ଯାଏ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଚଳାଚଳ ବନ୍ଦ ସହ ମାଛଧରା ଉପରେ କଟକଣା ଜାରି କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ କଇଁଛଙ୍କ ସୁରକ୍ଷା ପାଇଁ ୧୪ଟି ସ୍ଥାନରେ ଟର୍ଟଲ୍ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯିବ। ଅଫିସର କ୍ୟାମ୍ପରେ ୫ ଜଣ ଓ ଅନ୍ୟ ୧୪ଟି କ୍ୟାମ୍ପରେ ୩ ଜଣ ଲେଖାଏ କର୍ମଚାରୀଙ୍କୁ ନିୟୋଜିତ କରାଯିବ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆସିଲା ୭୧ ଲକ୍ଷର ବାତ୍ୟା ସହାୟତା

ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)

ବାତ୍ୟା 'ଦାନା' କ୍ଷତିଗ୍ରସ୍ତଙ୍କ ସହାୟତା ଓ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ବୁଧବାର ଲୋକସେବା ଭବନଠାରେ ବିଭିନ୍ନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ରାଶି ପ୍ରଦାନ କରିଛନ୍ତି। ବାତ୍ୟା ବିପନ୍ନଙ୍କ ସହାୟତା ପାଇଁ ସେମାନଙ୍କ ଠାରୁ ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, କେଏମ୍‌ଭି ପ୍ରୋଜେକ୍ଟ ଲିମିଟେଡ୍ ପକ୍ଷରୁ ୫୦ଲକ୍ଷ ଟଙ୍କା, ବିଜ୍ଞାନ ଭାରତୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୧୦ଲକ୍ଷ ଟଙ୍କା, ହାଇ ଇଲ୍ଡ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୫ ଲକ୍ଷ ଟଙ୍କା, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ପକ୍ଷରୁ ୨ ଲକ୍ଷ ଟଙ୍କା, ଶିବାନୀ ରିସୋର୍ସେସ୍ ପକ୍ଷରୁ ୨ ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱର ସେଣ୍ଟ୍ ଜାଭିୟର୍ସ ସ୍କୁଲ ପିଲାମାନଙ୍କ ପକ୍ଷରୁ ୨ଲକ୍ଷ ୧ ହଜାର ଟଙ୍କାର ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସମୁଦାୟ ୬ଟି ସଂସ୍ଥା ୭୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟର ବିପଦ ସମୟରେ ରାଜ୍ୟବାସୀଙ୍କୁ ସହାୟତା କରିବା ପାଇଁ ସହୃଦୟତାର ସହ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ କମିବ

ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)

ଏବେ ବି ଦିନରେ ପ୍ରବଳ ଖରା ଓ ଗରମ ଅନୁଭୂତ ହେଉଛି। ହେଲେ ରାତିରେ କୁହୁଡ଼ି ପଡ଼ିବା ସହ ଥଣ୍ଡା ଲାଗୁଛି। ଧୀରେ ଧୀରେ ରାଜ୍ୟରେ ତାପମାତ୍ରା କମିବା ସହ ଶୀତ ପଡ଼ିବ। ଗୁରୁବାରଠାରୁ ଉତ୍ତର ଭାରତ ପଟୁ ଥଣ୍ଡା ପବନ ବହିବାକୁ ଥିବାରୁ ଭୁବନେଶ୍ୱର ସମେତ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ନଭେମ୍ବର ପହିଲାରୁ ସର୍ବନିମ୍ନ ତାପମାତ୍ରାରେ ଆହୁରି ହ୍ରାସ ଘଟିବ। ସେପଟେ ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ମେଘୁଆ ପାଗ ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ବରଗଡ଼, ସୋନପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜର କିଛି ସ୍ଥାନରେ ସାମାନ୍ୟ ବର୍ଷା ହେବ। ତେଣୁ ସୋମବାର ସୁଦ୍ଧା ରାତିର ତାପମାତ୍ରାରେ ୩ ଡିଗ୍ରୀ କମିପାରେ। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଗୁରୁବାର ରାତିରୁ ପରବର୍ତ୍ତୀ ୩ଦିନ ମଧ୍ୟରେ ରାତି ତାପମାତ୍ରା ପ୍ରାୟ ୪ ଡିଗ୍ରୀ କମିପାରେ। ତେବେ ଭୁବନେଶ୍ୱର ସମେତ ଉପକୂଳ ଅଞ୍ଚଳରେ ନଭେମ୍ବର ୧ରୁ ୫ ତାରିଖ ଭିତରେ ସର୍ବନିମ୍ନ ରାତି ତାପମାତ୍ରା ପ୍ରାୟ ୨ ଡିଗ୍ରୀ ସେଲସିୟସ କମିପାରେ।

# ଅନ୍ତ୍ୟୋଦୟ କାର୍ଡର ଯାଞ୍ଚ ହେବ

## ନଭେମ୍ବରରେ ମିଳିବ ନୂଆ ରାଶନ କାର୍ଡ

ଭୁବନେଶ୍ୱର,୩୦।୧୦(ଅନିଲ ଦାସ)

ଅନ୍ତ୍ୟୋଦୟ ଅନ୍ନ ଯୋଜନା (ଏଏୱାଇ)ରେ ଜାଲିଆତି ହେଉଛି। ବହୁ ଅଯୋଗ୍ୟ ବ୍ୟକ୍ତି ମାସକୁ ୩୫ କିଲୋ ଚାଉଳ ନେଉଛନ୍ତି। ରାଜ୍ୟରେ ପ୍ରାୟ ୧ ଲକ୍ଷ ହିତାଧିକାରୀ ଏଭଳି କାର୍ଡ ହାତେଇ ମାଗଣାରେ ଚାଉଳ ନେଉଛନ୍ତି। ଆର୍ଥିକ ଅବସ୍ଥା ଭଲ ଥାଇ ମଧ୍ୟ ଗୋଟିଏ ଘରୁ ୩ ଜଣ ଅନ୍ତ୍ୟୋଦୟ କାର୍ଡ ହାତେଇଛନ୍ତି। ପୂର୍ବ ସରକାର ସମୟରେ ଦଳୀୟ ଭିତ୍ତିରେ ଏହି କାର୍ଡ ବଣ୍ଟାଯାଇଛି। ସେସବୁର କ୍ଷେତ୍ର ସ୍ତରରେ ଯାଞ୍ଚ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏଥିସହିତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ମଧ୍ୟ ଅନେକ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇଛନ୍ତି। ସେମାନଙ୍କୁ ମଧ୍ୟ ଚିହ୍ନଟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ନୂଆ ରାଶନ କାର୍ଡ ପାଇବା ପାଇଁ ୧୦ ଲକ୍ଷ ଲୋକ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ସେମାନଙ୍କ ଆବେଦନପତ୍ର ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ବଣ୍ଟନ କରାଯିବ। ନଭେମ୍ବରରୁ ନୂଆ ରାଶନ କାର୍ଡ ଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏବେ ଇ-କେୱାଇସି ପ୍ରକ୍ରିୟା ଚାଲିଛି। ଏହା ଶେଷ ହେବା ପରେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଜଣାପଡ଼ିବ। ଡିଲର ପଏଣ୍ଟରେ ମଧ୍ୟ ରାଶନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଅପଡେଟ୍ ଚାଲିଛି। ନାଁ ଓ ଆଧାର ନମ୍ବର ଯାଞ୍ଚ ପରେ ହିତାଧିକାରୀଙ୍କ ଦସ୍ତଖତ ଓ ଟିପ ଚିହ୍ନ ନିଆଯାଉଛି। ପରିବାରର ସମସ୍ତ ସଦସ୍ୟ ଯେଉଁମାନଙ୍କ ନାଁରେ ରାଶନ ମିଳୁଛି, ସମସ୍ତଙ୍କର ଯାଞ୍ଚ ହେଉଛି। ଇ-କେୱାଇସି ଜରିଆରେ ଡିଲର ଅପଡେଟ୍ କରୁଛନ୍ତି। ନାଁ ନ ଥାଇ କିଏ ରାଶନ ନେଉଛନ୍ତି ତ କିଏ ମରିବାର ବର୍ଷ ବର୍ଷ ବିତିଥିଲେ ମଧ୍ୟ ରାଶନ କାର୍ଡରୁ ନାଁ କଟିନି। ଏପରି ୧୬ ଲକ୍ଷ ନକଲି କାର୍ଡ ଏବେ ସୁଦ୍ଧା ଠାବ କରାଯାଇ ପାରିଛି। ଯାଞ୍ଚ ପରେ ଆହୁରି ବାହାରିବା ସମ୍ଭାବନା ରହିଛି। ହଜାର ହଜାର ବଡ଼ବଡ଼ିଆ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ଲାଭ ଉଠାଉଛନ୍ତି। ସେ ସବୁର ଯାଞ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍-୨୦୨୪

୨୩-୨୪ ନଭେମ୍ବର ୨୦୨୪



ସିଟି ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର।



ସୋନପୁର ମହାବିଦ୍ୟାଳୟ, ସୋନପୁର।



ଭଦ୍ରକ ମହିଳା ମହାବିଦ୍ୟାଳୟ, ଭଦ୍ରକ।



ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ରୋଡ୍।

# ଦିଗପହଣ୍ଡିରେ ବୁଲୁଛି ମହାବଳ, ପାଦଚିହ୍ନ ଠାବ

## ବାଘର ଗତିପଥରେ ନଜର ରଖିଛି ଟ୍ରାପ୍ କ୍ୟାମେରା

ଦିଗପହଣ୍ଡି,୩୦।୧୦(ଅଶେଷ ନାଥ ମିଶ୍ର)

ଗଞ୍ଜାମ- ଗଜପତି ଜିଲା ସୀମାନ୍ତ ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତର ଆଦିବାସୀ ଗ୍ରାମ ପଦ୍ମପୁର ନିକଟସ୍ଥ ମକାବାଡରେ ମହାବଳ ବାଘର ପାଦ ଚିହ୍ନକୁ ବନବିଭାଗ ପକ୍ଷରୁ ଠାବ କରାଯାଇଛି। ବାଘ ବୁଲୁଥିବା ଖବର ବୁଧବାର ସକାଳେ ପ୍ରଚାରିତ ହେବାପରେ ସମ୍ପୃକ୍ତ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ମଙ୍ଗଳବାର ରାତିରେ ଖମାରୀ ଗାଁ ଘୋଡାହାଡ ଡ୍ୟାମ ନିକଟସ୍ଥ ପଦ୍ମପୁର ଗ୍ରାମର ମଙ୍ଗଳା ମଣ୍ଡଳଙ୍କ ୪ଟି ବଳଦ ନିକଟସ୍ଥ ମକା ବାଡରେ ବନ୍ଧା ହୋଇଥିଲେ। ମଧ୍ୟ ରାତ୍ରିରେ ବଳଦର


ମକାବାଡ଼ରେ ବାଘର ପାଦଚିହ୍ନ।

ରଡ଼ି ଶୁଣି କେତେ ଜଣ ଗ୍ରାମବାସୀ ଦୌଡି ଯାଇ ଦେଖିବା ବେଳକୁ ବାଘ ବଳଦକୁ ମାରି ଚାଲିଯାଇଥିଲା। ବୁଧବାର ସକାଳେ ଖବରପାଇ ଦିଗପହଣ୍ଡି ବନାଞ୍ଚଳ କର୍ମଚାରୀ ସେଠାରେ ପହଞ୍ଚି ମକାବାଡରେ ପଡିଥିବା ବାଘର ପାଦ ଚିହ୍ନ ଠାବ କରିଥିଲେ। ଏପରିକି ବନବିଭାଗ ପକ୍ଷରୁ ୩ ଟିମ୍ ଗଠନ କରାଯାଇ ବାଘର ଗତିପଥକୁ ଅନୁଧ୍ୟାନ କରାଯାଉଛି। ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲଗାଯାଇଥିବା ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ କହିଛନ୍ତି। ବନବିଭାଗ ପକ୍ଷରୁ ସଂଗୃହୀତ ପାଦ ଚିହ୍ନ ମହାବଳ ବାଘର। ସମ୍ପୃକ୍ତ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମର ଗ୍ରାମବାସୀ ସନ୍ଧ୍ୟା ହେଲେ ଘରୁ ନ ବାହାରିବାକୁ ରେଞ୍ଜର ସାହୁ କହିଛନ୍ତି।

**ଗୁଜରାଟରେ ୨୮୪ କୋଟି ମୂଲ୍ୟର ପ୍ରକଳ୍ପ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଗୁଜରାଟର ନର୍ମଦା ଜିଲାର ଏକତା ନଗରରେ ଥିବା ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ ଗସ୍ତ କରିଛନ୍ତି। ଏହି ଅବସରରେ ସେ ୨୮୪ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨ ଦିନିଆ ଗୁଜରାଟ ଗସ୍ତରେ ଥିବା ମୋଦି ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ଯୋଗଦେବେ।



## ସଂକ୍ଷେପରେ

### ନାବାଳକଙ୍କ ମୁଣ୍ଡ କାଟ୍



ଯୌନପୁର,୩୦।୧୦

୪ ଦଶନ୍ଧି ପୁରୁଣା ଏକ ଜମି ବିବାଦକୁ ନେଇ ଉତ୍ତର ପ୍ରଦେଶର ଯୌନପୁରରେ ବୁଧବାର ଜଣେ ନାବାଳକଙ୍କୁ ହତ୍ୟା କରାଯାଇଛି। କେତେଜଣ ବ୍ୟକ୍ତି ଖଣ୍ଡାରେ ୧୭ ବର୍ଷୀୟ ଅନୁରାଗ ଯାଦବଙ୍କୁ ହତ୍ୟା କରିଛନ୍ତି। ଗଉରାବାଦଶାହପୁର ଥାନା ଅଧୀନ କବିରୁଦ୍ଦିନ୍ ଗ୍ରାମର ଏକ ଜମିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ୪୦-୪୫ ବର୍ଷ ଧରି ବିବାଦ ଲାଗି ରହିଥିଲା। ସିଭିଲ୍ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ବୁଧବାର ଏହାକୁ ନେଇ ସଂଘର୍ଷ ହୋଇଥିଲା। ରାମଜିତ୍ ଯାଦବଙ୍କୁ କେତେଜଣ ବ୍ୟକ୍ତି ମାରପିଟ୍ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖଣ୍ଡା ବୁଲାଇବାରେ ଲାଗିଥିଲେ। ଖଣ୍ଡା ଚୋଟରେ ରାମଜିତ୍‌ଙ୍କ ପୁଅ ଅନୁରାଗଙ୍କ ମୁଣ୍ଡ କଟି ଗଣ୍ଡିରୁ ବିଚ୍ଛିନ୍ନ ହୋଇଯାଇଥିଲା। ଅନୁରାଗଙ୍କ ମା' ତାଙ୍କ କଟାମୁଣ୍ଡକୁ ଅନେକ ଘଣ୍ଟା ପର୍ଯ୍ୟନ୍ତ ନିଜ କୋଳରେ ଧରି କାନ୍ଦିଥିଲେ। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି। କିନ୍ତୁ ଖଣ୍ଡା ବୁଲାଇଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଥିବା ଦେଖି ଅନେକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିବା ଯୌନପୁର ଏସ୍‌ପି ଅଜୟ ପାଲ୍ ଶର୍ମା ସୂଚନା ଦେଇଛନ୍ତି।

### ୩ ଆତଙ୍କବାଦୀ ନିହତ

ଜମ୍ମୁ,୩୦।୧୦

ଜମ୍ମୁ-କଶ୍ମୀର ଅଖନୁର ସେକ୍ଟରରେ ସେନା ସହ ଗୁଳି ବିନିମୟ ବେଳେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ପାକ୍-ଅଧିକୃତ କଶ୍ମୀର (ପିଓକେ)ରୁ ନିକଟରେ ଅନୁପ୍ରବେଶ କରିଥିଲେ। ସେମାନେ ଏକ ବଡ଼ ଧରଣର ଆକ୍ରମଣ ଯୋଜନା ଚଳାଇଥିଲେ ବୋଲି ବୁଧବାର ଭାରତୀୟ ସେନାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗୋଇନ୍ଦା ରିପୋର୍ଟ ଅନୁସାରେ ୩ ଜୈଶ ଆତଙ୍କବାଦୀ ବାଟାଲ ଏରିଆ ଦେଇ ଅଖନୁର ରିଜିୟନ୍‌କୁ ଅନୁପ୍ରବେଶ କରିଥିଲେ। ଏହି ରୁଟ୍ ଦେଇ ପୂର୍ବରୁ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀମାନେ ଅନୁପ୍ରବେଶ କରିଆସୁଥିଲେ। ତେବେ ଜୈଶ୍ ଆତଙ୍କବାଦୀମାନେ ଅନୁପ୍ରବେଶ କରୁଥିବାବେଳେ ସ୍ଥାନୀୟ ପିଲାମାନେ ସେମାନଙ୍କୁ ଦେଖିଥିଲେ। ଏନେଇ ସୂଚନା ମିଳିବା ପରେ ସୋମବାର ସକାଳଠାରୁ ଏନ୍‌କାଉଣ୍ଟର ଚାଲିଥିଲା, ଯାହାକି ବୁଧବାର ଶେଷ ହୋଇଛି ବୋଲି ୧୦ ଇନ୍‌ଫାଣ୍ଟ୍ରି ବାଟାଲିୟନ୍‌ର ମେଜର ଜେନେରାଲ ସମୀର ଶ୍ରୀବାସ୍ତବ କହିଛନ୍ତି।

### ବିଷ୍ଣୋଇ ସମାଜର ଜୀବ ରକ୍ଷକ ଲରେନ୍ସ

ଚଣ୍ଡିଗଡ଼,୩୦।୧୦

ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଅଖିଳ ଭାରତ ଜୀବ ରକ୍ଷା ବିଷ୍ଣୋଇ ସଭା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ମଙ୍ଗଳବାର ରାତିରେ ପଞ୍ଜାବର ଅବୋହରରେ ଅନୁଷ୍ଠିତ ବିଷ୍ଣୋଇ ସମାଜ ବୈଠକରେ ଲରେନ୍ସ ସର୍ବସମ୍ମତିକ୍ରମେ ଏହି ପଦବୀ ପାଇଁ ନିର୍ବାଚିତ ହୋଇଥିବା ବିଷ୍ଣୋଇ ସମାଜ ମୁଖ୍ୟ ଇନ୍ଦରପାଲ ବିଷ୍ଣୋଇ ସୂଚନା ଦେଇଛନ୍ତି। ପ୍ରାଣୀ, ପରିବେଶ ସୁରକ୍ଷା ଏବଂ ଅମୃତା ଦେବୀ ବିଷ୍ଣୋଇଙ୍କ ଲିଗାସି ସହ ୧୭୩୦ ମସିହାରେ ରାଜସ୍ଥାନରେ ଖେଜାରି ବୃକ୍ଷର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ୩୬୩ ବିଷ୍ଣୋଇଙ୍କ ଲିଗାସିର ରକ୍ଷା ଲରେନ୍ସଙ୍କ ଦାୟିତ୍ୱ ବୋଲି ନିଯୁକ୍ତିପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରକାଶ ଯେ, ଅହମଦାବାଦର ସାବରମତି ସେଣ୍ଟ୍ରାଲ ଜେଲରେ ଥିବା ୩୩ ବର୍ଷୀୟ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଓ ମୁମ୍ବାଇରେ ୩ ଡଜନ୍‌ରୁ ଊର୍ଦ୍ଧ୍ୱ ମାମଲା ରହିଥିବାବେଳେ ଭାରତ ସରକାରଙ୍କ ଇଙ୍ଗିତରେ ସେ ସୁପାରି ନେଇ ଅପରାଧ ଘଟାଉଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିଛନ୍ତି।



ଲରେନ୍ସ ବିଷ୍ଣୋଇ

# ଅନିଶ୍ଚିତତାରେ ଭାରତୀୟ ଅର୍ଥନୀତି

ନୂଆଦିଲ୍ଲୀ,୩୦।୧୦

କିଛି ଘଣ୍ଟା ପରେ ଦେଶରେ ଆଲୋକର ପର୍ବ ଦୀପାବଳି ପାଳନ କରାଯିବ। ବାଣ ଫୁଟା ଭିତରେ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠିବ ଆକାଶ। କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅନୁଧ୍ୟାନକଲେ ଭାରତୀୟ ଅର୍ଥନୀତିରେ ଏହାର ବିରୋଧାଭାସ ଦେଖିବାକୁ ମିଳୁଛି। ବଜାର ଉପରୁ ଦେଶର ନିବେଶକମାନଙ୍କ ଆସ୍ଥା ତୁଟିବାରେ ଲାଗିଥିବାବେଳେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ବେରୋଜଗାରି ହାର ଉଚ୍ଚରେ ରହିଛି, ଋଣବୋଝ ବଢ଼ିବାରେ ଲାଗିଛି। ଏଭଳି ସମୟରେ ଭାରତୀୟ ମୁଦ୍ରା କ୍ରମଶଃ ଦୁର୍ବଳ ହୋଇଯାଇଛି। ଏହିସବୁ ଆର୍ଥିକ ଅଧୋଗତିର ସଙ୍କେତ ଭିତରେ ସୁନାଦର ଆକାଶଛୁଆଁ ହୋଇଛି, ସତେଯେମିତି ସାଧାରଣ ଲୋକଙ୍କ ପାଇଁ ଏହା ଆଦୌ ଉଦ୍ଦିଷ୍ଟ ନୁହେଁ। ଉପଭୋକ୍ତାଙ୍କ ଚାହିଦା ବଢୁ ନ ଥିବାରୁ ଉତ୍ପାଦକମାନେ ମଧ୍ୟ ଅଧିକ ସାମଗ୍ରୀ ଉତ୍ପାଦନ କରିବାକୁ ମଙ୍ଗୁନାହାନ୍ତି। ବୈଶ୍ୱିକ ଅନିଶ୍ଚିତତା ଲାଗିରହିଥିବାବେଳେ ଉପଭୋକ୍ତା 'ୱିକ୍ ସେଣ୍ଟିମେଣ୍ଟ' ଏବଂ ଆୟ ହ୍ରାସ ଯୋଗୁ ଅଟୋମୋବାଇଲ୍ ଭଳି ସେକ୍ଟରଗୁଡ଼ିକ ପଛରେ ପଡ଼ିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅର୍ଥନୀତିକୁ ଟ୍ରାକ୍‌କୁ ଆଣିବା ପାଇଁ ସଂଘର୍ଷ କରୁଥିବାବେଳେ ବିରୋଧୀ କଂଗ୍ରେସ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କୁ ଟାର୍ଗେଟ କରିଛି। ଭାରତ ଅନେକ ବର୍ଷ ମଧ୍ୟରେ ବର୍ତ୍ତମାନ ସବୁଠୁ ଅନିଶ୍ଚିତ ଓ କଠିନ ସମୟ ଦେଇ ଗତି କରୁଥିବାରୁ ଦେଶରେ ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ ସମାଲୋଚନା କରିଛନ୍ତି।

ଏଆଇସିସି ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ଜୟରାମ ରମେଶଙ୍କ ମତରେ ଦେଶରେ ମଜୁରି ବୃଦ୍ଧିରେ ସ୍ଥାଣୁତା, ମୁଦ୍ରାସ୍ଫୀତି ଓ ଅସମାନତା ଯୋଗୁ ଖାଉଟିଙ୍କ ବ୍ୟୟଶକ୍ତି ହ୍ରାସ ପାଇଛି। ଉକ୍ତ ସୂଚକାଙ୍କଗୁଡ଼ିକୁ

### କେନ୍ଦ୍ରର ଭୁଲ୍ ନୀତିକୁ ଦାୟୀକଲା କଂଗ୍ରେସ



ଜୟରାମ ରମେଶ

ଗମ୍ଭୀରତା ସହ ନିଆ ନ ଗଲେ ଆଗାମୀ ଦିନରେ ଏହା ଅଭିବୃଦ୍ଧିର ତଣ୍ଟି ଚିପିଦେବ। ଜୟରାମ ଆହୁରି କହିଛନ୍ତି, ଗତ ୩ ଦଶନ୍ଧି ଧରି ଭାରତର ଅଭିବୃଦ୍ଧି ଉପଭୋକ୍ତା ଆଧାରିତ ହୋଇ ରହିଆସିଥିଲା। ଅନେକ କୋଟି ପରିବାର ଦାରିଦ୍ର୍ୟରୁ ମୁକୁଳି ମଧ୍ୟବିତ୍ତ ଶ୍ରେଣୀକୁ ପ୍ରବେଶ କରୁଥିଲା। କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ଉପଭୋକ୍ତା ଆଧାରିତ ଅଭିବୃଦ୍ଧି ନିମ୍ନଗାମୀ ହେବାରେ ଲାଗିଛି, ଯାହାକି ଭାରତୀୟ ଅର୍ଥନୀତି ପାଇଁ ସବୁଠୁ ଯନ୍ତ୍ରଣାଦାୟକ। ଭାରତର ମଧ୍ୟବିତ୍ତ ଶ୍ରେଣୀ ସଙ୍କୁଚିତ ହେବାରେ ଲାଗିଛନ୍ତି। ଏଥିପାଇଁ ଜୟରାମ ମଜୁରି ବୃଦ୍ଧିରେ ସ୍ଥାଣୁତା, ମୁଦ୍ରାସ୍ଫୀତି ଓ ଅସମାନତାକୁ ଦାୟୀ କରିଛନ୍ତି।

ଜୟରାମ ଆହୁରି କହିଛନ୍ତି, ଶ୍ରମିକମାନେ ୧୦ ବର୍ଷ ପୂର୍ବେ ଯାହା କିଣିପାରୁଥିଲେ, ବର୍ତ୍ତମାନ ତାହା କିଣିବାକୁ ଅକ୍ଷମ। ଆନୁଆଲ ସର୍ଭେ ଅଫ୍ ଇଣ୍ଡଷ୍ଟ୍ରିଜ୍ (ଏଏସ୍‌ଆଇ) ୨୦୨୨-୨୩ ଭଳି ସରକାରଙ୍କ ନିଜସ୍ୱ ପରିସଂଖ୍ୟାନରୁ ଏହା ସ୍ପଷ୍ଟ ଜଣାପଡୁଛି। ସେହିପରି ମଜୁରି ବଢୁ ନ ଥିବାରୁ ଭାରତୀୟ ଶ୍ରମିକଙ୍କ ଉତ୍ପାଦନଶୀଳତା ପ୍ରଭାବିତ ହୋଇଛି। ଆୟ ବୃଦ୍ଧି ଘଟୁ ନ ଥିବାରୁ କର୍ମଜୀବୀ ପରିବାର ପୂର୍ବାପେକ୍ଷା କମ୍ ବ୍ୟୟ କରୁଛନ୍ତି। ଜୟରାମ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଡେପୁଟି ଗଭର୍ନର ଡ. ଭିରାଲ ଆଚାର୍ଯ୍ୟଙ୍କ ମନ୍ତବ୍ୟକୁ ଉଦ୍ଧୃତ କରି କହିଛନ୍ତି, ଗତ ଦଶନ୍ଧିରେ ଆଦାନୀ ଗ୍ରୁପ୍ ଭଳି ୫ଟି ବଡ଼ ଶିଳ୍ପ ସଂସ୍ଥାର ଉନ୍ନତି ଘଟିଛି। ଏହି କମ୍ପାନୀଗୁଡ଼ିକ ସିମେଣ୍ଟ, କେମିକାଲ, ପେଟ୍ରୋଲ ଓ ନିର୍ମାଣ ଭଳି ୪୦ଟି କ୍ଷେତ୍ରରେ ଏକଚାଟିଆ କାରବାର କରୁଛନ୍ତି।

୨୦୧୫ରେ ଜଣେ ସାଧାରଣ ବ୍ୟକ୍ତି ୧୦୦ ଟଙ୍କା ଦେଇ ସାମଗ୍ରୀ କିଣିପାରୁଥିଲେ। ସେତେବେଳେ ସେ ଶିଳ୍ପପତି ମାଲିକଙ୍କୁ ୧୮% ପଇଠ କରୁଥିଲେ। କିନ୍ତୁ ଆଜି ତାଙ୍କୁ ଶିଳ୍ପପତି ମାଲିକଙ୍କୁ ୩୬ ଟଙ୍କା ଲାଭ ଆକାରରେ ଦେବାକୁ ପଡୁଛି। ଅଳ୍ପ କିଛି ବର୍ଷ ଭିତରେ ସାମଗ୍ରୀଗୁଡ଼ିକର ଦରଦାମ୍ ଏତେ ବଢ଼ିଯାଇଛି ଯେ, କେବଳ ଏଭଳି କମ୍ପାନୀଗୁଡ଼ିକ ଲାଭବାନ ହୋଇଛନ୍ତି। ସାରା ଦେଶରେ ଆର୍ଥିକ ଅସମାନତା ସର୍ବୋଚ୍ଚ ସ୍ତରକୁ ଛୁଇଁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଲିୟନେୟାର ରାଜ୍ ବ୍ରିଟିଶ୍ ରାଜ୍‌ର ଅସମାନତାକୁ ପଛରେ ପକାଇ ଦେଇଛି। ଅନୁରୂପ ଭାବେ ପୁଞ୍ଜିନିବେଶ ହ୍ରାସରୁ ମଧ୍ୟମ ଓ ଦୀର୍ଘମିଆଦୀ ମୋଟ ଘରୋଇ ଉତ୍ପାଦ (ଜିଡିପି) ହାର କମିବାରେ ଲାଗିଛି, ଯାହାକି ଦେଶର ବେରୋଜଗାରି ସଙ୍କଟ ପାଇଁ ଦାୟୀ। ସରକାରଙ୍କ ଭୁଲ୍ ନୀତି ପାଇଁ ଅର୍ଥନୀତିରେ ଅନିଶ୍ଚିତତା ଦେଖାଦେଇଥିବା ଜୟରାମ ସମାଲୋଚନା କରିଛନ୍ତି।

### ସ୍ପେନ୍‌ରେ ବନ୍ୟା, ୭୨ ମୃତ

ମାଡ୍ରିଡ୍, ୩୦।୧୦

ଲଗାଣ ବର୍ଷା ଯୋଗୁ ପୂର୍ବ ଓ ଦକ୍ଷିଣ ସ୍ପେନ୍‌ର ଅନେକ ଅଞ୍ଚଳରେ ଭୟଙ୍କର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପୂର୍ବ ସ୍ପେନ୍‌ର ଭାଲେନ୍ସିଆ ସହରରେ ବୁଧବାର ସୁଦ୍ଧା ୭୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ କ୍ୟୁଏଙ୍କା ସହରରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ପୋଲିସ ଏବଂ ଉଦ୍ଧାରକାରୀ ଦଳ ହେଲିକପ୍ଟର ସହାୟତା ନେଇ ଘରେ ପାଣି ଘେର ମଧ୍ୟରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଯୋଗୁ ଦେଶର ଏକ ଡଜନରୁ ଅଧିକ ସହରରେ ବନ୍ୟାସ୍ଥିତି ଗମ୍ଭୀର ରୂପ ନେଇଥିବା ନେଇ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସ୍ପେନ୍ ଏମଜେନ୍ସି ରେସ୍ପନ୍ସ ୟୁନିଟର ୧ ହଜାରରୁ ଅଧିକ ଯବାନ ବନ୍ୟା ପ୍ରଭାବିତ ଅଞ୍ଚଳରେ ନିୟୋଜିତ ହୋଇ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି। ତେବେ ବନ୍ୟା ଯୋଗୁ କେତେଜଣ ବ୍ୟକ୍ତି ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି।



ଦୀପାବଳିର ଅବ୍ୟବହିତ ପୂର୍ବରୁ ଆକାଶମାର୍ଗରୁ ଅଯୋଧ୍ୟା ଦୀପୋତ୍ସବର ଦୃଶ୍ୟ।

## ୨୫ ଲକ୍ଷ ଦୀପରେ ଝଲସିଲା ଅଯୋଧ୍ୟା

ଅଯୋଧ୍ୟା, ୩୦।୧୦

ଦୀପାବଳି ଅବସରରେ ଅଯୋଧ୍ୟା ସହର ୨ଟି ଗିନିଜ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍) ସୃଷ୍ଟି କରିଛି। ବୁଧବାର ଅଯୋଧ୍ୟାରେ ଦୀପୋତ୍ସବର ଆୟୋଜନ ଅବସରରେ ସରଯୁ ନଦୀକୂଳରେ ଥିବା ୫୫ଟି ଘାଟରେ ସମୁଦାୟ ୨୫ ଲକ୍ଷ ୧୨ ହଜାର ୫୮୫ ଖଣ୍ଡ ଦୀପ ଜଳାଯାଇ ଜିଡବ୍ଲ୍ୟୁଆର୍ ରେକର୍ଡ ସୃଷ୍ଟି ହୋଇଛି। ସେହିପରି ବୁଧବାର ସନ୍ଧ୍ୟାରେ ସରଯୁ ନଦୀକୂଳରେ ଏକସଙ୍ଗେ ୧୧୨୧ ଶ୍ରଦ୍ଧାଳୁ ମହାଆରତିରେ ସାମିଲ ହୋଇ ଅନ୍ୟ ଏକ ଜିଡବ୍ଲ୍ୟୁଆର୍ ରେକର୍ଡ ସୃଷ୍ଟି କରିଛନ୍ତି। ଆବଶ୍ୟକ ଔପଚାରିକତାକୁ ପୂରଣ କରିବା ପରେ ଅଯୋଧ୍ୟା ପରିଦର୍ଶନରେ ଆସିଥିବା ଜିଡବ୍ଲ୍ୟୁଆର୍ ଅଧିକାରୀ ଏହି ଘୋଷଣା କରିଛନ୍ତି। ୭୦ ଏକର ବିଶିଷ୍ଟ ରାମ ଜନ୍ମଭୂମି ପରିସରକୁ ଫୁଲମାଳ, ତୋରଣ ଓ ଦୀପ ଆଦି ସହ ସଜ୍ଜିତ କରାଯାଇଛି। ଏହି ଅବସରରେ ସରଯୁ ନଦୀକୂଳରେ ଲେଜର ଶୋ'ର ମଧ୍ୟ ଆୟୋଜନ କରାଯାଇଛି। ଅନ୍ୟପକ୍ଷରେ ଦୀପୋତ୍ସବରେ ମନ୍ଦିର ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ମିଳି ନ ଥିବା କହି ସ୍ଥାନୀୟ ଏମ୍‌ପି ଅଓ୍ୱଧେଶ ପ୍ରସାଦ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

### ସ୍ଥାନୀୟ ଏମ୍‌ପିଙ୍କୁ ଡାକିଲେ ନାହିଁ



ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରମାଣପତ୍ର ଦେଖାଉଛନ୍ତି।

## ନ୍ୟୁକ୍ଲିୟର ଡ୍ରିଲ୍ ଆରମ୍ଭକଲା ରୁଷିଆ

ମସ୍କୋ,୩୦।୧୦

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ଦେଶର ନ୍ୟୁକ୍ଲିୟର ଫୋର୍ସେସ୍ ବୁଧବାର ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ୟୁକ୍ରେନ୍ ଯୁଦ୍ଧ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ଥିବାବେଳେ ମସ୍କୋ ଏହି ପଦକ୍ଷେପ ନେଇଛି। ୧୫ ଦିନ ଭିତରେ ଏହା ହେଉଛି ପୁଟିନ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଧରଣର ଦ୍ୱିତୀୟ ସାମରିକ ଏକ୍ସରସାଇଜ୍। ଅନ୍ୟପକ୍ଷେ ଏଭଳି ଉତ୍ତେଜନା ସୃଷ୍ଟିକାରୀ ସ୍ଥିତିର ମୁକାବିଲା କିପରି କରାଯିବ ତାହା ପାଶ୍ଚାତ୍ୟ ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ମେଣ୍ଟ ନିଶ୍ଚିତ କରିନାହିଁ। ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ବଳ ରୁଷିଆକୁ ଟାର୍ଗେଟ କରିବା ପାଇଁ ୟୁକ୍ରେନ୍‌କୁ ଦୂରଗାମୀ କ୍ରୁଜ୍ ମିଶାଇଲ୍‌ଗୁଡ଼ିକୁ ବ୍ୟବହାର ପାଇଁ ଅନୁମତି ଦେବାକୁ ଯୋଜନା କରୁଥିବାବେଳେ ପୁଣି ଉତ୍ତେଜନା ପ୍ରକାଶ ପାଇଛି। ତେବେ ପାଶ୍ଚାତ୍ୟ ସମର୍ଥନରେ ୟୁକ୍ରେନ୍ ଏଭଳି କଲେ ରୁଷୀୟ ସୈନ୍ୟ ନିଜ ମାତୃଭୂମିର ସୁରକ୍ଷା ପାଇଁ ଆଣବିକ ଅସ୍ତ୍ର ପ୍ରୟୋଗ ନେଇ ବିଚାର କରିବେ ବୋଲି ମସ୍କୋ ସ୍ପଷ୍ଟ କରିସାରିଛି। ଆଣବିକ ଅସ୍ତ୍ର ଲଞ୍ଚ୍ କରିବା ପରେ ପୁଟିନ୍ କହିଛନ୍ତି, ଜରୁରୀ ପରିସ୍ଥିତିରେ ଆଣବିକ ଅସ୍ତ୍ରଗୁଡ଼ିକୁ ବ୍ୟବହାର କରାଯିବ। କିନ୍ତୁ ବର୍ତ୍ତମାନ ସେଗୁଡ଼ିକୁ ପ୍ରୟୋଗ ପାଇଁ ପ୍ରସ୍ତୁତକରି ରଖାଯିବାର ଆବଶ୍ୟକତା ରହିଛି। ରୁଷିଆ ହେଉଛି ବିଶ୍ୱର ସର୍ବବୃହତ୍ ଆଣବିକ ଶକ୍ତି। ବିଶ୍ୱର ମୋଟ ଆଣବିକ ଅସ୍ତ୍ରର ୮୮% ରୁଷିଆ ଓ ଆମେରିକା ନିୟନ୍ତ୍ରଣରେ ରହିଛି।



## ମୋମୋ ଖାଇ ମହିଳାଙ୍କ ମୃତ୍ୟୁ

ହାଇଦ୍ରାବାଦ, ୩୦।୧୦

ତେଲଙ୍ଗାନାର ହାଇଦ୍ରାବାଦସ୍ଥିତ ବଞ୍ଜାରା ହିଲ୍ସ ଅଞ୍ଚଳରେ ରାସ୍ତାକଡ଼ର ଏକ ଫୁଡ୍‌ଷ୍ଟଲ୍‌ରୁ ମୋମୋ ଖାଇ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଉଛନ୍ତି ୩୩ ବର୍ଷିୟା ରେଶମା ବେଗମ୍। ସେ ନିଜର ୨ ଝିଅଙ୍କ ସହ ମଙ୍ଗଳବାର ମୋମୋ ଖାଇଥିଲେ। ମୋମୋ ଖାଇବା ପରେ ସେ ଓ ତାଙ୍କ ୨ ଝିଅ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ପରେ ବାନ୍ତି ହୋଇଥିଲା। ଅସୁସ୍ଥ ଅବସ୍ଥାରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ରେଶମାଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଝିଅ ଏବେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ଉକ୍ତ ମୋମୋ ଷ୍ଟଲ୍‌କୁ ଚଳାଉଥିବା ୨ ଜଣଙ୍କୁ ଗିରଫ କରିଛି। ଉକ୍ତ ଷ୍ଟଲ୍‌ରୁ ମୋମୋ ଖାଇ ଅନ୍ୟ ୨୦ ଜଣଙ୍କୁ ମଧ୍ୟ ଫୁଡ୍ ପଏଜନିଂ ହୋଇଥିବା ପୋଲିସ କହିଛି।

## ଡେମ୍‌ଚୋକ୍, ଡେପ୍‌ସାଙ୍ଗ୍‌ରୁ ସୈନ୍ୟ ଅପସାରଣ ସମ୍ପୂର୍ଣ୍ଣ

ନୂଆଦିଲ୍ଲୀ,୩୦।୧୦

ପୂର୍ବଲଦାଖର ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗ୍ ପ୍ଲେନ୍ସ୍‌ରୁ ଭାରତ ଓ ଚାଇନା ସୈନ୍ୟଙ୍କ ଅପସାରଣ ପ୍ରକ୍ରିୟା ଶେଷ ହୋଇଛି। ଏହି ଦୁଇ ପଏଣ୍ଟରେ ଖୁବ୍‌ଶୀଘ୍ର ଉଭୟ ଦେଶର ସୁରକ୍ଷା ବଳ ପାଟ୍ରୋଲିଂ କରିବେ। ଗୁରୁବାର ଦୀପାବଳି ଅବସରରେ ୨ ପକ୍ଷ ମଧ୍ୟରେ ମିଷ୍ଟାନ୍ନ ଆଦାନ ପ୍ରଦାନ ହେବ ବୋଲି ବୁଧବାର ଭାରତୀୟ ସେନାର ଜଣେ ଯବାନ ସୂଚନା ଦେଇଛନ୍ତି। ଭାରତରେ ଅବସ୍ଥାପିତ ଚାଇନା ରାଷ୍ଟ୍ରଦୂତ ଶୁ ଫେଇହୋଙ୍ଗ୍ କୋଲକାତାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଏହି ସହମତି ଆଧାରରେ ଭବିଷ୍ୟତରେ ଦୁଇଦେଶର ସମ୍ପର୍କରେ ସୁଧାର ଆସିବ। ଏହାକୁ କେବଳ ସୈନ୍ୟ ପ୍ରତ୍ୟାହାରରେ ସୀମିତ ରଖା ନ ଯାଉ। ଏବେ ମତଭେଦ ଦୂରକରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସେ କହିଛନ୍ତି।

### ଦୀପାବଳିରେ ଭାରତ-ଚାଇନା ମିଷ୍ଟାନ୍ନ ଆଦାନ ପ୍ରଦାନ

୨୦୨୦ ଜୁନ୍ ୧୫ ଓ ୧୬ରେ ଗଲୱାନ ଉପତ୍ୟକାରେ ଉଭୟ ପକ୍ଷଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ଅନ୍ୟୁନ ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର ୪ ସୈନ୍ୟ ନିହତ ହୋଇଥିଲେ। ଏହି ସଂଘର୍ଷ ଦୁଇ ପଡ଼ୋଶୀ ମଧ୍ୟରେ ତିକ୍ତତା ବୃଦ୍ଧିର କାରଣ ହୋଇଥିଲା। ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗ୍ ପ୍ଲେନ୍ସ୍‌ରୁ ସୈନ୍ୟ ପ୍ରତ୍ୟାହାର ନେଇ ଦୁଇଦେଶ ମଧ୍ୟରେ ସହମତି ପ୍ରକାଶ ପାଇଥିବା ଗତ ୨୧ରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଥିସହ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ପୁନଃ ପାଟ୍ରୋଲିଂ ପାଇଁ ବାଟ ଫିଟିଥିଲା।

## କନ୍ନଡ଼ ଅଭିନେତା ଦର୍ଶନଙ୍କୁ ଅନ୍ତରୀଣ ଜାମିନ

ବେଙ୍ଗାଲୁରୁ, ୩୦।୧୦

କର୍ନାଟକର ବହୁଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟାକାଣ୍ଡ ମାମଲାରେ ଅଭିନେତା ଦର୍ଶନ ଥୋଗୁଦୀପାଙ୍କୁ ହାଇକୋର୍ଟ ୬ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଦର୍ଶନଙ୍କ ମେଡିକାଲ ରିପୋର୍ଟ ଅନୁଯାୟୀ, ତାଙ୍କର ହେବାକୁ ଥିବା ଅସ୍ତ୍ରୋପଚାରକୁ ଦୃଷ୍ଟିରେ ରଖି ଜଷ୍ଟିସ୍ ଏସ୍. ବିଶ୍ୱଜିତ ଶେଟ୍ଟୀଙ୍କ ଖଣ୍ଡପୀଠ ଏହି ଜାମିନ ପ୍ରଦାନ କରିଛନ୍ତି। ତେବେ ପୂର୍ବରୁ ଦର୍ଶନଙ୍କ ନିୟମିତ ଜାମିନ ଆବେଦନକୁ ବେଙ୍ଗାଲୁରୁ ଟ୍ରାଏଲ କୋର୍ଟ ଖାରଜ କରିଦେଇଥିଲେ। ଏହା ବିରୋଧରେ ଦର୍ଶନ କର୍ନାଟକ ହାଇକୋର୍ଟଙ୍କ ନିକଟରେ ଆବେଦନ ଦାଖଲ କରିଥିଲେ। ସେ ନିଜ ପ୍ରଶଂସକ ରେଣୁକାସ୍ୱାମୀଙ୍କ ହତ୍ୟା ଅଭିଯୋଗରେ ୪ ମାସରୁ ଅଧିକ ସମୟ ଧରି ଜେଲରେ ବନ୍ଦ ଥିଲେ।

## ସଲମାନ୍‌ଙ୍କୁ ପୁଣି ହତ୍ୟା ଧମକ

ମୁମ୍ବାଇ,୩୦।୧୦

ବଲିଉଡ୍ ଅଭିନେତା ସଲମାନ୍ ଖାନ୍‌ଙ୍କୁ ପୁଣି ମିଳିଛି ହତ୍ୟା ଧମକ। ଧମକଦାତା ଆଜମ୍ ମହମ୍ମଦ ମୁସ୍ତାଫା ତାଙ୍କୁ ୨ କୋଟି ଟଙ୍କା ରାନ୍‌ସମ ମାଗି ଗିରଫ ହୋଇଛନ୍ତି। ନୋଏଡାର ଜଣେ ଟାଟୁ ଆର୍ଟିଷ୍ଟ ସଲମାନ୍ ଓ ବାବା ସିଦ୍ଦିକିଙ୍କ ପୁଅ ଜିଶାନ୍ ସିଦ୍ଦିକିଙ୍କୁ ହତ୍ୟା ଧମକ ଦେବାର କିଛି ସମୟ ପରେ ଆଜମ୍ ମୁମ୍ବାଇ ଟ୍ରାଫିକ୍ କଣ୍ଟ୍ରୋଲ ନିକଟକୁ ଏହି ମେସେଜ୍ ପଠାଇଛନ୍ତି। ମୁମ୍ବାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଇତିମଧ୍ୟରେ ନୋଏଡାର ଟାଟୁ ଆର୍ଟିଷ୍ଟ ଗୁଫ୍‌ରାନ୍ ଖାନ୍ (୨୦)ଙ୍କୁ ପୋଲିସ ଗିରଫ କରିଛି। ସଲମାନ୍ ଏବଂ ବିଧାୟକ ଜିଶାନ୍ ସିଦ୍ଦିକିଙ୍କୁ ଆତଙ୍କିତ କରି ଅର୍ଥ ଅସୁଲ କରିବା ପାଇଁ ଗୁଫ୍‌ରାନ୍ ମୁମ୍ବାଇ ଟ୍ରାଫିକ୍ ପୋଲିସ ନିକଟକୁ ଧମକପୂର୍ଣ୍ଣ ମେସେଜ୍ ପଠାଇଥିବା ଜଣାପଡ଼ିଛି। ଜିଶାନ୍‌ଙ୍କ ବାନ୍ଦ୍ରାସ୍ଥିତ ଅଫିସ ନମ୍ବରକୁ ମଧ୍ୟ ଗୁଫ୍‌ରାନ ଶୁକ୍ରବାର ଅନୁରୂପ ମେସେଜ୍ ପଠାଇଥିଲେ। ସଲମାନ୍ ଓ ଜିଶାନ୍‌ଙ୍କ ଜୀବନ ପ୍ରତି ବିପଦ ରହିଛି। ଉଭୟଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ଚାଲିଛି। ତେବେ ମେସେଜ୍ ପଠାଇଥିବା ବ୍ୟକ୍ତି ଷଡ଼ଯନ୍ତ୍ରକାରୀଙ୍କୁ ଜାଣିଛନ୍ତି ବୋଲି ଉକ୍ତ ମେସେଜ୍‌ରେ ଉଲ୍ଲେଖ କରାଯାଇଛି। ମୁମ୍ବାଇ ପୋଲିସ ମେସେଜ୍ ପଠାଯାଇଥିବା ନମ୍ବରକୁ ଟ୍ରାକ୍ କରି ଗୁଫ୍‌ରାନଙ୍କୁ ଧରିବାରେ ସକ୍ଷମ ହୋଇଛି। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ମୁମ୍ବାଇକୁ ନିଆଯାଇଛି।



ସଲମାନ୍ ଖାନ୍

## 'ନିଜ୍ଜାର ହତ୍ୟା ପାଇଁ ଶାହା ଦେଇଥିଲେ ନିର୍ଦ୍ଦେଶ'

ଓଟ୍ଟାଓ୍ୱା,୩୦।୧୦

କାନାଡାରେ ଶିଖ୍ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ ହିଂସା, ଧମକ ଓ ଗୋଇନ୍ଦା ତଥ୍ୟ ସଂଗ୍ରହର ଏକ ଅଭିଯାନ ଚଳାଇବାକୁ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିର୍ଦ୍ଦେଶ ଦେଇଥିବା ଓଟ୍ଟାଓ୍ୱା ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗ ଭାରତ-କାନାଡା ସମ୍ପର୍କରେ ଆହୁରି ତିକ୍ତତା ଭରିଦେଇପାରେ ବୋଲି ମନେକରାଯାଉଛି।

କାନାଡା ବହିର୍ବ୍ୟାପାର ଉପମନ୍ତ୍ରୀ ଡାଭିଡ୍ ମୋରିସନ୍ ଜାତୀୟ ସୁରକ୍ଷା କମିଟିର ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ କହିଛନ୍ତି, ଅଭିଯୋଗ ସମ୍ପର୍କରେ ପ୍ରଥମେ ପ୍ରକାଶ କରିଥିବା 'ୱାଶିଂଟନ୍ ପୋଷ୍ଟ'କୁ ସେ ଶାହାଙ୍କ ନାମ ଜଣାଇଦେଇଛନ୍ତି।



ଅମିତ୍ ଶାହା

ଜଣେ ସାମ୍ବାଦିକ ମୋରିସନ୍‌ଙ୍କୁ ଫୋନ୍ କରି 'ଏହା ସେହି ବ୍ୟକ୍ତି କି' ବୋଲି ପଚାରିଥିଲେ। ମୋରିସନ୍ ହଁ ଏହା ସେହି ବ୍ୟକ୍ତି ବୋଲି କନ୍‌ଫର୍ମ କରିଥିଲେ। ତେବେ ଶାହାଙ୍କ ସମ୍ପୃକ୍ତି ନେଇ କାନାଡା କିପରି ଜାଣିବାକୁ ପାଇଲା ତାହା ମୋରିସନ୍ ସ୍ପଷ୍ଟ କରିନାହାନ୍ତି।

### କାନାଡା ମନ୍ତ୍ରୀଙ୍କ ଅଭିଯୋଗ

ବର୍ଷକ ତଳେ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଥିଲେ, ୨୦୨୩ ଜୁନ୍‌ରେ କାନାଡୀୟ ଶିଖ୍ ଆକ୍ଟିଭିଷ୍ଟ ହରଦୀପ ସିଂ ନିଜ୍ଜାରଙ୍କ ହତ୍ୟା ମାମଲାରେ ଭାରତ ସରକାରଙ୍କ ଏଜେଣ୍ଟମାନଙ୍କ ସମ୍ପୃକ୍ତି ନେଇ କାନାଡା ପାଖରେ ବିଶ୍ୱସନୀୟ ପ୍ରମାଣ ରହିଛି। କାନାଡା କର୍ତ୍ତୃପକ୍ଷ ଏହି ପ୍ରମାଣ ଭାରତୀୟ ପ୍ରତିପକ୍ଷଙ୍କ ସହ ଶେୟାର କରିଥିବା ସୂଚନା ଦେଇଥିଲେ। କିନ୍ତୁ କାନାଡା ଏଭଳି କୌଣସି ପ୍ରମାଣ ଦେଇଥିବା ବିଷୟକୁ ଭାରତ ସରକାର ଲଗାତର ଖଣ୍ଡନ କରିବା ସହ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୧୪ରେ କାନାଡା ଭାରତୀୟ ହାଇ କମିଶନ ଓ ଅନ୍ୟ ୫ କୂଟନୀତିଜ୍ଞଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ସେମାନଙ୍କୁ ବହିଷ୍କାର କରିଥିଲା।

ବିଦେଶ ମାଟିରେ ଭାରତୀୟ ଅଧିକାରୀମାନେ ହତ୍ୟା ଷଡ଼ଯନ୍ତ୍ର ରଚିଥିବା ନେଇ ଅଭିଯୋଗ ଆଣିବାରେ କାନାଡା ଏକମାତ୍ର ଦେଶ ନୁହେଁ। ଏହା ପୂର୍ବରୁ ଅକ୍ଟୋବର ମଧ୍ୟଭାଗରେ ଆମେରିକାର ନ୍ୟାୟ ବିଭାଗ ମଧ୍ୟ ଭାରତ ସରକାରଙ୍କ ଜଣେ ଅଧିକାରୀଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲା। ନ୍ୟୁୟର୍କରେ ରହୁଥିବା ଜଣେ ଶିଖ୍ ବିଚ୍ଛିନ୍ନତାବାଦୀ ନେତାଙ୍କୁ ହତ୍ୟା ଉଦ୍ୟମରେ ବିକାଶ ଯାଦବଙ୍କ ସମ୍ପୃକ୍ତି ଥିବା ନେଇ ଆମେରିକା ଆଣିଥିବା ଅଭିଯୋଗକୁ ମଧ୍ୟ ଭାରତ ଖଣ୍ଡନ କରିଥିଲା।

# ପରକୀୟା ପ୍ରୀତିରୁ ଆନାସ୍ଥେସିଆ ଦେଇ ସ୍ତ୍ରୀଙ୍କୁ ହତ୍ୟା

**ସନ୍ଦେହଜନକ ମୃତ୍ୟୁ ଉପରୁ ପରଦା ହଟିଲା**

- **ପ୍ରେମିକାଙ୍କ ଭଡ଼ାଘରେ କାଣ୍ଡ ଘଟାଇଥିଲେ**
- **୨ ନର୍ସ ପ୍ରେମିକା, ଅଭିଯୁକ୍ତ ଫାର୍ମାସିଷ୍ଟ ସ୍ୱାମୀ ଗିରଫ**

ଭୁବନେଶ୍ୱର,୩୦।୧୦(ସତ୍ୟଜିତ୍ ରାଉତ)

ଦୁଇ ପ୍ରେମିକାଙ୍କ ସହ ଥିବା ପରକୀୟା ପ୍ରୀତି ସମ୍ପର୍କ ମଝିରେ ବାଡ଼ ସାଜିଥିଲେ ସ୍ତ୍ରୀ। ଏଥିପାଇଁ ସ୍ତ୍ରୀଙ୍କୁ ସବୁଦିନ ପାଇଁ ହଟାଇବାକୁ ହୋଇଥିଲା ସୁଚିନ୍ତିତ ଷଡ଼ଯନ୍ତ୍ର। ହତ୍ୟାକାଣ୍ଡ ପାଇଁ ଆନାସ୍ଥେସିଆକୁ କରିଥିଲେ ଅସ୍ତ୍ର। ଭରତପୁର ଥାନା ଅନ୍ତର୍ଗତ ସାମପୁର ଅଞ୍ଚଳରେ ଶୁଭଶ୍ରୀ ନାଏକଙ୍କ ସନ୍ଦେହଜନକ ମୃତ୍ୟୁ ଉପରୁ ପରଦା ହଟାଇ ଏହା ଏକ ଜଘନ୍ୟ ହତ୍ୟାକାଣ୍ଡ ବୋଲି ବୁଧବାର ଡିସିପି ପିନାକ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନର୍ସ ପ୍ରେମିକାଙ୍କ ଭଡ଼ାଘରେ ଶୁଭଶ୍ରୀଙ୍କ ଶରୀରରେ ବଳପୂର୍ବକ ଇଞ୍ଜେକ୍ସନ୍ ଦ୍ୱାରା ଆନାସ୍ଥେସିଆକୁ ଓଭର୍ ଡୋଜ୍ ଦିଆଯାଇ ହତ୍ୟା କରାଯାଇଥିଲା। ବ୍ୟବଚ୍ଛେଦ ବେଳେ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବାରୁ ପୋଲିସ ଅଭିଯୁକ୍ତ ଫାର୍ମାସିଷ୍ଟ ସ୍ୱାମୀ ପ୍ରଦ୍ୟୁମ୍ନ କୁମାର (୨୪)ଙ୍କ ସହ ଦୁଇ ପ୍ରେମିକାଙ୍କୁ ଗିରଫ କରିଛି। ଅଭିଯୁକ୍ତ ପ୍ରେମିକାଦ୍ୱୟ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ରୋଜି ପାତ୍ର(୧୯) ଓ ଗଜପତି ଜିଲା ସେରଙ୍ଗ ଅଞ୍ଚଳର ଏଜିତା ଭୂୟାଁ (୨୨)। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଜେଏମ୍ଏଫ୍‌ସି-୫ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବା ସହ କ୍ରାଇମ୍ ସିନ୍ ରିକ୍ରିଏଶନ୍ କରାଯିବ ବୋଲି ଡିସିପି ମିଶ୍ର କହିଛନ୍ତି।



## ସିଆରପି ଛକରେ ଷଡ଼ଯନ୍ତ୍ର, ୨୮ ସନ୍ଧ୍ୟାରେ କାଣ୍ଡ

କିଛିଦିନ ତଳେ ପ୍ରଦ୍ୟୁମ୍ନ ଓ ତାଙ୍କ ଦୁଇ ପ୍ରେମିକା ସିଆରପି ଛକରେ ଏକାଠି ହୋଇ ଶୁଭଶ୍ରୀଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ। ରୋଜି କାମ କରୁଥିବା ଘରୋଇ ହସ୍ପିଟାଲରୁ ଆନାସ୍ଥେସିଆ ଲୁଚାଇ ଆଣିଥିଲେ। ଏପଟେ ଅକ୍ଟୋବର ୨୭ରେ ପ୍ରଦ୍ୟୁମ୍ନ ଶ୍ୱଶୁର ଘରକୁ ଯାଇ ଶୁଭଶ୍ରୀଙ୍କୁ ଆଣିବାକୁ ଅଡ଼ି ବସିଥିଲେ ମଧ୍ୟ ପରିବାର ଲୋକ ଅରାଜି ହୋଇଥିଲେ। ଜଣେ ଆଇନଜୀବୀଙ୍କ ନିକଟରେ ଲେଖାପଢ଼ା କରି ସାକ୍ଷୀଙ୍କ ଉପସ୍ଥିତିରେ ଛାଡ଼ିବାକୁ ପରିବାର ଲୋକ କହିଥିଲେ। ହେଲେ ବହୁମତେ ବୁଝାଇ ଶୁଭଶ୍ରୀଙ୍କୁ ପ୍ରଦ୍ୟୁମ୍ନ ସେହିଦିନ ନେଇଆସି କେସୁରାସ୍ଥିତ ଭଡ଼ାଘରକୁ ନେଇଥିଲେ। ଶୁଭଶ୍ରୀଙ୍କୁ ପ୍ରଦ୍ୟୁମ୍ନ ୨୮ ତାରିଖ ପୂର୍ବାହ୍ନ ୧୧ଟା ୩୦ ବେଳେ ରୋଜିଙ୍କ ଭଡ଼ାଘରକୁ ନେଇଯାଇଥିଲେ। ଶୁଭଶ୍ରୀଙ୍କ ଥଣ୍ଡା ହୋଇଥିବାରୁ ତାଙ୍କୁ ଇଞ୍ଜେକ୍ସନ୍ ଦେବେ ବୋଲି ଅଭିଯୁକ୍ତମାନେ କହିଥିଲେ। ପରେ ସନ୍ଧ୍ୟାରେ ବଳପୂର୍ବକ ସମସ୍ତେ ମିଶି ଇଞ୍ଜେକ୍ସନ୍ ଦ୍ୱାରା ଅଧିକ ମାତ୍ରାରେ ଆନାସ୍ଥେସିଆ ଦେଇଦେଇଥିଲେ। ଫଳରେ ଶୁଭଶ୍ରୀ ଚେତାଶୂନ୍ୟ ହୋଇଯିବା ସହ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଅଭିଯୁକ୍ତମାନେ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଶୁଭଶ୍ରୀଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେପଟେ ପ୍ରଦ୍ୟୁମ୍ନ ଶ୍ୱଶୁର ଘର ଲୋକଙ୍କୁ ମଧ୍ୟ ଜଣାଇଥିଲେ। ପରିବାର ଲୋକେ ହତ୍ୟା ସନ୍ଦେହ କରିଥିଲେ। ମା' ତପସ୍ୱିନୀଙ୍କ ଏତଲାକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୭୧୭/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ବ୍ୟବଚ୍ଛେଦ ବେଳେ ମୃତ୍ୟୁ ଉପରୁ ପରଦା ହଟିଥିଲା। ପୋଲିସର ପଚରାଉଚରା ପରେ ପ୍ରଦ୍ୟୁମ୍ନ ସତ ମାନିଥିଲେ। ତେବେ ସର୍ଜରି ପୂର୍ବରୁ ଚେତାଶୂନ୍ୟ କରିବାକୁ ଏହି ଆନାସ୍ଥେସିଆ ଅଳ୍ପ ପରିମାଣରେ ଦିଆଯାଇଥାଏ। ଏହାକୁ ସାଧାରଣ ଲୋକ କିଣିପାରନ୍ତି ନାହିଁ ବୋଲି ଜଣେ ଡାକ୍ତର କହିଛନ୍ତି।

## ୨୦୨୦ରେ ପ୍ରେମ ବିବାହ, ପରେ ନିର୍ଯାତନା

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ବିଜେବି ନଗରରେ ଶୁଭଶ୍ରୀଙ୍କ ଘର। ଶୁଭଶ୍ରୀଙ୍କୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ପ୍ରଦ୍ୟୁମ୍ନ ପ୍ରେମ କରି ୨୦୨୦ରେ ବିବାହ କରିଥିଲେ। ବିବାହ ପରେ ଉଭୟ ଏକାଠି ରହୁଥିଲେ। ଅପରପକ୍ଷରେ ପ୍ରଦ୍ୟୁମ୍ନ ଏକ ଘରୋଇ ହସ୍ପିଟାଲରେ ଫାର୍ମାସିଷ୍ଟ ଭାବେ କାମ କରୁଥିଲେ। ୨୦୨୩ରେ ସେଠାରେ ଏଜିତାଙ୍କ ସହ ପ୍ରଦ୍ୟୁମ୍ନଙ୍କ ସମ୍ପର୍କ ହୋଇଥିଲା। ସେହିପରି ଭରତପୁର ଥାନା ଅଞ୍ଚଳରେ ଥିବା ଅନ୍ୟ ଏକ ଘରୋଇ ହସ୍ପିଟାଲରେ ଗତ ମାର୍ଚ୍ଚରେ ରୋଜିଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ପ୍ରଦ୍ୟୁମ୍ନ ଏକାସାଙ୍ଗରେ ତାଙ୍କ ଦୁଇ ପ୍ରେମିକାଙ୍କ ସହ କଥା ହେବା ସହ ସମୟ ବିତାଉଥିଲେ। ଏନେଇ ଶୁଭଶ୍ରୀ ଜାଣିବା ପରେ ଦାମ୍ପତ୍ୟ ଜୀବନରେ କଳି ଆରମ୍ଭ ହୋଇଥିଲା। ପ୍ରଦ୍ୟୁମ୍ନ ବିଭିନ୍ନ କାରଣକୁ ନେଇ ଶୁଭଶ୍ରୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ପ୍ରଦ୍ୟୁମ୍ନ ଶୁଭଶ୍ରୀଙ୍କୁ ଗାଡ଼ିରେ ନେଇ ଠେଲି ମାରିଦେବାକୁ ମଧ୍ୟ ଉଦ୍ୟମ କରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଶୁଭଶ୍ରୀ ପରିବାରକୁ ଜଣାଇଥିଲେ। ଗତ ୬ମାସ ହେବ ଶୁଭଶ୍ରୀ ତାଙ୍କ ବାପଘରକୁ ଚାଲିଯାଇ ସେଠାରେ ରହୁଥିଲେ।

# ମାଛ ଖାଇଦେବାରୁ ରୋଷେୟାଙ୍କୁ ହତ୍ୟା

**ଅଭିଯୁକ୍ତ ହୋଟେଲ କର୍ମଚାରୀ ଅଟକ**

ଭୁବନେଶ୍ୱର,୩୦।୧୦(ସୂର୍ଯ୍ୟକାନ୍ତ ବେହେରା)

ମାଛ ଖାଇଦେବାରୁ ଜଣେ ରୋଷେୟାଙ୍କୁ ପନିକିରେ ହାଣି ହତ୍ୟା କରାଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମାଣା ଛକ ପାଖରେ ଥିବା ଏକ ହୋଟେଲରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଗଞ୍ଜାମ ସୋରଡ଼ା ଅଞ୍ଚଳର ପୀତାମ୍ବର ଜେନା(୬୫)। ଉକ୍ତ ହୋଟେଲର ଅନ୍ୟ ଜଣେ କର୍ମଚାରୀ ଏହି ହତ୍ୟାକାଣ୍ଡ ଭିଆଇଥିବା ଜଣାପଡ଼ିଛି। ଚନ୍ଦ୍ରଶେଖରପୁର ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ କର୍ମଚାରୀ ଢେଙ୍କାନାଳର ବିନୋଦ ସାହୁଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅନ୍ୟପଟେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ପୀତାମ୍ବରଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁସାରେ, ଡମଣା ଛକରେ ଥିବା ହୋଟେଲ ତାରାଦେଇରେ ପୀତାମ୍ବର ରୋଷେୟା ଭାବେ କାମ କରୁଥିଲେ। ଉକ୍ତ ହୋଟେଲରେ ବିନୋଦ ମଧ୍ୟ କର୍ମଚାରୀ ଥିଲେ। ମଙ୍ଗଳବାର ରାତିରେ ପୀତାମ୍ବର ହୋଟେଲରେ ଥିବା ମାଛ ଖାଇଦେଇଥିଲେ। ବିନୋଦ ଅନ୍ୟ କର୍ମଚାରୀଙ୍କଠାରୁ ଏହା ଜାଣିବା ପରେ ପୀତାମ୍ବରଙ୍କୁ ପାଟି କରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉପସ୍ଥିତ ଅନ୍ୟ କର୍ମଚାରୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହେଲେ ବିନୋଦ ଉତ୍ତେଜିତ ଅବସ୍ଥାରେ ରହିଥିଲେ। ମୋତେ ଲୁଚାଇ ମାଛ ଯେମିତି ଖାଇଛୁ, ତୋତେ ସେମିତି ରାତିରେ ବଳି ପକାଇଦେବି ବୋଲି ପୀତାମ୍ବରଙ୍କୁ ଚେତାବନୀ ଦେଇଥିଲେ ବିନୋଦ। ଆଉ



ପୀତାମ୍ବର ଜେନା

ସତକୁ ସତ ବିଳମ୍ବିତ ରାତିରେ ପୀତାମ୍ବର ଶୋଇଥିବାବେଳେ ଅଭିଯୁକ୍ତ ବିନୋଦ ଏକ ପନିକି ଆଣି ତାଙ୍କ ପେଟକୁ ହାଣି ପକାଇଥିଲେ। ପୀତାମ୍ବରଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀ ଉଠିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ବୁଧବାର ସକାଳେ ସାଇଣ୍ଟିଫିକ ଟିମ୍ ସହାୟତରେ ମୃତଦେହ ଜବତକରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣାରେ ବିନୋଦଙ୍କ ବ୍ୟତୀତ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପୋଲିସ ହୋଟେଲର ସମସ୍ତ କର୍ମଚାରୀ ଓ ମାଲିକଙ୍କୁ ପଚରାଉଚରାକରି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ପୂର୍ବଶତ୍ରୁତାରୁ ଆକ୍ରମଣ, ବାପା-ପୁଅ ମୃତ

ପୁରୀ, ୩୦।୧୦(ଅଜିତ୍ କୁମାର ମହାନ୍ତି)

ପୁରୀରେ ବୁଧବାର ପୁଣି ୨ ଜଣଙ୍କ ମୁଣ୍ଡ ଗଡ଼ିଛି। ଏପରି ଏକ ଅଭାବନୀୟ ଘଟଣା ସଦର ଥାନା ଅନ୍ତର୍ଗତ ସମଙ୍ଗରା ଗ୍ରାମରେ ଘଟିଛି। ଜାଗାବାଡ଼ିକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ଗୋଟିଏ ପରିବାରର ବାପା-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ରବି ସ୍ୱାଇଁ ଓ ତାଙ୍କ ପୁଅ ପ୍ରକାଶ ସ୍ୱାଇଁ। ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ଯେ, ଜାଗାବାଡ଼ିକୁ କେନ୍ଦ୍ରକରି ରବି ସ୍ୱାଇଁଙ୍କ ସହ ତାଙ୍କ ପଡ଼ୋଶୀ ଜଟି ପ୍ରଧାନଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା, ଯାହାକୁ ନେଇ ଅନେକ ସମୟରେ ଉଭୟ ପରିବାର ମଧ୍ୟରେ ବଚସା ମଧ୍ୟ ହେଉଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଗାଁରେ ଏକ ବୈଠକ ଚାଲିଥିଲା। ଏହି ସମୟରେ ଜଟି ବୈଠକରୁ ଚାଲିଆସି ରବି ସ୍ୱାଇଁ ଓ ତାଙ୍କ ପୁଅ ସହ ପାଟିତୁଣ୍ଡ କରିଥିଲେ। ପରେ ଜଟି ପ୍ରଧାନ, ପୁଅ ଜଗନ୍ନାଥ ପ୍ରଧାନ, ବଳଭଦ୍ର ପ୍ରଧାନ ଓ ଜଟିଙ୍କ ସ୍ତ୍ରୀ ଆସି ଧାରୁଆ ଅସ୍ତ୍ରରେ ରବି ଓ ତାଙ୍କ ପୁଅ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ବାପା-ପୁଅ ଆହତ ହୋଇଥିଲେ। ପରିବାର ଲୋକ ଆହତ ରବି ଓ ପ୍ରକାଶଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରକାଶଙ୍କୁ ମୃତ ଘୋଷଣା କରିଥିବା ବେଳେ ରବିଙ୍କୁ ଓଟିକୁ ନେଇଥିଲେ। ତେବେ ରବିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ବଡ଼ଭାଇଙ୍କୁ ସ୍ଲୋ ପଏଜନ ଦେଇ ହତ୍ୟା

**ଅଡିଓ ଭାଇରାଲ ପରେ ପଦାକୁ ଆସିଲା ସତ**

ଆନନ୍ଦପୁର, ୩୦।୧୦(ସୁଶାନ୍ତ କୁମାର ସାହୁ)

ବଡ଼ ହିସାବରେ ସାନ ଭାଇକୁ ଆକଟ କରୁଥିଲେ। ପାଠ ପଢ଼ି ଭଲ ମଣିଷ ହେବାକୁ କହୁଥିଲେ। ମାତ୍ର ସାନଭାଇ ବଡ଼ ଭାଇଙ୍କ ଆକଟକୁ ବୁଝି ନ ପାରି ବିଷ ଦେଇ ହତ୍ୟା କରିବା ଭଳି ଚରମ ପନ୍ଥା ନେବାକୁ ପଛାଇନାହାନ୍ତି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ଶାଳପଡ଼ା ଗୁଣ୍ଡିଚା କଲୋନିରେ। ୨ ଭାଇଙ୍କ କଥାବାର୍ତ୍ତାର ଏକ ଅଡିଓ ୨ଦିନ ହେବ ଭାଇରାଲ ହେବା ପରେ ଘଟଣା ବିଷୟରେ ଜଣାପଡ଼ିଛି। ସେପ୍ଟେମ୍ବର ୪ରେ ଏହା ଘଟିଥିବା ବେଳେ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ଅନେକ ସନ୍ଦେହ ଉପୁଜିଛି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଆନନ୍ଦପୁର ଶାଳପଡ଼ା ଗୁଣ୍ଡିଚା କଲୋନିର ଜଣେ ଯୁବକ ଘସିପୁରା ଥାନା ଇନ୍ଦୁପୁରା ନିକଟରେ ଏକ ଦେଶୀ କୁକୁଡ଼ା ଫାର୍ମ କରିଛନ୍ତି। ତାଙ୍କ ପାଖରେ ସାନଭାଇଙ୍କୁ ରଖିଥିଲେ। ବଡ଼ଭାଇ ବିଭିନ୍ନ ସମୟରେ ସାନଭାଇଙ୍କୁ ପାଠ ପଢ଼ିବାକୁ ଓ ଅନ୍ୟାନ୍ୟ କାମରେ ଆକଟ କରୁଥିଲେ। ଏନେଇ ସାନଭାଇ ଖାଦ୍ୟରେ ବଡ଼ଭାଇଙ୍କୁ ସ୍ଲୋ ପଏଜନ ଦେଉଥିଲେ। ଧୀରେ ଧୀରେ ବଡ଼ଭାଇଙ୍କ ଦେହ ଖରାପ ହେଉଥିଲା। ସେ ଡାକ୍ତରଙ୍କୁ ଦେଖାଇ ମେଡିସିନ ଖାଇ ରହିଯାଉଥିଲେ। ସେପ୍ଟେମ୍ବର ୪ରେ ଫାର୍ମରେ ଥିବା କେମିକାଲକୁ ଢାଳି ଘରେ ତାଲା ଦେଇ ସାନଭାଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ମେଡିକାଲରେ ଭର୍ତ୍ତି ହୋଇଥିଲେ। ବଡ଼ଭାଇ ସମସ୍ତ ଘଟଣା ସମ୍ପର୍କରେ ତାଙ୍କ ବାପାଙ୍କୁ ଫୋନକରି ଜଣାଇଥିଲେ। ବାପା ମେଡିକାଲରେ ପହଞ୍ଚି ବଡ଼ ପୁଅଙ୍କୁ ଗୁରୁତର ଥିବା ଦେଖି କଟକ ନେଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅକ୍ଟୋବର ୩ରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ମେଡିକାଲରେ ସେ ସାନଭାଇଙ୍କ ସହ ହୋଇଥିବା କଥାବାର୍ତ୍ତାର ଅଡିଓ ଭାଇରାଲ ହେଉଛି। "ଯେଉଁଥିରେ ବଡ଼ଭାଇ ଜଣଙ୍କ ସାନଭାଇଙ୍କୁ କ'ଣ ପାଇଁ ବିଷ ଦେଲୁ ବୋଲି ପଚାରୁଛନ୍ତି। ମୁଁ ତୋ ଭଲ ପାଇଁ ଟିକିଏ ଆକଟ କରୁଥିଲି। ମତେ ଦୁର୍ବଳ କରିଦେଲୁ, ସାନଭାଇ ବୋଲି କେସ୍ ବି କରିପାରୁନାହିଁ। ଗୋଟେ ଅନୁରୋଧ କରୁଛି, କେଉଁ ବିଷ ଦେଇଛୁ କହ। ସେହି ଅନୁଯାୟୀ ଡାକ୍ତର ଚିକିତ୍ସା କରିବେ। ମତେ ବହୁତ କଷ୍ଟ ହେଉଛି। ସାନଭାଇ ମଧ୍ୟ ରାଗରେ ଦେଇଦେଲି କହିବା ସହ ବିଷର ଚିଠା ପଠାଉଛି ବୋଲି କହୁଛନ୍ତି।" ଏଭଳି ୧୦ ମିନିଟ୍ ୧୩ ସେକେଣ୍ଡର ଏକ ଅଡିଓ ଭାଇରାଲ ହେଉଛି। ଘଟଣା ପରଠାରୁ ସାନଭାଇ ଫେରାର ଅଛନ୍ତି। ଏନେଇ ପରିବାର ପକ୍ଷରୁ କୌଣସି ମତାମତ ମିଳିପାରି ନ ଥିବା ବେଳେ ଥାନାରେ ମଧ୍ୟ କୌଣସି ଅଭିଯୋଗ ହୋଇନାହିଁ। ଘସିପୁରା ଥାନା ଅଧିକାରୀ ଉମାକାନ୍ତ ସ୍ୱାଇଁ କହିଛନ୍ତି, ଏ ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯିବ।

# କାର୍‌ରୁ ବନ୍ଧୁକ, ବୋମା, ମାରଣାସ୍ତ୍ର ଜବତ

**୨ ଅଭ୍ୟାସଗତ ଅପରାଧୀ ଗିରଫ, ଖସିଗଲେ ୩**

ଭୁବନେଶ୍ୱର,୩୦।୧୦(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅଞ୍ଚଳରେ ୫ଜଣିଆ ଗ୍ୟାଙ୍ଗ କୌଣସି ଏକ ସ୍ଥାନରେ ବଡ଼ ଅପରାଧ ଘଟାଇବାକୁ ଯୋଜନା କରୁଥିବା ବେଳେ ପୋଲିସ ତାହାକୁ ଭଣ୍ଡୁର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ନୂଆଗାଁ ଗ୍ରାମ ନିକଟ ରାସ୍ତାରେ ପୋଲିସ ଟିମ୍ ଚଢ଼ାଉ କରି ଏକ କାର ଜବତ କରିବା ସହ ୨ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି। ତେବେ କୌଶଳକ୍ରମେ ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ନୟାପଲ୍ଲୀ ଅଞ୍ଚଳରେ ରହୁଥିବା ନେପାଳ କାଠମାଣ୍ଡୁର ସୂର୍ଯ୍ୟ ବାହାଦୁର ଓରଫ ବାବୁ (୨୫) ଓ ପୁରୁଣା ଭୁବନେଶ୍ୱରରେ ରହୁଥିବା



କଟକ ଜିଲା ଆଠଗଡ ଅଞ୍ଚଳର ଦଧିବାମନ ଜେନା ଓରଫ ଦଧି (୨୦)। ସେମାନଙ୍କଠାରୁ ୭.୬୫ ଏମ୍ଏମ୍ ଦେଶୀ ବନ୍ଧୁକ, ୪ ବୋମା, ଦୁଇ ରାଉଣ୍ଡ ଗୁଳି, ଗୋଟିଏ ଖଣ୍ଡା, ଗୋଟିଏ ତେଲେଙ୍ଗା କଟୁରି ଓ ଦୁଇ ମୋବାଇଲ ଜବତ ହୋଇଛି। ଏନେଇ ବିଏନ୍ଏସ୍ ଦଫା ୩୧୦(୪)(୫), ୧୧୧ ସହ ଆର୍ମସ ଆକ୍ଟରେ ଏକ ମାମଲା (ନଂ.୭୧୯/୨୦୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଜେଏମ୍ଏଫ୍‌ସି-୫ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟ ଜେଲ ଯାଇଛନ୍ତି। ଦଧିବାମନଙ୍କ ନାଁରେ ବିଭିନ୍ନ ଥାନାରେ ୫ ଓ ସୂର୍ଯ୍ୟ ବାହାଦୁରଙ୍କ ନାଁରେ ୫ଟି ମାମଲା ରହିଛି। ଫେରାର ଥିବା ଶ୍ରୀକାନ୍ତ ସାହୁ ଓ ଅନ୍ୟ ୨ଜଣଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି। ଅଭିଯୁକ୍ତମାନେ ଦାଦାବଟି, ଡକାୟତି, ଜମି ଦଖଲ ଆଦି ଘଟଣାରେ ସମ୍ପୃକ୍ତ ଅଛନ୍ତି। ସେମାନେ ବିଶେଷକରି ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଜିଲାରେ ଆପରାଧିକ ନେଟୱର୍କ ଚଳାଉଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ଦେଶୀ ବନ୍ଧୁକ କାରଖାନା ଠାବ

- **ଜବତ ହେଲା ବନ୍ଧୁକ, ଟ୍ରିଗର ଓ ନିର୍ମାଣ ସାମଗ୍ରୀ**
- **ଜେଲ ଗଲେ ବନ୍ଧୁକ ପ୍ରସ୍ତୁତକାରୀ**

ନୟାଗଡ଼,୩୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ମାଳିସାହିରେ ଏକ ବନ୍ଧୁକ କାରଖାନା ମଙ୍ଗଳବାର ଠାବ ହୋଇଛି। ନୟାଗଡ଼ ସଦର ଥାନା ପୋଲିସ ବନ୍ଧୁକ କାରଖାନା ଉପରେ ଚଢ଼ାଉ କରି ତିଆରି କରାଯାଇଥିବା ଏକ ଦେଶୀ ବନ୍ଧୁକ, ୨ ଟ୍ରିଗର, ବନ୍ଧୁକ ନିର୍ମାଣ ପାଇଁ ବ୍ୟବହୃତ କାଠ ସମେତ ଅନ୍ୟ ଉପକରଣ ଜବତ କରିଛି। ବନ୍ଧୁକ ତିଆରି ବେଳେ ମାଳିସାହିର କାବୁଲି ମହାରଣା(୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ କାବୁଲିଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଏନେଇ ବୁଧବାର ଏସ୍‌ପି ଏସ୍. ସୁଶ୍ରୀ ନୟାଗଡ଼ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ମାଳିସାହିର କାବୁଲି ଦେଶୀ ବନ୍ଧୁକ ତିଆରି କରି ଶିକାର କାର୍ଯ୍ୟରେ ବ୍ୟବହାର କରନ୍ତି। ୨୦୧୫ ଓ ୨୦୨୦ରେ ପୋଲିସ କାବୁଲିଙ୍କୁ ଆର୍ମସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲରୁ ଜାମିନରେ ଆସିବା ପରେ ପୁଣି ବନ୍ଧୁକ ତିଆରି କରୁଥିବା ଜଣାପଡ଼ିଥିଲା। ତେବେ ବନ୍ଧୁକ ତିଆରି ସମୟରେ ତାଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରାଯାଇଛି। ଚଢ଼ାଉ ସମୟରେ ବନ୍ଧୁକ ତିଆରି କାଗଜାତ ଦେଖାଇପାରି ନ ଥିବାରୁ ବେଆଇନ ଭାବେ ପ୍ରସ୍ତୁତ କରାଯାଇଥିବା ଜଣାପଡିଥିଲା। ସେ ବନ୍ଧୁକ ବିକ୍ରି କରୁଥିବା ସଂକ୍ରାନ୍ତରେ ଅଧିକ ଜାଣିବା ପାଇଁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ବନ୍ଧୁକ ତିଆରି ସମ୍ପର୍କରେ ଜଣା ପଡିବା ପରେ ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଓ ନୟାଗଡ଼ ସଦର ଥାନା ଆଇଆଇସି ବିଜୟା ସାହୁଙ୍କ ନେତୃତ୍ୱରେ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ମହାପାତ୍ର ପ୍ରମୁଖ ଚଢ଼ାଉ କରିଥିଲେ।

# ପୁରୁଷୋତ୍ତମ ଏକ୍ସପ୍ରେସ୍‌ରୁ ୧୫୦ ଗୁଳି ଜବତ

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ରେଳଷ୍ଟେଶନରୁ ୧୫୦ଟି ଗୁଳି ଜବତ କରିଛି ରେଲୱେ ପୋଲିସ। ବୁଧବାର ପୁରୁଷୋତ୍ତମ ଏକ୍ସପ୍ରେସ୍‌ର ଏସ୍-୨ ସ୍ଲିପର କୋଚ୍ ବଗିର ସିଟ୍ ତଳୁ ଏକ କଳା ରଙ୍ଗର ବ୍ୟାଗ୍ ମଧ୍ୟରୁ ଆର୍‌ପିଏଫ୍ ଏହି ଗୁଳିଗୁଡ଼ିକୁ ଜବତ କରିଛି। ଏ ନେଇ ଆର୍‌ପିଏଫ୍ ପକ୍ଷରୁ ଜିଆର୍‌ପିକୁ ଅବଗତ କରାଯାଇଥିଲା। ପରେ ଜିଆର୍‌ପି ଏ ସଂକ୍ରାନ୍ତରେ ଏସ୍ -୨୫ (ଏ-୧) ଆର୍ମ ଆକ୍ଟରେ ଏକ ମାମଲା (ନଂ. ୯୦/୨୪) ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଦୀପାବଳିକୁ ଦୃଷ୍ଟିରେ ରଖି ପୁରୀ ଆର୍‌ପିଏଫ୍ ପକ୍ଷରୁ ଷ୍ଟେଶନ୍‌ରେ ଅଟକୁଥିବା ଟ୍ରେନର ବଗିଗୁଡ଼ିକୁ ଯାଞ୍ଚ କରାଯାଉଛି। ବୁଧବାର ଆର୍‌ପିଏଫ୍ ଏଏସ୍‌ଆଇ ଦୀପକ କୁମାର ପଟ୍ଟନାୟକ କେତେଜଣ କର୍ମଚାରୀଙ୍କ ସହ ଟ୍ରେନ୍ ବଗି ଯାଞ୍ଚ କରୁଥିଲେ। ଏହି ସମୟରେ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନ୍ ନଂ. ୧୨୮୦୨ର ଏସ୍-୨ କୋଚ୍‌ର ୭୩ ନଂ. ସିଟ୍ ତଳେ ଏକ ବ୍ୟାଗ ପଡ଼ିଥିବା ନେଇ ସେ କୋଚିଂ ଡିପୋ ସୁଇପରଙ୍କଠାରୁ ଖବର ପାଇଥିଲେ। ସେ ଘଟଣାସ୍ଥଳକୁ ଯାଇ ଦେଖିଥିଲେ ଯେ, ଏକ କଳା ରଙ୍ଗର ଛୋଟ ହାତ ବ୍ୟାଗ ଟ୍ରେନ

**ପୁରୀ ଷ୍ଟେଶନରେ ଯାଞ୍ଚବେଳେ ମିଳିଲା**



ସିଟ୍ (ନଂ. ନମ୍ବର ୭୩) ତଳେ ପଡ଼ିଛି। ଏନେଇ ଅଧିକାରୀଙ୍କୁ ଜଣାଇବା ସହ ବ୍ୟାଗ୍ ଖୋଲାଯାଇଥିଲା। ବ୍ୟାଗ୍‌ରୁ ୧୫ ପ୍ୟାକେଟ୍ ଗୁଳି ମିଳିଥିଲା। ପ୍ରତ୍ୟେକ ପ୍ୟାକେଟରେ ୮ଏମ୍ଏମ୍‌ର ଜୀବନ୍ତ ଗୁଳି ରହିଥିଲା। ଏହିପରି ଭାବେ ୧୫ଟି ପ୍ୟାକେଟ୍‌ରୁ ୧୫୦ଟି ଜୀବନ୍ତ ଗୁଳିକୁ ରେଲୱେ ପୋଲିସ ଜବତ କରିଛି। ଏଥିସହ ଗୋଟିଏ ହାଲୁକା ଗୋଲାପୀ ରଙ୍ଗର ଫୁଲ୍‌ଶାର୍ଟ, ଗୋଟିଏ ଧୂସର ରଙ୍ଗର ପ୍ୟାଣ୍ଟ ଏବଂ ଗୋଟିଏ କପଡ଼ା ବ୍ୟାଗ୍ ଜବତ କରାଯାଇଛି। ତେବେ ଉକ୍ତ ବ୍ୟାଗ୍ କାହାର ଏବଂ କେଉଁ ଉଦ୍ଦେଶ୍ୟରେ ଏତେ ପରିମାଣର ଗୁଳିସାଥିରେ ଆଣିଥିଲେ ସେ ନେଇ ରେଲୱେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

# ୬.୨୮ କୋଟି ଟଙ୍କାର ସାଇବର ଠକେଇ

**୨୪ ଆନ୍ତଃ ରାଜ୍ୟ ଠକଙ୍କୁ ଗିରଫକଲା କ୍ରାଇମବ୍ରାଞ୍ଚ**

କଟକ,୩୦।୧୦(କାର୍ତ୍ତିକ ସାହୁ)

୬କୋଟି ୨୮ ଲକ୍ଷ ଟଙ୍କାର ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ୨୪ଜଣ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ସ୍ୱଳ୍ପ ପରିମାଣର ଅର୍ଥ ଜବତ ହୋଇଥିବାବେଳେ କ୍ରାଇମବ୍ରାଞ୍ଚ ମାମଲାର ଅଧିକ ତଦନ୍ତ ଚଳାଇଥିବା ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, କୁନ୍ତଳ ମଜୁମ୍ଦାର ନାମକ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥିବା ନେଇ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ଏକ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ମୁତାବକ ୨୦୨୪ ଜୁଲାଇରେ କୋଟାକ୍ ଇନ୍‌ଭେଷ୍ଟମେଣ୍ଟ କ୍ଲବ ନାମକ ହ୍ୱାଟ୍ସଆପ୍ ଗ୍ରୁପ୍‌ର ଆଡ୍‌ମିନ (୬୧୭-୨୫୯୪୧୬୪) ତାଙ୍କୁ ମେମ୍ବର ଭାବରେ ଆଡ୍ କରିଥିଲେ। ଗ୍ରୁପ୍ ଆଡ୍‌ମିନ ସେହି ଗ୍ରୁପରେ ପୁଞ୍ଜି ନିବେଶ ବାବଦରେ ପ୍ରବର୍ତ୍ତାଇବାରୁ ଅଭିଯୋଗକାରୀ ଏହାକୁ ସତ୍ୟ ବୋଲି ବିଶ୍ୱାସ କରିଥିଲେ। ଗ୍ରୁପ୍ ଆଡ୍‌ମିନଙ୍କ କହିବା ଅନୁସାରେ ସେ ୬.୨୮ କୋଟି ଟଙ୍କା ବିନିଯୋଗ କରିଥିଲେ। ନିବେଶ ପରେ ତୁରନ୍ତ ଶେୟାରର ମୂଳ ମୂଲ୍ୟ ହଠାତ୍ ୧୯ ଟଙ୍କାରୁ ୧୧୦/- ଟଙ୍କାକୁ ବୃଦ୍ଧି ପାଇଥିଲା। ଏହାଦ୍ୱାରା ନିଜ





ନିବେଶର ଫଣ୍ଡ ଭ୍ୟାଲ୍ୟୁ ୨୫ କୋଟିରେ ପହଞ୍ଚିବାରୁ ଅଭିଯୋଗକାରୀ ତାଙ୍କର ଟଙ୍କା ଉଠାଇବାକୁ ଗ୍ରୁପ୍ ଆଡ୍‌ମିନଙ୍କୁ କହିଲେ। ଗ୍ରୁପ୍ ଆଡ୍‌ମିନ ତାଙ୍କୁ ୨୩କୋଟି ଟଙ୍କା ଉଠାଇବାକୁ ଅନୁମତି ଦେଇଥିଲେ। ପରେ ଅଗଷ୍ଟ ୨୧ ତାରିଖରେ ଯେତେବେଳେ ସେ ତାଙ୍କ ଟଙ୍କା ଉଠାଇବାକୁ ଚେଷ୍ଟା କଲେ, ତାଙ୍କୁ ତୁରନ୍ତ ଗ୍ରୁପ୍ ଆଡମିନ୍ ଗ୍ରୁପ୍‌ରୁ ହଟାଇ ଦେଇଥିଲେ ଏବଂ ତତ୍‌ପରେ କାରବାର ପାଇଁ ବ୍ୟବହୃତ ଆପ୍ ନିଷ୍କ୍ରିୟ ହୋଇଯାଇଥିଲା। ଏହାପରେ କୁନ୍ତଳ କ୍ରାଇମବ୍ରାଞ୍ଚ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

କ୍ରାଇମବ୍ରାଞ୍ଚରେ ଏନେଇ ଏକ ମାମଲା (ନଂ.୪୮/୨୦୨୪) ରୁଜୁ ହେବା ପରେ ଏହାର ସାଇବର କ୍ରାଇମ ୟୁନିଟ୍, ମନି ଟ୍ରେଲ ତର୍ଜମା କରି ଜାଣିବାକୁ ପାଇଲେ ଯେ ଅଭିଯୋଗକାରୀ ମୁଖ୍ୟତଃ ୧୦୦ରୁ ଅଧିକ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ମୋଟ ୬.୮ କୋଟି ଟଙ୍କା ଟ୍ରାନ୍ସଫର କରିଛନ୍ତି। ସମସ୍ତ ଟଙ୍କା ଟ୍ରାନ୍ସଫର ହୋଇଯିବାପରେ ଏଟିଏମ୍, ଚେକ୍, ଟ୍ରାନ୍ସଫର ଆଦି ମାଧ୍ୟମରେ ଖାତା ଧାରକମାନେ ଟଙ୍କା ପୁନଃ ଗ୍ରୁପ୍ ଆଡ୍‌ମିନଙ୍କୁ ଦେଇଛନ୍ତି ଓ ନିଜେ ମଧ୍ୟ ସେ ବାବଦକୁ କମିଶନ ପାଇଛନ୍ତି। ଏବେ ସୁଦ୍ଧା ତଦନ୍ତାଧୀନ ସମସ୍ତ ବ୍ୟାଙ୍କ ଖାତା ସହ ମୋଟ ୧୬.୮୫ ଲକ୍ଷ ଟଙ୍କା ଫ୍ରିଜ୍ ହୋଇଛି ଓ ଅଭିଯୋଗକାରୀ ତାଙ୍କ ବ୍ୟାଙ୍କ ଖାତାରେ ୬.୮୦ ଲକ୍ଷ ଟଙ୍କା ଫେରସ୍ତ ପାଇଛନ୍ତି। ତଦନ୍ତ ସମୟରେ ସଂଗୃହୀତ ବ୍ୟାଙ୍କ ବିବରଣୀ ଏବଂ ଅନ୍ୟାନ୍ୟ ଦଲିଲରୁ ସିଆଇଡି ସିବି ଅଧିକାରୀଙ୍କ ଟିମ୍ ତାମିଲନାଡୁ, ଗୁଜରାଟ ଏବଂ ରାଜସ୍ଥାନରେ ମୋଟ ୨୪ ଅଭିଯୁକ୍ତଙ୍କୁ ସଫଳତାର ସହ ଚିହ୍ନଟ କରିଛନ୍ତି। ବୁଧବାର ସୁଦ୍ଧା ତାମିଲନାଡୁର ୯ ଅଭିଯୁକ୍ତ, ଗୁଜରାଟର ୮ ଓ ରାଜସ୍ଥାନରୁ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ଠାରୁ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ଆଦି ଜବତ କରି ସେ ସବୁର ତର୍ଜମା ଓ ବିଶ୍ଳେଷଣ କରି ୨୦୨୪ ଅକ୍ଟୋବର ୨୮ତାରିଖରେ ୬ଜଣ ଅଭିଯୁକ୍ତଙ୍କୁ ଅନୁଗୋଳ ଉପଖଣ୍ଡ ବିଚାରବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା। ଅବଶିଷ୍ଟ ୧୧ ଜଣ ଅଭିଯୁକ୍ତଙ୍କୁ ସେହି ଅନୁଗୋଳ ଉପଖଣ୍ଡ ବିଚାରବିଭାଗୀୟ ଅଦାଲତରେ ବୁଧବାର ହାଜର କରାଯାଇଛି। ପୁଣି ରାଜସ୍ଥାନରୁ ଆଉ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଟ୍ରାଞ୍ଜିଟ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ଅନ୍ୟ ଏକ ସାଇବର ଅପରାଧ ମାମଲା (ନଂ.୪୭/୨୦୨୪)ରେ ଉକ୍ତ ଟିମ୍ ରାଜସ୍ଥାନରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୦।୨୦୨୪

| ୩,୨୮, ୪୪୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୮.୫୦୦ ଗ୍ରାମ୍ |

# ହସ୍ପିଟାଲ ସିଲ୍ ନିର୍ଦ୍ଦେଶ ଦେଲେ ଉପଜିଲାପାଳ

### ନବଜାତ ଶିଶୁ ମୃତ୍ୟୁ ଘଟଣା

କଟକ,୩୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସିଡିଏ ସେକ୍ଟର-୭ସ୍ଥିତ ନ୍ୟୁ ବର୍ନ ଆଣ୍ଡ ପେଡିଆଟ୍ରିକ୍ ହେଲ୍‌ଥ ସେଣ୍ଟର ଘରୋଇ ହସ୍ପିଟାଲରେ ନବଜାତ ଶିଶୁମୃତ୍ୟୁ ଘଟଣା ପରେ ଏହି ହସ୍ପିଟାଲକୁ ସିଲ୍ କରିବାକୁ ଉପଜିଲାପାଳ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ମୃତ ଶିଶୁର ପରିବାର ଲୋକ କରିଥିବା ଅଭିଯୋଗର ତଦନ୍ତ ପାଇଁ କଟକ ଉପଜିଲାପାଳ ଜ୍ୟୋତି ଶଙ୍କର ରାଏଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଉକ୍ତ ହସ୍ପିଟାଲରେ ବୁଧବାର ପହଞ୍ଚିଥିଲେ। ତଦନ୍ତ ପରେ ଉକ୍ତ ହସ୍ପିଟାଲର ପ୍ରମାଣପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ଏପରି କି ଉକ୍ତ ହସ୍ପିଟାଲର ଅଥୋରାଇଜେଶନ୍ ଓ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମଧ୍ୟ ନାହିଁ। ତେଣୁ ହସ୍ପିଟାଲକୁ ସିଲ୍ କରିବାକୁ ଉପଜିଲାପାଳ ରାୟ ନିର୍ଦ୍ଦେଶ ଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା ସୂଚନା ଦେଇଛନ୍ତି। ଏଥିସହିତ ଉକ୍ତ ହସ୍ପିଟାଲରେ ଏବେ କିଛି ଶିଶୁରୋଗୀ ଚିକିତ୍ସା ହେଉଥିବାବେଳେ ୭ଦିନ ଭିତରେ ଶିଶୁ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପରେ ସିଲ୍ କରାଯିବ ବୋଲି କୁହାଯାଇଛି। ଚିକିତ୍ସା ଅବହେଳାର ପେଡିଆଟ୍ରିକ୍ ସ୍ପେସିଆଲିଷ୍ଟ ତଦନ୍ତ କରିବେ ଏବଂ ରିପୋର୍ଟ ମୁତାବକ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେଉରା ସୂଚନା ଦେଇଛନ୍ତି। ଅନ୍ୟପଟେ ଉପଜିଲାପାଳଙ୍କ ନିର୍ଦ୍ଦେଶ ପରେ ୨ଦିନ ଧରି ଧାରଣାରେ ବସିଥିବା ମୃତ ଶିଶୁର ପରିବାର ଲୋକ ଧାରଣାରୁ ଓହରିଥିବା ନେଇ ମୃତ ଶିଶୁର ମାମୁ ପ୍ରଶାନ୍ତ ବିଶ୍ୱାଳ କହିଛନ୍ତି।

ସୂଚନାନୁଯାୟୀ, ଯାଜପୁର କୋରେଇ ଅଞ୍ଚଳର ସୁପ୍ରଭା ବିଶ୍ୱାଳ ଓ ରାଜେନ୍ଦ୍ର ସାହୁଙ୍କ ଗତ ୨୬ ତାରିଖରେ ଏକ ଶିଶୁପୁତ୍ର ଯାଜପୁର ମେଡିକାଲଠାରେ ଜନ୍ମ ହୋଇଥିଲା । ଶିଶୁଟିର ନିଃଶ୍ୱାସ ନେବାରେ ଅସୁବିଧା ହେବାରୁ ଭେଣ୍ଟିଲେଟର ଆବଶ୍ୟକ ଥିଲା। ଶିଶୁଟିକୁ ଯାଜପୁର ମେଡିକାଲରୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଶିଶୁଭବନରେ ଭେଣ୍ଟିଲେଟର ଫାଙ୍କା ନ ଥିବା ଜାଣି ପରିବାର ଲୋକ ଶିଶୁଟିକୁ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଉକ୍ତ ହସ୍ପିଟାଲରେ ଶିଶୁକୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ନେଇ ପରିବାର ଲୋକଙ୍କୁ ଜଣାଯାଇଥିଲା। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ଜାଣି ସୁପ୍ରଭା ଡାକ୍ତରଙ୍କୁ ଖୋଜିଥିବାବେଳେ ହସ୍ପିଟାଲରେ ଡାକ୍ତର ଉପସ୍ଥିତ ନ ଥିଲେ। ଫଳରେ ଚିକିତ୍ସା ଅବହେଳାରୁ ଶିଶୁଟିର ସୋମବାର ସକାଳ ସମୟରେ ମୃତ୍ୟୁ ହୋଇଥିଲା। ଶିଶୁର ମୃତ୍ୟୁ ଖବର ପରିବାର ଲୋକଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ନ ଜଣାଇ ଓଲଟା ବିଲ୍ ପୈଠ କରିବାକୁ କହିଥିଲେ ଏବଂ ଅଭିଯୋଗ କରିବାରୁ ପରିବାର ଲୋକଙ୍କୁ ଟଙ୍କା ଦେଇ ଚୁପ୍ ରହିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ଉକ୍ତ ଘଟଣା ନେଇ ମୃତ ଶିଶୁର ପରିବାର ପକ୍ଷରୁ ମର୍କତ ନଗର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା।

## ଅନ୍‌ଲାଇନ ଟ୍ରେଡିଂ ନେଲା ଜୀବନ

### ମହାନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ବ୍ରିଜ୍ ଉପରେ ଗାଡ଼ି ରଖି ନିଖୋଜ ଥିବା ଢେଙ୍କାନାଳ କାବେରା ଗାଁର ତାରିଣୀ ପ୍ରସାଦ ରାଉତଙ୍କ ମୃତଦେହ ବୁଧବାର ସକାଳୁ ଜବତ ହୋଇଛି। ମଙ୍ଗଳବାର ଅଗ୍ନିଶମ ବାହିନୀ ଖୋଜାଖୋଜି କରି ବିଫଳ ହେବା ପରେ ବୁଧବାର ସକାଳୁ ମତ୍ସ୍ୟଜୀବୀମାନେ ତାଙ୍କ ମୃତଦେହ ପାଇବା ପରେ ମହାନଦୀକୁ ଡେଇଁ ଆତ୍ମହତ୍ୟା କରାଯାଉଥିବା ସନ୍ଦେହ ସତ ହୋଇଛି। ପ୍ରକାଶ ଯେ, ବ୍ୟାଙ୍କ କର୍ମଚାରୀ ତାରିଣୀ ସୋମବାର ମଧ୍ୟାହ୍ନ ୧୨ଟାରେ ବ୍ୟାଙ୍କରୁ ଏକ ପଲ୍‌ସର ଯୋଗେ ବାହାରିଥିଲେ। ବିଳମ୍ବିତ ରାତିରେ ମୁଣ୍ଡଳୀ ବ୍ରିଜ୍ ଉପରେ ବାଇକ୍ ରଖି ମହାନଦୀକୁ ଡେଇଁ ପଡ଼ିଥିଲେ। ବହୁ ସମୟ ଧରି ବାଇକ୍ ଥୁଆ ହୋଇଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ମଙ୍ଗଳବାର ସକାଳେ ପୋଲିସ ଓ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ବୁଧବାର ସକାଳେ ମୁଣ୍ଡଳୀ ଅଞ୍ଚଳର କେତେଜଣ ମତ୍ସ୍ୟଜୀବୀ ମାଛ ମାରୁଥିବାବେଳେ ମହାନଦୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ସାନମୁଣ୍ଡଳୀ ଗାଁର ମତ୍ସ୍ୟଜୀବୀ ଗଣ୍ଡି ଦଳେଇ ମୃତଦେହ ମହାନଦୀରୁ କୂଳକୁ ଆଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ମୃତକଙ୍କ ପକେଟରୁ ଗୋଟିଏ ମୋବାଇଲ ଫୋନ ଓ ପର୍ସ ପୋଲିସ ଜବତ କରିଛି। ଅନ୍‌ଲାଇନ ଟ୍ରେଡିଂ କରି ମାନସିକ ଚାପରେ ତାରିଣୀ ରହୁଥିବା ପୋଲିସ ପଚରା ଉଚରାବେଳେ ପରିବାର ଲୋକଙ୍କଠାରୁ ଜାଣିବାକୁ ପାଇଛି।



କଳିଙ୍ଗ ନାଟ୍ୟ ସଂଘ ଓଡ଼ିଶା ପକ୍ଷରୁ ବୁଧବାର ଭୁବନେଶ୍ୱର ଭଞ୍ଜକଳାମଣ୍ଡପରେ ପରିବେଷିତ ନାଟକ 'ନିଜ ନିଜ କୁରୁକ୍ଷେତ୍ର'ର ଏକ ଦୃଶ୍ୟ।

## ଧାର୍ମିକ କାର୍ଯ୍ୟରେ ଶାସନତନ୍ତ୍ରର ହସ୍ତକ୍ଷେପ ଅନୁଚିତ: ଶଙ୍କରାଚାର୍ଯ୍ୟ

### ସ୍ୱର୍ଗଦ୍ୱାରରେ ଘଷିରେ ଶବଦାହ ପ୍ରସଙ୍ଗ

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାରରେ କାଠ ପରିବର୍ତ୍ତେ ଗୋବର ଘଷିରେ ଶବ ସତ୍କାର କରିବା ନେଇ ରାଜ୍ୟ ସରକାର ଯୋଜନା କରୁଥିବା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଙ୍ଗଳବାର ସୂଚନା ଦେଇଥିଲେ। ଏହାକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି। ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି, ଧାର୍ମିକ କାର୍ଯ୍ୟରେ ଶାସନତନ୍ତ୍ରର ହସ୍ତକ୍ଷେପ ଅନୁଚିତ୍। ସରକାର ଯାହା କରିବାକୁ ଯୋଜନା କରୁଛନ୍ତି ତାହା ଶାସ୍ତ୍ର ଅନୁସାରେ ହେବା ଉଚିତ। ସରକାର ଏ ସମ୍ପର୍କରେ ତାଙ୍କ ସହ ଆଲୋଚନା କରିନାହାନ୍ତି। କାଠର ଅଭାବ ଯୋଗୁ ସରକାର ଏ ନିଷ୍ପତ୍ତି ନେଇଛନ୍ତି କି ଅନ୍ୟ କେଉଁ ଆଧାରରେ ନେଇଛନ୍ତି ସେ ନେଇ ଚିନ୍ତା କରିବା ଆବଶ୍ୟକ। ତେବେ ସରକାରଙ୍କ ଅଧିକାରୀମାନେ ଆସି ଏ ସମ୍ପର୍କରେ ସେମାନଙ୍କ ମତ ଉପସ୍ଥାପନ କରନ୍ତୁ। ତାଙ୍କ ମତ ଶୁଣିବା ପରେ ମତ ଉପସ୍ଥାପନ କରିବା ଠିକ୍ ହେବ। ଆଲୋଚନା କରି ନିଷ୍ପତ୍ତି ନେଲେ ଭଲ ହେବ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରଶାନ୍ତ



@ ସୁମନ୍ତ



@ ସତ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହାଇକୋର୍ଟରେ ସହର ସମସ୍ୟା ମାମଲା

### ତଳ ପଡ଼ିଆରେ ବାଲିଯାତ୍ରା କରିବାକୁ ପରାମର୍ଶ

କଟକ,୩୦।୧୦(କାର୍ତ୍ତିକ ସାହୁ)

କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଉପର ପଡ଼ିଆରେ ବାଲିଯାତ୍ରା ନ କରିବାକୁ ରାଜ୍ୟ ସରକାରଙ୍କୁ ବୁଧବାର ପରାମର୍ଶ ଦେଇଛନ୍ତି। ବାଲିଯାତ୍ରା ପାଇଁ କେବଳ ତଳ ପଡ଼ିଆକୁ ବ୍ୟବହାର କରାଯାଇପାରିବ କି ନାହିଁ ସେନେଇ ସ୍ପଷ୍ଟ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କହିଛନ୍ତି। ଏହାଉପରେ ବିଭିନ୍ନ ବିଭାଗ, ବ୍ୟବସାୟୀ, ଅନୁଷ୍ଠାନ ଏବଂ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆଡ୍‌ଭୋକେଟ୍ କମିଟି ସହ ବିଚାରବିମର୍ଶ କରିବା ଲାଗି କଟକ ଜିଲାପାଳଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟରେ କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିବେଳେ କେବଳ ତଳ ପଡ଼ିଆରେ ବାଲିଯାତ୍ରା ହେବା ସମ୍ଭବ କି ବୋଲି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏନେଇ ଆସନ୍ତା ୭ ତାରିଖ ସୁଦ୍ଧା ନିଷ୍ପତ୍ତି ନେବାକୁ ହାଇକୋର୍ଟ କହିଛନ୍ତି। ଆସନ୍ତା ୭ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସୂଚନା ଯୋଗ୍ୟ, ଆସନ୍ତା ନଭେମ୍ବର ୧୫ରୁ କଟକର ଐତିହାସିକ ବାଲିଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଉପର ପଡ଼ିଆ ଓ ତଳ ପଡ଼ିଆର ଅନ୍‌ଲାଇନ୍ ପ୍ଲଟ୍ ବୁକିଂ ପ୍ରକ୍ରିୟା ସରିଲାଣି। ପ୍ରତିଥର ଉପର ଓ ତଳ ପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହୁଏ। ତେଣୁ ହାଇକୋର୍ଟଙ୍କ ପରାମର୍ଶ ମୁତାବକ ଆଗକୁ କ'ଣ ପଦକ୍ଷେପ ନିଆଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ସବୁ ଟ୍ରେନ୍‌ରେ ସିସି କ୍ୟାମେରା ଲଗାଯାଉ

### ଟ୍ରେନ୍‌ରୁ ସନ୍ଦେହଜନକ ସ୍ଥିତିରେ ଖସିପଡ଼ିଲେ ମହିଳା ଆଇନଜୀବୀ

■ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କୋଣାର୍କ,୩୦।୧୦
(ଜ୍ୟୋତିରାଜ ମହାନ୍ତି)

ଜଣେ ମହିଳା ଆଇନଜୀବୀ ଚଳନ୍ତା ଟ୍ରେନ୍‌ରୁ ମଧ୍ୟରାତ୍ରିରେ ସନ୍ଦେହଜନକ ସ୍ଥିତିରେ ଖସିପଡ଼ି ଗୁରୁତର ହେବା ଘଟଣାର ତଦନ୍ତ ଓ ସବୁ ଟ୍ରେନରେ ସିସି କ୍ୟାମେରା ଲଗାଇବା ପାଇଁ ହାଇକୋର୍ଟରେ ବୁଧବାର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଛି। ବସ୍‌ରେ ସିସି କ୍ୟାମେରା ଲଗାଯାଉଥିବାବେଳେ ଟ୍ରେନ୍‌ଗୁଡ଼ିକରେ ସିସି କ୍ୟାମେରା ଏପର୍ଯ୍ୟନ୍ତ ଲଗାଯାଇ ପାରିନାହିଁ। ଫଳରେ ଟ୍ରେନରେ ଅନେକ ସମୟରେ ଆପରାଧିକ କାର୍ଯ୍ୟ ଘଟୁଛି। ଯାତ୍ରୀମାନେ ଅସୁରକ୍ଷିତ ଅବସ୍ଥାରେ କିପରି ଯାତ୍ରା କରୁଛନ୍ତି, ତାହା ଏହି ପିଟିଶନରେ ଦର୍ଶାଯାଇଛି।

କୋଣାର୍କ ବାର୍ ଆସୋସିଏଶନ ପକ୍ଷରୁ ସଭାପତି ଶ୍ରୀଜୟ ବରାଳ ହାଇକୋର୍ଟରେ ଦାଏର କରିଥିବା ଏହି ପିଟିଶନ୍‌ରେ ଦର୍ଶାଇଛନ୍ତି, ଆସୋସିଏଶନର ମହିଳା ଆଇନଜୀବୀ ସତ୍ୟଭାମା ରଥ ପୁରୁଷୋତ୍ତମ ଏକ୍ସପ୍ରେସରେ ନୂଆଦିଲ୍ଲୀରୁ ଭୁବନେଶ୍ୱର ଫେରୁଥିବା ବେଳେ ଅକ୍ଟୋବର ୧୫ ତାରିଖ ରାତି ୨ରୁ ୩ଟା ଭିତରେ ହରିଦାସପୁର ଠାରେ ଖସି ପଡ଼ିଥିଲେ। ରେଳଧାରଣା କଡ଼ରୁ ରେଲ୍‌ୱେ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ସେ କିପରି ଟ୍ରେନ୍‌ରୁ ଖସିପଡ଼ିଥିଲେ ତାହା ରହସ୍ୟ ହୋଇ ରହିଛି। ଟ୍ରେନରେ ସିସି କ୍ୟାମେରା ଥିଲେ ଏହି ଘଟଣା ଉପରୁ ନିଶ୍ଚୟ ପରଦା ହଟିଥାଆନ୍ତା। ତେଣୁ ସମସ୍ତ ଟ୍ରେନରେ ତୁରନ୍ତ ସିସି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କୁ ଆବେଦନକାରୀ ବରାଳ ପ୍ରାର୍ଥନା କରିଛନ୍ତି।

ଏହି ଘଟଣା ପାଇଁ ସେ ରେଳ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଜୀବନ ସହ ସଂଘର୍ଷ କରୁଥିବା ମହିଳା ଆଇନଜୀବୀଙ୍କୁ ତୁରନ୍ତ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ମାମଲାରେ ରେଳ ମନ୍ତ୍ରଣାଳୟ, ରେଲ୍‌ୱେ ପୋଲିସ ମହାନିର୍ଦ୍ଦେଶକ ଆଦିଙ୍କୁ ପକ୍ଷଭୁକ୍ତ କରାଯାଇଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ନନ୍ଦନକାନନରେ ଭାଲୁଛୁଆ ଜନ୍ମ




ତ୍ରିଶୂଳିଆ,୩୦।୧୦(ତୁଷାରକାନ୍ତ ବେହେରା)

ଦୀପାବଳି ଉତ୍ସବର ଗୋଟେ ଦିନ ପୂର୍ବରୁ ନନ୍ଦନକାନନକୁ ଏକ ଖୁସି ଖବର ମିଳିଛି। ନନ୍ଦନକାନନ ଭାଲୁ ସଫାରିରେ ଏକ ଦେଶୀ ମାଈ ଭାଲୁ ତାରା ଛୁଆ ଜନ୍ମ କରିଛି। ଜନ୍ମିତ ଭାଲୁ ଛୁଆଟି ତା' ମା' ପାଖରେ ଥିବାରୁ ତା'ର ଲିଙ୍ଗ ନିରୂପଣ ହୋଇ ପାରିନାହିଁ। ଉଭୟ ମା' ଓ ଛୁଆ ସୁସ୍ଥ ଥିବା ନେଇ ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି। ପୂର୍ବରୁ ୭ ମାଈ ଓ ୫ ଅଣ୍ଡିରା ସହ ଲିଙ୍ଗ ନିରୂପଣ ହୋଇ ନ ଥିବା ଏହି ଛୁଆକୁ ମିଶାଇ ଭାଲୁ ସଫାରିରେ ଏବେ ୧୩ ଭାଲୁ ଅଛନ୍ତି।

# ୨୦ରୁ କମ୍ ପିଲାଥିବା ସ୍କୁଲ ବନ୍ଦ ନ ହେଉ

### ଓଡ଼ିଶା ଅଭିଭାବକ ମହାସଂଘର ଦାବି

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

୨୦ରୁ କମ୍ ପିଲାଥିବା ସ୍କୁଲ ବନ୍ଦ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଗ୍ରହଣ କରିଛନ୍ତି । ମାତ୍ର ଏହି ନିୟମ କାର୍ଯ୍ୟକାରୀ ହେଲେ ଉପାନ୍ତ ଅଞ୍ଚଳରେ ବହୁ ପିଲା ଉପଯୁକ୍ତ ଶିକ୍ଷା ଗ୍ରହଣ କରିବାରେ ବିଶେଷ ଅସୁବିଧା ସୃଷ୍ଟି ହେବ। ନିରକ୍ଷରତା ଅନେକାଂଶରେ ବଢ଼ିଯିବ। ତେଣୁ ୨୦ କମ୍ ପିଲା ଥିବା ବିଦ୍ୟାଳୟ ବନ୍ଦ ନ ହେଉ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ରାଜ୍ୟ ସରକାର ୨୦୨୦-୨୧ ଶିକ୍ଷାବର୍ଷରେ ପ୍ରାୟ ୧୩୧୫୦ ନିମ୍ନ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ଅନ୍ୟ ସ୍କୁଲ ସହ ମିଶ୍ରଣ ପାଇଁ ଘୋଷଣା କରିଥିଲେ। କେନ୍ଦ୍ର ଓ ରାଜ୍ୟର ମିଳିତ ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୦ ପ୍ରାଥମିକ ବିଦ୍ୟାଳୟରେ ୨୦ରୁ କମ୍ ପିଲାଥିବା ସ୍କୁଲକୁ ବନ୍ଦ କରିବା ଓ ସେହି ସ୍କୁଲର ଶିକ୍ଷକ ଓ ପିଲାଙ୍କୁ ଅନ୍ୟ ସ୍କୁଲରେ ମିଶ୍ରଣ ପାଇଁ ଯୋଜନା କରାଯାଇଥିଲା। ସେତେବେଳେ ବିଭିନ୍ନ ସ୍ତରରେ ଏହି ନିଷ୍ପତ୍ତିକୁ ବିରୋଧ କରାଗଲା । ଓଡିଶା ଅଭିଭାବ ମହାସଂଘ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକ ନିଷ୍ପତ୍ତି ମୁତାବକ ଜୋରଦାର ବିରୋଧ ସହ ଆଇନଗତ ଲଢେଇ ଜାରି ରହିଲା। ଏ ସଂକ୍ରାନ୍ତରେ ମହାସଂଘ ସାରା ରାଜ୍ୟରେ ବୁଲି ବୁଲି ବାସ୍ତବ ସ୍ଥିତି ପରଖି ତଥ୍ୟ ସଂଗ୍ରହ କରି ପ୍ରମାଣ ସହିତ ଦସ୍ତାବିଜ ସରକାରଙ୍କୁ ଦେଇଥିଲା। ଅନୁଧ୍ୟାନରୁ ଜଣାପଡିଲା ଯେ, କିଛି ସ୍କୁଲ ବନ୍ଦ କଲେ ବିଶେଷ ସମସ୍ୟା ହେବ ନାହିଁ। ମାତ୍ର ବହୁ ସ୍କୁଲ ବନ୍ଦ କଲେ ରାଜ୍ୟରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହେବ। ପିଲାଙ୍କୁ ଜଙ୍ଗଲ ଅତିକ୍ରମ କରି, ନଦୀ ବା ନାଳ ଡେଇଁ, ହାତୀ ଚଲାପଥ ବା ଜାତୀୟ ରାଜପଥରେ ବିପଦଜନକ ଯାତ୍ରା କରିବାକୁ ପଡ଼ିବ ବୋଲି ସଂଘ ଯୁକ୍ତି ବାଢ଼ିଥିଲା। ସ୍କୁଲ ବନ୍ଦ ହେଲେ ଆଦିବାସୀ ବହୁଳ ଅଞ୍ଚଳରେ ପିଲା ସ୍କୁଲ ନ ଯିବାର ଆଶଙ୍କା ବଢ଼ିଥିଲା। ତେଣୁ ବେଶି ଦୂର ସ୍କୁଲ ଯିବା ଆସିବା ପାଇଁ ଗସ୍ତ ଖର୍ଚ୍ଚ ସରକାର ପ୍ରଦାନ କରିବେ ବୋଲି ଘୋଷଣା କରାଯାଇଥିଲା। ମାତ୍ର ରାଜ୍ୟ ସରକାର ୭୭୭୨ ସ୍କୁଲ ବନ୍ଦ କରିବା ଦ୍ୱାରା ଅନେକ ପିଲା ପାଠ ଛାଡିଥିବା ଅଭିଯୋଗରେ ମହାସଂଘ ଆନ୍ଦୋଳନ ସହ ଆଇନଗତ ଲଢେଇ କରିଥିଲା। ଅନ୍ୟପକ୍ଷରେ ଭାଜପା ତା'ର ନିର୍ବାଚନୀ ମାନିଫେଷ୍ଟୋରେ ରାଜ୍ୟରେ ବନ୍ଦ ହୋଇଥିବା ସ୍କୁଲ ଖୋଲିବାକୁ ଘୋଷଣା କରିଥିଲା। ତେଣୁ ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସରକାର ଏକ ସ୍ୱତନ୍ତ୍ର ଅଧ୍ୟାଦେଶ ମାଧ୍ୟମରେ ଏହି ନିଷ୍ପତ୍ତିର ପୁନଃବିଚାର କରି ସ୍କୁଲ ଖୋଲିବାର ବନ୍ଦୋବସ୍ତ କରନ୍ତୁ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଦାବି କରିଛନ୍ତି।

# ରେଳପଥରେ ହେବ ବୈଷୟିକ ବିକାଶ

### ଭାରତ - ସୁଇଜରଲାଣ୍ଡ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

ରେଳ କ୍ଷେତ୍ରରେ ବୈଷୟିକ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ପାରସ୍ପରିକ ଚୁକ୍ତି(ଏମ୍‌ଓୟୁ) ହୋଇଛି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ସୁଇସ୍ ରେଳ ମୁଖ୍ୟ ଆଲବର୍ଟ ରୋଏଷ୍ଟି ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମେ ସୁଇଜରଲାଣ୍ଡରେ ଭାରତୀୟ ରାଷ୍ଟ୍ରଦୂତ ମୃଦଳ କୁମାର ଫେଡେରାଲ କାଉନ୍‌ସେଲର ତଥା ଡିଇଟିଇସି ମୁଖ୍ୟ ଆଲବର୍ଟ ରୋଏଷ୍ଟିଙ୍କୁ ସ୍ୱାଗତ କରିଥିଲେ।





ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ସୁଇସ୍ ରେଳ ମୁଖ୍ୟ ଆଲବର୍ଟ ରୋଏଷ୍ଟି ଏମ୍‌ଓୟୁ ସ୍ୱାକ୍ଷର କରୁଛନ୍ତି।

ଆଲବର୍ଟ କହିଲେ, ସୁଇଜରଲାଣ୍ଡର ଉନ୍ନତ ରେଳ ପ୍ରଯୁକ୍ତିବିଦ୍ୟା ଭାରତର ରେଳ ବିକାଶରେ ସବୁ ଦିଗରେ ସହାୟକ ହୋଇପାରେ। ରେଳମନ୍ତ୍ରୀ ବୈଷ୍ଣବ କହିଲେ, ସମଗ୍ର ଦେଶରେ ନିରାପଦ ଏବଂ ଦ୍ରୁତଗତିରେ ରେଳ ଚଳାଚଳ କରିବା ଭାରତ ସରକାରଙ୍କ ଅନ୍ୟତମ ପ୍ରାଥମିକତା। ରେଳପଥର ସାମଗ୍ରିକ ବିକାଶ ଦିଗରେ ଭାରତ ସରକାର ପ୍ରତିବଦ୍ଧ। ଗତ କିଛିବର୍ଷ ମଧ୍ୟରେ ରେଳପଥର ବୈଷୟିକ ବିକାଶ ତଥା ସଂରକ୍ଷଣ ପାଇଁ ନିରନ୍ତର ଉଦ୍ୟମ କରାଯାଇଛି। ଏମ୍‌ଓୟୁ ସ୍ୱାକ୍ଷର ହେବା ଦ୍ୱାରା ଉଭୟ ଦେଶ ଟେକ୍ନୋଲୋଜି, ଟ୍ରାକ୍ ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ନିର୍ମାଣ କ୍ଷେତ୍ରରେ ଉପକୃତ ହେବେ। ସୁଇଜରଲାଣ୍ଡର ବୈଷୟିକ ସହଯୋଗ ଭାରତୀୟ ରେଳପଥର କାର୍ଯ୍ୟଦକ୍ଷତା ଏବଂ ଅନ୍ୟାନ୍ୟ ବୈଷୟିକ ପ୍ରସଙ୍ଗରେ ଅଧିକ ଦକ୍ଷତା ବୃଦ୍ଧି କରିବ। ଏମ୍‌ଓୟୁ ମାଧ୍ୟମରେ ଟ୍ରାକ୍ସନ ରୋଲିଂ ଷ୍ଟକ୍, ଇଏମ୍‌ୟୁ ଓ ଟ୍ରେନ୍ ସେଟ୍, ଟ୍ରାକ୍ସନ ପ୍ରପୁଲଶନ ଉପକରଣ, ଦ୍ରବ୍ୟ ଓ ଯାତ୍ରୀବାହୀ ଟ୍ରେନ, ଟିଲିଂ ଟ୍ରେନ, ରେଳ ବିଦ୍ୟୁତୀକରଣ ଉପକରଣ, ଟ୍ରେନ କାର୍ଯ୍ୟସୂଚୀ ଓ କାର୍ଯ୍ୟକ୍ଷମ ଉନ୍ନତି, ରେଳ ଷ୍ଟେଶନ ଆଧୁନିକୀକରଣ କ୍ଷେତ୍ରରେ ୨ ଦେଶ ମଧ୍ୟରେ ସହଯୋଗ ହେବ। ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟ ଓ ଟନେଲିଂ ଟେକ୍ନୋଲୋଜି ଆଦାନ ପ୍ରଦାନ କ୍ଷେତ୍ରରେ ଉଭୟ ଦେଶ ପରସ୍ପରକୁ ସହାୟତା କରିବେ ବୋଲି ରେଳପଥ ଆଶା ରଖିଛି।







ଆଜି କାଳୀପୂଜା: କଟକର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବାକୁ ଥିବା ମା' ଶ୍ୟାମାକାଳୀ: ଚାନ୍ଦିନୀଚୌକ। ମହମଦିଆ ବଜାର। ଶେଖ୍‌ବଜାର।

## ସଂକ୍ଷେପରେ

### ପଡୋଶୀଙ୍କ ଘରୁ ଟଙ୍କା, ଗହଣା ଚୋରି: ଯୁବକ ଗିରଫ

ଭୁବନେଶ୍ୱର,୩୦।୧୦
(ସୂର୍ଯ୍ୟକାନ୍ତ ବେହେରା)

ପଡୋଶୀଙ୍କ ଘରୁ ୮୦ ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶିଖରଚଣ୍ଡିନଗର ଅଞ୍ଚଳର କାହ୍ନୁ ସିଂ। କାହ୍ନୁଙ୍କଠାରୁ ୧୫ ହଜାର ୮୦୦ ଟଙ୍କା ଜବତ ହୋଇଥିବାବେଳେ ବାକି ଟଙ୍କା ଖର୍ଚ୍ଚ କରିଦେଇଥିବା ପୋଲିସ ଜାଣିବାକୁ ପାଇଛି। ପଡୋଶୀ ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ସୂଚନାନୁସାରେ, ମହିଳା ଜଣକ ଜାଲିମୁଣ୍ଡା ସାହିରେ ରହୁଥିବା ବେଳେ ଅଭିଯୁକ୍ତ କାହ୍ନୁ ତାଙ୍କର ପଡୋଶୀ। ଅକ୍ଟୋବର ୨୭ରେ ମହିଳା ଜଣକ ଆଲମିରା ଭିତରେ ସଞ୍ଚୟ କରି ରଖିଥିବା ଟଙ୍କାକୁ ଅଭିଯୁକ୍ତଙ୍କ ସହ ମିଶି ଗଣି ପୁନର୍ବାର ତାହାକୁ ଚାବି ପକାଇ ରଖି ଦେଇଥିଲେ। ଏତେ ଟଙ୍କା ଦେଖି କାହ୍ନୁଙ୍କର ଲୋଭ ବଢ଼ିଯାଇଥିଲା। ତେବେ ମହିଳା ଘରେ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ଆଲମିରାରୁ ୮୦ ହଜାର ଟଙ୍କା ଏବଂ ହଳେ କାନ ଫୁଲ ଚୋରି କରି ନେଇଥିଲେ।

### ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୩୦।୧୦
(ସୂର୍ଯ୍ୟକାନ୍ତ ବେହେରା)

ବ୍ରାଉନସୁଗାର ବେପାର କରୁଥିବାବେଳେ ଲକ୍ଷ୍ମୀସାଗର ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନୟାଗଡ ରଣପୁର ଥାନା ଅଞ୍ଚଳର ନିରଞ୍ଜନ ଖଟେଇ ଓରଫ ନିରୁ ଓ ମଞ୍ଚେଶ୍ୱର ଅଞ୍ଚଳର ପ୍ରଦୀପ କୁମାର ମିଶ୍ର। ସେମାନଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର, ଅପରାଧରେ ବ୍ୟବହୃତ ଅଟୋ ଓ ଗୋଟିଏ ମୋଟରସାଇକେଲ ଜବତ କରିଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। ଏନେଇ ପୋଲିସ ଅଧିକ ତଦନ୍ତ ଚଳାଇବା ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ କରୁଛି।

### ଗୋମାଂସ ଗାଡ଼ିକୁ ଜବତ କଲା ପ୍ରଶାସନ

ବାଲିପାଟଣା,୩୦।୧୦
(ଅଭିମନ୍ୟୁ ନାୟକ)

ନିମାପଡ଼ା ପଟୁ ବାଲିପାଟଣା ଆଡ଼କୁ ଆସୁଥିବା ଏକ ଗୋମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ମଙ୍ଗଳବାର ପ୍ରଶାସନ ଜବତ କରିଛି। ଗୋମାଂସ ଚାଲାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେବା ପରେ ଖବରପାଇ ବାଲିପାଟଣା ପୋଲିସ ଓ ତହସିଲଦାର କଳ୍ପନା ଦାସ ଘଟଣାସ୍ଥଳରେ ପହଞ୍ଚି ପିକ୍‌ଅପ୍‌ରୁ ୩ ବସ୍ତା ଗୋମାଂସ ଜବତ କରିଛନ୍ତି। ପରେ ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ଜବତ ମାଂସକୁ ପୋତା ଯାଇଥିଲା। ସୂଚନା ମୁତାବକ, ଏକ ପିକ୍‌ଅପ୍ ଭ୍ୟାନ (ଓଡି ୦୨ ସିଏମ୍ ୭୧୮୨)ରେ ଗୋମାଂସ ଚାଲାଣ ହେଉଥିବାବେଳେ ଗାଡ଼ିଟି ନରଦା ବଜାର ଦେଇ ଯିବାବେଳେ କେତେଜଣ ଲୋକଙ୍କ ସନ୍ଦେହ ହେବାରୁ ସେମାନେ ଗାଡ଼ିକୁ ଅଟକାଇଥିଲେ। ଗୋମାଂସ ଚାଲାଣ ହେଉଥିବା ଦେଖି ବାଲିପାଟଣା ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ମାଜିଷ୍ଟ୍ରେଟ ପହଞ୍ଚିବାବେଳକୁ ଚାଳକ ଗାଡ଼ି ଛାଡ଼ି ସେଠାରୁ ଫେରାର ହୋଇଯାଇଥିଲେ।

# ଅତ୍ରିରେ ନୂତନ ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ

ବେଗୁନିଆ/ଭୁବନେଶ୍ୱର, ୩୦।୧୦
(ସନ୍ଧ୍ୟାରାଣୀ ମିଶ୍ର/ ଅନୁରାଧା ମହାରଣା)




ଅତ୍ରି ପାସେଞ୍ଜର ହଲ୍ଟକୁ ଏମ୍‌ପି ଅପରାଜିତା ଷଡଙ୍ଗୀ ଉଦ୍‌ଘାଟନ କରିବା ପରେ ଦଶପଲ୍ଲା-ଭୁବନେଶ୍ୱର ମେମୁ ଯାତ୍ରାରମ୍ଭ କରୁଛି।

ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳଲାଇନ୍‌ର ଅତ୍ରିଠାରେ ଏକ ନୂତନ ପାସେଞ୍ଜର ହଲ୍ଟ ବୁଧବାର ଯାତ୍ରୀଙ୍କୁ ସମର୍ପିତ କରାଯାଇଛି, ଯାହା ଏହି ଅଞ୍ଚଳର ପରିବହନ ଭିତ୍ତିଭୂମିରେ ଏକ ଉଲ୍ଲେଖନୀୟ ଉନ୍ନତି ଆଣିବ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ପାସେଞ୍ଜର ହଲ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବଜୱା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ଅତ୍ରି ଉଷ୍ଣପ୍ରସ୍ରବଣ ପର୍ଯ୍ୟଟନସ୍ଥଳୀକୁ ଏହି ନୂତନ ହଲ୍ଟ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ପର୍ଯ୍ୟଟକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସୁବିଧା ପ୍ରଦାନ କରିବ। ଅତ୍ରି ପାସେଞ୍ଜର ହଲ୍ଟରେ ଦଶପଲ୍ଲା-ଭୁବନେଶ୍ୱର ମେମୁ ପ୍ରଥମ ଟ୍ରେନ ଭାବେ ରହଣି କରିଛି। ଏମ୍‌ପି ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ସମେତ ରେଳମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ଦାବି ତଥା ଆକାଂକ୍ଷା ପୂରଣ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ଅତ୍ରି ପାସେଞ୍ଜର ହଲ୍ଟ ନିର୍ମାଣରେ ପ୍ରାୟ ୫୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି, ଯେଉଁଥିରେ ୪୬୭ ମିଟର ଦୈର୍ଘ୍ୟ ପ୍ଲାଟଫର୍ମ, ୬ଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳୀ ଏବଂ ୩୦ ଜଣଙ୍କ ବସିବା କ୍ଷମତା ବିଶିଷ୍ଟ ୬ଟି ବେଞ୍ଚ ଉପଲବ୍ଧ ଅଛି। ଏହାସହିତ ଯାତ୍ରୀଙ୍କ ପାଇଁ ସାମଗ୍ରିକ ଭ୍ରମଣ ଅଭିଜ୍ଞତାକୁ ବୃଦ୍ଧି କରାଇବା ଲାଗି ୧୪ଟି ଲାଇଟ ପୋଷ୍ଟ, ଏକ ନଳକୂଅ ଏବଂ ଏକ ବୁକିଂ କାଉଣ୍ଟର ସୁବିଧା ରହିଛି। ଏହି ବିକାଶ ସ୍ଥାନୀୟ ପର୍ଯ୍ୟଟନକୁ ବୃଦ୍ଧି କରାଇବା ସହିତ ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ଉନ୍ନତ ଗମନାଗମନ ସଂଯୋଗ ଯୋଗାଇବ ଏବଂ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସକାରାତ୍ମକ ଯୋଗଦାନ ଦେବ ବୋଲି ଆଶା କରାଯାଉଛି। ତୁରନ୍ତ ଅତ୍ରି ପାସେଞ୍ଜର ହଲ୍ଟରେ ୩ଟି ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନଗୁଡ଼ିକ ହେଉଛି ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଏବଂ ପୁରୀ-ଦଶପଲ୍ଲା-ପୁରୀ ମେମୁ ପାସେଞ୍ଜର ଟ୍ରେନ। ଭଦ୍ରକରୁ ଛାଡୁଥିବା ୦୮୫୫୫/୦୮୫୫୬ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ ଅତ୍ରିରେ ପୂର୍ବାହ୍ନ ୧୦ଟା ୩୬ରେ ପହଞ୍ଚି ୧୦ଟା ୩୭ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଦଶପଲ୍ଲାଠାରୁ ଏହି ଟ୍ରେନ ଅତ୍ରିରେ ଅପରାହ୍ନ ୫ଟା ୫୫ମିରେ ପହଞ୍ଚି ୫ଟା ୫୬ରେ ଭଦ୍ରକ ଅଭିମୁଖେ ଯାତ୍ରା କରିବ। ଭୁବନେଶ୍ୱରରୁ ଛାଡୁଥିବା ୦୮୪୨୯/୦୮୪୩୦ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଅତ୍ରିରେ ପୂର୍ବାହ୍ନ ୧୦ଟା ୫୧ରେ ପହଞ୍ଚି ୧୦ଟା ୫୨ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଅତ୍ରିରେ ଅପରାହ୍ନ ୫ଟା ୧୪ରେ ପହଞ୍ଚି ୫ଟା ୧୫ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ପୁରୀରୁ ଛାଡୁଥିବା ୦୮୪୨୩/୦୮୪୨୪ ପୁରୀ-ଦଶପଲ୍ଲା-ପୁରୀ ମେମୁ ଅତ୍ରିରେ ସନ୍ଧ୍ୟା ୭ଟା ୪୦ରେ ପହଞ୍ଚି ୭ଟା ୪୧ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଅତ୍ରିରେ ସକାଳ ୭ଟା ୫୨ରେ ପହଞ୍ଚି ୭ଟା ୫୩ରେ ପୁରୀ ଅଭିମୁଖେ ଯାତ୍ରା କରିବ।

## ପୂର୍ବତଟ ରେଳପଥର ହିତାଧିକାରୀ, ଭାଗୀଦାରିଙ୍କ ବୈଠକ

ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ସମସ୍ତ ଭାଗୀଦାରି, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହ ଏକ କଥୋପକଥନ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାହକଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଆୟୋଜିତ ଏହି ବୈଠକରେ ଉଭୟ ରେଳପଥ ଏବଂ ଶିଳ୍ପ ପ୍ରଗତି ନେଇ ସେମାନଙ୍କ ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ଭିଜିଲାନ୍ସ ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ହିତାଧିକାରୀଙ୍କ ସହ ହୋଇଥିବା ସମସ୍ତ କାରବାରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

**ସମସ୍ତ କାରବାରରେ ସ୍ୱଚ୍ଛତାକୁ ଗୁରୁତ୍ୱ**

ରେଳପଥର କାରବାର ସମୟରେ ବିଶ୍ୱାସ ସୃଷ୍ଟିକରିବା, ରେଳପଥ ଏବଂ ଏହାର ହିତାଧିକାରୀଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ ବୋଲି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଇସ୍ପାତ କାରଖାନା, ବନ୍ଦର ଏବଂ ବ୍ୟାଙ୍କିଙ୍ଗ୍ ଭଳି ଶିଳ୍ପସଂସ୍ଥାଗୁଡିକ ସହିତ କଣ୍ଟ୍ରାକ୍ଟର, ଯୋଗାଣକାରୀ ଏବଂ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ରେଳପଥର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ପାରସ୍ପରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଉପସ୍ଥିତ ସଂସ୍ଥାଗୁଡିକର ପ୍ରତିନିଧିମାନେ ସେମାନଙ୍କ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ।

## ଦୁଇ ଅଭିଯୁକ୍ତ ଗିରଫ, ୬୨ ହଜାର ଜବତ

**ଔଷଧ ଦୋକାନରୁ ଶଟର ତାଡ଼ି ଚୋରି ଘଟଣା**

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ୍ ରାଉତ)




ଗିରଫ ଦୁଇ ଅଭିଯୁକ୍ତ।

ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୭ ଅଞ୍ଚଳରେ ଫାର୍ମା ଲାଇଫ୍ ନାମକ ଔଷଧ ଦୋକାନର ଶଟର ତାଡି ଚୋରି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ଅମର ନାୟକ (୫୫) ଓ ଜଟଣୀ ଥାନା ଅଧୀନ ଭୀମପୁର ଅଞ୍ଚଳର ସୂର୍ଯ୍ୟ ପ୍ରଧାନ (୨୫)। ସେମାନଙ୍କଠାରୁ ୬୨ ହଜାର ୪୬୦ ଟଙ୍କା ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉକ୍ତ ଦୋକାନର ମାଲିକ ହେଉଛନ୍ତି ଶିବ ଶଙ୍କର ନାୟକ। ସେ ସୋମବାର ରାତି ପ୍ରାୟ ୧୧ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଅଭିଯୁକ୍ତଦ୍ୱୟ ଶ୍ରମିକ ବେଶରେ ଦୋକାନ ନିକଟକୁ ଆସିଥିଲେ। ଉଭୟ ଟୋପି ଓ ଦୋକାନରେ ଥିବା କ୍ୟାରି ବ୍ୟାଗକୁ ମୁହଁରେ ଢ଼ାଙ୍କି ଦେଇଥିଲେ। ସେମାନେ ଶଟର ତାଡ଼ି ଓ ତାଲା ଭାଙ୍ଗି ନଗଦ ୩ଲକ୍ଷ ଟଙ୍କା ସହ ଦାମୀ ଔଷଧ ଆଦି ନେଇଯାଇଥିଲେ। ଏନେଇ ଶିବଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୭୧୮/୨୦୨୪) ରୁଜୁ କରି ତଦନ୍ତ କରିଥିଲା।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୯ମ ଦେବପ୍ରସାଦ ଉତ୍ସବର ବୁଧବାର ଉଦ୍‌ଯାପନୀ ଅବସରରେ ଇସୁ ବ୍ୟାଣ୍ଡ୍ ପରିବେଷଣ କରାଯାଉଛି। (ଫଟୋ- ବିକାଶ ନାୟକ)

## କାର୍ ଧକ୍କାରେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ପାଟପୁର ଛକ ନିକଟରେ ବୁଧବାର ବଡ଼ିଭୋର ସମୟରେ ଏକ କାର୍ ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରାହ୍ମଣୀ ଗାଁର ହେମନ୍ତ କୁମାର ପାଲ(୬୫)। ଏନେଇ ବାରଙ୍ଗ ପୋଲିସ ଏକ ମକଦ୍ଦମା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ପ୍ରକାଶ ଯେ, ହେମନ୍ତ ସାଇକେଲରେ ଛତ୍ର ବଜାର ପରିବା ମାର୍କେଟରୁ ପରିବା ଆଣି ଗାଁ ପାଖରେ ବ୍ୟବସାୟ କରନ୍ତି। ସେ ସବୁଦିନ ପରି ବୁଧବାର ବଡ଼ିଭୋର ସମୟରେ ଛତ୍ର ବଜାରରୁ ପରିବା ନେଇ ଘରକୁ ଫେରୁଥିଲେ। ପାଟପୁର ଛକ ନିକଟରେ ତାଙ୍କୁ ଏକ କାର୍ ପଛପଟୁ ଧକ୍କା ଦେବାରୁ ସେ କାର୍ ଚକା ତଳେ ଫସି ଯାଇଥିଲେ। କାର୍‌ର ଚକା ହେମନ୍ତଙ୍କ ବାମ ଜଙ୍ଘ ଉପରେ ଚଢ଼ିଯିବା ସହ କିଛି ବାଟ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଘଟାଇ କାର୍‌ଟି ସେଠାରୁ ପଳାଇ ଯାଇଥିଲା। ଏହି ସମୟରେ ଏକ ଟ୍ରକ୍ ଚାଳକ ଏହାଦେଖି ବାରଙ୍ଗ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଲକ୍ଷାଧିକ ଟଙ୍କାର ବିସ୍ଫୋରକ ଦ୍ରବ୍ୟ ଜବତ

- ବେଆଇନ ବାଣ ପ୍ରସ୍ତୁତ ପାଇଁ ଥିଲା ମହଜୁଦ
- ୫ ବାଇକ୍ ଜବତ

ବେଗୁନିଆ,୩୦।୧୦
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଆଇନ ବାଣ ପ୍ରସ୍ତୁତି ପାଇଁ ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ଦ୍ରବ୍ୟକୁ ବେଗୁନିଆ ପୋଲିସ ବୁଧବାର ଜବତ କରିଛି। ଜବତ ଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଘଟଣାସ୍ଥଳରୁ ପୋଲିସ ୫ ବାଇକ୍‌କୁ ଜବତ କରିଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଏନେଇ ଥାନାରେ ମାମଲା ନଂ. ୩୦୯/୨୪ ଓ ଦଫା ୨୮୮/୩(୫) ବିଏନ୍‌ଏସ୍, ୪/୫ ଇଏସ୍ ଆକ୍ଟ ରୁଜୁକରି ଅଧିକ ତଦନ୍ତ କରୁଛି।

# ଅଞ୍ଚଳର ବିକାଶ ପାଇଁ ଏକଜୁଟ ହେବାକୁ ଆହ୍ୱାନ

**ବାଲିଅନ୍ତା ପଞ୍ଚାୟତ ସମିତି ବୈଠକ**

ବାଲିଅନ୍ତା,୩୦।୧୦(ନୀଳମାଧବ ସାହୁ)



ବାଲିଅନ୍ତା ପଞ୍ଚାୟତ ସମିତିର ପଞ୍ଚମ ବୈଠକ ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ରୂପେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ବାଲିଅନ୍ତାର ବିକାଶ ପାଇଁ ସମସ୍ତେ ଏକଜୁଟ ହେବା ସହ ସଂକଳ୍ପ ନେବାକୁ ଉପସ୍ଥିତ ଲୋକ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, କୃଷି ଉପରେ ସରଗରମ ଆଲୋଚନା ହୋଇଥିଲା। ଗ୍ରୀଷ୍ମଋତୁ ପୂର୍ବରୁ ଅଚଳ ନଳକୂପ ମରାମତି, ମେଗା ପାନୀୟ ଜଳ ପ୍ରକଳ୍ପ ତୁରନ୍ତ ଶେଷ ଉପରେ ବହୁ ସଭ୍ୟ ଗୃହରେ ପ୍ରଶ୍ନ କରିଥିଲେ। ପାଇପ୍‌ଲାଇନ ବିଛାଯିବାବେଳେ ଖୋଳାଯାଇଥିବା ରାସ୍ତା ଠିକ୍ ଭାବରେ ମରାମତି ହେଉ ନ ଥିବା କେତେଜଣ ସଭ୍ୟ ଅଭିଯୋଗ କରିଥିଲେ। ବାଲିଅନ୍ତା ପଞ୍ଚାୟତର ବାଇଣ୍ଡଳ ଗ୍ରାମ ନିକଟସ୍ଥ ଏକ ଡ୍ୟୁପ୍ଲେକ୍ସ ଘରକୁ ବେଆଇନ ପାଇପ୍ ସଂଯୋଗ ଯୋଗୁ ସ୍ଥାନୀୟ ମୂଳ ବାସିନ୍ଦା ପାଣି ପାଇବାରେ ହଟହଟା ହେଉଥିବା ସରପଞ୍ଚ କୃଷ୍ଣକେଶବ ଆପଟ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ଯନ୍ତ୍ରୀ ଅଶ୍ୱିନ କୁମାର ମଲ୍ଲ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଆଲୋଚନାବେଳେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକତାଠାରୁ କେତେ କମ୍ କର୍ମଚାରୀ ଅଛନ୍ତି, ଡେପୁଟେସନରେ ଯାଇଥିବା କର୍ମଚାରୀଙ୍କୁ ମୂଳ ଜାଗାକୁ ଫେରାଇ ଆଣିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଭିଙ୍ଗାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଆଣି ଏହାର ସମାଧାନ ପାଇଁ ସରପଞ୍ଚ ହୃଷୀକେଶ ବେହେରା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେଣ୍ଟପୁର-ବାଲିଅନ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ପଦବୀଗୁଡ଼ିକ ପୂରଣ ଓ ନୂତନ ଗୃହର କାର୍ଯ୍ୟ ସାରିବାକୁ ସରପଞ୍ଚ ହୃଷୀକେଶ ପାତ୍ର ଦାବି କରିଥିଲେ। ପୁରୀ ମୁଖ୍ୟ ଓ ଏହାର ଶାଖା କେନାଲ ଓ ନଦୀ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ବେଆଇନ ନିର୍ମାଣକୁ ଉଚ୍ଛେଦ ପାଇଁ କେତେଜଣ ସଭ୍ୟ ମତ ରଖିଥିଲେ। ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ନୂତନ ପରିଚାଳନା କମିଟି ଗଠନ ଓ ପ୍ରାଚୀର ନ ଥିବା ବିଦ୍ୟାଳୟରେ ତୁରନ୍ତ ପ୍ରାଚୀର ନିର୍ମାଣ ପାଇଁ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଦାବି କରିଥିଲେ। ବାଲିଅନ୍ତା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ସ୍ଥାନାନ୍ତର ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଖାଲିପଡ଼ିଥିବା ଗୃହ ଯୋଗାଇଦେବା ପାଇଁ ବିଡିଓ ପବିତ୍ର ସାମଲ କହିଥିଲେ। ବୈଠକରେ ଉପାଧକ୍ଷା ଇତିଶ୍ରୀ ଜେନା, ତହସିଲଦାର ବିମଳ ଲେଙ୍କା, ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ମଙ୍ଗରାଜ ବେହେରା, ସଭ୍ୟା କୁନ୍‌ମୁନ ଲେଙ୍କା, ଏମ୍‌ପିଙ୍କ ପ୍ରତିନିଧି ରୂପେ ଶିବ ମଲ୍ଲିକଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ୨୦୧୦ ମାଟ୍ରିକ୍ ବ୍ୟାଚ୍ ପିଲାଙ୍କ ବନ୍ଧୁମିଳନ

**ବାଙ୍କୀ,୩୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାଙ୍କୀର ୨୦୧୦ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଡମପଡ଼ା ବ୍ଲକ ଅନ୍ତର୍ଗତ ଘାସପୁଟସ୍ଥ ମା' ଅରାଚଣ୍ଡୀ ପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତାପସ କୁମାର ମହାନ୍ତି ଯୋଗଦାନ କରି ଏହି ବ୍ୟାଚର ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଅଟନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆଶିଷ କୁମାର ପାଢ଼ୀ, କିଷନ ସାହୁ, ତାର୍ଜନ ମହାନ୍ତି, ମାନସ କୁମାର ଲେଙ୍କା, ଲିପିନା ରଥ, ବ୍ରଜ ଲେଙ୍କା, ଲୋରା ବେଉରା, ସତ୍ୟ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବିଶେଷ କରି ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତେ ମନପ୍ରାଣ ଦେଇ ଉଦ୍ୟମ କରିବେ ବୋଲି ଶପଥ ନେଇଥିଲେ।

# ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ କ୍ଷୋଭ ପ୍ରକାଶ

## ବିଧାନସଭା ୫ମ ଷ୍ଟାଣ୍ଡିଂ କମିଟିର ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ମାଣିଆବନ୍ଧ, ୩୦।୧୦ (ଅଖିଳ କୁମାର ସାହୁ):**

ଓଡ଼ିଶା ବିଧାନସଭା ୫ମ ଷ୍ଟାଣ୍ଡିଂ କମିଟି ବୁଧବାର ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ପରେ ଅନୁଷ୍ଠିତ ସଭାରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଧାୟକ ବିଭୂତି ଭୂଷଣ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ କମିଟି ସଦସ୍ୟ ବିଧାୟକ ପ୍ରଶାନ୍ତ ବେହେରା, ଉମା ଚରଣ ମଲ୍ଲିକ, ଇଂ. ପ୍ରକାଶ ଚରଣ ସେଠୀ, ଡାକ୍ତର ଫକୀର ମୋହନ ନାୟକ, ଗୌତମ ବୁଦ୍ଧ ଦାଶ, ସତ୍ୟଜିତ ଗମାଙ୍ଗ, ବିଧାୟିକା ସୁଜାତା ସାହୁ ଏବଂ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଉପସ୍ଥିତ ଥିଲେ। କମିଟି ପ୍ରଥମେ ଡାକ୍ତରଖାନାର ବିଭିନ୍ନ ଅସୁବିଧା ସୁବିଧା ବୁଲି ଦେଖିବା ସହ ସେଗୁଡ଼ିକର ନିରାକରଣ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗକୁ ସୁପାରିସ କରିବ ବୋଲି କହିଥିଲେ। ବିଧାୟକ ପ୍ରଧାନ ଗତ ମାସରେ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ୨ଟି ପ୍ରସବ ହୋଇଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଡାକ୍ତରମାନଙ୍କ ଅନୁପସ୍ଥିତି ନିରାକରଣ ନିମନ୍ତେ ବାୟୋମେଟ୍ରିକ ବ୍ୟବସ୍ଥା କରିବାକୁ ବିଧାୟକ ସେଠୀ ପରାମର୍ଶ ଦେଇଥିଲେ। ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ବ ଗୌରବ ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣଙ୍କ ପକ୍ଷରୁ ମାଣିଆବନ୍ଧ ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ ପୂର୍ବର ରେଫରାଲ ହସ୍ପିଟାଲ ମାନ୍ୟତା ଫେରାଇବାକୁ ଅନୁରୋଧ କରିଥିବା ବେଳେ ପୂର୍ବତନ ସରପଞ୍ଚ ଦେବାଶିଷ ଜେନା ଡାକ୍ତରମାନଙ୍କ ଅନୁପସ୍ଥିତି ସମ୍ବନ୍ଧରେ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। 'ମହକ'ର ସମ୍ପାଦକ ଅରକ୍ଷିତ ସ୍ୱାଇଁ ଡାକ୍ତରଖାନାର ଐତିହ୍ୟ ସହ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ମାନ୍ୟତା ପୁରସ୍କାର ଏବଂ ଗୁରୁତ୍ୱ ଦୃଷ୍ଟିରୁ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବ୍‌ଡିଭିଜନାଲ ମାନ୍ୟତା ଦେବା ନିମନ୍ତେ ଏକ ଦାବିପତ୍ର କମିଟିକୁ ପ୍ରଦାନ କରିଥିଲେ। ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମକରନ୍ଦ ବେଉରା, ପିଡ଼ି ଡିଆରଡିଏ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧୀକ୍ଷକ ଡା. ବିଶ୍ୱନାଥ, ବିଡିଓ ରମେଶ ଜେନା, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, କଟକ ଜିଲା ଭାଜପା ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପଞ୍ଚାନନ ସ୍ୱାଇଁ, ଜାତୀୟ ପୁରସ୍କାରପ୍ରାପ୍ତ ବାଦ୍ୟଶିଳ୍ପୀ ଦେବରାଜ ଦେବତା, ବୁଦ୍ଧ ସଂଘର ପୂର୍ବତନ ସଭାପତି ଅରକ୍ଷିତ ଦେବତା, ବୟନଶ୍ରୀ ସଭାପତି ନାରାୟଣ ପତିଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ।


ସଭାରେ ଉପସ୍ଥିତ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ।

# ପାଞ୍ଚଗାଁ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ତିଗିରିଆ, ୩୦।୧୦(ଜାଫର ଖାଁ)**

ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତରେ ବୁଧବାର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ କୁମାର ଧୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀର ଯୁବ ବିଜେଡି ସଂଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ। ଦୁଇ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ଓ ସଭ୍ୟ ସଞ୍ଜୀୟ କୁମାର ମଲ୍ଲିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ତଥା ବ୍ଲକ ମହିଳା ବିଜେଡି ସଭାପତି ରୁପା ଦଳେଇ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌରହରି ପରିଡ଼ା, ବିଧାୟକଙ୍କ ପ୍ରତିନିଧି ଚିନ୍ମୟ କୁମାର ମଲ୍ଲିକ, ସମବାୟବିତ୍ ଲଳିତେନ୍ଦୁ ସେନାପତି, ଜିଲା ବିଜେଡି ସମ୍ପାଦକ ପ୍ରଦୀପ୍ତ ଦାସ, ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ସମିତିସଭ୍ୟ ପ୍ରକାଶ କୁମାର ବେହେରା, ଭିରୁଡ଼ା ସମିତିସଭ୍ୟ ଧନେଶ୍ୱର ରଣା, ଆଇନଜୀବୀ ରଘୁନାଥ ଦାଶ, ପାଞ୍ଚଗାଁ ପଞ୍ଚାୟତ ବିଜେଡି ସଭାପତି ରଷିଆ ସ୍ୱାଇଁ, ମହିଳା ବିଜେଡି ସଭାନେତ୍ରୀ ସସ୍ମିତା ନାୟକ, ବଡ଼ନାଉପୁଟ ପଞ୍ଚାୟତ ବିଜେଡି ସଭାପତି ପ୍ରସନ୍ନ କୁମାର ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଞ୍ଚଗାଁ ପଞ୍ଚାୟତସ୍ଥିତ ପଞ୍ଚାନନେଶ୍ୱର ଶିବ ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ପଦଯାତ୍ରାରେ ମୁଖ୍ୟ ଅତିଥି ସ୍ୱାଇଁ ଭାଜପା ସରକାର ନିଜ ନିର୍ବାଚନୀ ପ୍ରତିଶ୍ରୁତି କେବେ ପୂରଣ କରିବ ବୋଲି ପ୍ରଶ୍ନ କରିବା ସହ ଓଡ଼ିଶାବାସୀଙ୍କ ସହ ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ପଦଯାତ୍ରାରେ ପଞ୍ଚାୟତର ମହିଳାପୁରୁଷ, ଯୁବ ଓ ଛାତ୍ର ବିଜେଡି କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀମାନେ।

# ବାଙ୍କୀ କଲେଜ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ବାଙ୍କୀ,୩୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝରର ସହକାରୀ ପ୍ରଫେସର ଡ. ନିବେଦିତା ପତି ଯୋଗ ଦେଇ ବେଦାନ୍ତ ସାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରକୁ ଅଧ୍ୟକ୍ଷ ନିରଞ୍ଜନ ମହାନ୍ତି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଓ ଡ. ଶଶିଭୂଷଣ ମହାପାତ୍ର ଯୋଗଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ମହେଶ ପ୍ରସାଦ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଅଭିମନ୍ୟୁ ରଣା ଧନ୍ୟବାଦ ଦେଇଥିଲେ।

# ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ ରାଶନ କାର୍ଡରୁ ନାମ ବାଦ

## ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

**ବାଙ୍କୀ,୩୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ ରାଶନ କାର୍ଡରୁ ନାମ କାଟି ଦେଇଥିବା ବାଙ୍କୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ସମ୍ପୃକ୍ତ ମହିଳା କରିଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ରମେଶ ଖଟୁଆଙ୍କ ପତ୍ନୀ ଅଶାନ୍ତି ଖଟୁଆ (୫୫)ଙ୍କ ନାମ ରାଶନ କାର୍ଡରୁ ଗତ ଫେବୃଆରୀରେ କଟି ଯାଇଥିଲେ ମଧ୍ୟ ଅଶାନ୍ତି ଜାଣି ନ ଥିଲେ। କୌଣସି ସୂତ୍ରରୁ ଖବରପାଇ ଘଟଣା ସମ୍ପର୍କରେ ଅଶାନ୍ତି ସୁବର୍ଣ୍ଣପୁର ସେବା ସମବାୟ ସମିତିରେ ପଚାରିବାରୁ ତାଙ୍କ ନାମ କଟି ଯାଇଥିବା ସେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ବାଙ୍କୀ ଯୋଗାଣ ବିଭାଗରେ ଅଶାନ୍ତି ପଚାରିବାରୁ ଜାଣିଲେ ଯେ, ସୁବର୍ଣ୍ଣପୁର ସେବା ସମବାୟ ସମିତି ପକ୍ଷରୁ ମୃତ ବୋଲି ଦର୍ଶାଇ ତୁମ ନାମ କାଟିବାକୁ ଲିଖିତ ଭାବେ ଦେବା ପରେ କଟାଯାଇଛି। ରାଶନ କାର୍ଡଧାରୀ ଅଶାନ୍ତି ରାଉତ ଜୀବିତ ଥିବା ବେଳେ ତାଙ୍କୁ କାଗଜପତ୍ରରେ କିପରି ମୃତ ଘୋଷଣା କରାଯାଇଥିଲା ତାହା ଆଶ୍ଚର୍ଯ୍ୟଜନକ ବିଷୟ ହୋଇଛି। ଏଭଳି ଘଟଣାର ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଶାନ୍ତି ବିଡିଓ ଅଂଶୁମାନ ଦାସଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଡିଓ ଦାସ ଏହି ଘଟଣାରେ ଆଶ୍ଚର୍ଯ୍ୟ ହେବା ସହ ଘଟଣାର ତଦନ୍ତ ନିମନ୍ତେ ବାଙ୍କୀ ସାଧାରଣ ବଣ୍ଟନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ତଦନ୍ତ କରାଯାଇ ସେବା ସମବୟ ସମିତିର ସମ୍ପୃକ୍ତ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି।


ବିଡିଓଙ୍କୁ ଜୀବିତ ଥିବା ଅଶାନ୍ତି ଖଟୁଆ ଅଭିଯୋଗପତ୍ର ଦେଉଛନ୍ତି।

# ବେଆଇନ ପାର୍କିଂ ନ ହଟିଲେ ଅନଶନ

- ମଙ୍ଗୁଳିଛକରେ ବେଆଇନ ପାର୍କିଂକୁ ବିରୋଧ
- ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର

**ମଙ୍ଗୁଳି-ଜଗତପୁର,୩୦।୧୦(ମାନସ ସାମଲ)**

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ମଙ୍ଗୁଳି ଛକର ୨ ପାର୍ଶ୍ୱରେ ବେଆଇନ ପାର୍କିଂ ହଟାଇବା ପ୍ରତିବାଦରେ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ବୁଧବାର କଟକ ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂକୁ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ମଙ୍ଗୁଳି ଛକ ଏକ ବ୍ୟସ୍ତ ବହୁଳ ଜାତୀୟ ରାଜପଥ ହୋଇଥିବାବେଳେ ରାସ୍ତା ଉପରେ ବେଆଇନ ପାର୍କିଂ ପାଇଁ ଅନେକ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରିତ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଉକ୍ତ ଛକରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। କଟକ ଜିଲା ପରିବହନ ଅଧିକାରୀ ଏବଂ ଜିଲାପାଳଙ୍କୁ ମଧ୍ୟ ଏ ସମସ୍ୟା ସମ୍ପର୍କରେ ଲିଖିତ ଅବଗତ କରାଯାଇଛି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମାନବାଧିକାର କର୍ମୀ ସସ୍ମିତା ଦାସ, ନାରାୟଣ ବିଶ୍ୱାଳ, ସବିତା ଦାସ, ଆକାଂକ୍ଷା ବେଉରାଙ୍କ ସମେତ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଦାବି କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ପ୍ରତିବାଦ ସ୍ୱରୂପ ମଙ୍ଗୁଳି ଛକରେ ଏକ ଶାନ୍ତିପୂର୍ଣ୍ଣ ଅନଶନ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# କାର୍ ଧକ୍କାରେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ

**ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)**

ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ପାଟପୁର ଛକ ନିକଟରେ ବୁଧବାର ବଡ଼ିଭୋର ସମୟରେ ଏକ କାର୍ ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରାହ୍ମଣୀ ଗାଁର ହେମନ୍ତ କୁମାର ପାଳ(୬୫)। ଏନେଇ ବାରଙ୍ଗ ପୋଲିସ ଏକ ମକଦ୍ଦମା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ହେମନ୍ତ ସାଇକେଲରେ ଛତ୍ର ବଜାର ପରିବା ମାର୍କେଟରୁ ପରିବା ଆଣି ଗାଁ ପାଖରେ ବ୍ୟବସାୟ କରନ୍ତି। ସେ ସବୁଦିନ ପରି ବୁଧବାର ବଡ଼ିଭୋର ସମୟରେ ଛତ୍ର ବଜାରରୁ ପରିବା ନେଇ ଘରକୁ ଫେରୁଥିଲେ। ପାଟପୁର ଛକ ନିକଟରେ ତାଙ୍କୁ ଏକ କାର୍ ପଛପଟୁ ଧକ୍କା ଦେବାରୁ ସେ କାର୍ ଚକା ତଳେ ଫସି ଯାଇଥିଲେ। କାର୍‌ର ଚକା ହେମନ୍ତଙ୍କ ବାମ ଜଙ୍ଘ ଉପରେ ଚଢ଼ିଯିବା ସହ କିଛି ବାଟ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଘଟାଇ କାର୍‌ଟି ସେଠାରୁ ପଳାଇ ଯାଇଥିଲା। ଏହି ସମୟରେ ଏକ ଟ୍ରକ୍ ଚାଳକ ଏହାଦେଖି ବାରଙ୍ଗ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୂର୍ବତଟ ରେଳପଥର ହିତାଧିକାରୀ, ଭାଗୀଦାରିଙ୍କ ବୈଠକ

**ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା):**

ପୂର୍ବତଟ ରେଳପଥ ପକ୍ଷରୁ ସମସ୍ତ ଭାଗୀଦାରି, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହ ଏକ କଥୋପକଥନ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାହକଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ ଆୟୋଜିତ ଏହି ବୈଠକରେ ଉଭୟ ରେଳପଥ ଏବଂ ଶିଳ୍ପ ପ୍ରଗତି ନେଇ ସେମାନଙ୍କ ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ଭିଜିଲାନ୍ସ ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ହିତାଧିକାରୀଙ୍କ ସହ ହୋଇଥିବା ସମସ୍ତ କାରବାରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରେଳପଥର କାରବାର ସମୟରେ ବିଶ୍ୱାସ ସୃଷ୍ଟିକରିବା, ରେଳପଥ ଏବଂ ଏହାର ହିତାଧିକାରୀଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ ବୋଲି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଇସ୍ପାତ କାରଖାନା, ବନ୍ଦର ଏବଂ ବ୍ୟାଙ୍କିଙ୍ଗ୍ ଭଳି ଶିଳ୍ପସଂସ୍ଥାଗୁଡିକ ସହିତ କଣ୍ଟ୍ରାକ୍ଟର, ଯୋଗାଣକାରୀ ଏବଂ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ରେଳପଥର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ପାରସ୍ପରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଉପସ୍ଥିତ ସଂସ୍ଥାଗୁଡିକର ପ୍ରତିନିଧିମାନେ ସେମାନଙ୍କ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ।

# ନାବାଳକଙ୍କୁ ଉଦ୍ଧାର କରି ପୋଲିସ ଜିମାଦେଲେ

**ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)**

ତ୍ରିଶୂଳିଆ ବଜାର ନିକଟ ସୁବାସ ବୋଷ ସେତୁ ନିକଟରୁ ମଙ୍ଗଳବାର ରାତିରେ ଜଣେ ନାବାଳକଙ୍କୁ ଉଦ୍ଧାର କରି ବୁଧବାର ଜଣେ ସହୃଦୟ ବ୍ୟକ୍ତି ପୋଲିସ ଜିମା ଦେଇଛନ୍ତି। ଚନ୍ଦକା ଥାନା ଅଞ୍ଚଳର ଜି.ଲୋକନାଥଙ୍କ ପୁଅ ସୋମବାରଠାରୁ ଘରୁ ରାଗି ପଳାଇ ଆସିଥିଲେ। ମଙ୍ଗଳବାର ରାତିରେ କାଠଯୋଡ଼ି ନଦୀ ସୁବାସ ସେତୁ ନିକଟରେ ବୁଲୁଥିବାବେଳେ ସଦର ଥାନା ଅଞ୍ଚଳ କାଜିପାଟଣା ଗ୍ରାମର ଅଜିତ ସ୍ୱାଇଁ ଉକ୍ତ ନାବାଳକଙ୍କୁ ଅଟକାଇ ପାଖରେ ରଖି ତାଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ନାବାଳକ ଜଣଙ୍କ ରାଗି ଘରୁ ପଳାଇ ଆସିଥିବା ଜାଣିବା ପରେ ସେ ବୁଧବାର ସକାଳେ ବାରଙ୍ଗ ଥାନାକୁ ଖବର ଦେଇଥିଲେ। ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଥାନାକୁ ଆଣିଥିଲା। ପରେ ନାବାଳକଙ୍କୁ ପଚରାଉଚରା ପରେ ଚନ୍ଦକା ଥାନାକୁ ହସ୍ତାନ୍ତର କରାଯାଇଥିଲା। ଚନ୍ଦକା ଥାନା ପୋଲିସ ନାବାଳକଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

# ଯୁବପିଢ଼ି ଫଟୋଗ୍ରାଫ୍ ପ୍ରତି ଆକୃଷ୍ଟ ହୁଅନ୍ତୁ

## ବାଙ୍କୀ ଉପଖଣ୍ଡ ଫଟୋଗ୍ରାଫର ମହାସଂଘ ବୈଠକ

**ବାଙ୍କୀ,୩୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଉପଖଣ୍ଡ ଫଟୋଗ୍ରାଫର ମହାସଂଘର ସାଧାରଣ ପରିଷଦ ବୈଠକ ବାଙ୍କୀ କଲେଜର ଦୃଶ୍ୟ ଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରସନ୍ନ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ମନୋଜ କୁମାର କର ବିବରଣୀ ପାଠ କରି ମହାସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଗାମୀଦିନରେ ସଂଘର ସଦସ୍ୟମାନେ କିପରି ତାଙ୍କର ବ୍ୟବସାୟ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିବେ ଏବଂ ଯୁବପିଢ଼ି କିପରି ଫଟୋଗ୍ରାଫ୍ ପ୍ରତି ଆକୃଷ୍ଟ ହେବେ ସେ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ବାଙ୍କୀର ଫଟୋଗ୍ରାଫର ମହାସଂଘ ଓଡ଼ିଶାର ପ୍ରତ୍ୟେକ ଜିଲା ପାଇଁ କର୍ମକ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବେ ବୋଲି ସଭାପତି ସାହୁ ଉଲ୍ଲେଖ କରିଥିଲେ। ଫଟୋ ଗ୍ରାଫର ଜିତେନ୍ଦ୍ର କୁମାର ମହାନ୍ତି, ସୁବ୍ରତ ଖଟୁଆ, ତପନ କୁମାର ମଲ୍ଲିକ, ପ୍ରଭାତ କୁମାର ପ୍ରଧାନ, ଅରୁଣ କୁମାର ପଣ୍ଡା, ରଞ୍ଜିତ ପତି, ନିକୁଞ୍ଜ କୁମାର ଜେନା, ତପନ କୁମାର ଧଳ, ଚିତ୍ତରଞ୍ଜନ ବେହେରା, ରଞ୍ଜିତ କୁମାର ସ୍ୱାଇଁ, ରଞ୍ଜିତ କୁମାର ବେହେରା, ଇନ୍ଦ୍ରମଣି ମହାପାତ୍ର, ଦିନେଶ ମହାପାତ୍ର, ଦେବାଶିଷ ଦାସ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଯୋଗଦେଇଥିବା ଫଟୋଗ୍ରାଫର ଓ ଅନ୍ୟମାନେ।

# ଖଦି ଆପଣାନ୍ତୁ, ଆତ୍ମନିର୍ଭରଶୀଳ ହୁଅନ୍ତୁ

- ଖଦି ଗ୍ରାମୋଦ୍ୟୋଗ ପକ୍ଷରୁ ସଚେତନତା
- ଦୁର୍ନୀତି ନିବାରଣ ପାଇଁ ଶପଥପାଠ

**ତିଗିରିଆ, ୩୦।୧୦(ଜାଫର ଖାଁ)**

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ରାମେଶ୍ୱରଙ୍କ ମନ୍ଦିରଠାରେ ଖଦି ଗ୍ରାମୋଦ୍ୟୋଗ କମିଶନ ଭୁବନେଶ୍ୱରଙ୍କ ପକ୍ଷରୁ ଖଦି କାରିଗରଙ୍କୁ ନେଇ ବୁଧବାର ଏକ ସଚେତନତା ଶିବିର ହୋଇଥିଲା। ଏଥିରେ ଖଦି ଆପଣାନ୍ତୁ, ଆତ୍ମନିର୍ଭରଶୀଳ ହୁଅନ୍ତୁ ବୋଲି କହିବା ସହ ଦୁର୍ନୀତି ନିବାରଣ ପାଇଁ ଶପଥପାଠ ଅନୁଷ୍ଠିତ ହୋଇଯାଇଛି।

ରାମେଶ୍ୱର ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପାଟଣାସ୍ଥିତ ଆଦର୍ଶ ଖଦି ଉତ୍ପାଦକ ସଂଘର ସମ୍ପାଦକ ଜୟକୃଷ୍ଣ ଗୁଇଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଶତାଧିକ ଖଦି କାରିଗର ଓ ଖଦି ସଂସ୍ଥାର ସଭାପତି, ସମ୍ପାଦକମାନେ ମା' କଳାପାଟଙ୍କ ମନ୍ଦିରଠାରୁ ଶୋଭାଯାତ୍ରାରେ ନୂଆପାଟଣା ବଜାର, ବିଭିନ୍ନ ସାହି ପରିକ୍ରମା କରି ଖଦି ସାମଗ୍ରୀ ବ୍ୟବହାର କରିବାକୁ ସ୍ଲୋଗାନ ଦେଇ ରାମେଶ୍ୱରଙ୍କ ମନ୍ଦିରଠାରେ ପହଞ୍ଚି ଥିଲେ। ମୁଖ୍ୟ ଅତିଥି ଭାବେ ଖଦି କମିଶନର ଭୁବନେଶ୍ୱରର ନିର୍ଦ୍ଦେଶକ ସୁବାସ ଛେତ୍ରୀ ଯୋଗଦେଇ ଉପସ୍ଥିତ କାରିଗର ଓ କର୍ମକର୍ତ୍ତାଙ୍କୁ ୧୯୯୦ଦଶକରେ ଭାରତ ଚୀନ ସହ ସବୁକ୍ଷେତ୍ରରେ ସମକକ୍ଷ ଥିଲା। ହେଲେ ପରବର୍ତ୍ତୀ ସମୟରେ କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ଚୀନ ଆମଠାରୁ ଆଗେଇ ଯିବାରୁ ଅର୍ଥନୀତିରେ ଆଗୁଆ ଥିବା କହିଥିଲେ। ଖଦି ଆପଣାନ୍ତୁ ଆତ୍ମ ନିର୍ଭରଶୀଳ ହୁଅନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖଦି ଓ ଗ୍ରାମ୍ୟ ଶିଳ୍ପ ସଚିବ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଗ୍ରାମୋଦ୍ୟୋଗ ଯୋଜନାରେ ବଡ଼ି, ପାପଡ଼, ମହୁ ଚାଷ, କରିବା ଦ୍ୱାରା ଖଦିରେ ସବକା ସାଥ ସବକା ବିକାଶ ଅଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଖଦି ବୋର୍ଡ ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଅନୁପ କୁମାର ଭୂୟାଁ ଯୋଗ ଦେଇଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଖଦି ବୋର୍ଡ ଭୁବନେଶ୍ୱରର ବିଚିତ୍ରାନନ୍ଦ ପଣ୍ଡା ମଞ୍ଚ ପରିଚାଳନା କରିବା ସହ ଦୁର୍ନୀତି ନିବାରଣ, ରାଷ୍ଟ୍ରୀୟ ଏକତା ଓ ସ୍ୱଚ୍ଛତା ପାଇଁ ଉପସ୍ଥିତ ଖଦି କାରିଗରଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ନୂଆପାଟଣାର ଖଦି ସଂସ୍ଥା ଗ୍ରାମ ବିକାଶ ପରିଷଦର ସଭାପତି ପ୍ରକାଶ ଦାସ, ନୀଳାଚଳ ଖଦିର ସଭାପତି ଭାଗୀରଥି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଖଦି ଗ୍ରାମୋଦ୍ୟୋଗର ସଚେତନତା ଶୋଭାଯାତ୍ରା।

# ୧୨କୋଟି ଭରଣା କଥା ଭୁଲିଗଲା ଏସ୍‌ଜେଟିଏ

## ମହାପ୍ରଭୁଙ୍କ ପଥର ଖଣି ଉତ୍ତୋଳନ ପ୍ରସଙ୍ଗ

**ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହୀ ଖଣିଜ ସମ୍ପଦର ସୁରକ୍ଷା ଅବହେଳା ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)କୁ ୧୨କୋଟି ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କା ସେ ଖୋର୍ଦ୍ଧା ଜିଲା ପ୍ରଶାସନକୁ ପ୍ରଦାନ କରିବେ। ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ କରିବାକୁ ଏନ୍‌ଜିଟି ଆଦେଶ ଦେଇଛନ୍ତି। ତେବେ ଏହାକୁ ହାଇକୋର୍ଟରେ ଚାଲେଞ୍ଜ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ଗତ ୨୦୨୩ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଗ୍ରୀନ ଟ୍ରିବ୍ୟୁନାଲ ରାୟ ଉପରେ ସ୍ଥଗିତାଦେଶ ଦେଇଥିଲେ। ତେବେ ଏହି ରାୟକୁ ଏବେ ଏକ ବର୍ଷ ବିତିଲାଣି। ୧୨ କୋଟି ଭରଣା ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ନିକଟରେ ମହାପ୍ରଭୁଙ୍କ ଖଣି ଲିଜଧାରୀ ଅଧିକ ଖଣି ଉତ୍ତୋଳନ ନେଇ ୧୯ଜଣ ଲିଜଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ୨୨ କୋଟି ଜରିମାନା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜରିମାନା ନ ଦେଲେ ଲିଜ୍ ବାତିଲ ସହ କଳାତାଲିକାଭୁକ୍ତ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଥିଲା। ଏପରିକି ଅଧିକ ପଥର ଉତ୍ତୋଳନ ପାଇଁ ୫ଟି ଖଣି ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କମ୍ପିଟେଟିଭ ଅଥରିଟି ତଥା ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ସଦର ଥାନାରେ ଅଭିଯୋଗ କରିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି, ଖଣିରୁ ଅଧିକ ଉତ୍ତୋଳନ ପାଇଁ ଦୀର୍ଘଦିନ ପରେ ଶ୍ରୀମନ୍ଦିର ପ୍ରଶାସନର ନିଦ ଭାଙ୍ଗିଲା। ଲିଜଧାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କଲେ। ତେବେ ସବୁଜ ପ୍ରାଧିକରଣ ଦେଇଥିବା ୧୨କୋଟି ଟଙ୍କା ଭରଣା ରାୟ ଉପରେ ଶ୍ରୀମନ୍ଦିର ପ୍ରଶାସନ ନୀରବ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଛି। ମହାପ୍ରଭୁଙ୍କ ଅମୂଲ୍ୟ ଖଣିଜ ସମ୍ପଦକୁ ସୁରକ୍ଷା ଦେବାରେ ଅବହେଳା କରିଥିବା ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ଏହି ଟଙ୍କା ଆଦାୟ କରିବା ଲାଗି ବିଭିନ୍ନ ମହଲରେ ଦାବି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପ୍ରତିବର୍ଷ ପଥର ଖଣି ଲିଜ୍ ଦେଇ ଚୁପ ବସି ପଡୁଥିବା ବେଳେ ଏହାର ସୁରକ୍ଷା ନେଇ କୌଣସି ଗୁରୁତ୍ୱ ଦେଉନାହିଁ। ଜିଲା ପ୍ରଶାସନର ମଧ୍ୟ ଆନ୍ତରିକତା ଅଭାବ ରହିଛି। ଉଭୟ କେବଳ ପରସ୍ପର ପ୍ରତି ଦୋଷଲଦି ନିଜ ଉପରୁ ଦାୟିତ୍ୱ ଖସାଇବାରେ ବ୍ୟସ୍ତ। ଏଥିଯୋଗୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ବରିଷ୍ଠ ଆଇନଜୀବୀ ଅଜିତ ପଟ୍ଟନାୟକ କହିଛନ୍ତି, ଖୋର୍ଦ୍ଧାରେ ଥିବା ଶ୍ରୀଜଗନ୍ନାଥଙ୍କ ପଥର ଖଣିରୁ ହରିଲୁଟ ଚାଲିଛି। ମୋଟା ଅଙ୍କ ନେଇ ହରିଲୁଟକୁ ପ୍ରୋତ୍ସାହନ ଦିଆଯାଉଛି। ଏନଜିଟି ପକ୍ଷରୁ ଦିଆଯାଇଥିବା ଆଦେଶ ବଳରେ କେବଳ ଶ୍ରୀମନ୍ଦିର ପ୍ରଶାସନ ନୁହେଁ, ଜିଲା ପ୍ରଶାସନିକ ଅଧିକାରୀଙ୍କଠାରୁ ମଧ୍ୟ ଦାୟିତ୍ୱରେ ଅବହେଳା ନେଇ ଜରିମାନା ଆଦାୟ କରାଯିବା ଆବଶ୍ୟକ। ସେହିପରି ସାମାଜିକ କର୍ମୀ ଶୋଭନ ଘୋଷ କହିଛନ୍ତି, ଶ୍ରୀମନ୍ଦିର ସମ୍ପତ୍ତିକୁ ସୁରକ୍ଷା ଦେବା ଜିଲା ପ୍ରଶାସନର ଦାୟିତ୍ୱ। ଏହା କେବଳ କାଗଜକଲମରେ ଚାଲିଛି। ଯେଉଁ ଭଳି ମହାପ୍ରଭୁଙ୍କ ଅମୂଲ୍ୟ ଖଣିଜ ସମ୍ପଦ ଲୁଟ ଚାଲିଛି ଆଗକୁ ସବୁ ନିଶ୍ଚିହ୍ନ ହୋଇଯିବ। ମାଫିଆଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଖଣିଜ ସମ୍ପଦ ସୁରକ୍ଷା ପାଇଁ କେବଳ ଜରିମାନା ଆଦାୟ କରି ରେଭେନ୍ୟୁ ବଢାଇଲେ ହେବନି, ବରଂ ଏଥିପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ବରିଷ୍ଠ କଂଗ୍ରେସ ନେତା ଶିଶିର ପରିଡା କହିଛନ୍ତି, ଶ୍ରୀମନ୍ଦିର ସମ୍ପତ୍ତି ହରିଲୁଟ ପଛରେ ଉଭୟ ପ୍ରଶାସନ ସମପରିମାଣରେ ଦାୟୀ। ଏଥିଲାଗି ୧୨ କୋଟି ନୁହଁ ଏହାର ପରିମାଣ ଆହୁରୀ ଅଧିକା ହେବା ଉଚିତ। ଏହାଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ ବିପୁଳ ରାଜସ୍ୱ ହରାଇବା ସହ ଆଗାମୀ ଦିନରେ ପାହାଡ଼ ମାଟିରେ ମିଶିଯିବ। ସେହିପରି ଏନଜିଟି ପକ୍ଷରୁ ଯେଉଁ ତାଗିଦ୍ କରାଯାଇଛି, କାହିଁକି ଏଥିଲାଗି ଏମାନଙ୍କୁ ଉତ୍ତରଦାୟିତ୍ୱ କରାନଯିବ ବୋଲି ସାମାଜିକ କର୍ମୀ ହରିହର ଖାଡ଼ଙ୍ଗା ପ୍ରଶ୍ନ କରିଛନ୍ତି। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ମହାପ୍ରଭୁଙ୍କ ଖଣିଜ ସମ୍ପଦ ଓ ସୁରକ୍ଷା ପ୍ରତି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ଟାସ୍କଫୋର୍ସ ଗଠନ କରାଯାଇଛି। ଏହାର ନିୟମିତ ଯାଞ୍ଚ କରାଯାଉଛି। କୌଣସି ଲିଜଧାରୀ ଅଧିକ ଉତ୍ତୋଳନ କରି ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ସହ କଳାତାଲିକାଭୁକ୍ତ, ଲିଜ୍ ବାତିଲ ଆଦି କରାଯିବ।

## ହାତୀ ଉପଦ୍ରବରେ ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ



**ବେଗୁନିଆ,୩୦।୧୦(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅଧୀନ ହୀରାପୁର ଓ ହଜ ପଞ୍ଚାୟତର ମୁକ୍ତାପୁର ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ୨୧ ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହୋଇ ଧାନ ଫସଲକୁ ଦଳି ଚକଟି ନଷ୍ଟ କରୁଛନ୍ତି। ଏକର ଏକର ଜମିର ଧାନ ଫସଲ ନଷ୍ଟ ହେଉଥିବାରୁ ଧାନ କ୍ଷେତରୁ କିଭଳି ଧାନଗୁଡ଼ିକୁ ଅମଳ କରି ଘରକୁ ଆଣିବେ, ସେହି ଚିନ୍ତା ଚାଷୀ ମନରେ ଘାରିଛି। ସ୍ଥାନୀୟ ଲୋକଙ୍କ ସହ ବନ କର୍ମଚାରୀ ହାତୀ ଘଉଡ଼ାଇବାକୁ ଚେଷ୍ଟା ଅବ୍ୟାହତ ରଖିଛନ୍ତି। ଡ୍ରୋନ ବ୍ୟବହାର କରି ହାତୀର ଗତିବିଧିକୁ ଲକ୍ଷ୍ୟ ରଖି ଜନସାଧାରଣଙ୍କୁ ସଚେତନ କରାଯାଉଛି। ହୀରାପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ବେହେରା, ବାବୁଲି ବେହେରା, ମହନ୍ତ ପାଇକରାୟ, ଯୋଗିଆ ବେହେରା, ବାବୁଲି ବେହେରା, ରାଉଳ ନାୟକ, ଭିକାରୀ ନାୟକ ଓ ଜଗା ନାୟକଙ୍କ ସମେତ ବହୁ ବ୍ୟକ୍ତିଙ୍କ ଚାଷଜମି ନଷ୍ଟ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ନବମ ରାମଚରିତ ମାନସ ଉଦ୍‌ଯାପିତ

କଳାପଥର,୩୦।୧୦(ଗଙ୍ଗାଧର ସାହୁ) ବୋଲଗଡ଼ ବ୍ଲକ ଅଧୀନ ଧଳାପଥର ଗ୍ରାମରେ ମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ନବମ ରାମଚରିତ ମାନସ ପ୍ରବଚନ ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଗଦର୍ଶକ ଗୋପାଳ ଜୀ ମଠ ଗୋବର୍ଦ୍ଧନ ପ୍ରସାଦ ତତ୍ତ୍ୱାବଧାରକ ପ୍ରଶାନ୍ତ ବାବା ମହାବୀର ଆଶ୍ରମ ମାଣିବନ୍ଧଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ୨୧।୧୦ ଠାରୁ ବୁଧବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା। ବ୍ୟାସ ଚନ୍ଦ୍ରକାନ୍ତ ନନ୍ଦ, ଉପବ୍ୟାସ କୁଞ୍ଜବିହାରୀ ପଣ୍ଡା, କର୍ତ୍ତା ଗଦାଧର ସାହୁ, ଜୟକୃଷ୍ଣ ପ୍ରହରାଜ ଏବଂ ରମାକାନ୍ତ ହୋତା, ପହଲି ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ପଣ୍ଡିତ ବସନ୍ତ ମଙ୍ଗରାଜ, ପଣ୍ଡିତ ଅଶୋକ ପ୍ରଧାନ, ପଣ୍ଡିତ ଅନିଲ ଦାସ ପ୍ରମୁଖ ଅଂଶଗ୍ରହଣ କରି ନବ ଦିନ ବ୍ୟାପୀ ଶ୍ରୀରାମ କଥାମୃତ ଶହ ଶହ ଶ୍ରୋତା ଶ୍ରବଣ କରୁଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ବରିଷ୍ଠ ବ୍ୟକ୍ତି ବ୍ରଜବନ୍ଧୁ ରାଉତଙ୍କ ସମେତ ଗ୍ରାମର ଯୁବକମାନେ ସହଯୋଗ କରି ପରିଚାଳନା କରୁଛନ୍ତି। ପରିଶେଷରେ ବ୍ୟାସ ଓ ପ୍ରବଚକଙ୍କ ପାଦପୂଜା କରି ପୂର୍ଣ୍ଣାହୁତି କରାଯାଇଥିଲା।

### ଭୋଇସାହିରେ ଭଗବାନ୍ ଧନ୍ୱନ୍ତରୀ ଜୟନ୍ତୀ

ନିରାକାରପୁର,୩୦।୧୦(ମାନସଚନ୍ଦ୍ର ପଟ୍ଟନାୟକ) ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହିରେ ଭଗବାନ୍ ଧନ୍ୱନ୍ତରୀ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ ଗ୍ରାମରେ ୪୪ କରଣ ପରିବାର ବସବାସ କରୁଥିବାବେଳେ ସେଥିରୁ ପ୍ରାୟ ପରିବାର ନିକଟସ୍ଥ ପାହାଡ଼ରୁ ଜଡ଼ିବୁଟି ସଂଗ୍ରହ କରି ସେଥିରେ ଔଷଧ ପ୍ରସ୍ତୁତ କରି ଜିଲା ତଥା ଜିଲା ବାହାରେ ଅନେକ ନାଁ କମେଇଛନ୍ତି। ସେଥିପାଇଁ ଉକ୍ତ ଗ୍ରାମରେ ପ୍ରଭୁ ଧନ୍ୱନ୍ତରୀ ଜୟନ୍ତୀ ପାଳନ କରାଯାଉଛି ବୋଲି ଉକ୍ତ ଗ୍ରାମର କେତେଜଣ କବିରାଜ ସୂଚନା ଦେଇଛନ୍ତି।

## ଆର୍‌କେଏସ୍ ବୈଠକ: ଉନ୍ନୟନ ଯୋଜନାର ସମୀକ୍ଷା




ସମୀକ୍ଷା ବୈଠକରେ ଏମ୍‌ପି ଅପରାଜିତା ଷଡଙ୍ଗ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟମାନେ।

**ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଓପିଏଚଓ) ରାଜଶ୍ରୀ ପଟ୍ଟନାୟକ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲାପାଳ ଚଞ୍ଚଳ ରାଣା, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଉତ୍ତମ ସ୍ୱାସ୍ଥ୍ୟସେବା, ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ, ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଡିଇଓ ବିଶ୍ୱନାଥ ତରାଇ, ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆରକେଏସ ସଦସ୍ୟ ଉପସ୍ଥିତ ଥିଲେ।

## ଓଏଏସ୍ ପଲ୍ଲବୀଙ୍କୁ ସମ୍ବର୍ଦ୍ଧନା

ବାଲୁଗାଁ,୩୦।୧୦(ସଂଗ୍ରାମ ପାଇକରାୟ) ଓଡ଼ିଶା ସିଭିଲ ସର୍ଭିସ-୨୦୨୨ ପରୀକ୍ଷାରେ ୪୯୪ନଂ. ସ୍ଥାନରେ ସଫଳତା ହାସଲ କରିଥିବା ଝିଅ ପଲ୍ଲବୀ ଜାଲିଙ୍କୁ ବୁଧବାର ନିଜ ଗ୍ରାମ ଛେଡ଼ାପଦରବାସୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମବାସୀ ତାଙ୍କର ଏହି ସଫଳତା ପାଇଁ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।



ଖୋର୍ଦ୍ଧା ଜିଲା ବାଲୁଗାଁ ନିକଟସ୍ଥ ଛେଡ଼ାପଦର ଗ୍ରାମର ଝିଅ ପଲ୍ଲବୀ ସ୍ୱର୍ଗତ ରାଜକିଶୋର ଜାଲିଙ୍କ କନିଷ୍ଠ ଝିଅ। ପଲ୍ଲବୀ ଗୋଟେ ସାଧାରଣ ପରିବାରରୁ ଆସି କଠିନ ପରିଶ୍ରମ ଫଳରେ ପ୍ରଥମ ଥରରେ ଉକ୍ତ ପରୀକ୍ଷାରେ ସଫଳତା ପାଇଛନ୍ତି। ଗତ କିଛିବର୍ଷ ହେବ ପଲ୍ଲବୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ସେ ବିଶାଖାପାଟଣାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱର ଓୟୁଏଟିରୁ ଜୀବବିଜ୍ଞାନରେ ସ୍ନାତକ ପାସ୍ କଲା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଣୁଜୀବ ବିଜ୍ଞାନରେ ସ୍ନାତକୋତ୍ତର କରି ଓ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ

**କୃଷ୍ଣପ୍ରସାଦ,୩୦।୧୦(କୈଳାଶଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମତିଥିରେ ଛୁଟିଦିନ ପଡୁଥିବାରୁ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ଛକଠାରୁ ପଞ୍ଚୁଦୋଳ ପଡ଼ିଆ ପର୍ଯ୍ୟନ୍ତ ଏକତା ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, କର୍ମଚାରୀ ଯୋଗଦେଇ ବିଭିନ୍ନ ପ୍ଲାକାର୍ଡ଼ ଧରି ଦେଶାତ୍ମବୋଧକ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମର ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ ରାଷ୍ଟ୍ରର ଅଖଣ୍ଡତା ପ୍ରତି ନିଜକୁ ସଚେତନ ରଖି ନିଜକୁ ନିୟୋଜିତ କରିବାକୁ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ କରାଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବରିଷ୍ଠ ଇଂଲିଶ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ମଧୁସୂଦନ ସାହୁ, ଦିନେଶ ରଥ, ମୁଖ୍ୟ କିରାଣି ଦିଲୀପ ଦଳାଇ, ରମାନାଥ ପ୍ରଧାନ, ଅଧ୍ୟାପିକା ସ୍ମିତା ମହାରଣା, ଅଧ୍ୟାପିକା ଚନ୍ଦନା ନାୟକ, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ ଜେନା, ଏସ୍.କେ. ଉହା ପ୍ରମୁଖ ଉପସ୍ଥିତ ଥିଲେ।




ଏକତା ଦିବସରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ‘ଡିସେମ୍ବର ସୁଦ୍ଧା ସାନପଲ୍ଲାରେ ପାସେଞ୍ଜର ହଲ୍ଟ’

**ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)**

ଅଟ୍ରିରେ ଏକ ପାସେଞ୍ଜର ହଲ୍ଟ ପାଇଁ ଦୀର୍ଘଦିନ ହେଲା ସ୍ଥାନୀୟ ଲୋକଙ୍କ ଦାବି ରହିଥିଲା। ଲୋକଙ୍କ ଦାବି ସମ୍ପର୍କରେ ରେଳ ମନ୍ତ୍ରଣାଳୟ ସହ ଆଲୋଚନା କରିଥିଲି। ଏ ନେଇ ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ଏଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ହୋଇଥିବାବେଳେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ସାନପଲ୍ଲାରେ ପାସେଞ୍ଜର ହଲ୍ଟ ନିର୍ମାଣ କରାଯିବ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଟ୍ରିରେ ପାସେଞ୍ଜର ହଲ୍ଟ ଉଦ୍‌ଘାଟନ ଅବସରରେ ଆୟୋଜିତ ସଭାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଅଟ୍ରି ପାସେଞ୍ଜର ହଲ୍ଟ ଦ୍ୱାରା ପ୍ରାୟ ୧୫ଟି ପଞ୍ଚାୟତର ବାସିନ୍ଦା ଉପକୃତ ହେବେ। ଏଠାରୁ ଭୁବନେଶ୍ୱର ଯିବାକୁ ଲୋକଙ୍କୁ ୬୦ ଟଙ୍କା ଦେବାକୁ ପଡୁଥିଲା। ମାତ୍ର ଏବେ ୧୦ ଟଙ୍କାରେ ଲୋକେ ଭୁବନେଶ୍ୱର ଯାଇପାରିବେ। ସେମାନଙ୍କର ସମୟ ବଞ୍ଚିବା ସହ ଅଞ୍ଚଳର ଆର୍ଥିକ ବିକାଶ ହୋଇପାରିବ। ଏଠାରୁ ଦୈନିକ ଭୁବନେଶ୍ୱର- ଦଶପଲ୍ଲା, ପୁରୀ-ଦଶପଲ୍ଲା ଏବଂ ଭଦ୍ରକ-ଦଶପଲ୍ଲା ପାସେଞ୍ଜର ଟ୍ରେନ ରହଣି କରିବ। ପୂର୍ବତଟ ରେଳପଥ ଦ୍ୱାରା ନିର୍ମିତ ଅଟ୍ରି ପାସେଞ୍ଜର ହଲ୍ଟ ଦ୍ୱାରା ଲୋକଙ୍କ ଗମନାଗମନ ସୁବିଧା, ବ୍ୟବସାୟ, ପର୍ଯ୍ୟଟନସ୍ଥଳୀ ଉଷ୍ଣପ୍ରସ୍ରବଣର ବିକାଶ ସହ ପର୍ଯ୍ୟଟକଙ୍କ ଆଗମନ ବଢିବ ବୋଲି ସେ ପ୍ରକାଶ କରିଛନ୍ତି।

ଅପରାଜିତା କହିଛନ୍ତି, ମୋତେ ବହୁତ ଲୋକ ପଚାରିଛନ୍ତି, ଏତେ ବଡ଼ ଚାକିରି ଛାଡ଼ି ରାଜନୀତିକୁ କାହିଁକି ଆସିଲେ। ମୁଖ୍ୟତଃ ୨ଟି ଉଦ୍ଦେଶ୍ୟ ନେଇ ମୁଁ ଆଇଏଏସ୍ ଚାକିରି ଛାଡ଼ିଲି। ମୋ ପାଇଁ ରାଜନୀତିର ଅର୍ଥ ବିକାଶ ଓ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ। ଖୋର୍ଦ୍ଧାରେ ଜିଲାପାଳ ଥିବା ସମୟରେ ବେଗୁନିଆ ଓ ବୋଲଗଡ଼ ବ୍ଲକକୁ ବାରମ୍ବାର ଆସିଛି। ଏହି ଅଞ୍ଚଳର ବିକାଶ ନେଇ ସ୍ୱପ୍ନ ରହିଛି। ଜମିକୁ ଜଳସେଚନ ପ୍ରତି ଗୁରୁତ୍ୱ ଦିଆଯାଉଛି। ରୋଷେଇ ଘରେ ମା’ମାନଙ୍କ ପାଇଁ ପାଣି ସୁବିଧା ଉପଲବ୍ଧ ହେବ। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ସହ ଆଲୋଚନା କରିଛି। ପ୍ରତ୍ୟେକ ମାସର ୩ୟ ରବିବାର ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକଙ୍କ ଜନଶୁଣାଣି କରିବା ପାଇଁ ମୁଁ ସ୍ଥିର କରିଛି। ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଡିଏସ୍‌ଓ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ):ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଦାବି ନେଇ ଅଲ୍ ଇଣ୍ଡିଆ ଡିଏସ୍‌ଓ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ବଜେଟରେ ୩୦ ଭାଗ ଶିକ୍ଷା ପାଇଁ ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍‌ପାସ୍, ଜାତୀୟ ଶିକ୍ଷାନୀତି-୨୦୨୦କୁ ବାତିଲ, ମହିଳାଙ୍କ ସୁରକ୍ଷା ଆଦି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି କମିଟି ସମ୍ପାଦକ ଅବିନାଶ ପ୍ରଧାନ, ସଭାପତି ଶ୍ରୀକାନ୍ତ ନାୟକ, ରାକେଶ କାଣ୍ଡି, ସୂର୍ଯ୍ୟକାନ୍ତ ଜେନା, ଶ୍ରୀଦେବୀ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସୁନ୍ଦରପୁର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୩୦।୧୦(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅଧୀନ ସୁନ୍ଦରପୁର କ୍ଲଷ୍ଟରସ୍ତରୀୟ ବୈଠକ ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱରଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟମ୍ବଦା ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉଜ୍ଜ୍ୱଳାଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟଙ୍କା ମହାପାତ୍ର, ଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଅମିତ ଚକ୍ରବର୍ତ୍ତୀ, ସଲିଳ ସ୍ୱାଇଁ, ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କବିତା ମହାପାତ୍ର, ପଦ୍ମକୁମୁଦ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ତରାଟ ଶବର, ପରିଚାଳନା କମିଟି ସଭାପତି ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲଷ୍ଟରସ୍ତରୀୟ ବିଭିନ୍ନ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ତଥା ସ୍ଥାନାନ୍ତର ହୋଇ ଆସିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏବଂ କ୍ଲଷ୍ଟରରେ ନୂତନ ଭାବେ ଯୋଗଦେଇଥିବା ସିଆର୍‌ସିସି ସତ୍ୟନାରାୟଣ ପ୍ରଧାନଙ୍କୁ ମୁକ୍ତେଶ୍ୱରଦେବ କ୍ଲଷ୍ଟର ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ନିର୍ଦ୍ଧାରିତ ସରକାରୀ ଯୋଜନା ଅନୁସାରେ ବିଦ୍ୟାଳୟର ଶୈକ୍ଷିକ, ଭୌତିକ ପରିବେଶ, ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ, ତ୍ରୀକର ପାଠ୍ୟ ଯୋଜନା ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଇତ୍ୟାଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆର୍‌ସିସି ସତ୍ୟନାରାୟଣ ପ୍ରଧାନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସଙ୍ଗୀତ ଗାନ କରାଯାଇ ନିପୁଣ ଭାରତ ଶପଥପାଠ କରାଯାଇଥିଲା। ଶିକ୍ଷୟିତ୍ରୀ କବିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଲୋଭ ପରିହାର କରି ସଚ୍ଚୋଟପଣିଆକୁ ଆଦରିନିଅ

### ବେଗୁନିଆ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସଭା

**ବେଗୁନିଆ,୩୦।୧୦(ହରପ୍ରସନ୍ନ ପଣ୍ଡା)**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଅତିଥି ଭାବେ ଅଧ୍ୟାପକ ବିଧୁଭୂଷଣ ରାଉତ ଏବଂ ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇଥିଲେ। ସାରା ବିଶ୍ୱରେ ଆମ ଦେଶ ଭାରତ ବିକଶିତ ରାଷ୍ଟ୍ର ରୂପେ ପରିଗଣିତ ହୋଇଛି। ଭାରତର ସକ୍ରିୟ ନାଗରିକ ଏବଂ ଯୁବବର୍ଗ ପରିବର୍ତ୍ତନଶୀଳ ସମାଜ ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ତେଣୁ ପ୍ରଥମେ ଲୋଭ ପରିହାର କର, ସଚ୍ଚୋଟ ପଣିଆକୁ ଆଦରି ନିଅ। ତେବେ ସମାଜର ପ୍ରଗତି ସୁନିଶ୍ଚିତ ବୋଲି ଅତିଥି ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଆମେ ସମସ୍ତେ ପ୍ରଯତ୍ନ ହେଲେ ଦୁର୍ନୀତି ହଟିବ ବୋଲି ଅତିଥି ରାଉତ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦୁର୍ନୀତି ମୂଳୋତ୍ପାଟନ କରିବାକୁ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଯାଇଥିଲା। ମହାବିଦ୍ୟାଳୟ ଯୁବ ରେଡକ୍ରସର ପରାମର୍ଶଦାତା ଡ. ସତ୍ୟଜିତ୍ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଭୋଳାନାଥ ପୃଷ୍ଟି, ଉତ୍କଳିକା ସାହୁ, ପ୍ରିୟଦର୍ଶିନୀ ମହାପାତ୍ର, ବିଷ୍ଣୁପ୍ରିୟା ବଳବନ୍ତରାୟ, ଉଷାରାଣୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଉମେଶ ମହନ୍ତ ଧନ୍ୟବାଦ କରିଥିଲେ।

## ଜମୁଛି ବାଣ, ଆଖୁ, କାଉଁରିଆ ବେପାର

### ଦୀପାବଳି ପାଇଁ ବଜାର ଚଳଚଞ୍ଚଳ

**ନିରାକାରପୁର,୩୦।୧୦
(ମାନସଚନ୍ଦ୍ର ପଟ୍ଟନାୟକ)**



ଧନତେରସ୍ ସହ ରାତି ପାହିଲେ ପାଳନ ହେବ ଭାଇଚାରା ଓ ଆଲୋକର ପର୍ବ ଦୀପାବଳି। ସେଥିପାଇଁ ନିରାକାରପୁର ବଜାର ସମେତ ପଡ଼ୋଶୀ ବଜାର ଏବେ ଚଳଚଞ୍ଚଳ। ଧନତେରସ୍‌ରେ ସୁନା, ରୁପା ଅଳଙ୍କାରମାନ କିଣିଲେ ଲକ୍ଷ୍ମୀ ଘରକୁ ଆସନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଗହଣା ଦୋକାନଗୁଡ଼ିକରେ ଭିଡ଼ ଜମିବା ସହ ପାରମ୍ପରିକ ମାଟିଦୀପ ଏବଂ ପୂଜା ପାଇଁ ଆବଶ୍ୟକ ଆଖୁ, କାଉଁରିଆ, ସଳିତା, ଫଳମୂଳ ଓ ମିଠା ଦୋକାନଗୁଡ଼ିକରେ ବୁଧବାର ଦିନତମାମ ବେପାର ଜୋର ଧରିଛି। ଅନୁରୂପ ଭାବେ ସନ୍ଧ୍ୟାରେ ହେବାକୁ ଥିବା ପୂଜା ପାଇଁ ଦରକାର ହେଉଥିବା କାଉଁରିଆ କାଠି ଓ ଆଖୁ ବେପାର ଜମିଛି। ଆବଶ୍ୟକ ଦ୍ରବ୍ୟର ଦର ଯାହା ହେଉନା କାହିଁକି ବିଧି ପାଳନ ନିମନ୍ତେ ଗ୍ରାହକ ସମସ୍ତ ଦ୍ରବ୍ୟ କିଣୁଥିବା ଦେଖିବାକୁ ମିଳିଛି। ଅନୁରୂପ ଭାବେ ଧନତେରସ୍ ଯୋଗୁ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ସୁନା, ରୁପା ଆଦି ଅଳଙ୍କାର ଦୋକାନରେ ଅସମ୍ଭାଭ ଭିଡ଼ ଦେଖିବାକୁ ମିଳିଥିଲା। ସେହି ଅନୁପାତରେ ଫଳମୂଳ ସମେତ ମିଠା ଦୋକାନରେ ମଧ୍ୟ ବିକ୍ରି ଜୋର ଧରିଛି। ଏହି ପୂଜା ପାଇଁ ଦିନତମାମ ନୂଆ ଜଗନ୍ନାଥ ସଡ଼କ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଏପରିକି ସ୍ଥାନୀୟ ଲୋକଙ୍କ ସମେତ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସାମଗ୍ରୀ ଜବତ, ୨ ଅଭିଯୁକ୍ତ ଗିରଫ

କାକଟପୁର/ଅସ୍ତରଙ୍ଗ(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ପୁରୀ ଜିଲା କାକଟପୁର ଥାନା ଅନ୍ତର୍ଗତ କୃପାସିନ୍ଧୁପୁର (ଶୁଆଖିଆ) ଓ ଫକୀର ଅଞ୍ଚଳରୁ ବିଦ୍ୟୁତ୍ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ୨ ଅଭିଯୁକ୍ତ ହେଲେ ପବିତ୍ର କାଣ୍ଡି ଓରଫ ପବନି (୪୫) ଓ ଅଶୋକ କାଣ୍ଡି (୪୫)। ସୂଚନାଯୋଗ୍ୟ, ମେ ୧୩ତାରିଖ ଦିନ କୃପାସିନ୍ଧୁପୁର ଅଞ୍ଚଳର ବାଳକୃଷ୍ଣ ମିଶ୍ର ଓ ତାଙ୍କ ପରିବାର ସଦସ୍ୟ ପୁରୀ ଯାଇଥିଲେ। ୧୬ରେ ଘରକୁ ଫେରି ଦେଖିଥିଲେ ଘରେ ଥିବା ସମସ୍ତ ବୈଦ୍ୟୁତିକ ସାମଗ୍ରୀ ଚୋରି ହୋଇଛି। ଏନେଇ ବାଳକୃଷ୍ଣ କାକଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ (ନଂ.୧୧୫/୨୪)ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ପୋଲିସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି।

### ଜଳିଗଲା ୩ ବଖରା

କୋଣାର୍କ,୩୦।୧୦(ଜ୍ୟୋତିରାଜ ମହାନ୍ତି)

ବୁଧବାର ଅପରାହ୍ନରେ ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଙ୍ଗର ଗ୍ରାମର କୃଷ୍ଣଚନ୍ଦ୍ର ରାଉତଙ୍କ ଘରେ ଅଚାନକ ନିଆଁ ଲାଗି ଦୁଇ ବଖରା ଘର, ଗୋଟିଏ ଗୁହାଳ ଘର ଜଳି ପାଉଁଶ ହୋଇଯାଇଛି। ଏଥିସହ ଘରେ ଥିବା ସମସ୍ତ ଜିନିଷପତ୍ର ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ଘରେ ନିଆଁ ଲଗାଇଥିବା ଘର ମାଲିକ ଅଭିଯୋଗ କରିଛନ୍ତି।

### ସନ୍ତୋଷ ପାଣିଗ୍ରାହୀ ସତ୍ୟବାଦୀର ନୂଆ ତହସିଲଦାର



ସାକ୍ଷୀଗୋପାଳ,୩୦।୧୦(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସନ୍ତୋଷ ପାଣିଗ୍ରାହୀ ସତ୍ୟବାଦୀର ନୂତନ ତହସିଲଦାର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଅଲୋକ କୁମାର ଦେହୁରୀ ସତ୍ୟବାଦୀର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଏଠାରୁ ବଦଳି ହେବା ପରେ ତହସିଲଦାର ପାଣିଗ୍ରାହୀ ସତ୍ୟବାଦୀ ଆସିଛନ୍ତି। ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ, ରାଜସ୍ୱ ଅଧିକାରୀ ସୁଜାତା ବେହେରା, ମମତା ନାୟକ, ସରସ୍ୱତୀ ପାତ୍ର, ହେମନ୍ତ କୁମାର ପ୍ରଧାନ, ବରୀସା ହେମ୍ବ୍ରମ, ସୁଜାତା ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ଓ ସତ୍ୟବାଦୀ ଆଇନଜୀବୀ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା। ଲୋକଙ୍କ ସମସ୍ୟା ଓ ତା'ର ସମାଧାନ ଉପରେ ଅଧିକ ଗୁରୁତ୍ୱ ରହିବ ବୋଲି ନୂତନ ତହସିଲଦାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଫଟୋ କ୍ୟାପସନ: ନୂତନ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ରାଜସ୍ୱ ଅଧିକାରୀମାନେ ଶୁଭେଚ୍ଛା ଜଣାଉଛନ୍ତି।

# ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ଗୁରୁତ୍ୱ

## ଖରିଫ୍ ଋତୁ ୨୦୨୪-୨୫ରେ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି ବୈଠକ

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)



ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀ।

ଖରିଫ୍ ଋତୁ ୨୦୨୪-୨୫ରେ ଧାନ ସଂଗ୍ରହ ନିମନ୍ତେ ବୁଧବାର ଅପରାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଭାରପ୍ରାପ୍ତ ଉପଜିଲାପାଳ ନୀଳମାଧବ ମାଝି, କୋଅପରେଟିଭ ଉପନିବନ୍ଧକ ସୁନିତା ପତି, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, କୋଅପରେଟିଭ ସୋସାଇଟିର ବରିଷ୍ଠ ସହକାରୀ ନିବନ୍ଧକ ସ୍ୱରୂପ କୁମାର କର, ଚାଷୀ ପ୍ରତିନିଧି ଅଶୋକ ପ୍ରଧାନ, ଧରଣୀଧର ସାହୁ ଓ ପ୍ରମୋଦ କୁମାର ସ୍ୱାଇଁ ଏବଂ ମିଲର୍‌ଙ୍କ ପ୍ରତିନିଧି ସୂର୍ଯ୍ୟନାରାୟଣ ସେନାପତି ଓ ଦେବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପ୍ରତ୍ୟେକ ମଣ୍ଡି ପାଇଁ ଜଣେ ଜଣେ ନୋଡାଲ ଅଧିକାରୀ ନିଯୁକ୍ତ ହେବେ ଏବଂ ୪ରୁ ୫ଟି ମଣ୍ଡି ପାଇଁ ଜଣେ ସୁପରଭାଇଜିଙ୍ଗ ଅଧିକାରୀ ନିଯୁକ୍ତ ହେବେ। ଏଫଏକ୍ୟୁ ମାନର ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ପ୍ରତି କୁଇଣ୍ଟାଲ୍ ରହିଛି। ଏହାଛଡ଼ା ରାଜ୍ୟ ସରକାରଙ୍କ ତରଫରୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତା ଦିଆଯିବ। ଏହିପରି ଭାବେ ପ୍ରତି କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ନିମନ୍ତେ ଚାଷୀଙ୍କୁ ସଚେତନ କରିବା ସହ ୪ଟି ଧାନ ମେସିନ କ୍ରୟ କରିବାକୁ ଆର୍‌ଏମସିକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।





ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ବାଲୁକା କଳାରେ ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

### ଶର୍ଟସର୍କିଟ୍‌ରେ ଜଳିଗଲା ୨ ବଖରା

ଗୋପ,୩୦।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ବଡ଼ତରା ପଞ୍ଚାୟତରେ ବଡ଼ତରାର ଇନ୍ଦ୍ରମଣି ମଲ୍ଲିକଙ୍କ ଘରେ ଶର୍ଟସର୍କିଟ୍ ଯୋଗୁ ୨ ବଖରା ଜଳି ଯାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ଇନ୍ଦ୍ରମଣିଙ୍କ ସମସ୍ତ ଆସବାସପତ୍ର ପୋଡ଼ି ଯାଇଛି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଘରକୁ ଆସିଥିବା ବିଦ୍ୟୁତ୍ ସର୍ଭିସ ତାରରୁ କୌଣସି କାରଣରୁ ନିଆଁ ବାହାରି ଘରେ ଲାଗିଯାଇଥିଲା। ପରିବାର ସଦସ୍ୟ ଜାଣିବା ପରେ ଗୋପ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରେ ଥିବା ଟିଭି, ଫ୍ରିଜ୍ ସହିତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଇନ୍ଦ୍ରମଣି ମଲ୍ଲିକ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଜ୍ୟୋତ୍ସାରାଣୀ ମିଶ୍ର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ଧନ୍‌ତେରସ୍‌ରେ ଏକ କୋଟିରୁ ଅଧିକ ବ୍ୟବସାୟ

ଅସ୍ତରଙ୍ଗ,୩୦।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦୀପାବଳି ଦିନକ ପୂର୍ବରୁ ପାଳନ ହୋଇଥାଏ ଧନତେରସ। ଏହି ଦିନ ସୁନା କିଣିଲେ ଶୁଭ ବୋଲି ହିନ୍ଦୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ବୁଧବାର ଧନତେରସ ପାଳନ ହେଉଥିବା ବେଳେ ପୁରୀ ଜିଲା ଅସ୍ତରଙ୍ଗ ବଜାରରେ ଥିବା ବିଭିନ୍ନ ସୁନା ଦୋକାନରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଅସ୍ତରଙ୍ଗ ବଜାରର ଲକ୍ଷ୍ମୀବଜାର, ବସଷ୍ଟାଣ୍ଡ ପ୍ରମୁଖ ଅଞ୍ଚଳରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସୁନା ଦୋକାନ ରହିଛି। ସବୁ ଦୋକାନରେ ଧନତେରସ ପାଇଁ ଲୋକଙ୍କ ଭିଡ଼ ଦେଖାଯାଇଛି। ଲୋକମାନେ ସୁନା ଦୋକାନରୁ ବିଭିନ୍ନ ସୁନା ଅଳଙ୍କାର କିଣିବା ସହ ରୁପା ଅଳଙ୍କାର ମଧ୍ୟ କିଣୁଛନ୍ତି। ବିଶେଷ କରି ରୁପା କଏନ, ରୁପାରେ ତିଆରି ଗଣେଶ ଓ ଲକ୍ଷ୍ମୀଙ୍କ ମୂର୍ତ୍ତି ଆଦି ଲୋକମାନେ କିଣୁଥିବା ଜଣାପଡ଼ିଛି। ସୁନା କିଣିବା ଲୋକଙ୍କ ଏକ ସଉକ ପାଲଟିଥିବା ବେଳେ ଧନତେରସକୁ ନେଇ ରହିଥିବା ବିଶ୍ୱାସ ବେପାରକୁ ବଢ଼ାଉଥିବା ବେପାରୀମାନେ କହିଛନ୍ତି। ଗ୍ରାମାଞ୍ଚଳର ଲୋକମାନେ ଧନତେରସରେ ସୁନା କିଣିବା ପାଇଁ ଆଗ୍ରହ ଦେଖାଉଥିବା ଅସ୍ତରଙ୍ଗ ବଜାରର ଜଣେ ବ୍ୟବସାୟୀ କହିଛନ୍ତି।

# ପରିବେଶ ଉପଯୋଗୀ ପଞ୍ଚଗବ୍ୟ ଦୀପ ପାଲଟିଛି ପସନ୍ଦ

ପୁରୀ,୩୦।୧୦(ଅଜିତ କୁମାର ମହାନ୍ତି)

ଆଲୋକର ପର୍ବ ଦୀପାବଳୀରେ ମାଟି ଦୀପ ଓ କ୍ୟାଣ୍ଡେଲ ଆଦି ଜଳିବା ଦ୍ୱାରା ବହୁ ପରିମାଣର ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହେବା ସହ ବାୟୁ ପ୍ରଦୂଷଣ ହୋଇଥାଏ। ତେଣୁ ଚଳିତ ବର୍ଷ ମାଟି ଦୀପ, କ୍ୟାଣ୍ଡେଲ ପରିବର୍ତ୍ତେ ପଞ୍ଚଗବ୍ୟ ଦୀପ ଜାଳି ପରିବେଶ ସୁସ୍ଥ ରଖିବାକୁ ଅନ୍ୱେଷଣ ଫାଉଣ୍ଡେଶନ ବାର୍ତ୍ତା ଦେଇଛି। ଦେଶୀ ଗାଈ ଗୋବର, ମୂତ୍ର, କ୍ଷୀର, ଘିଅ ଏବଂ ଦହି ଆଦିକୁ ବ୍ୟବହାର କରାଯାଇ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ କରାଯାଇଛି। ଫାଉଣ୍ଡେଶନର ସଦସ୍ୟ ସନ୍ତୋଷ କୁମାର ରାଉତ କହିଛନ୍ତି, ଏହି ଦୀପ ଜାଳିବା ଦ୍ୱାରା ପରିବେଶ ପ୍ରଦୂଷଣ କମ୍ ରହିବା ସହ ବାୟୁ ମଣ୍ଡଳରେ ଅମ୍ଳଜାନ ସ୍ତର ବୃଦ୍ଧି ପାଇଥାଏ। ମନୁଷ୍ୟର ମାନସିକ ଚେତନା ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ପରୋକ୍ଷରେ ମୃତ୍ତିକା କ୍ଷୟକୁ ରୋକାଯାଇପାରିବ। ଦୀପଗୁଡ଼ିକୁ ଅନ୍ୱେଷଣ ଫାଉଣ୍ଡେଶନର (ଆମ ଚାଟଶାଳୀ)ର କୁନି ପିଲାମାନେ ତିଆରି କରିଛନ୍ତି। ପ୍ରତ୍ୟେକର ମୂଲ୍ୟ ୫ ଓ ୧୦ ଟଙ୍କା ରଖାଯାଇଛି। ରେଳଷ୍ଟେଶନ, ବସଷ୍ଟାଣ୍ଡ, ବିଭିନ୍ନ ବସ୍ତି ଓ ରାସ୍ତା କଡରେ ରହୁଥିବା ପିଲା, ବିଭିନ୍ନ କାରଣରୁ ଶିକ୍ଷାରୁ ଦୂରେଇ ଯାଉଥିବା, ଭିକ୍ଷାବୃତ୍ତି କରୁଥିବା, ଜରି ଓ ବୋତଲ ଆଦି ଗୋଟାଉଥିବା ଏବଂ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପିଲାଙ୍କୁ ଏହି ଦୀପ ତିଆରିରେ ନିୟୋଜିତ କରାଯାଏ। କିପରି ସେମାନେ ଶିକ୍ଷାକୁ ଆପଣେଇବେ ଓ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପ୍ରୟାସ କରାଯାଏ। ଅନ୍ୟତମ ସଦସ୍ୟ ନିରଞ୍ଜନ ପ୍ରଧାନ କହିଛନ୍ତି, ଏବେ ଲୋକଙ୍କ ପସନ୍ଦ ଯୋଗୁ ପଞ୍ଚଗବ୍ୟ ଦୀପର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସରକାର ପଞ୍ଚଗବ୍ୟ ଦୀପର ପ୍ରସାର ପ୍ରଚାର ପାଇଁ ପଦକ୍ଷେପ ନେଲେ ଅନେକ ଅବହେଳିତ ଓ ବେସାହାରା ଶିଶୁ ଉପକୃତ ହୋଇପାରନ୍ତେ।



ଅନ୍ୱେଷଣ ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ପଞ୍ଚଗବ୍ୟ ଦୀପ।

# ବିପନ୍ନଙ୍କୁ ସହାୟତା କଲେ ସାମାଜିକ କର୍ମୀ



ବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

ଗୋପ,୩୦।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

**ଧରିତ୍ରୀ ପ୍ରଭାବ**

ଦୀର୍ଘ ୨୪ ବର୍ଷ ଧରି ଭଙ୍ଗା ପଲିଥିନ ଘର ତଳେ ରହୁଥିବା ବାବୁଲି ମାଟିଙ୍କ ଘରେ ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ ପହଞ୍ଚି ସାହାଯ୍ୟର ହାତ ବଢ଼ାଇଛନ୍ତି।

ଭଙ୍ଗା ପଲିଥିନ ଘରେ ବାବୁଲି ମାଟି ଓ ତାଙ୍କ ପରିବାର ରହୁଥିବା ଭଳି ଅଭିଯୋଗକୁ ନେଇ ୨୬ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶିତ ହୋଇଥିଲା। ବାବୁଲି ମାଟି ୧୯୯୯ ପ୍ରଳୟଙ୍କରୀ ମହାବାତ୍ୟା ପରଠାରୁ ଏପର୍ଯ୍ୟନ୍ତ ୧୩ଟି ବାତ୍ୟା ଯାଇଥିଲେ ମଧ୍ୟ କୌଣସି ସରକାରୀ ସହାୟତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ବାତ୍ୟା ଦାନା ସମୟରେ ଭଙ୍ଗାଘରେ ଗୋରୁଙ୍କ ସହିତ ରହୁଥିବା ଏହି ପରିବାର ସଦସ୍ୟଙ୍କୁ ଗାଁର କେତେଜଣ ଯୁବକ ବାତ୍ୟା ଆଶ୍ରୟସ୍ଥଳକୁ ନେଉଥିବା ବେଳେ ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଖବର ପ୍ରକାଶ ପାଇଥିଲା। ସମାଜସେବା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ସାମାଜିକ କର୍ମୀ ବାବୁଲି ମାଟିଙ୍କ ଘରେ ପହଞ୍ଚି ଖାଦ୍ୟ ସହିତ ଆବଶ୍ୟକତା ଅନୁସାରେ ଲୁଗାପଟା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦେଇଥିଲେ। ଏପରି ଏକ ମହତ୍ କାର୍ଯ୍ୟ ପାଇଁ ପରିବାର ଲୋକେ ସାଧୁବାଦ ଜଣାଇଛନ୍ତି।

# ପୁରୀରେ ଶିଳ୍ପ ପ୍ରତିଷ୍ଠା ପାଇଁ ମନ୍ତ୍ରୀଙ୍କୁ ସ୍ମାରକପତ୍ର

ପୁରୀ,୩୦।୧୦(ଅଜିତ୍ କୁମାର ମହାନ୍ତି)

ପୁରୀରେ ଆବଶ୍ୟକୀୟ ଶିଳ୍ପ ଅଭାବରୁ ଆଖିଦୃଶିଆ ବିକାଶ ହୋଇପାରୁନାହିଁ। ଶ୍ରୀମନ୍ଦିର ଓ ହୋଟେଲକୁ ଛାଡ଼ିଦେଲେ ଅନ୍ୟ କିଛି ଶିଳ୍ପ ପୁରୀରେ ନାହିଁ। ଫଳରେ ଅନେକ ଶିକ୍ଷିତ ଯୁବତୀ ଯୁବକ ବେକାର ହୋଇ ରହିବା ସହ ରୋଜଗାର ପାଇଁ ଅନ୍ୟତ୍ର ଯାଉଛନ୍ତି। ପୁରୀର ବିକାଶ ପାଇଁ ନଡ଼ିଆ, ତାଳ ଓ ଲଙ୍କାଆମ୍ବ ଭିତ୍ତିକ ଶିଳ୍ପ ସହ ପର୍ଯ୍ୟଟନର ବିକାଶ ନିମନ୍ତେ ସରକାର ନୂଆ ଶିଳ୍ପ ପ୍ରତିଷ୍ଠା କରିବାକୁ ଓଡ଼ିଶା ଯୁବ ଚେତନା ସଙ୍ଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ଜାତୀୟ ମିଡିଆ ଫାଉଣ୍ଡେସନ ସଭାପତି ରଶ୍ମିରଞ୍ଜନ ଦାଶ ଓ ରଞ୍ଜନ କୁମାର ସାହୁ ପ୍ରମୁଖ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କୁ ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଆଲୋଚନା ସମୟରେ ବିଭାଗୀୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

# ଚାଟଶାଳୀ ଶିକ୍ଷା ଆମକୁ ଶୀର୍ଷରେ ପହଞ୍ଚାଇପାରିଛି

## ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ୨୭ ତମ ପ୍ରତିଷ୍ଠା ଦିବସ



ଗୋପ,୩୦।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଚାଟଶାଳୀ ଶିକ୍ଷା ଆଜିର ଦିନରେ ଏପରି ଏକ ଶିକ୍ଷା ଅନୁଷ୍ଠାନ ଗଢ଼ିବା ସହିତ ଚରିତ୍ର ଗଠନ ଓ ଭବିଷ୍ୟତ ଗଠନ କ୍ଷେତ୍ରରେ ସହାୟକ ହୋଇପାରିଛି ବୋଲି ବୁଧବାର ଗୋପ ଅନ୍ତର୍ଗତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ବରିଷ୍ଠ ନାଗରିକ କାର୍ତ୍ତିକ ଚନ୍ଦ୍ର ସାହୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରତିଷ୍ଠାତା କାର୍ତ୍ତିକ ଚନ୍ଦ୍ର ସାହୁ (୯୭), ପତ୍ନୀ ତ୍ରୈଲୋକ୍ୟ ସାହୁ (୮୭)ଙ୍କ ଭବିଷ୍ୟତ କାମନା କରି ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଛାତ୍ରୀଛାତ୍ରମାନେ କେକ୍ କାଟିଥିଲେ। ଗୋପ ବ୍ଲକ ଅନ୍ତର୍ଗତ ବୟାଳିଶିବାଟି ଗ୍ରାମର ଏହି ବ୍ୟକ୍ତି ଜଣଙ୍କ ଶିକ୍ଷାର ବିକାଶ ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରିବା ଲାଗି ୧୯୯୭ରେ ଏହି ସ୍କୁଲଟି ପ୍ରତିଷ୍ଠା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ବରିଷ୍ଠ ସଭ୍ୟ ରଘୁନାଥ ନାୟକ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ୍‌ରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ





ବିଜେଡି ଜନସମ୍ପର୍କ ପଦଯାତ୍ରାରେ ପୂର୍ବତନ ବିଧାୟକ ରୁଦ୍ର ପ୍ରତପ ମହାରଥୀ ଓ କର୍ମୀମାନେ।

ପିପିଲି,୩୦।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପିପିଲି ଏନ୍‌ଏସି ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜେଡି ନେତା ତଥା ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଏହି ପଦଯାତ୍ରା ହୋଇଥିବାବେଳେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏଥିସହ ଶାସକ ଦଳ ଡେଲାଙ୍ଗ-ପିପିଲିର ସମସ୍ୟାକୁ ଦୃଷ୍ଟି ନ ଦେଇ ଦଳୀୟଭିତ୍ତିକ କାର୍ଯ୍ୟ କରାଯାଉଥିବାରୁ ଶାସକ ଦଳ ନେତାଙ୍କ ଉପରେ ବର୍ଷିଥିଲେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ। ନୂତନ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ଅନେକ ପ୍ରତିଶ୍ରୁତିକୁ କେତେ ପୂରଣ କରିଛି, ତାହାର ଜବାବ ରଖନ୍ତୁ ବୋଲି ସେ ପ୍ରଶ୍ନ କରି ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ବିଜେଡିର ଏହି ପଦଯାତ୍ରାଟି ପିପିଲି ହାଇସ୍କୁଲଠାରୁ ଆରମ୍ଭ ହୋଇ ବିଭିନ୍ନ ନାରାବାଜି ସହ ପିପିଲି ବଜାର ପରିକ୍ରମା କରି ବିଜେଡି କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଧରଣୀଧର ସାହୁ, ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଦେବାଶିଷ ନନ୍ଦଙ୍କ ସହ ବହୁ ନେତୃବୃନ୍ଦ ସାମିଲ ହୋଇଥିବା ବେଳେ ଶତାଧିକ ବିଜେଡି କର୍ମୀ ଏଥିରେ ଯୋଗ ଦେଇଥିଲେ।

# ପାଞ୍ଜି ଦ୍ୱନ୍ଦ୍ୱ: ପୂଜାପଣ୍ଡା ନିଯୋଗର ଅସନ୍ତୋଷ

ପୁରୀ, ୩୦।୧୦(ଅଜିତ୍ କୁମାର ମହାନ୍ତି)

କୁମାର ପୂର୍ଣ୍ଣିମା ପରେ ପୁଣିଥରେ କାଳୀପୂଜା ଓ ଦୀପାବଳି ଅମାବାସ୍ୟା ପାଳନକୁ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଛି। ଚଳିତବର୍ଷ ପାଞ୍ଜି ଓ କ୍ୟାଲେଣ୍ଡରରେ ଅନେକ ଗୁରୁତର ତ୍ରୁଟି ଓ ଦ୍ୱନ୍ଦ୍ୱ ରହିଛି। ଚଳିତବର୍ଷ ଦୀପାବଳି ଅମାବାସ୍ୟା ପାଳନ ଓ ପୟାଶ୍ରାଦ୍ଧ ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିବା ପରିଲକ୍ଷିତ ହୋଇଛି। ଓଡ଼ିଶାରୁ ପ୍ରକାଶ ପାଉଥିବା ଏକାଧିକ ପାଞ୍ଜି ଗଣନା ମଧ୍ୟରେ ତାଳମେଳ ରହୁନାହିଁ। ଏହାଦ୍ୱାରା ପର୍ବପର୍ବାଣି ଓ ଯାନିଯାତ୍ରାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ରହୁଛନ୍ତି। ତେବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ଜ୍ୟୋତିର୍ବିଦମାନେ ପାଞ୍ଜି ଅନୁଯାୟୀ ଅକ୍ଟୋବର ୩୧ତାରିଖ ରାତିରେ କାଳୀପୂଜା ଓ ନଭେମ୍ବର ୧ରେ ପୟାଶ୍ରାଦ୍ଧ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପାଞ୍ଜି ଗଣନାଙ୍କ ମତ ଅନୁସାରେ ପ୍ରତ୍ୟୁଷ ଓ ପ୍ରଦୋଷ ସମୟକୁ ଭିତ୍ତି କରି ଅମାବାସ୍ୟା ଗଣନା ହୋଇଥାଏ। ତେଣୁ ୧ତାରିଖରେ ଶ୍ରାଦ୍ଧ କରିବାକୁ ଗବେଷକ ଓ ଜ୍ୟୋତିର୍ବିଦ ପରାମର୍ଶ ଦେଇଛନ୍ତି। ତେବେ ଏପରି ସମସ୍ୟା କିଛିବର୍ଷ ହେବ ଦେଖିବାକୁ ମିଳୁଛି। ପ୍ରତ୍ୟେକ ବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଭୁଲ ଓ ତ୍ରୁଟିବିହୀନ ପାଞ୍ଜି ପ୍ରସ୍ତୁତ ପାଇଁ ପାଞ୍ଜୀ ସମୀକ୍ଷା ବୈଠକ ବସିଥାଏ। ଏହା ସତ୍ତ୍ୱେ ପାଞ୍ଜି ଗଣନାରେ ତ୍ରୁଟି ଓ ଦ୍ୱନ୍ଦ୍ୱ ରହୁଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ନିର୍ଭୁଲ ଓ ତ୍ରୁଟିବିହୀନ ପାଞ୍ଜି ପ୍ରସ୍ତୁତ ପାଇଁ ପୂଜାପଣ୍ଡା ନିଯୋଗ ପକ୍ଷରୁ ଦାବି କରାଯାଇଛି। ପୂଜାପଣ୍ଡା ନିଯୋଗ ପକ୍ଷରୁ କୁହାଯାଇଛି ଯେ, ଦୀପାବଳି ତଥା ପ୍ରୟାଶ୍ରାଦ୍ଧ କେଉଁଦିନ ପାଳନ ହେବ ସେ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ଲୋକେ କେଉଁଦିନ ପାଳନ କରିବେ ସେ ନେଇ ସନ୍ଦେହରେ ରହିଛନ୍ତି। ପୂର୍ବରୁ ଏପରି ସମସ୍ୟା ଦେଖାଯାଇଥିଲା। ଫଳରେ ଶଙ୍କରାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପାଞ୍ଜି ସମନ୍ୱୟ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଦ୍ୱାରା ପର୍ବପର୍ବାଣି ଗୋଟିଏ ଦିନରେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ପଞ୍ଜିକାରମାନଙ୍କୁ ଚିଠି କରାଯାଉଥିଲା। ସେମାନେ ବୈଠକରେ ଯୋଗଦେଉଥିଲେ। ଗଣନାକାରମାନେ ସେମାନଙ୍କ ଗଣନା କରି ଠିକ୍ ପାଞ୍ଜି ପ୍ରକାଶ କରୁଥିଲେ। ତେବେ କିଛି ବର୍ଷ ହେବ ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଉଛି। ଉକ୍ତ ବୈଠକରେ ଗଜପତି ମହାରାଜାଙ୍କ ପ୍ରତିନିଧି, ଛତିଶା ନିଯୋଗ ନାୟକ, ପୂଜାପଣ୍ଡା, ଦଇତାପତି ନିଯୋଗ, ମୁକ୍ତିମଣ୍ଡପ, ଦେଉଳକରଣ, ତଡଉକରଣ ଏବଂ ପାଞ୍ଜି ପ୍ରକାଶନର ପ୍ରତିନିଧିମାନେ ଯୋଗଦେଇଥାନ୍ତି। ତେବେ ସେମାନଙ୍କର କ'ଣ ଉଦ୍ଦେଶ୍ୟ ରହିଛି ଯେ, ଭିନ୍ନ ଭିନ୍ନ ତଥ୍ୟ ପ୍ରକାଶ କରୁଛନ୍ତି। ସେମାନେ ଶ୍ରୀମନ୍ଦିର ପ୍ରଶାସନକୁ ଏକ ପାଣ୍ଡୁଲିପି ଦେଇଥାନ୍ତି। ଉକ୍ତ ପାଣ୍ଡୁଲିପିକୁ ମୁକ୍ତିମଣ୍ଡପ ଓ ପୂଜାପଣ୍ଡା ନିଯୋଗକୁ ପ୍ରଦାନ କରାଯାଇଥାଏ। ମୁକ୍ତିମଣ୍ଡପ କିଛି ସଂଶୋଧନ କରିଥାନ୍ତି। ସେହିପରି ପୂଜାପଣ୍ଡା ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପର୍ବପର୍ବାଣି ସମ୍ପର୍କରେ ତାଲିକା ପ୍ରଦାନ କରାଯାଇଥାଏ। ସେହି ଅନୁଯାୟୀ ପାଞ୍ଜିକାରମାନେ ଏକାଠି ବସି ତିଥି ଚୂଡ଼ାନ୍ତ କରିଥାନ୍ତି। ବର୍ତ୍ତମାନ ଦୀପାବଳି ଆମାବାସ୍ୟାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। କେତେଜଣ ବ୍ୟକ୍ତି ସୋସିଆଲ ମିଡିଆରେ ଏଭଳି ତଥ୍ୟ ଉପସ୍ଥାପନା କରି ଲୋକଙ୍କୁ ଭ୍ରମିତ କରୁଛନ୍ତି। ଶ୍ରୀମନ୍ଦିର ନୀତିକାନ୍ତି ଓ ପରମ୍ପରା ଅନୁସାରେ ପର୍ବ ପାଳନ କରିବା ଉଚିତ୍। ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପୂଜାପଣ୍ଡା ନିଯୋଗ ଦାବି କରିଛି। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି, ପାଞ୍ଜି ତ୍ରୁଟି ଆଜିର ସମସ୍ୟା ନୁହେଁ, କେତେବର୍ଷ ଧରି ଏହା ଜାରି ରହିଛି। ଜ୍ୟୋତିଷମାନେ ଯେଉଁଭଳି ଭାବେ ପରିଶ୍ରମ କରିବା କଥା, ସେହିଭଳି କରୁନାହାନ୍ତି। ପାଶ୍ଚାତ୍ୟ ଦେଶକୁ ନକଲ କରୁଛନ୍ତି। ଅପରପକ୍ଷରେ ଯେଉଁମାନଙ୍କ ଅଧିକ ଜ୍ଞାନ ନାହିଁ ସେମାନେ ମଧ୍ୟ ପାଞ୍ଜି ପ୍ରସ୍ତୁତ କରୁଛନ୍ତି। ତାହା ଠିକ୍ ନୁହେ। ତେବେ ଏ ନେଇ ମୋ' ସହ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରୁନାହାନ୍ତି। ଆଲୋଚନା କଲେ ମୁଁ ଏହା ଉପରେ ମତ ରଖିବି ବୋଲି ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ମୋ' ସହ କେହି ଆଲୋଚନା କରୁନାହାନ୍ତି: ଶଙ୍କରାଚାର୍ଯ୍ୟ



ପାଞ୍ଜିର ଭୁଲ୍ ନିର୍ଦ୍ଧାରଣ ନେଇ ପୂଜାପଣ୍ଡା ନିଯୋଗ ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅଭିଯୋଗ କରାଯାଉଛି।

# ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ଆଜୀବନ କାରାଦଣ୍ଡାଦେଶ ହାଇକୋର୍ଟରେ କାଏମ

କଟକ,୩୦।୧୦(କାର୍ତ୍ତିକ ସାହୁ)


ରାମମୂର୍ତ୍ତି ଗମାଙ୍ଗ

ସ୍ତ୍ରୀ ହତ୍ୟା ମାମଲାରେ ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ନିମ୍ନ ଅଦାଲତ ଦେଇଥିବା ଆଜୀବନ କାରାଦଣ୍ଡ ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମାମଲାର ରାୟ ପ୍ରଦାନ କରିଛନ୍ତି। ପୂର୍ବତନ ବିଧାୟକ ଗମାଙ୍ଗଙ୍କୁ ନିମ୍ନ ଅଦାଲତରେ ଆତ୍ମ ସମର୍ପଣ କରି ବାକି ଦଣ୍ଡାଦେଶ ସମୟ କାଟିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆତ୍ମ ସମପର୍ଣ ନ କଲେ ନିମ୍ନ ଅଦାଲତ ପ୍ରୋସିଡ଼ିଂ କରିବା ଲାଗି ଖଣ୍ଡପୀଠ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ରାମମୂର୍ତ୍ତିଙ୍କ ଅଡୁଆ ବଢ଼ି ଯାଇଛି।

ସୂଚନାନୁସାରେ, ଗୁଣପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ସ୍ତ୍ରୀଙ୍କ ୧୯୯୫ ଅଗଷ୍ଟ ୨୯ରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ରାମମୂର୍ତ୍ତିଙ୍କ ନାମରେ ମାମଲା ରୁଜୁ କରିଥିଲା। ମାମଲାର ତଦନ୍ତ ପରେ ପୋଲିସ ଚାର୍ଜସିଟ କୋର୍ଟରେ ଦାଖଲ କରିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତରେ ମାମଲାର ଶୁଣାଣି ହୋଇଥିଲା। ଭୁବନେଶ୍ୱରର ତୃତୀୟ ଅତିରିକ୍ତ ଜିଲାଜଜ୍ ମାମଲାର ବିଚାର କରି ୨୦୨୩ ଜୁନ୍ ୨୭ରେ ରାୟ ପ୍ରକାଶ କରିଥିଲେ। ଉକ୍ତ ଅଦାଲତ ରାମମୂର୍ତ୍ତିଙ୍କୁ ସ୍ତ୍ରୀ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ନିମ୍ନ ଅଦାଲତଙ୍କ ରାୟକୁ ବିରୋଧ କରି ରାମମୂର୍ତ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରିୟବ୍ରତ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ଏମ୍‌କେସିଜି ମେଡିକାଲ କଲେଜରେ ରାଗିଂ
# ୫ ସିନିୟର ଛାତ୍ରଙ୍କୁ ୬ ମାସ କ୍ୟାମ୍ପସ ମନା

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ରାଗିଂ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଗିଂ ପ୍ରମାଣ ମିଳିଥିବାରୁ ଏମ୍‌ବିବିଏସ୍ ଚତୁର୍ଥ ବର୍ଷର ୫ ଜଣ ଛାତ୍ରଙ୍କୁ ୬ ମାସ ପାଇଁ ସମ୍ପୂର୍ଣ୍ଣ ଭାବେ କ୍ୟାମ୍ପସ ମନା କରାଯାଇଛି। ସେମାନେ ହଷ୍ଟେଲରେ ରହି ପାରିବେ ନାହିଁ କି କ୍ୟାମ୍ପସରେ ପ୍ରବେଶ କରିପାରିବେ ନାହିଁ। ଏପରିକି ସେମାନେ କ୍ଲାସ୍‌କୁ ମଧ୍ୟ ଆସିପାରିବେ ନାହିଁ। ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ଭବିଷ୍ୟତରେ କୌଣସି ଛାତ୍ର କାହାକୁ ରାଗିଂ କରିବାକୁ ସାହସ କରିପାରିବେ ନାହିଁ ବୋଲି ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ କହିଛନ୍ତି। ଅନ୍ୟପଟେ ରାଗିଂ ଘଟଣାକୁ ଡିନ୍‌ଙ୍କ ଅଭିଯୋଗ ପ୍ରକାରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ୫ ସିନିୟର ଛାତ୍ରଙ୍କୁ ଗୁରୁବାର ଥାନାରେ ହାଜର ହେବାକୁ କୁହାଯାଇଛି। ପୋଲିସ ଘଟଣାର ତଦନ୍ତ କରିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. କହିଛନ୍ତି।

ଏମ୍‌କେସିଜି ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ସିନିୟର ଛାତ୍ର ହଷ୍ଟେଲ ଭିତରେ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ମାଡ ମାରିଥିଲେ। ରାଗିଂର ଶିକାର ହୋଇଥିବା ଛାତ୍ରଙ୍କ ଅଭିଭାବକମାନେ ଏ ନେଇ ଦିଲ୍ଲୀ ଆଣ୍ଟି ରାଗିଂ ସେଲରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକ୍ରମେ ଗତ ୨୫ ତାରିଖରେ ଏମ୍‌କେସିଜି ଆଣ୍ଟି ରାଗିଂ କମିଟିର ବୈଠକ ବସିଥିଲା। ବୈଠକରେ ପ୍ରାୟ ୧୨୦ଜଣ ଦ୍ୱିତୀୟ ବର୍ଷର ଛାତ୍ର ଉପସ୍ଥିତ ଥିଲେ ସୁଦ୍ଧା କେହି ମୁହଁ ଖୋଲି ନ ଥିଲେ। ଫଳରେ କାହାରି ବିରୋଧରେ ପ୍ରମାଣ ମିଳି ନ ଥିଲା। ଏହାପରେ ୨୮ତାରିଖ ସନ୍ଧ୍ୟାରେ ଜଣେ ଛାତ୍ରଙ୍କ ଅଭିଭାବକ ରାଗିଂ ନେଇ ଡିନ୍‌ଙ୍କ ନିକଟରେ ୫ ଜଣ ଛାତ୍ରଙ୍କ ବିରୋଧରେ ଲିଖିତ ଅଭିଯୋଗ କରି ହଷ୍ଟେଲରୁ ତାଙ୍କ ପୁଅକୁ ନେଇ ଯାଇଥିଲେ। ମଙ୍ଗଳବାର ପୁଣିଥରେ ଆଣ୍ଟି ରାଗିଂ ସେଲ୍‌କୁ ଆଉ ଏକ ଅଭିଯୋଗ ଆସିଥିଲା। ୪ ଜଣ ଛାତ୍ର ରାଗିଂ କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲେ ମଧ୍ୟ ଅଭିଯୋଗକାରୀଙ୍କ ନାମ ସେଥିରେ ନ ଥିଲା। ଏସବୁ ଘଟଣାକୁ ନେଇ ବୁଧବାର ସନ୍ଧ୍ୟାରେ ଏମକେସିଜି ମେଡିକାଲ କଲେଜରେ ଆଣ୍ଟି ରାଗିଂ କମିଟିର ବୈଠକରେ ମିଳିଥିବା ପ୍ରମାଣକୁ ଆଧାର କରି ୫ ସିନିୟର ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଦାଶ କହିଛନ୍ତି, ଆଣ୍ଟି ରଗିଂ କମିଟିର ବୈଠକରେ ମିଳିଥିବା ପ୍ରମାଣକୁ ଆଧାର କରି ୫ ଜଣ ଛାତ୍ରଙ୍କୁ ୬ମାସ ପାଇଁ କ୍ୟାମ୍ପସ ମନା କରାଯାଇଛି। ୪ ନମ୍ବର ହଷ୍ଟେଲରେ ଏଭଳି ରାଗିଂ ଚାଲିଥିଲା। ରାତିରେ ସିନିୟର୍ ଛାତ୍ରମାନେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଛାତ ଉପରକୁ ଡାକି ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ମଦେଉଥିଲେ। ଏହାର ପ୍ରମାଣ ମିଳିଛି। ସେହିପରି ଆଉ ୪ଜଣ ଛାତ୍ରଙ୍କ ନାମରେ ଅଭିଯୋଗ ରହିଛି। କିନ୍ତୁ ଆସିଥିବା ଅଭିଯୋଗରେ ଅଭିଯୋଗକାରୀଙ୍କ ନାଁ ନ ଥିବାରୁ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେମାନଙ୍କୁ ୩ମାସ ପର୍ଯ୍ୟନ୍ତ କ୍ୟାମ୍ପସ ମନା କରିବାକୁ ବିଚାର କରାଯାଉଛି ବୋଲି ଅଧ୍ୟକ୍ଷ କହିଛନ୍ତି।



ଦୀପାବଳି ଉପଲକ୍ଷେ ଶୁଭେଚ୍ଛା ଜଣାଇ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଥିବା ବାଲୁକା କଳା।

# କୋରାପୁଟରେ କଫି ଟ୍ରେଲ୍ସ ପାର୍କ ଶୁଭାରମ୍ଭ

କୋରାପୁଟ,୩୦।୧୦(ଅମିତାଭ ବେହେରା)

କୋରାପୁଟରେ ଜିଲା ପ୍ରଶାସନ ପକ୍ଷରୁ ବୁଧବାର କଫି ଟ୍ରେଲ୍ସ ପାର୍କ ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମୁକ୍ତା ଯୋଜନାରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଏହି କଫି ଟ୍ରେଲ୍ସ ପାର୍କକୁ କୋରାପୁଟ ବିଧାୟକ ରଘୁରାମ ମାଛ ଉଦ୍‌ଘାଟନ କରିଛନ୍ତି। ପାର୍କରେ ପ୍ରଭାତ ଓ ସନ୍ଧ୍ୟା ଭ୍ରମଣ ପାଇଁ ଉତ୍କୃଷ୍ଟ ପରିବେଶ ସୃଷ୍ଟି ହୋଇଛି। କଫି ବଗିଚା ମଧ୍ୟରେ କଫି ପିଇବାର ମଜା ନେବା ଏବଂ ବ୍ୟାଡ୍‌ମିଟନ ଖେଳିବାର ସୁଯୋଗ ମିଳିବା ଏକ ନିଆରା ପରିବେଶ ସୃଷ୍ଟି କରିପାରିଛି ବୋଲି ବିଧାୟକ କହିଛନ୍ତି। ଜିଲାପାଳ ଭି. କୀର୍ତ୍ତିଭାସନ ଉପସ୍ଥିତ ରହି ପାର୍କର ରକ୍ଷଣାବେକ୍ଷଣା କୋରାପୁଟ ପୌର ପରିଷଦ ହାତରେ ଦିଆଯାଇଥିବା ଏବଂ ପାର୍କ ଓ କଫି ପାନୀୟ ଦାୟିତ୍ୱ କଫି ବିଭାଗ ହାତରେ ରହିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତିଶେଖର, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ଲବ୍ଧଜିତ ରାଉତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଉପଜିଲାପାଳ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

ମହିଳାଙ୍କୁ ଗଣବଳାତ୍କାର ମାମଲା

ବାଲେଶ୍ୱର, ୩୦।୧୦(ବାଞ୍ଛାନିଧି ଦେ)

ଏକ ମହିଳା ଗଣବଳାତ୍କାର ମାମଲାର ଶୁଣାଣି କରି ବୁଧବାର ବାଲେଶ୍ୱର ଆଡହକ୍ ଆଡିଶନାଲ ଜିଲା ଏବଂ ସେସନସ୍ ଜଜ୍ ଅନିତା ସାହୁ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୨୦ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୨୧ ମାର୍ଚ୍ଚ ୯ ତାରିଖ ରାତିରେ ରେମୁଣା ଥାନା ଅଞ୍ଚଳର ଜଣେ ମହିଳା ଘରେ ଏକାକୀ ଥିବା ବେଳେ ରେମୁଣା ଥାନା ବିଦ୍ୟାଧରପୁର ଗ୍ରାମର ବୀରେନ୍ଦ୍ର ବେହେରା ଓ ଅଭୟ କୁମାର ପତି ଘର ଭିତରେ ପଶି ବଳାତ୍କାର କରିଥିଲେ। ଜୀବନରୁ ମାରିଦେବାକୁ ମହିଳାଙ୍କୁ ଧମକ ଦେଇଥିଲେ। ବଳାତ୍କାର ପରେ ପିନ୍ଧିଥିବା ୧ ଭରି ଓଜନର ସୁନାଚେନ୍ ଓ ଘରେ ଥିବା ନଗଦ ୪୦ହଜାର ଟଙ୍କା ନେଇ ଅଭିଯୁକ୍ତମାନେ ପଳାଇଥିଲେ। ଏନେଇ ପୀଡ଼ିତା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୧୪୪/୨୦୨୧) ରୁଜୁ କରିଥିଲା। ଏହି ମାମଲାରେ ଜଜ୍ ସାହୁ ସାକ୍ଷ୍ୟ, ଦସ୍ତାବିଜ ଓ ଟିଆଇ ପରେଡ୍‌କୁ ଆଧାର କରି ଅଭିଯୁକ୍ତଦ୍ୱୟଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ଦୀପକ କୁମାର ଦାସ ପରିଚାଳନା କରୁଥିଲେ।

ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା

# ଦୋଷୀଙ୍କୁ ୨୦ବର୍ଷ ଜେଲ

କେନ୍ଦୁଝର, ୩୦।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଜଣେ ୧୭ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ବିଜୟ କୁମାର ମିଶ୍ର ତେଲକୋଇ ଥାନା ଅଲୁଣି ଗ୍ରାମର ବାରିଆଳ ମାରାଣ୍ଡି (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୨୦ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଆଦେଶ କରିଛନ୍ତି।

ସୂଚନା ଅନୁଯାୟୀ, ପୀଡ଼ିତା କଥା କହିପାରନ୍ତି ନାହିଁ। ସେ ଗାଁ ପାଖ ନାଳକୁ ପାଣି ଆଣିବାକୁ ଯାଇଥିବା ବେଳେ ବାରିଆଳ ବଳାତ୍କାର କରିଥିଲେ। ନାବାଳିକା ଗର୍ଭବତୀ ହୋଇଥିଲେ। ପରିବାର ଲୋକେ ବୁଝିବାରୁ ସେ ଅଭିଯୁକ୍ତଙ୍କୁ ଚିହ୍ନାଇଥିଲେ। ସେତେବେଳକୁ ପୀଡ଼ିତା ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ପୀଡ଼ିତାଙ୍କ ମା' ଥାନାରେ ୨୦୨୨ ନଭେମ୍ବର ୧୬ରେ ଏତଲା ଦେଇଥିଲେ। ପୋଲିସ ମାମଲା(ନଂ. ୨୦୫/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। କୋର୍ଟ ୧୬ଜଣ ସାକ୍ଷୀ, ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡ଼ିତାଙ୍କ ପୁଅଟିଏ ଅଛନ୍ତି। ପୀଡ଼ିତାଙ୍କୁ ୧୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ସୁପାରିସ କରାଯାଇଛି। ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା ପରିଚାଳନା କରୁଥିଲେ।

# ବଳାତ୍କାରୀଙ୍କୁ ୨୨ ବର୍ଷ ଜେଲଦଣ୍ଡ

**୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲା**

- **୧୫ ଦିନରେ ଚାର୍ଜଶିଟ୍ ଦାଖଲ ହୋଇଥିଲା**
- **୪ମାସରେ ରାୟ ପ୍ରକାଶ ପାଇଲା**
- **ଓଡ଼ିଶା ନ୍ୟାୟ ବ୍ୟବସ୍ଥାରେ ପ୍ରଥମ**

ନୟାଗଡ,୩୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ଘଟିଥିବା ୪ ବର୍ଷର ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ନୟାଗଡ଼ ପୋକ୍‌ସୋ କୋର୍ଟରେ ବୁଧବାର ପ୍ରକାଶ ପାଇଛି। ୧୨ ଜଣଙ୍କ ସାକ୍ଷ୍ୟ, ପ୍ରମାଣ, ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଜବାବସୁଆଲକୁ ଭିତ୍ତି କରି ପୋକ୍‌ସୋ କୋର୍ଟ ବିଚାରପତି ମାନସ କୁମାର ପଣ୍ଡା ଗୋଡିମଡା ଗାଁର ଅଭିଯୁକ୍ତ ରବୀନ୍ଦ୍ର ଓରଫ ଯୋଗୀ ନାୟକ(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷେ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଶିଶୁକନ୍ୟା ବଳାତ୍କାର ଘଟଣାରେ ପୋଲିସ ୧୫ ଦିନରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ୪ମାସରେ ନ୍ୟାୟ ପ୍ରକାଶ ପାଇବା ଘଟଣା ଓଡ଼ିଶା ଇତିହାସରେ ପ୍ରଥମ ବୋଲି କୁହାଯାଉଛି।

ମାମଲାର ବିବରଣୀ ଅନୁଯାୟୀ, ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଗୋଡ଼ିମଡ଼ା ଗାଁର ଭାଗି ନାୟକଙ୍କ ହାତ ଭାଙ୍ଗିଯାଇଥିଲା। ଭାଗିଙ୍କୁ ପୁଅ ରବୀନ୍ଦ୍ର ନେଇ ରଣପୁର ଅଞ୍ଚଳର ଏକ ହାଡଭଙ୍ଗା ସେବାକେନ୍ଦ୍ରରେ ଚିକିତ୍ସିତ କରାଇଥିଲେ। ଗତ ଜୁନ ୯ ତାରିଖ ସନ୍ଧ୍ୟା ୭ଟାରେ ହାଡ଼ଭଙ୍ଗା ସେବାକେନ୍ଦ୍ରର ଚିକିତ୍ସକଙ୍କ ୪ ବର୍ଷର ଝିଅକୁ ରବୀନ୍ଦ୍ର ବଳାତ୍କାର କରିଥିଲେ। ଏପରିକି ପୀଡ଼ିତାଙ୍କ ଗୁପ୍ତାଙ୍ଗରେ ସେ ମୋଟର ସାଇକେଲ ଚାବି ପୂରାଇ ଦେଇଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ସେହିମାସ ୧୦ ତାରିଖରେ ରଣପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଭାରତୀୟ ଦଣ୍ଡବିଧି ଆଇନର ୩୭୬(ଏବି), ପୋକ୍‌ସୋ ଆଇନ ୬ ଦଫାରେ ଏକ ମାମଲା(ନଂ.୨୧୪/୨୪) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଗିରଫ ହେବା ପରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତ୍ୱରିତ ନ୍ୟାୟ ପାଇଁ ଡିଏସ୍‌ପି ର୍ୟାଙ୍କର ଅଫିସର ହେମନ୍ତ ରାଓ ତଦନ୍ତ କରିଥିଲେ। ଏହି ଘଟଣାରେ ନୟାଗଡ଼ ଏସ୍‌ପି ମନିଟରିଂ ଓ ସୁପରଭାଇଜିଂ କରୁଥିଲେ। ସରକାରଙ୍କ ପକ୍ଷରୁ ଓକିଲ ଦାଶରଥି ନାୟକ ମାମଲା ପରିଚାଳନା କରୁଥିଲେ।

# ମୃତଦେହ ଲୁଚାଇ ରଖାଯିବାକୁ ନେଇ ଉତ୍ତେଜନା


ଗଣିଆ-ଭୁବନେଶ୍ୱର ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ।

**ବିହାରରେ ୨ ଓଡ଼ିଆ ଶ୍ରମିକ ମୃତ୍ୟୁ ଘଟଣା**

ଗଣିଆ,୩୦।୧୦(ସନ୍ତୋଷ କୁମାର ପ୍ରଧାନ)

ବିହାରର ପାଟନାକୁ ଦାଦନ ଖଟିବାକୁ ଯାଇଥିବା ନୟାଗଡ଼ ଜିଲା ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ କାଦୁଆ ଗ୍ରାମର ପୁରନ୍ଦର ବେହେରାଙ୍କ ଏକମାତ୍ର ପୁଅ ବିଜୟ ବେହେରା ଓ ଗୋଛାବାରି ଗ୍ରାମର ସାରଙ୍ଗ ବେହେରାଙ୍କ ପୁଅ ମନୋଜ ବେହେରାଙ୍କ ସେଠାରେ ମୃତ୍ୟୁ ଘଟିଥିଲା। ଏଲ୍ ଆଣ୍ଡ ଟି କମ୍ପାନୀ ଦ୍ୱାରା ନିର୍ମାଣାଧୀନ ମେଟ୍ରୋ ଟନେଲ ଭିତରେ ଅନ୍ୟ ଶ୍ରମିକମାନଙ୍କ ସହ ବିଜୟ ଓ ମନୋଜ କାମ କରୁଥିବା ବେଳେ ଏକ ଗାଡ଼ିର ବ୍ରେକ୍ ଫେଲ୍ ହେବାରୁ ଦୁର୍ଘଟଣା ଘଟିଥିଲା। ଏଥିରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପାଟନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦ ପରେ ଉଭୟଙ୍କ ପରିବାର ଲୋକ ନ ଥିବାରୁ ମୃତଦେହକୁ ବସନ୍ତପୁର ଓ ଓସ୍ତିଆ ଗ୍ରାମର ମନୋରଞ୍ଜନ ଜେନା, ଅଶୋକ ନାୟକ, ଅଭିମନ୍ୟୁ କାଠୁଆ ଓ ଅଖିଳ ସାହୁଙ୍କୁ ହସ୍ତାନ୍ତର କରିଥିଲା। ଏହି ଖବର ପାଇ ମୃତ ବିଜୟଙ୍କ ସ୍ତ୍ରୀ ରଶ୍ମିତା ପାଟନାରେ ପହଞ୍ଚିଲେ। ହେଲେ ତାଙ୍କୁ ସ୍ୱାମୀଙ୍କ ମୃତଦେହ ହସ୍ତାନ୍ତର କରାଯାଇ ନ ଥିଲା। ବରଂ ଉପରୋକ୍ତ ୪ ଶ୍ରମିକ ଉଭୟ ମୃତଦେହକୁ ଲୁଚାଇ ଦେଇଥିଲେ। ସେମାନଙ୍କୁ ପଚାରିବାରୁ ଆମେ କିଛି ଜାଣିନାହୁଁ ବୋଲି କହିଥିଲେ। ମୃତ୍ୟୁର ୩ ଦିନ ବିତିଯାଇଥିଲେ ମଧ୍ୟ ମୃତଦେହ ଗାଁରେ ନ ପହଞ୍ଚିବାରୁ ସ୍ଥାନୀୟ ୨ଗାଁର ଶତାଧିକ ଲୋକ ମନୋରଞ୍ଜନ, ଅଶୋକ, ଅଭିମନ୍ୟୁ, ଅଖିଳଙ୍କ ଘରେ ପହଞ୍ଚି ପାଟିତୁଣ୍ଡ କରିବା ସହ ମୃତଦେହ କୁଆଡ଼େଗଲା ବୋଲି ପଚାରିବାକୁ କହିଥିଲେ। କିନ୍ତୁ ଏ ବିଷୟରେ ଆମ ପିଲାମାନେ କିଛି ଜାଣି ନାହାନ୍ତି ବୋଲି ସେମାନେ କହିଥିଲେ। ଶେଷରେ ଗ୍ରାମବାସୀ ମୃତଦେହ ଫେରାଇ ଆଣିବା ପାଇଁ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ଗଣିଆ ଥାନାରେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ ବାରିକ ଓ ତହସିଲଦାର ପ୍ରୀତିବାଳା ରଣା ଓ ଉଭୟ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ନେଇ ଆଲୋଚନା କରାଯାଇଥିଲା। ଏଥିରେ କୌଣସି ସୁଫଳ ନ ମିଳିବାରୁ ଶତାଧିକ ମହିଳା ଓ ପୁରୁଷ ଗଣିଆ-ଭୁବନେଶ୍ୱର ମୁଖ୍ୟରାସ୍ତାର ତଳବଜାରକୁ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ଉଚିତ୍ ନ୍ୟାୟ ଦାବିରେ ରାସ୍ତାରେ ବସି ରହିଥିଲେ। ଶେଷରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ମୃତଦେହ ଆଣିବାକୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଭ୍ରାତୃହନ୍ତାଙ୍କୁ ଆଜୀବନ କାରାଦଣ୍ଡାଦେଶ

ଆଠଗଡ଼, ୩୦।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଥାନା ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡ ରାସରସିକପୁର ଗାଁରେ ୨୦୨୩ ଜୁନ୍ ୪ରେ ଜଗନ୍ନାଥ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ବୁଧବାର ବିଚାର କରି ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାଜ କୁମାର ଦାସ ଅଭିଯୁକ୍ତ ମୃତକଙ୍କ ସାନଭାଇ ଟୁଟୁନା ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରକାଶଯୋଗ୍ୟ, ୨୦୨୩ ଜୁନ୍ ୪ ଅପରାହ୍ନରେ ମୃତକ ଜଗନ୍ନାଥ ତାଙ୍କ ଘର ପଛପଟେ ଥିବା ବେସରକାରୀ ବିଦ୍ୟାଳୟ ପରିସରରେ ଏକ ଗଛମୂଳେ ବିଶ୍ରାମ ନେଉଥିଲେ। ପୂର୍ବରୁ ଗୃହ ବଣ୍ଟନକୁ ନେଇ ମନୋମାଳିନ୍ୟ ଥିବାରୁ ସାନଭାଇ ଟୁକୁନା ଏକ ମାଙ୍କଡ଼ା ପଥର ବଡ଼ଭାଇ ଜଗନ୍ନାଥଙ୍କ ଛାତିରେ ଛେଚି ଦେଇଥିଲା। ଏ ସମସ୍ତ କାଣ୍ଡ ବିଦ୍ୟାଳୟର ସିସିଟିଭିରେ କଏଦ ହୋଇଥିଲା। ଖବରପାଇ ପଡ଼ୋଶୀମାନଙ୍କ ସହାୟତାରେ ମୃତକଙ୍କ ପୁଅ ସଞ୍ଜୟ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଜଗନ୍ନାଥଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ସଞ୍ଜୟ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଆଠଗଡ଼ ଥାନାରେ ନଂ. ୧୧୮/୨୦୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଟୁକୁନାଙ୍କୁ ଗିରଫ କରିଥିଲା। ଏଥିସହ ୨୦।୯।୨୦୨୩ରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଅଦାଲତ ପୋଲିସ ରେକର୍ଡ, ସାକ୍ଷୀମାନଙ୍କ ବୟାନ ଓ ସିସିଟିଭି ଫୁଟେଜକୁ ନେଇ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଶରତ ଚନ୍ଦ୍ର ଦାଶ ମାମଲାର ପରିଚାଳନା କରୁଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ନୁହେଁ ସେ ଘିଅ,**
**ତାକୁ ଗମ୍ଭୀରି ଶିକାରେ ଥୁଅ।**

ଝିଅ ପ୍ରତି ଅଧିକ ଯତ୍ନଶୀଳ ମନୋଭାବ ପୋଷଣ କରିବା ଉଚିତ। ବୟସ ବାଉଳାରେ ସେ ଯେମିତି ଅବାଟରେ ପାଦ ନ ପକାଏ, ସେଥିଲାଗି ତା' ଉପରେ ସତର୍କ ଦୃଷ୍ଟି ଦିଆଯିବା ଜରୁରୀ ହୋଇଥାଏ। ଘିଅକୁ ଶିକାରେ ରଖାଯିବା ଭଳି ଝିଅକୁ ନିଜ ଆକଟ ମଧ୍ୟରେ ରଖିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ**
**ଝରା ପତ୍ର ବୃକ୍ଷେ ଲାଗିଛି କାହିଁ ?**

ଆତ୍ମୀୟଙ୍କ ପ୍ରତାରଣା ବ୍ୟକ୍ତିକୁ ଖୁବ୍ ବାଧିଥାଏ। ନିଜ ଲୋକଙ୍କଠାରୁ ଠୋକର ମିଳିଲେ ବ୍ୟକ୍ତି ବେସାହାରା ହୋଇଯାଏ। ଏଭଳି ସ୍ଥଳେ ଏହାକୁ ସହ୍ୟ କରି ସଂସାରରେ ତିଷ୍ଠି ରହିବା ସେମାନଙ୍କ ପକ୍ଷେ ଖୁବ୍ କଷ୍ଟକର ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସାମୂହିକ ଗୀତା ପାଠ କରି ରେକର୍ଡ

ବ୍ରହ୍ମପୁର,୩୦।୧୦(ସ୍ମୃତି ରଞ୍ଜନ ମହାଲିକ)

ଚିନ୍ମୟ ମିଶନ ବ୍ରହ୍ମପୁର ଶାଖା ପକ୍ଷରୁ ବୁଧବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆଠାରେ ସାମୂହିକ ଗୀତା ପାଠ କରାଯାଇଥିଲା। ଏଥିରେ ସହରର ୬୬ ବିଦ୍ୟାଳୟର ୨୫,୧୬୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଗୀତାର ୫ମ ଅଧ୍ୟାୟ କର୍ମ ସନ୍ନ୍ୟାସ ଭାଗର ୨୦ ଶ୍ଳୋକକୁ ସାମୂହିକ ଭାବେ ପାଠ କରିଥିଲେ। ଏହି ଶ୍ଳୋକ ପାଠକୁ ନେଇ ଚିନ୍ମୟ ମିଶନ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛି। ଇଣ୍ଡିଆ ବୁକ ଅଫ ରେକର୍ଡର ଆଞ୍ଚଳିକ ମୁଖ୍ୟ କୃଷ୍ଣ କୁମାର ଗୁପ୍ତା ଓ ତାଙ୍କ ଟିମ୍ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟତମ ଅତିଥି ରୂପେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ଚିନ୍ମୟ ମିଶନ ବ୍ରହ୍ମପୁର ଶାଖାର ସ୍ୱାମୀ ସଦାଶିବାନନ୍ଦ ଅଧ୍ୟକ୍ଷତା କରିଥିଲେ। ରାଉରକେଲା ଶାଖାର ସ୍ୱାମୀ ନିର୍ଲିପ୍ତାନନ୍ଦ, କାର୍ଯ୍ୟକ୍ରମର ଯୁବ ସଂଯୋଜକ ଅନୀଲ କୁମାର ପାତ୍ରଙ୍କ ସମେତ ଜଗନ୍ନାଥ ପାଢ଼ୀ, ଶଙ୍କର୍ଷଣ ପାତ୍ର, ସୂର୍ଯ୍ୟକାନ୍ତ ପଣ୍ଡା ଓ ଚିନ୍ମୟ ମିଶନର ବହୁ ସଦସ୍ୟ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ହରିୟାଣାର ଏକ ଘରୋଇ ସ୍କୁଲ ପ୍ରାୟ ୧୮ ହଜାର ଛାତ୍ରୀଛାତ୍ରଙ୍କୁ ନେଇ ଏଭଳି ଶ୍ଳୋକ ପାଠ କରି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଥିଲା।



# କୁଛେ, ଆଶିଷ ସିଂ ଟିକେଟ କଥା ବୁଝୁଥିଲେ: ସୁନନ୍ଦା

ଯାଜପୁର,୩୦।୧୦
(ହର୍ଷବର୍ଦ୍ଧନ ବେହେରା)


ସୁନନ୍ଦା ଦାସ

ଗତ ନିର୍ବାଚନରେ ବିଜୁ ଜନତା ଦଳର ଟିକେଟ କଥା ବରିଷ୍ଠ ଅଫିସର ଡି.ଏସ. କୁଛେ ଓ ଆଶିଷ ସିଂହ ବୁଝୁଥିଲେ। ଏହା କହିଛନ୍ତି ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ।

ମଙ୍ଗଳବାର ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ପରେ ସୁନନ୍ଦା କହିଛନ୍ତି, ତାଙ୍କର ଟିକେଟ କଟାଯିବା ଏବଂ ନିର୍ବାଚନ ସରିବାର ୫ ମାସ ପରେ ବି ଶଙ୍ଖ ଭବନ ଓ ନବୀନ ନିବାସରେ ହେଉଥିବା ବୈଠକକୁ ତାଙ୍କୁ ଡକା ଯାଉନି। କୌଣସି ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରାଯାଉ ନାହିଁ। ସାଙ୍ଗଠନିକ ସମ୍ପାଦକ ବବି ଦାସଙ୍କ ଦ୍ୱାରା ମାନସିକ ଆଘାତ ପାଇବା ଓ ଦଳରେ ତାଙ୍କୁ ଅଣଦେଖା କରାଯିବାରୁ ସେ ବାଧ୍ୟ ହୋଇ ବିଜେଡିରୁ ଇସ୍ତଫା ଦେଇଥିବା ସୁନନ୍ଦା କହିଛନ୍ତି। ସେ ଆହୁରି କହିଛନ୍ତି, ଟିକେଟ ବଣ୍ଟା ଆଗରୁ ଫୋନ ଆସୁଥିଲା ଯାଆନ୍ତୁ ଆଶିଷ ସିଂହ ଓ ଡି.ଏସ. କୁଛେଙ୍କୁ ଦେଖା କରନ୍ତୁ। ତାଙ୍କ ସହିତ ଆଲୋଚନା କରିବା ପରେ ସେମାନେ ସାନ୍ତ୍ୱନା ଦେଉଥିଲେ ସବୁ ଠିକ୍‌ଠାକ ଅଛି ବ୍ୟସ୍ତ ହୁଅନ୍ତୁନି। ବବି ଡାକି ସବୁ ଠିକ ଅଛି, ବେଷ୍ଟ ଅଫ୍ ଲକ୍ ବୋଲି ମଧ୍ୟ କହିଥିଲେ। ହେଲେ ସକାଳ ବେଳକୁ ଟିକେଟ ନାହିଁ। ବିଧାୟିକା ଥିବା ସମୟରେ ତାଙ୍କୁ ବହୁତ ମାନସିକ ଯନ୍ତ୍ରଣା ଦିଆଯାଉଥିଲା। ସାଙ୍ଗଠନିକ ସମ୍ପାଦକଙ୍କ ନିର୍ଦ୍ଦେଶରେ ଜିଲାପାଳ ତାଙ୍କୁ ସହଯୋଗ କରୁ ଥିଲେ। ଆଗାମୀ ଦିନରେ କେଉଁ ରାଜନୈତିକ ଦଳରେ ଯୋଗ ଦେବେ ବୋଲି ପଚାରିବାରୁ ସେ କହିଛନ୍ତି, ବରୀର ବିକାଶ ତାଙ୍କର ମୂଳ ଲକ୍ଷ୍ୟ। ବିକଶିତ ବରୀ ଗଠନ କ୍ଷେତ୍ରରେ ଯେଉଁ ରାଜନୈତିକ ଦଳ ସହଯୋଗର ହାତ ବଢାଇବ ସେ ଦୁଇ ତିନି ଦିନ ମଧ୍ୟରେ ସେହି ଦଳରେ ଯୋଗ ଦେବେ।

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ କହିଛନ୍ତି, ସୁନନ୍ଦା କୌଣସି ଦଳରେ ସ୍ଥାୟୀ ସଦସ୍ୟ ହୋଇ ରହିନାହାନ୍ତି। ସେ ବିଧାୟିକା ଥିବାବେଳେ ବରୀର କୌଣସି ବିକାଶ ଠିକ୍ ଭାବେ ହୋଇ ପାରିଲାନାହିଁ। ଫଳରେ ତାଙ୍କର ଟିକେଟ୍ କଟା ହେଲା। ତେବେ ସୁନନ୍ଦାଙ୍କ ବିଜେଡି ଛାଡିବା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସେ କହିଛନ୍ତି।

## ଯାଜପୁରରେ ବିଜେଡି ଗଡ଼ ଭୁଶୁଡୁଛି

ଯାଜପୁର ଜିଲାରେ ଗତ ୨୪ ବର୍ଷ ମଧ୍ୟରେ ବିଜେଡି ୧ ନମ୍ବର ରାଜନୈତିକ ଦଳ ଭାବେ ଉଭା ହୋଇଥିଲା। ଦଳ ଯୁବ ନେତୃତ୍ୱ ହାତରେ ସଙ୍ଗଠନକୁ ଛାଡି ଦେଇଥିବାବେଳେ ଯୁବନେତାମାନେ ବିଜେଡିକୁ ସକ୍ରିୟ କରାଇଥିଲେ। କିନ୍ତୁ ପିଢି ବଦଳ କରି ସଙ୍ଗଠନକୁ ସୁଦୃଢ କରିବାକୁ ବିଜେଡି ଚାହିଁ ଥିବାବେଳେ ୨୦୨୪ ନିର୍ବାଚନର ଫଳାଫଳ ସେମାନଙ୍କ ମନୋବଳକୁ ଭାଙ୍ଗି ଦେଇଛି। ଏହାବ୍ୟତୀତ ବିଭିନ୍ନ କାରଣରୁ ବହୁ ଯୁବ ଓ ଅଭିଜ୍ଞ ନେତା ବିଜେଡି ଛାଡି ଅନ୍ୟ ଦଳରେ ସାମିଲ ହୋଇଛନ୍ତି। ଦଳ ଛାଡୁଥିବା ନେତାଙ୍କ ପାଇଁ କୌଣସି ପ୍ରଭାବ ପଡିବ ନାହିଁ ବୋଲି ବିଜେଡିର କେତେକ ନେତା ମନ୍ତବ୍ୟ ଦେଉଥିଲେ ହେଁ ଜିଲାରେ ବିଜେଡି ଏକ ପ୍ରକାର ଭୁଶୁଡିବାରେ ଲାଗିଛି ବୋଲି ଚର୍ଚ୍ଚା ହେଉଛି।

ପୂର୍ବତନ ଜିଲା ବିଜେଡି ସଭାପତି ଗୌତମ ରାୟ ଶଙ୍ଖ ଦଳ ଛାଡ଼ି ଏବେ ଭାଜପା ଜିଲା ସଭାପତି ଦାୟିତ୍ୱ ତୁଲାଉଛନ୍ତି। ବଡ଼ଚଣାରେ ବିଜେଡି ନେତୃତ୍ୱ ନେବା ପାଇଁ ବହୁ ବର୍ଷ ସଂଗ୍ରାମ କରି ଯୁବନେତା ଅମର ନାୟକ ଦଳ ଛାଡିଛନ୍ତି। ଏବେ ସେ ଭାଜପାରୁ ବଡ଼ଚଣା ବିଧାୟକ ହୋଇଛନ୍ତି। କୋରେଇ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ତଥା ଜିଲା ପରିଷଦର ପୂର୍ବତନ ଉପସଭାପତି ଅଶୋକ ବଳ ବିଜେଡି ଛାଡି ଭାଜପାରେ ମିଶିଥିଲେ। ପରବର୍ତ୍ତୀ ସମୟରେ ସେ ପୁଣି ବିଜେଡିକୁ ଫେରି କୋରେଇ ବିଧାୟକ ହୋଇଥିଲେ। ସୁକିନ୍ଦାରେ ବିଜେଡି ନେତା ପ୍ରଦୀପ ବଳ ସାମନ୍ତ(ଟୁଟୁ) ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଏବେ ସେ ସୁକିନ୍ଦା ବିଧାୟକ ସହ ମନ୍ତ୍ରୀପଦ ପାଇଛନ୍ତି। ଅଭିନେତା ତଥା କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ ବିଜେଡି ଛାଡି ଭାଜପାରେ ଯୋଗଦେଇ ୨୦୨୪ରେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବରୀ ନିର୍ବାଚନମଣ୍ଡଳୀର କେତେକ ଯୁବନେତା ବିଜେଡିକୁ ମୁହଁ ବୁଲାଇ ଭାଜପାରେ ସାମିଲ ହୋଇଛନ୍ତି। ବିଜେଡିର ବହୁ ଯୁବ ସମ୍ବଳକୁ ଭାଜପା ଗ୍ରହଣ କରିଥିବାରୁ ବିଜେଡି ଅଡୁଆରେ ପଡି ୨୦୨୪ରେ ପରାଜୟ ବରଣ କରିଛି। ନିର୍ବାଚନ ପରେ ପରେ ବରିଷ୍ଠ ବିଜେଡି ନେତା ଅମର ପ୍ରସାଦ ଶତପଥୀ ଦଳ ଛାଡିଛନ୍ତି। ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଦଳ ଛାଡି କଂଗ୍ରେସରୁ ନିର୍ବାଚନ ଲଢିଥିଲେ।

# ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ଭାଜପାରେ ମିଶିବା ପରେ ତେଜିଲା ରାଜନୀତି


ବିଜେଡି ବୈଠକରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଏବଂ ଦଳୀୟ ସମର୍ଥିତ ସମିତିସଭ୍ୟ ଓ ସରପଞ୍ଚ।

ଢେଙ୍କାନାଳ,୩୦।୧୦(ରତନ ନାୟାର)

**ବିଜେଡିର ସାଙ୍ଗଠନିକ ବୈଠକ**
- ସାମିଲ ହେଲେ ବିଜେଡି ସମର୍ଥିତ ସମିତି ସଭ୍ୟ ଓ ସରପଞ୍ଚ
- ଢେଙ୍କାନାଳ ପୌରସଂସ୍ଥା, ସଦର ଓ ଗଁଦିଆରେ ତୀବ୍ର ମୁକାବିଲା ହେବ

ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ବିଜେଡିରୁ ନିଲମ୍ବିତ ପରେ ଭୁବନେଶ୍ୱରରେ ମଙ୍ଗଳବାର ଭାଜପାରେ ନିଜ ସମର୍ଥକ ସମିତି ସଭ୍ୟଙ୍କ ସହ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବ ପରେ ଢେଙ୍କାନାଳରେ ରାଜନୀତି ସରଗରମ ହୋଇଛି। ଗଁଦିଆ ବ୍ଲକ ବିଜେଡି ପକ୍ଷରୁ ବୁଧବାର ଢେଙ୍କାନାଳସ୍ଥିତ ନିରୁପମା ହୋଟେଲ ସମ୍ମିଳନୀ କକ୍ଷରେ ଏକ ଜରୁରୀ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ସମେତ ଗଁଦିଆ ବିଜେଡି ସଭାପତି ବିଶ୍ୱନାଥ ଜେନା, ଜିଲା ବିଜେଡି ସାଧାରଣ ସମ୍ପାଦକ ନବକିଶୋର ସାମଲଙ୍କ ସମେତ ୧୪ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ଓ ୧୪ ସରପଞ୍ଚ ଏବଂ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଗାମୀ ଦିନରେ ଢେଙ୍କାନାଳ ପୌରସଂସ୍ଥା ସମେତ ସଦର ଓ ଗଁଦିଆ ବ୍ଲକରେ ଭାଜପା ସହିତ ରାଜନୈତିକ ମୁକାବିଲା ତୀବ୍ର ହେବ ବୋଲି ମତପ୍ରକାଶ ପାଇଥିଲା। ଏହି ବୈଠକରେ ଗଁଦିଆ ବ୍ଲକର ନେଉଳପୋଇ, ନିହଲ ପ୍ରସାଦ, ରତନପୁର, ଲେଥକା, ବେଗା, ଖଙ୍କିରା, ସୋରିଷିଆପଦା, ପୋରୁହଖୋଜ, ଗୁଣ୍ଡୁରାପଶି, ଦେଓଗାଁ, ଦିଗମ୍ବରପୁର, ବାଇସିଂଆ, ଲାଉଲଇ ଓ ସନ୍ତପୁର ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଏବଂ ଗଁଦିଆ, ନିହଲ ପ୍ରସାଦ, ରତନପୁର, ଲେଥକା, ପିଙ୍ଗୁଆ, ଲାଉଲଇ, ସୋରିଷିଆପଦା, ରାଇତଳା, ସନ୍ତପୁର, ଖଣ୍ଡବନ୍ଧ, ଖଙ୍କିରା, ଦେଓଗାଁର ବିଜେଡି ସମର୍ଥିତ ସରପଞ୍ଚମାନେ ଯୋଗଦେଇଥିଲେ। ବୈଠକ ପରେ ପୂର୍ବତନ ବିଧାୟକ ସାମଲ କହିଛନ୍ତି ଯେ, ବ୍ଲକର ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ କର୍ମକର୍ତ୍ତାଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନିଆଯାଇଛି। ଏବେ ଯେଉଁମାନେ ଦଳରେ ଅଛନ୍ତି ସମସ୍ତେ ଏକାଠି ରହି କଡ଼ା ମୁକାବିଲାରେ ସାମିଲ ହେବେ । ସାଂଗଠନିକ କାର୍ଯ୍ୟ ଜୋରଦାର କରାଯିବ। ପଞ୍ଚାୟତଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯେଉଁମାନେ ଦଳଛାଡ଼ି ଯାଇଛନ୍ତି, ସେମାନେ ଯିବାଦ୍ୱାରା ବିଜେଡି ଉପରେ କୌଣସି ପ୍ରଭାବ ପଡିବ ନାହିଁ। ପୋରୁହଖୋଜ ସମିତି ସଭ୍ୟ ବଳରାମ ପରିଡା କହିଲେ ଯେ, ଜଗନ୍ନାଥଙ୍କ ଫଟୋ ଛୁଇଁ ଗଁଦିଆ ବ୍ଲକର ସମସ୍ତ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ବିଜେଡିରେ ଏକାଠି ରହିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏହାସତ୍ତ୍ୱେ ଯେଉଁମାନେ ଦଳ ଛାଡ଼ିଗଲେ ସେମାନେ ନିଜର ସ୍ୱାର୍ଥ ଓ ସୁବିଧାକୁ ନେଇ ଦଳ ଛାଡ଼ିଛନ୍ତି । ଏଣିକି ଆମେ ମୁକାବିଲା କରିବୁ । ବିଜେଡି ସମର୍ଥିତ ଲେଥକା ସରପଞ୍ଚ ଓମ୍ ପ୍ରକାଶ ଦାସ କହିଲେ ଯେ, ଓଡ଼ିଶାରେ ବିଜେଡିର ସଂଗଠନ ସୁଦୃଢ ଅଛି । ରାଜନୀତିରେ ଏପରି ହୁଏ। ସୋରିଷିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ କହିଛନ୍ତି, ଦଳଛାଡ଼ି ଅନ୍ୟ ଦଳକୁ ଯିବା ରାଜନୀତିରେ କୌଣସି ନୂଆକଥା ନୁହେଁ । ରାଜ୍ୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ବିଜେଡି ସଂଗଠନ ମଜଭୁତ ଅଛି। ଗଁଦିଆ ବ୍ଲକ ଅଧ୍ୟକ୍ଷା ଦଳ ଛାଡ଼ିବା ଯୋଗୁ ବିଜେଡି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଭାଜପାର ମିଶ୍ରଣପର୍ବ ପରେ ବିଜେଡିର ଜରୁରୀ ସାଂଗଠନିକ ବୈଠକ ଏବଂ ଆଗାମୀ ଦିନରେ ମୁକାବିଲା ପାଇଁ ରଣହୁଙ୍କାର ଢେଙ୍କାନାଳ ରାଜନୀତିକୁ ସରଗରମ କରିଛି।

# ଆରମ୍ଭ ହେଲା ଭାଜପାର ସକ୍ରିୟ ସଦସ୍ୟତା ଅଭିଯାନ

- ୨୦ରୁ ବୁଥ୍‌ସ୍ତରୀୟ ନିର୍ବାଚନ
- ଜିଲା ରିଟର୍ନିଂ ଅଫିସରଙ୍କ ନାମ ଘୋଷଣାକଲା ଦଳ

ଭୁବନେଶ୍ୱର,୩୦।୧୦(ସୁନିତ୍ ମିଶ୍ର)


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ନେତୃବୃନ୍ଦ।

ସେପ୍ଟେମ୍ବର ୨ରୁ ଭାଜପାର 'ସାଙ୍ଗଠନିକ ପର୍ବ-୨୦୨୪' ଆରମ୍ଭ ହୋଇ ପ୍ରଥମେ 'ପ୍ରାଥମିକ ସଦସ୍ୟତା ଅଭିଯାନ' ଆରମ୍ଭ ହୋଇଥିଲା। ଏବେ ସୁଦ୍ଧା ଅନ୍‌ଲାଇନରେ ୫୦ ଲକ୍ଷ ସଦସ୍ୟ ଭାଜପା ସହ ଯୋଡ଼ିହୋଇ ସାରିଛନ୍ତି। ଅଫ୍‌ଲାଇନ ଜରିଆରେ ସଦସ୍ୟ ଯୋଡ଼ିବା ପ୍ରକ୍ରିୟା ମଧ୍ୟ ଜାରି ରହିଛି। ବର୍ତ୍ତମାନ ସକ୍ରିୟ ସଦସ୍ୟ ଅଭିଯାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସାଙ୍ଗଠନିକ ନିର୍ବାଚନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ ଏବଂ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ସମ୍ପର୍କରେ ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି, ସକ୍ରିୟ ସଦସ୍ୟତା ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୫ରେ ସକ୍ରିୟ ସଦସ୍ୟତାର ସୂଚୀ ପ୍ରସ୍ତୁତ କରାଯିବ। ଏହାପରେ ଆସନ୍ତା ୨୫ରେ ସକ୍ରିୟ ସଦସ୍ୟର ୨ୟ ସୂଚୀ ପ୍ରକାଶ ପାଇବ। ସକ୍ରିୟ ସଦସ୍ୟମାନେ ଦଳର ବିଭିନ୍ନ ଦାୟିତ୍ୱ ଓ ପଦପଦବୀରେ ରହିବେ। ନଭେମ୍ବର ୨୦ରୁ ଆରମ୍ଭ ହେବ ସ୍ଥାନୀୟ ସମିତି ବା ବୁଥ୍‌ସ୍ତରୀୟ ନିର୍ବାଚନ ପ୍ରକ୍ରିୟା। ବୁଥ୍‌ଠାରୁ ଆରମ୍ଭକରି ମଣ୍ଡଳ, ଜିଲା, ପ୍ରଦେଶ ଏବଂ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ କମିଟିର ଗଠନ ପ୍ରକ୍ରିୟା ଆଗାମୀ ୨ ମାସ ଧରି ଚାଲିବ।

ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସଦସ୍ୟତା ପ୍ରଭାରୀ ଅଶୋକ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ରିଟର୍ନିଂ ଅଫିସର ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସହଯୋଗ କରିବା ପାଇଁ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ରିଟର୍ନିଂ ଅଫିସରମାନଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି।

**କୁଚିଣ୍ଡା ନାବାଳିକା ଗଣବଳାତ୍କାର ମାମଲା**

# ବିଚାରବିଭାଗୀୟ ତଦନ୍ତ ଦାବିକଲା ବିଜେଡି

ଭୁବନେଶ୍ୱର,୩୦।୧୦(ଅନିଲ ଦାସ)

କୁଚିଣ୍ଡା ନାବାଳିକା ଗଣବଳାତ୍କାର ମାମଲାରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବୁଧବାର ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିଛି। ଏହି ମାମଲାର ବିଚାର ବିଭାଗୀୟ ତଦନ୍ତ ସହିତ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ବିଜେଡି ଦାବି କରିଛି। ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏହି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ ଓ ପୂର୍ବତନ ବିଧାୟିକା ଅଲକା ମହାନ୍ତି ଉପସ୍ଥିତ ଥିଲେ ।


**छत्तीसगढ़ शासन जल संसाधन विभाग**
**कार्यालय कार्यपालन अभियंता**
जल संसाधन संभाग, कोटा, जिला - बिलासपुर (छ.ग.)
**निविदा निरस्तिकरण आदेश**

आदेश क्र. /5500/व.ले.लि./2024-25 — कोटा, दिनांक : 28.10.2024

निविदा सूचना क्र. 08/व.ले.लि/2024-25 दिनांक 14.10.2024 सिस्टम नं. 159779 (प्रथम आमंत्रण) "मझवानी एनीकट - 02 योजना का निर्माण कार्य" अनुमोदित लागत राशि रू. 238.97 लाख की निविदा (जी नं. 242503184 दिनांक 16.10.2024) को अपरिहार्य कारणों से निरस्त किया जाता है।

कार्यपालन अभियंता
जल संसाधन संभाग कोटा
जिला-बिलासपुर (छ.ग.)

G-242503522/3



**GOVERNMENT OF ODISHA** No. O-508
**"e" Procurement Notice**
e-mail ID: rw_sambalpur@yahoo.co.in, Phone No.: 0663-2401850
No. 4748 — Dated: 25.10.24
**Bid Identification No. TENDER ONLINE SBPR - 03 of 24-25**

1. Name of the Work : Building Works as per DTCN available in the website: **www.tenderorissa.gov.in**
2. Total No. of Work : 02 (Two) Nos.
3. Estimated Cost : Varies from Rs.87.67 lakhs to Rs.94.72 lakhs
4. Period of Completion : 06 (Six) Calendar Months
5. Period and time of availability of bid document in the portal for bidding : 05.11.2024 at 11.00 A.M. to 16.11.2024 upto 5.00 P.M.
6. Date and time of opening of Tender : a) Technical Bid Dt.18.11.2024 at 11.00 A.M. b) Financial Bid will be intimated later
7. Name and address of the Officer Inviting Bid : S.E.R.W. Divn., Sambalpur

(1) Other details can be seen from detailed notice inviting tenders, available in website: **www.tenderorissa.gov.in**.
(2) Corrigendum if any shall only be published in the above website.

Sd./- Superintending Engineer
Rural Works Division, Sambalpur
OIPR-25076/11/0003/2425



**Government of Odisha "e" Procurement Notice**
**WORKS DEPARTMENT** No. B-526
Bid Identification No. C.C.E.K.C. - 23/2024-25
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 4944 — Dt. 24.10.2024

1. Name of the Work : Improvement such as widening and strengthening of Dalakudar (NH-143) to Polabeda road from 0/00 Km to 6/238 Km (Excluding H.L. Bridge with approach at 3/800 Km) (IL-DLPS) in the district of Sundargarh for the year 2024-25.
2. Estimated Cost : Rs.814.80 Lakhs
3. Class of Contractor : "A" Class & "Special" Class
4. Period of Completion : 12 (Twelve) Calendar Months
5. Date and time of availability of Bid document in the Portal : From 11.30 hours of 07.11.2024 to 16.00 hours of 21.11.2024
6. Last date/time for receipt of bids in the Portal : 16.00 hours of 21.11.2024
7. Date of Opening of Bid from Portal : 11.30 hours on 22.11.2024
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0048/2425



**OFFICE OF THE DISTRICT FISHERIES OFFICER, CUTTACK**
Email : dfocuttack@gmail.com
EOI No. 5487 — Dt.29.10.2024
**EOI FOR ERECTION OF FISHERIES STALL (5000 Sq. Ft.) ON THE OCCASION OF HISTORIC BALIYATRA - 2024**

**No.MM-43** : Sealed EOI are invited from reputed & registered Event Management Organizations for erection of (5000 Sq. Ft.) Fisheries Pavilion for displaying the Departmental activities in the Baliyatra Ground, Cuttack from 15th Nov to 22nd Nov, 2024. The details of the EOI may be downloaded from the Cuttack District website (www.cuttack.odisha.gov.in)

The sealed envelope containing EOI application along with the relevant documents should reach the O/O DFO, Cuttack through Registered post/ Speed post latest by 11.00 A.M. on or before **date 06.11.2024** which will be opened at **12.00 P.M.** on the same day. Application received beyond the stipulated date & time shall not be accepted. DFO, Cuttack reserves the right to alter the date of opening of EOI and also to reject any or all the EOI without assigning any reason thereof.

Sd./- District Fisheries Officer, Cuttack
OIPR-06075/11/0001/2425



**OFFICE OF THE SUPERINTENDING ENGINEER RURAL WORKS DIVISION-II, KEONJHAR** No.O-541
E-mail : eerw_kjr2@yahoo.com
**1st Corrigendum to e-Procurement notice for road works Identification No-Online NCB-03 of 2024-25**

1. The availability of tender online for bidding in work Sl. No. 03 (S/R to Gobindapur-Badadumuria road (Such as SDBC) in the dist of Keonjhar for the year 2024-25) is hereby cancelled due to unavoidable circumstances.
**(Annexure-Sl. No. 03 may be read as nil)**
All other terms and condition to the original e-Procurement notice Identification No - Online NCB No.-03 of 2024-25 will remain unchanged.

Sd./- Executive Engineer
R.W. Division No-II, Keonjhar
OIPR-25093/11/0005/2425



**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
No. B-506 — Email: eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SE DKL (R&B), 17/2024-25
**Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Single Cover System in ONLINE MODE only, for construction of Building Work as detailed below. | |
| 2. | Nature of Work | : Electrical Works |
| 3. | No. of Work | : 07 Nos. |
| 4. | Bid Cost | : Rs.4,000/- & 6,000/- |
| 5. | Class of Contractor | : 'HT'/ 'MV' Licence |
| 6. | Availability of Bid Documents in the website | : From 10.00 A.M. of 02.11.2024 to 5.00 P.M. of 16.11.2024 |
| 7. | Date of Opening of Bid | : Dt.18.11.2024 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0014/2425



**OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II**
At/P.O.: Bhaskarganj, Balasore, Contact No.: 06782-263149
No. B-534 — E Mail ID: eepwdbls2@gmail.com
**SHORT TENDER CALL NOTICE**
BID INVITATION NO. SE (R and B) BLS-II-13/2024-25
No. 7472 — Dt.28.10.24

| | | |
|---|---|---|
| 1 | The Executive Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in ONLINE MODE only for Roads & Buildings works. | |
| 2 | No. of Work | : 5 Nos. |
| 3 | Nature of Work | : Buildings of Balasore (R&B) Division-II |
| 4 | Class of Contractor | : "B" Class of Contractor |
| 5 | Approx. value of Work | : Rs.64.52 Lakhs to 65.60 Lakhs |
| 6 | Tender Cost | : Rs.10000.00 per work |
| 7 | Availability of Bid documents in the website | : From 10.00 A.M. of 04.11.2024 to 4.00 P.M. of 19.11.2024. |
| 8 | Date of Opening of Bid | : Dt.19.11.2024 at 4.30 P.M. |
| 9 | Other details can be seen in the Bidding documents from the website: **https://tendersorissa.gov.in**. | |

Sd./- Superintending Engineer
Balasore (R&B) Division-II
OIPR-34155/11/0006/2425



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, SAMBALPUR**
Phone No. : (0663)-2412135, Fax No. : (0663) 2412335,
Email ID : eephdsbp@gmail.com
NO.C-859
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
Bid Identification No. SEPHSBP-05/2024-25 Dt.28.10.2024

| | | |
|---|---|---|
| 01 | Name of the Work | : 1 No. Work |
| 02 | Type of Bid | : Two Bid System |
| 03 | Estimated Cost | : Rs. 100.00 lakhs |
| 04 | Class of Contractor | : Manufacturer |
| 05 | Period of Completion | : 60 (Sixty) days |
| 06 | Date & Time of availability of bid document in the portal | : From 11.00 A.M. of dt. 04.11.2024 to 5.00 P.M. of 19.11.2024 |
| 07 | Last date / time of receipt of bids in the portal | : 5.00 P.M. of 19.11.2024 |
| 08 | Date & Time of opening of tender | : At 11.30 A.M. of 20.11.2024 |
| 09 | Name and Address of the Officer Inviting Bid | : Superintending Engineer, P.H. Division, Sambalpur, Near V.S.S Stadium, Brooks Hill, Sambalpur, Dist. : Sambalpur-768004 |

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Superintending Engineer
P.H. Division, Sambalpur
OIPR-13026/11/0007/2425



**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**
Invitation Date : 29.10.2024
**E-PROCUREMENT TENDER NOTICE**
01. For tender detail please visit http://epro.cgstate.gov.in
02. Concern Division - S.No. 01 to 03 Manendragarh Division
03. S.No. 01 to 02 - 'C' Class And Above Contractor And S.No. 3 "D" Class And Above Class
04. Bid Submission Due Date - 19.11.2024

| S. No. | N.I.T. NO. | Name of work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 114 | Construction of Library and HOD Room Govt Medical College at Manendragarh Distt. (MCB) including Electrification (First Call) | 125.00 |
| 2 | 115 | Construction of Mesium, Physiology, Community Medicine Department and Lecture Hall for Medical College at Manendragarh Distt. MCB. Including Electrification Work (First Call) | 194.00 |
| 3 | 116 | Construction of Meeting Hall at First Floor SDM Office Building at Khadgawan Block Khadgawan Dist. MCB (C.G) (First Call) | 26.71 |

G-242503554/4
Sd./- Superintending Engineer
P.W.D. Ambikapur Circle, Ambikapur


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୦ କୋଟି ଟପିଲା ଧନ୍‌ତେରସ୍ କାରବାର

**ଭୁବନେଶ୍ୱର, ୩୦।୧୦ (ଅଭୟ ଦାଶ)**

■ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ

■୨ୟ ଦିନରେ ୧୦୦ କୋଟିରୁ ଅଧିକ ବ୍ୟବସାୟ

ମାଲକାନଗିରିରୁ ମୟୂରଭଞ୍ଜ ଏବଂ ପୁରୀରୁ ଝାରସୁଗୁଡ଼ା ବଜାରରେ ଧନ୍‌ତେରସ୍ କାରବାର ବେଶ୍ ଉତ୍ସାହଜନକ ରହିଥିଲା। ଏପରିକି ଚଳିତ ବର୍ଷ ଓଡ଼ିଶାରେ ଧନ୍‌ତେରସ୍ ୨ଦିନ ଧରି ପାଳନ କରାଯାଉଥିବାରୁ ସୁନା ଓ ମୂଲ୍ୟବାନ୍ ଧାତୁର କାରବାର ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୧୫% ବୃଦ୍ଧି ପାଇ ଚଳିତ ବର୍ଷର ଧନ୍‌ତେରସ୍ କାରବାର ୨୦୦ କୋଟି ପାର କରିଛି ବୋଲି ରାଜ୍ୟର ଅଗ୍ରଣୀ ଗହଣା ବ୍ରାଣ୍ଡ ଖିମ୍‌ଜୀ, ଲାଲ୍‌ଚାନ୍ଦ, ତନିସ୍କ, ମାଲାବାର, କଲ୍ୟାଣ ଏବଂ ଅରୁନ୍ଧତୀ ଭଳି ଅଳଙ୍କାର ରିଟେଲ ଚେନ୍ ବା ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଧନ୍‌ତେରସ୍ ଉପଲକ୍ଷେ ଦିଆଯାଉଥିବା ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ମନଲୋଭା ଉପହାର ସବୁ ବର୍ଗର ଗ୍ରାହକଙ୍କୁ କାରବାର ବା କିଣାକିଣି ପାଇଁ ଆକୃଷ୍ଟ କରିଛି। ଏପରିକି ଦିନକ ପରେ ସୁନା ସୁନା ଦରରେ ପ୍ରାୟ ୭୦୦ ଟଙ୍କା ବଢ଼ିଥିଲାବେଳେ ରୁପା ମୂଲ୍ୟ ଉପରେ ୧୨୦୦ ଟଙ୍କା ବୃଦ୍ଧି ଘଟିଛି।

ଦରବୃଦ୍ଧି ସତ୍ତ୍ୱେ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କାରଣ ଆଗକୁ ବିବାହ ଋତୁ ଓ ଦୀପାବଳି ଏବଂ ଛଟ୍ ଭଳି ପର୍ବପର୍ବାଣି ଥିବାରୁ ଉପଭୋକ୍ତାମାନେ ଆବଶ୍ୟକ ପରିମାଣର ସୁନାଗହଣା ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁ ଓ ଅଳଙ୍କାର କ୍ରୟ କରୁଥିବା ଦେଖାଦେଇଛି ବୋଲି ଗହଣା ଦୋକାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଧନ୍‌ତେରସ୍ ଅବସରରେ ଓଡ଼ିଶା ସୁନା ବଜାର ରେକର୍ଡ ପରିମାଣର କାରବାର କରିଛି। ଏପରିକି ଦରବୃଦ୍ଧି ସତ୍ତ୍ୱେ ବ୍ୟବସାୟରେ ଉତ୍ସାହ ଉଭୟ ଭୁବନେଶ୍ୱର ଓ ଓଡ଼ିଶାର ପ୍ରମୁଖ ବଜାରଗୁଡ଼ିକରେ ଦେଖିବାକୁ ମିଳିଥିଲା। ଏପରିକି ଘରୋଇ ପାଞ୍ଜି ଗଣନା ଅନୁଯାୟୀ ଚଳିତ ବର୍ଷ ଓଡ଼ିଶାରେ ଧନତେରସ କ୍ରମାଗତ ଦୁଇ ଦିନ ଧରି ପାଳନ ହେଉଛି। ଏହି ୨ ଦିନ ଯାକ ଓଡ଼ିଶା ବଜାରର ବ୍ୟବସାୟୀମାନେ କାରବାର ପାଇଁ ବ୍ୟାପକ ପ୍ରସ୍ତୁତ ହୋଇଛନ୍ତି। ଫଳରେ ଧନ୍‌ତେରସ୍‌ର ପ୍ରଥମ ଦିନର କାରବାର ପ୍ରାୟ ୧୦୦କୋଟି ଛୁଇଁଥିବା ବେଳେ ୨ୟ ଦିନର କାରବାର ୧୦୦ କୋଟି ପାର କରିଥିବା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଆକଳନ କରାଯାଇଛି।


ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର ଶୋ'ରୁମ୍‌ରେ ପ୍ରବଳ ଜନଗହଳି। (ଫଟୋ- ମନୋରଞ୍ଜନ)


ଲାଲ୍‌ଚାନ୍ଦ ଜୁଏଲର୍ସର କଟକ ଶୋ'ରୁମ୍‌ରେ ଗ୍ରାହକଙ୍କ ଭିଡ଼। (ଫଟୋ-ରାଜକିଶୋର)

ସେହିପରି ବୁଧବାର ଘରୋଇ ବଜାରର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୧,୧୬୦ ଟଙ୍କାରେ କାରବାର ହେଉଛି। ଏପରିକି ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୪,୪୦୦ ଟଙ୍କା ଥିଲାବେଳେ ୧୮ ଗ୍ରାମ ଓ ଅନ୍ୟ ମୂଲ୍ୟବାନ ଧାତୁର ମୂଲ୍ୟ ପ୍ରାୟ ୪୦ରୁ ୫୦ ହଜାର ଟଙ୍କା ଏବଂ ରୁପା ଦର କେଜି ପ୍ରତି ୧,୦୯,୦୦୦ ଟଙ୍କାରେ କାରବାର ହେଉଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ଧନ୍‌ତେରସ୍ ଅବସରରେ ମୂଲ୍ୟବାନ୍ ଧାତୁ କ୍ରୟ ବିଧି ଥିଲାବେଳେ ସବୁ ବର୍ଗର ଲୋକ ସେମାନଙ୍କର ସକ୍ଷମ ଅନୁଯାୟୀ ଅଳ୍ପ ବହୁତ ମୂଲ୍ୟରେ ସୁନା ଓ ମୂଲ୍ୟବାନ ଧାତୁ କିଣିଛନ୍ତି। ଏପରିକି ଧନ୍‌ତେରସ୍ ଉପଲକ୍ଷେ କାରବାର ବୃଦ୍ଧି ପାଇଁ ବ୍ୟବସାୟୀମାନେ ଆକର୍ଷଣୀୟ ରିହାତି, ଅଫର ଓ ଉପହାର ଜରିଆରେ ଗ୍ରାହକଙ୍କୁ ବହୁ ପରିମାଣରେ ଆକୃଷ୍ଟ କରିବାରେ ସକ୍ଷମ ହୋଇଛନ୍ତି।

ଅପରପକ୍ଷରେ ନୂଆଦିଲ୍ଲୀରେ ମଧ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦,୬୩୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୯୩୩ ଟଙ୍କା ରହିଛି। ଏପରିକି ୧୮ଗ୍ରାମ ସୁନା ମୂଲ୍ୟ ଓ ଅନ୍ୟାନ୍ୟ ମୂଲ୍ୟବାନ ଧାତୁର ମୂଲ୍ୟ ପ୍ରାୟ ୩୫ ରୁ ୪୫ ହଜାର ଟଙ୍କା ଥିଲାବେଳେ ରୁପା ଦର କେଜି ପ୍ରତି ୧,୦୨,୨୦୦ ଟଙ୍କାରେ କାରବାର ହେଉଛି।

ସୂଚନାଯୋଗ୍ୟ, ଓଡ଼ିଶା ବଜାରରେ ଖିମ୍‌ଜୀ ଜୁଏଲର୍ସ, ଅରୁନ୍ଧତୀ, କଲ୍ୟାଣ, ଲାଲ୍‌ଚାନ୍ଦ, ତନିସ୍କ, ମାଲାବାର ଭଳି ପ୍ରମୁଖ ରିଟେଲ ଚେନ୍ ସାଙ୍ଗକୁ ପି ସି ଚନ୍ଦ୍ରା, ଜୟଆଲୁକ୍କାସ, ମଧୁକୁଞ୍ଜ, ଟିବିଜେଡ୍, ନାରାୟଣୀ, ରୀତା, ହିନ୍ଦୁସ୍ଥାନ ଏବଂ ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସ ଭଳି ଅଳଙ୍କାର ପ୍ରତିଷ୍ଠାନରେ ଗ୍ରାହକଙ୍କ ଭିଡ଼ ୨ୟ ଦିନରେ ମଧ ବେଶ୍ ଉତ୍ସାହଜନକ ରହିଥିଲା।

# ପୋସ୍କୋ ସହ ଜେଏସ୍‌ଡବ୍ଲ୍ୟୁର ବୁଝାମଣା




**ମୁମ୍ବାଇ,୩୦।୧୦**

ବିଶ୍ୱର ଅଗ୍ରଣୀ ତଥା ଦକ୍ଷିଣ କୋରିଆର ପ୍ରମୁଖ ଇସ୍ପାତ କମ୍ପାନୀ ପୋସ୍କୋ (ପୋସ୍କୋ ଗ୍ରୁପ୍) ଏବଂ ଭାରତର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଜେଏସ୍‌ଡବ୍ଲ୍ୟୁ (ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉକ୍ତ ବୁଝାମଣା ଅନୁଯାୟୀ ଉଭୟ ଇସ୍ପାତ, ବ୍ୟାଟେରି ସାମଗ୍ରୀ ଓ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଉଭୟ ସହମତ ପ୍ରକାଶ କରିଛନ୍ତି। ଏପରିକି ଓଡ଼ିଶାର ପାରାଦୀପଠାରେ (ପୋସ୍କୋର ପୁରୁଣା ପ୍ରକଳ୍ପ ସ୍ଥାନ) ଜେଏସ୍‌ଡବ୍ଲ୍ୟୁର ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପ ଅଞ୍ଚଳରେ ଏକାଠି କାମ କରିବାକୁ ଉଭୟ କମ୍ପାନୀ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ପୋସ୍କୋ ସହ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏପରିକି ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ମୁଖ୍ୟ ତଥା ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ପୋସ୍କୋ ଗ୍ରୁପ୍ ଅଧ୍ୟକ୍ଷ ଚାଙ୍ଗ୍-ଇନ୍ ହୱାଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ପାରାଦୀପଠାରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଭାରତର ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ସହ ପୋସ୍କୋ ଗ୍ରୁପ୍ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏପରିକି ଉଭୟ କମ୍ପାନୀ ଓଡ଼ିଶାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟରେ ବାର୍ଷିକ ୫ନିୟୁତ ଟନ୍ ଉତ୍ପାଦନ କରିବା ସହ ଭବିଷ୍ୟତରେ ଏହାର କ୍ଷମତା ସମ୍ପ୍ରସାରଣ ପାଇଁ ମଧ ରାଜି ହୋଇଥିଲାବେଳେ ଉଭୟ କମ୍ପାନୀ ୫୦% ଲେଖାଏଁ ପୁଞ୍ଜିନିବେଶ କରିବେ ବୋଲି ଜଣାପଡିଛି ।

ସୂଚନାଯୋଗ୍ୟ, ଓଡ଼ିଶାର ପାରାଦୀପ (ଏରସମା)ଠାରେ ମେଗା ଇସ୍ପାତ ପ୍ରକଳ୍ପ ନିମନ୍ତେ ପୋସ୍କୋ ୧୨ ବିଲିୟନ ଡଲାର ପୁଞ୍ଜିନିବେଶ କରିବାକୁ ୨୦୦୫ରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା କିନ୍ତୁ ବିଭିନ୍ନ କାରଣରୁ କମ୍ପାନୀ ୨୦୧୭ରେ ଉକ୍ତ ପ୍ରକଳ୍ପ କ୍ଷେତ୍ରରୁ ଓହରିଯାଇଥିଲା। ବର୍ତ୍ତମାନ ପୁଣି ଥରେ କମ୍ପାନୀ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଜରିଆରେ ଓଡ଼ିଶା ଫେରିବାକୁ ନିଷ୍ପତ୍ତି ନେଇଛି। ଜେଏସ୍‌ଡବ୍ଲ୍ୟୁ ବର୍ତ୍ତମାନ ପାରାଦୀପର ଏରସମାଠାରେ ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଜାରି ରଖିଛି। ଏପରିକି କମ୍ପାନୀକୁ ରାଜ୍ୟ ସରକାର ଜମି ହସ୍ତାନ୍ତର କରିସାରିଛନ୍ତି। ପୋସ୍କୋ ବର୍ତ୍ତମାନ ନିଜର ସେହି ପୁରୁଣା ସ୍ଥାନରେ ଜେଏସ୍‌ଡବ୍ଲ୍ୟୁ ସହ ମିଶି ପ୍ରକଳ୍ପ କରିବ ବୋଲି ଜଣାପଡ଼ିଛି। ଦୀର୍ଘ ୧୯ବର୍ଷ ପରେ ପୋସ୍କୋ ଓଡ଼ିଶା ଫେରିବ, ଆଉ ଇସ୍ପାତ କ୍ଷେତ୍ରରେ ପୁଞ୍ଜିନିବେଶ କରିବ ବୋଲି ଆଶା କରାଯାଉଛି। ବିଶ୍ୱର ୭ମ ବୃହତମ ଇସ୍ପାତ ଉତ୍ପାଦନକାରୀ ପୋସ୍କୋ ନିକଟରେ ଜେଏସ୍‌ଡବ୍ଲ୍ୟୁ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୩୦।୧୦:** କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୪୨୭ (୪୨୬.୮୫) ପଏଣ୍ଟ କମି ୭୯,୯୪୨ (୭୯,୯୪୨.୧୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୧୨୬ (୧୨୬.୦୦) ପଏଣ୍ଟ ହ୍ରାସ ଘଟି ୨୪,୩୪୧ (୨୪,୩୪୦.୮୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଓଜିବିରେ ସତର୍କତା ଜାଗରଣ ସପ୍ତାହ ପାଳିତ




**ଭୁବନେଶ୍ୱର,୩୦।୧୦**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟଠାରେ ସତର୍କତା ଜାଗରଣ ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଜିବିର ମହାପ୍ରବନ୍ଧକ ସ୍ୱତାଭ କୁମାର ବ୍ୟାଙ୍କର କର୍ମଚାରୀମାନଙ୍କୁ ସଚ୍ଚୋଟତାର ସଂକଳ୍ପ ପାଠ କରାଇଥିଲେ। ଏପରିକି ସତ୍ୟନିଷ୍ଠାର ସଂସ୍କୃତି ଦ୍ୱାରା ରାଷ୍ଟ୍ର କିପରି ବୈଭବଶାଳୀ ହୋଇପାରିବ ସେ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋକପାତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସତର୍କତା ବିଭାଗର ମହାପ୍ରବନ୍ଧକ ବାସୁଦେବ ରାଉତରାୟ ସଭାପତିତ୍ୱକରି ସତ୍ୟନିଷ୍ଠାକୁ କିପରି ନିଜ ଜୀବନର ଏକ ଅଙ୍ଗ କରିହେବ ତାହା ଉପରେ ସେ ବିସ୍ତୃତ ଭାବେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସତର୍କତା ବିଭାଗର ମୁଖ୍ୟ ପ୍ରବନ୍ଧକ ନିରଞ୍ଜନ ରାଉତ ପରିଚାଳନା କରିଥିଲେ।

# ବାର୍ଷିକ ଆଧାରରେ ସୁନା ଚାହିଦା ବୃଦ୍ଧି

**ନୂଆଦିଲ୍ଲୀ,୩୦।୧୦**

ୱାର୍ଲ୍ଡ ଗୋଲ୍ଡ କାଉନସିଲ(ଡବ୍ଲ୍ୟୁଜିସି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଡବ୍ଲ୍ୟୁଜିସିର କାର୍ଯ୍ୟପନ୍ଥା ଓ କାରବାର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟକୁ ମଧ ଉନ୍ମୋଚନ କରାଯାଇଛି। ଏପରିକି ମୋଟ ଅନ୍ତର୍ଜାତୀୟ ସୁନା ଚାହିଦା ବାର୍ଷିକ ଆଧାରରେ ୪% ବୃଦ୍ଧି ହୋଇ ୧୨୫୮ ଟନ୍‌ରେ ପହଞ୍ଚିଛି, ଯାହା ଡବ୍ଲ୍ୟୁଜିସିର ଡାଟା ସିରିଜ୧ରେ ଶକ୍ତିଶାଳୀ ୨ୟ ତ୍ରୈମାସିକକୁ ଚିହ୍ନିତ କରୁଛି। ସେହିଭଳି ମୋଟ ଚାହିଦା ସୁସ୍ଥ ଓଭର-ଦ-କାଉଣ୍ଟର ଟ୍ରାଞ୍ଜାକ୍ସନ ଦ୍ୱାରା ସମର୍ଥିତ ରହିଛି, ଯାହା ବାର୍ଷିକ ଆଧାରରେ ୫୩% ବୃଦ୍ଧିହୋଇ ୩୨୯ଟନ୍‌ରେ ପହଞ୍ଚିଛି।

# ୫୦ ହଜାର ୪ଜି ସାଇଟ୍ ନିୟୋଜିତକଲା ବିଏସ୍‌ଏନ୍‌ଏଲ୍

**ଭୁବନେଶ୍ୱର,୩୦।୧୦(ଅନୁରାଧା ମହାରଣା)**

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍ ଦେଶରେ ୫୦ ହଜାରରୁ ଅଧିକ ସ୍ୱଦେଶୀ ୪ଜି ସାଇଟ୍ ନିୟୋଜିତକରି ଦେଶର ଡିଜିଟାଲ ସଂଯୋଗ ଲକ୍ଷ୍ୟକୁ ଯଥେଷ୍ଟ ଆଗକୁ ବଢ଼ାଇଛି। ଟେଲିକମ୍ ମନ୍ତ୍ରଣାଳୟ ଅନୁଯାୟୀ, ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍), ତେଜସ୍ ନେଟ୍‌ୱର୍କ, ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଟେଲିମାଟିକ୍ସ (ସି-ଡଟ୍) ଏବଂ ଆଇଟିଆଇ ଲିମିଟେଡ୍ ଭଳି ଭାରତୀୟ ଟେକ୍ନୋଲୋଜି ଜଏଣ୍ଟଙ୍କ ସହଯୋଗରେ ଏହି ନିୟୋଜନ ଦେଶରେ ଘରୋଇ ଉଦ୍ୟୋଗର ଭୂମିକାକୁ ଦର୍ଶାଉଛି। ଭାରତୀୟ କମ୍ପାନୀଗୁଡ଼ିକ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପରିକଳ୍ପିତ, ବିକଶିତ ବିଏସ୍‌ଏନ୍‌ଏଲ୍‌ର ୪ଜି ନେଟ୍‌ୱର୍କ ଭାରତରେ ଟେଲିକମ୍ୟୁନିକେଶନ ପାଇଁ ଏକ ନୂତନ ଯୁଗ ଆରମ୍ଭକରି ସମ୍ପୂର୍ଣ୍ଣ ସ୍ୱଦେଶୀ ନବୀକରଣର ସଂକଳ୍ପ ଧାରଣ କରିଛି। ମନ୍ତ୍ରଣାଳୟ ଅନୁଯାୟୀ, ଅକ୍ଟୋବର ୨୯ ମଧ୍ୟରେ ବିଏସ୍‌ଏନ୍‌ଏଲ୍ ୫୦ ହଜାରରୁ ଅଧିକ ସାଇଟ ନିୟୋଜିତ କରିଛି। ସେଥିମଧ୍ୟରୁ ୪୧ ହଜାରରୁ ଅଧିକ କାର୍ଯ୍ୟ ଚାଲିଛି। ପ୍ରକଳ୍ପର ବର୍ତ୍ତମାନ ପର୍ଯ୍ୟାୟରେ ପ୍ରାୟ ୩୬,୭୪୭ ସାଇଟ୍ ସଂସ୍ଥାପିତ ହୋଇଛି ଏବଂ ଡିଜିଟାଲ ଇଣ୍ଡିଆ ପାଣ୍ଠି ଦ୍ୱାରା ଅନୁଦାନପ୍ରାପ୍ତ ୪ଜି ସାଚୁରେଶନ ପ୍ରୋଜେକ୍ଟ ଅଧୀନରେ ୫ ହଜାର ସାଇଟ୍ ସ୍ଥାପନ କରାଯାଇଛି।


# Classified Everyday 0674-2580101, 2549949


REAL ESTATE

**SALE**

ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925. D-1526

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

କଟକ-ଭୁବନେଶ୍ୱର ମଧଭାଗରେ **Sum Hospital-2** ନିକଟସ୍ଥ **Grand Bazar (NH-16)** ସମ୍ମୁଖରୁ ଅଳ୍ପଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **9658562429.** D-76201

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9937846404, 9437192512.** D-1805

Your classified advertisement published in Dharitri will be listed free in Dharitri online edition: **dharitriepaper.in**

**AFFIDAVIT**

By virtue of affidavit before Executive Magistrate, Cuttack Sadar, Dt.23.10.24 that Tulu Sethi, S/o Late Antaryami Sethi, Kandha, P.O.-Bentalpur, P.S.- Chandabali, Dist.-Bhadrak, state that my name was wrongly recorded as Nabin Sethi in my LIC Policy Bond No.588877364 Dt.28.12.2009. Nabin is my nick name, so Nabin Sethi and Tulu Sethi is one and same person. D-1808

I, Hardeep Kaur Chhabada, Age-41yrs. W/o. Harmeet Singh Chhabada, R/o. At/P.O.- Khariar Road, Ward No. 11, Gurunanak Nagar, P.S.-Jonk, Dist.- Nuapada, Odisha declare by this affidavit No.1108, dated 29.10.2024 sworn before Notary Public, Nuapada that after marriage I have changed my name from Hardeep Saluja to Hardeep Kaur Chhabada. Henceforth, I shall be known as Hardeep Kaur Chhabada for all future purposes. D-1806

I, Partha Sarathi Mahapatra, S/o Nrusingha Charana Mohapatra have changed my name to Partha Sarathi Mohapatra. D-1804

**LOST**

ମୁଁ ରବିନ୍ଦ୍ର ନାରାୟଣ ବେହେରା, ଚନ୍ଦ୍ରଶେଖରପୁର ମୌଜାରେ ଗୋଟିଏ ଜମି କିଣିଛି। ମୋ ନିଜ ନାମରେ ପଟ୍ଟା ମଧ କରିଛି। ମୋର ଦୁଇଟି ପଟ୍ଟା ଯାହାର ଖାତା ନଂ.611/2188, Plot No.96/6582 ଏବଂ ଖାତା ନଂ.611/1573, Plot No.96/5108, Unit-I ପାଖରେ Xerox କରିବା ସମୟରେ ହଜିଯାଇଛି। ଖୋଜାଖୋଜି କଲାପରେ ମଧ ମିଳିଲା ନାହିଁ। ତେଣୁ ମୁଁ Capital Police Stationରେ FIR କରିଛି ଏବଂ Affidavit ମଧ କରିଛି। ମୁଁ କୌଣସି ଋଣ ଦେଉଥିବା ସଂସ୍ଥାରେ ଏହାକୁ ବନ୍ଧକ ହିସାବରେ ଦେଇନାହିଁ। ମୁଁ SBI, RACPC, Bhubaneswarରୁ ଗୃହ ଋଣ ନେବାକୁ ଯାଉଛି। ଯଦି ଏହି ପଟ୍ଟା କାହାକୁ ମିଳେ, SBI, Bhubaneswarରେ ଦେବାକୁ ଅନୁରୋଧ। ଧ-୧୮୦୭

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**୧୨ଶ ଶ୍ରାଦ୍ଧବାର୍ଷିକୀ**



**✓ ଭବାନନ୍ଦ ମିଶ୍ର**
ପ୍ରାକ୍ତନ ପ୍ରଧାନ ଶିକ୍ଷକ, ୟୁନିଟ୍ - ୯
D.O.B - 1942 / D.O.D - 2012
ଏଲ୍.ଆଇ.ଜି - ୨୮୭, ନୟାପଲ୍ଲୀ, ବ୍ରିଟ୍ କଲୋନି, ଭୁବନେଶ୍ୱର
ଝରିଗଲ କାହିଁ ଅକାଳରେ ତୁମେ
ସକଳ ବନ୍ଧନ ଖୋଲି
ଅମୃତ ପଥର ଯାତ୍ରୀହେ ତୁମେ
ଘେନ ସ୍ମୃତି ପୁଷ (ଶ୍ରଦ୍ଧାଞ୍ଜଳି)
ପୟରେ ଦେଉ ତୁମରି ।
ଇତି
ଶୋକସନ୍ତପ୍ତ ତୁମର ଆଦରର ପିଲାମାନେ
ଏବଂ ହତଭାଗିନୀ ସ୍ତ୍ରୀ
D-71589

**ନବମ ଶ୍ରାଦ୍ଧବାର୍ଷିକୀ**



**✓ ଶ୍ରୀମତୀ ହୀରାମଣି ଦାଶ**
ବାଉଁଶିଆ, ଶରଣକୁଳ, ନୟାଗଡ଼,
ରଘୁନାଥପୁର ଶାସନ
ଆବିର୍ଭାବ : ତା ୧୦/୧୦/୧୯୩୫
ତିରୋଧାନ : ତା ୧୦/୧୧/୨୦୧୫
ବୋଉ ଆଜକୁ ୯ ବର୍ଷହେଲା ଆମକୁ ଛାଡ଼ି ଗଲିଗଲୁ। ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସହିଷ୍ଣୁତା, ସମାଜସେବା, ପରୋପକାର, କର୍ମ ନିପୁଣତା, ଆମ ଜୀବନର ଆଜି ବି ସ୍ମରଣୀୟ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ - ବଡ଼ପୁଅ ବୋହୂ, ସାନପୁଅ ବୋହୂ, ଝିଅ - ସୁଷମା, ରାଧା, ପ୍ରିୟମ୍ବଦା, ଗୀତାଞ୍ଜଳି ଏବଂ ଝିଆରୀ, ପୁତୁରା, ନାତିନାତୁଣୀ ମାନେ
D-1803

# ଦେଶର ସୁରକ୍ଷା, ଏକତା ଓ ଅଖଣ୍ଡତା ବଜାୟ ରଖିବାର ଦିନ



## ଜାତୀୟ ଏକତା ଦିବସ

ପ୍ରତିବର୍ଷ ୩୧ ଅକ୍ଟୋବରରେ ଆଇରନ ମ୍ୟାନ୍ ଅଫ୍ ଇଣ୍ଡିଆ ଅର୍ଥାତ୍ ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଏ। ତାଙ୍କୁ ଭାରତର ଜାତୀୟ ଏକତାର ସ୍ଥପତି ଭାବରେ ସ୍ମରଣ କରାଯାଇଥାଏ। ଦେଶର ସୁରକ୍ଷା, ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଏହା ଏକ ପ୍ରତିବଦ୍ଧତାର ଦିନ। ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଏକତା ବଜାୟ ରଖିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନକୁ ସମ୍ମାନ ଦେବା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶର ଏକତା ଏବଂ ଅଖଣ୍ଡତାକୁ ପୁନଃ ସ୍ଥାପିତ କରି ଏକ ଶକ୍ତିଶାଳୀ ତଥା ସମୃଦ୍ଧ ଭାରତର ମୂଳଦୁଆ ପକାଇଥିଲେ। ଦେଶକୁ ଏକାଠି କରିବାରେ ସର୍ଦ୍ଦାର ପଟେଲଙ୍କ ଅମୂଲ୍ୟ ଅବଦାନ ବେଶ୍ ସ୍ୱତନ୍ତ୍ର। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ପ୍ରବନ୍ଧ, ବକ୍ତୃତା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ର ଜାତୀୟତାର ମହାନ ପ୍ରତୀକ ମନେ ରଖିବାକୁ ଉତ୍ସାହିତ ହୁଅନ୍ତି ଏବଂ ଭାରତର ଏକତା ଏବଂ ଅଖଣ୍ଡତା ପାଇଁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି।

# ଶ୍ମଶାନରେ ଦୀପାବଳି ଉତ୍ସବ



## ୬୦ ବର୍ଷ ଧରି ଚାଲିଆସୁଛି ପରମ୍ପରା

**କରିମନଗର:** ତେଲଙ୍ଗାନାର କରିମନଗର ଜିଲା କରଜନା ଗଡ଼ାସ୍ଥିତ ଶ୍ମଶାନରେ ସ୍ଥାନୀୟ ଲୋକେ ଦୀପାବଳି ପାଳିଥାନ୍ତି। ଦୀପାବଳି ଉପଲକ୍ଷେ ଏଠାକାର ଲୋକେ ନିଜ ପ୍ରିୟଜନଙ୍କ କବରରେ ଦୀପ ଜାଳି ସେମାନଙ୍କ ପୂର୍ବପୁରୁଷଙ୍କୁ ସମ୍ମାନ ଦେଇଥାନ୍ତି। ଗତ ୬୦ ବର୍ଷ ଧରି ଏହି ନିଆରା ପରମ୍ପରାକୁ ସ୍ଥାନୀୟ ଲୋକେ ଅନୁସରଣ କରି ଆସୁଛନ୍ତି। ଦୀପାବଳିର ପ୍ରାୟ ସପ୍ତାହେ ପୂର୍ବରୁ ଏଠାକାର ଲୋକେ କରଜନା ଗଡ଼ାଶ୍ମଶାନକୁ ସଫା କରିବା ସହ ରଙ୍ଗ ଲଗାଇଥାନ୍ତି। ଦୀପାବଳି ଦିନ ସକାଳେ ସେମାନେ ଶ୍ମଶାନକୁ ଫୁଲରେ ସଜାଇଥାନ୍ତି। ସନ୍ଧ୍ୟାରେ ଏଠାକାର ଲୋକେ ସପରିବାର ଏକତ୍ର ହୋଇ ଏହି ଶ୍ମଶାନକୁ ଯାଇଥାନ୍ତି ଓ ସେମାନଙ୍କର ମୃତ ସମ୍ପର୍କୀୟଙ୍କୁ ସ୍ମରଣ କରନ୍ତି। ଏଠାକାର ଲୋକେ ସେମାନଙ୍କ ପ୍ରିୟ ଜନଙ୍କ କବର ନିକଟରେ ଦୀପ ଜାଳିଥାନ୍ତି ଏବଂ ନିଜ ନିଜ ମୃତ ସମ୍ପର୍କୀୟଙ୍କ ପ୍ରିୟ ଖାଦ୍ୟ ସାମଗ୍ରୀକୁ ସେମାନଙ୍କ କବର ଉପରେ ରଖିଥାନ୍ତି। ଦୀପାବଳିର ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ଶ୍ମଶାନରେ ରହି ବିଭିନ୍ନ ରୀତିନୀତି ଓ ପ୍ରାର୍ଥନା କରନ୍ତି। ଦୀପାବଳି ପରି ବିଶେଷ ଦିନରେ ମୃତ ପ୍ରିୟଜନଙ୍କୁ ମନେପକାଇବା ଦ୍ୱାରା ସେମାନଙ୍କ ଆତ୍ମାକୁ ଶାନ୍ତିମିଳିଥାଏ ବୋଲି ଏଠାକାର ଲୋକେ ବିଶ୍ୱାସ କରନ୍ତି।

# 'ସୁବେଦାର'ର ଶୁଟିଂ ଆରମ୍ଭ


ଅନିଲ କପୁର

**ମୁମ୍ବାଇ:** ଅଭିନେତା ଅନିଲ କପୁର ତାଙ୍କର ଆଗାମୀ ଫିଲ୍ମ 'ସୁବେଦାର'ର ଶୁଟିଂ ଆରମ୍ଭ କରିଛନ୍ତି। ଏହି ଆକ୍ସନ୍-ଡ୍ରାମା ଫିଲ୍ମରେ ଅନିଲ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର ଶୁଟିଂ ଆରମ୍ଭ ହୋଇଥିବା ନେଇ ବୁଧବାର 'ସୁବେଦାର'ର ନିର୍ଦ୍ଦେଶକ ସୁରେଶ ତ୍ରିବେଣୀ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏହାସହ ସେ ଫିଲ୍ମରେ ଅନିଲଙ୍କର ଝଲକକୁ ଶେୟାର କରି ତାଙ୍କ ଲୁକ୍ ଉପରୁ ପରଦା ହଟାଇଛନ୍ତି। ସୁରେଶଙ୍କର ଏହି ପୋଷ୍ଟ ଦେଖିବା ପରେ ଫିଲ୍ମରେ ଅନିଲଙ୍କର ଆକ୍ସନ ଅବତାର ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି। ନିର୍ଦ୍ଦେଶକ ସୁରେଶ ପୂର୍ବରୁ 'ଜଲ୍‌ସା' ଓ 'ତୁମ୍‌ହାରୀ ସୁଲୁ' ଭଳି ସଫଳ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ଅନିଲ କପୁରଙ୍କ ସହ ଅଭିନେତ୍ରୀ ରାଧିକା ମଦାନ ମୁଖ୍ୟ ଭୂମିକାରେ ରହିଛନ୍ତି। ସୁବେଦାର ଅର୍ଜୁନ ମୌର୍ଯ୍ୟଙ୍କ କାହାଣୀକୁ ନେଇ ଏହି ଫିଲ୍ମ ଆଧାରିତ। ଫିଲ୍ମରେ ସୁବେଦାର ଅର୍ଜୁନଙ୍କ ଭୂମିକାରେ ଅନିଲ ନଜରକୁ ଆସିବେ। ସେହିପରି ଫିଲ୍ମରେ ସୁବେଦାର ଅର୍ଜୁନଙ୍କ ଝିଅ ଶ୍ୟାମାଙ୍କ ଚରିତ୍ରରେ ରାଧିକାଙ୍କୁ ଦେଖିବାକୁ ମିଳିବ। 'ସୁବେଦାର' ଫିଲ୍ମରେ ଅନିଲ ଅନେକ ପ୍ରକାରର ପରିସ୍ଥିତି ମଧ୍ୟରେ କିପରି ଜୀବନର ବିଭିନ୍ନ ଆହ୍ୱାନ ସହ ମୁକାବିଲା କରନ୍ତି ଏବଂ ଝିଅ ଶ୍ୟାମାଙ୍କ ଜୀବନରେ ଆସିଥିବା ଏକାଧିକ ବିପଦକୁ ଦୂର କରନ୍ତି ତାହା ଦେଖିବାକୁ ମିଳିବ। ବିକ୍ରମ ମାଲହୋତ୍ରା, ଅନିଲ କପୁର ଓ ସୁରେଶ ତ୍ରିବେଣୀଙ୍କ ଦ୍ୱାରା ନିର୍ମିତ ଏବଂ ପ୍ରଜ୍ୱଳ ଚନ୍ଦ୍ରଶେଖରଙ୍କ ଦ୍ୱାରା ଲିଖିତ 'ସୁବେଦାର' ଚଳଚ୍ଚିତ୍ର ଓଟିଟି ପ୍ଲାଟ୍‌ଫର୍ମ 'ଅମାଜନ ପ୍ରାଇମ ଭିଡିଓ'ରେ ରିଲିଜ୍ ହେବ।

# ୧୧ ପିଲାଙ୍କ ପାଇଁ ୨୯୪ କୋଟିର ଘର କିଣିଲେ ମସ୍କ



**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରି ରାଜନୈତିକ ହଇଚଇ ସୃଷ୍ଟି କରିଥିବା ଟେସ୍‌ଲା ସିଇଓ ଏଲନ ମସ୍କ ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ତାଙ୍କର ୩ ପୂର୍ବ ପାର୍ଟନର ଓ ୧୧ ପିଲାଙ୍କ ରହିବା ପାଇଁ ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି। ଆମେରିକୀୟ ଖବରକାଗଜ ନ୍ୟୁୟର୍କ ଟାଇମ୍ସରେ ବୁଧବାର ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମସ୍କ ଟେକ୍ସାସ୍‌ରେ ୩୫ ମିଲିୟନ ଡଲାର(୨୯୪.୨୯ କୋଟି ଟଙ୍କା) ମୂଲ୍ୟର ୧୪,୪୦୦ ବର୍ଗଫୁଟ ବିଶିଷ୍ଟ ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି। ସମ୍ପ୍ରତି ତାଙ୍କର ପିଲାମାନେ ଅଲଗା ଅଲଗା ସ୍ଥାନରେ ରହୁଥିବାରୁ ସେମାନେ ପରସ୍ପରକୁ ଠିକ୍ ଭାବେ ଚିହ୍ନି ନାହାନ୍ତି। ତେଣୁ ଏହି ବିଳାସପୂର୍ଣ୍ଣ ଘରେ ଏକାଠି ରହିବା ଦ୍ୱାରା ତାଙ୍କ ପିଲାମାନେ ପରସ୍ପରକୁ ଜାଣିବାର ସୁଯୋଗ ପାଇବେ ବୋଲି ମସ୍କ ଆଶା କରୁଛନ୍ତି। ଏହି ଘର ଦ୍ୱାରା ମସ୍କ ତାଙ୍କ ପିଲାମାନଙ୍କୁ ଅଧିକ ସମୟ ଦେଇପାରିବେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ମସ୍କ ଓ ତାଙ୍କ ୩ ପୂର୍ବ ପାର୍ଟନରଙ୍କର ସମୁଦାୟ ୧୧ ଜଣ ପିଲା ରହିଛନ୍ତି।


**OFFICE OF THE NOTIFIED AREA COUNCIL, G.UDAYAGIRI**

No.2372 Date:30.10.2024

**"e" Tender Notice**
**BID Identification No.GUDGR-NAC-01/2024-25**

**No.C-878:** Bid Documents consisting of Work, Estimated Cost of Tender Paper, EMD, Time of Completion, Class of Contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Works : As per DTCN
2. No. of Works : 2 Nos.
3. Estimated Cost : Rs.55.61 Lakh to Rs.67.44 Lakh
4. Period of Completion : 4 Month to 6 Month
5. Date & time of availability of bid documents in the portal : Dt.01.11.2024 at 09.00 A.M. to Dt.16.11.2024 upto 5.00 P.M.
6. Last date & time for submitting online Bid : Dt.16.11.2024 upto 5.00 P.M.
7. Bids shall be opened on : Dt.18.11.2024 at 11.00 A.M.
8. Bid shall be evaluated on : Dt.18.11.2024 at 11.00 A.M.
9. Name and address of the officer inviting bid : Executive Officer, N.A.C., G.Udayagiri

Further details can be seen from the procurement portal i.e. www.tendersodisha.gov.in.

**Sd./- Executive Officer, N.A.C., G.Udayagiri**
OIPR-13072/11/0005/2425

**DISTRICT PROJECT OFFICE SS, JHARSUGUDA**

No_1943/plg/24, Dt. 30.10.2024

**REQUEST FOR PROPOSAL (RFP) NOTICE**

**No.n-130:** Sealed quotations are invited for **Selection of Agency for Implementation of Virtual Reality Classrooms with VR Content in 06 Nos. of Schools under PM SHRI SCHEME.** The interested Firm/ Agency/Organisation/OEMs having valid GST may submit their RFP on or before 5 PM on dt.11.11.2024 positively through registered/speed post only. The envelope containing RFP document must be superscribed as "RFP FOR IMPLEMENTATION OF AR-VR CLASSROOMS WITH CONTENT IN 6 NOS. OF PM SHRI, Schools of JHARSUGUDA". The sealed RFP will be opened at 11 AM on Dt.12.11.2024. The interested bidders may download the RFP from the District website i.e. www.jharsuguda.odisha.gov.in of Jharsuguda District. The bidders are requested to remain present at the time of opening of RFP.

By the order of
Collector-cum-Chairman, SS, Jharsuguda
**Sd./- DEO-cum-DPC**
OIPR-27153/11/0005/2425

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଭବାନୀପାଟଣା

**OFFICE OF THE REGULATED MARKET COMMITTEE, BHAWANIPATNA**

Near Kendriya Vidyalaya, At/P.O.: Bhawanipatna, Kalahandi, E-mail: rmcbhawanipatna@gmail.com

No. 334 Dated: 29.10.2024

**SHORT TENDER / QUOTATION CALL NOTICE**

No. H-29: The Sub-Collector, Bhawanipatna-cum-Chairman, RMC, Bhawanipatna invites tender/quotation vide Notice No. 327 dated 29.10.24 and Notice No. 331 dated 29.10.24. The details of which are available in the website: **www.kalahandi.odisha.gov.in**. Intending bidders are requested to visit the mentioned website for submission of document.

Sd./- Sub-Collector, Bhawanipatna-cum-Chairman, RMC, Bhawanipatna
OIPR-01549/11/0001/2425

See Career Appointment on every **Wednesday & Saturday**

GOVERNMENT OF ODISHA Email-rw_dharmagarh@yahoo.com

**OFFICE OF THE SUPERINTENDING ENGINEER, RURAL WORKS DIVISION, DHARMAGARH**

Notice No.2479// Date:25.10.2024

**No.O-547: The 1st Corrigendum to Bid Identification No.DMGH/Online-04 of 2024-25**

1. The details of corrigendum as tablelated below.

**As per tender notice**

| Procurement Officer | Bid Identification No. | Availability of Tender online for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Dharmagarh | DMGH/ Online 04/2024-25 | 28.10.2024 At 10.00 AM | 16.11.2024 Upto 5.00 PM | 14.11.2024 Upto 5.00 PM | 18.11.2024 11.00 AM | 22.11.2024 At 11.00 AM |

**As per Corrigendum**

| Procurement Officer | Bid Identification No. | Availability of Tender online for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Dharmagarh | DMGH/ Online 04/2024-25 | 05.11.2024 At 10.00 AM | 19.11.2024 Upto 5.00 PM | 16.11.2024 Upto 5.00 PM | 20.11.2024 11.00 AM | 25.11.2024 At 11.00 AM |

All other terms and conditions are remain inchange.
OIPR-25100/11/0007/2425 **Sd./- Executive Engineer, Rural Works Division, Dharmagarh**

No. RR-

**ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

ସ୍ଥାନ
ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର

ଆୟୋଜନ ତାରିଖ
ତା୦୬।୧୨।୨୦୨୪ଠାରୁ ତା୧୭।୧୨।୨୦୨୪ରିଖ ପର୍ଯ୍ୟନ୍ତ

ଆୟୋଜକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

ପୁସ୍ତକ ମହୋତ୍ସବରେ ଷ୍ଟଲ ସଂରକ୍ଷଣ ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ ଓ ବିକ୍ରେତା ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:
ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

ଦୂରଭାଷ
୦୬୭୪-୨୪୩୧୮୪୦ / ୯୪୩୮୨୯୨୩୨୫ / ୭୯୭୮୬୭୭୨୪୮
Email: odishasahityaakademi@gmail.com

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ
https://culture.odisha.gov.inକୁ ଦେଖନ୍ତୁ

ଷ୍ଟଲ୍ ସଂରକ୍ଷଣର ଶେଷ ତାରିଖ: ୧୫।୧୧।୨୦୨୪

OIPR-03029/11/0007/2425

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୭୦୯୦ IND-II-PH-୮୧୩ ତା.୨୪.୧୦.୨୦୨୪
No. CAD-1470

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ନବଯୁଗ ଇଞ୍ଜିନିଅରିଂ କମ୍ପାନୀ ଲିମିଟେଡ, ଓଡ଼ିଶାର ପୁରୀ ଜିଲ୍ଲାର ଅସ୍ତରଙ୍ଗଠାରେ ଏକ ସର୍ବକାଳୀନ ମଲ୍ଟି ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦରର ବିକାଶ ପାଇଁ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା.୨୪.୧୦.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା ।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "The Sunday Times" ଏବଂ "ଧରିତ୍ରୀ" ରେ ତା.୨୨.୦୯.୨୦୨୪ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । କିନ୍ତୁ ପାଣିପାଗ ବିଭାଗ, ଭାରତ ସରକାର ୨୩ ଅକ୍ଟୋବର ୨୦୨୪ ରୁ ୨୫ ଅକ୍ଟୋବର ୨୦୨୪ରେ ଓଡ଼ିଶା ଉପକୂଳରେ ଗଭୀର ଅବପାତଜନିତ ସୃଷ୍ଟ ଘୂର୍ଣ୍ଣିବଳୟ ଯୋଗୁଁ ପ୍ରବଳ ପବନ ଏବଂ ବର୍ଷାଜନିତ ଚେତାବନୀ ଦେଇଥିବାରୁ ତା.୨୪.୧୦.୨୦୨୪ ରିଖରେ ହେବାକୁ ଥିବା ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଉଅଛି । ଉକ୍ତ ସର୍ବସାଧାରଣ ଶୁଣାଣି ତା.୦୬.୧୨.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୬.୧୨.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ପୁରୀ ଜିଲ୍ଲା ଅନ୍ତର୍ଗତ ଛୁରିଆନାଠାରେ ପୀର ଜାହାନିଆ ନିକଟରେ ସ୍ଥିତ ବେଳାଭୂମି ମହୋତ୍ସବ ପଡିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ପୁରୀ**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ପୁରୀ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, **ପୁରୀ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଭୁବନେଶ୍ୱର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ https://ospcboard.odisha.gov.in/ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରସ୍ଥିତ** ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OSPCB-PH-MISC-0089-2022/23/2024 OIPR-08012/11/0111/2425 ସ୍ୱା./- ସଦସ୍ୟ ସଚିବ

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & D.W. Department**
ଓଡ଼ିଶା ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
Odisha Lok Seva Bhawan, Sachibalaya Marg, Bhubaneswar-751001
Fax: 0674-2391413; E-mail: prsec.or@nic.in

**No. PR-VEH-MV-0008-2020 24803/PR&DW** **Date: 29.10.2024**

**TENDER CALL NOTICE**

No.i-269:- Sealed Tenders are invited from interested reputed Travel Agencies for providing Innova segment, Swift Dzire / Xcent segment [6 (seven) nos.] and WagonR / Celerio segment [3 (three) nos.] petrol driven vehicles having sitting capacity not more than 5 including driver, which shall confirm to the terms and conditions (Appendix-A) of Finance Department Office Memorandum No. 22924/F Dated. 14.08.2023 for official use in Panchayati Raj & Drinking Water Department on Monthly rent basis/Daily basis:

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM Platform.
3. The vehicle must be in road worthy condition, shall not be more than 3(three) years old from the date of initial registration and must have Valid Registration Certificate, Insurance Certificate, Fitness Certificate, Pollution Certificate, Valid Contract carriage Permit, proof of up to date tax payment etc. which are mandatory for plying of vehicle.
4. The Driver of vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. A sum of Rs. 5000/- shall be deposited by the intending bidders in shape of Account Payee Bank Draft drawn in favour of the DDO-cum-Joint Secretary to Govt., Panchayati Raj & Drinking Water Department and submitted along with the tender papers as security deposit. After completion of tender process, the amount will be refunded to unsuccessful bidders.
7. The monthly rate of hire charges shall be quoted separately in the general bid information (excluding fuel and lubricants).
8. The vehicle must achieve a fuel efficiency as per Finance Department Office Memorandum No. 22924/F Dated. 14.08.2023.
9. The detail of make and year of manufacture of the vehicle, registration No., mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/tender (Appendix-B of Finance Department OM No. 22924/F Dated. 14.08.2023).
10. The Quotation completed in all respect should reach the undersigned on or before **20.11.2024** by **1.00 P.M.** and shall be opened on the same day at **04.00 P.M.** in presence of the bidders or their authorized representatives.
11. The application form of tender containing General Bid information and Terms and conditions for hiring of vehicles etc. will be available with the OM (vehicle) section of the Panchayati Raj & Drinking Water Department on payment of Rs. 100/- from 11.00 A.M. to 5.00 P.M. on working days or can be downloaded from Odisha Govt. Website **www.odisha.gov.in**. In case the application form is downloaded from Govt. website, the applicant shall furnish a Demand Draft for an amount Rs. 100/- (Rupees One Hundred) only towards the cost of application along with the application.

**Sd./- Under Secretary to Govt.**
OIPR-19001/11/0004/2425

GOVERNMENT OF ODISHA No. B-540

**"e" - PROCUREMENT NOTICE**
**WORKS DEPARTMENT**

E-mail: ceworldbankprojects@gmail.com
Bid Identification No. CE-Bridges - 06/2024-25

1. The Chief Engineer (Bridges), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Works
3. No. of Work : 03 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 06.11.2024 to 5.00 P.M. of 27.11.2024
7. Date of Opening of Bid : Dt.28.11.2024 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer, Bridges
Odisha, Bhubaneswar
OIPR-34174/11/0017/2425

# ଦକ୍ଷିଣ ଆଫ୍ରିକାର ବୃହତ୍ ସ୍କୋର

**ଚଟ୍ଟୋଗ୍ରାମ, ୩୦।୧୦**

ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବୃହତ୍ ସ୍କୋର କରିଛି। ଟୋନି ଡି'ଜର୍ଜି, ଟ୍ରିଷ୍ଟାନ ଷ୍ଟବ୍ସଙ୍କ ପରେ ଶତକ ହାସଲ କରିଛନ୍ତି ୱିଆନ ମୁଲ୍ଡର। ଫଳରେ ଦକ୍ଷିଣ ଆଫ୍ରିକା ୫୭୫/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ବୁଧବାର ଦ୍ୱିତୀୟ ଦିବସ ଷ୍ଟମ୍ପ ବେଳକୁ ବାଂଲାଦେଶ ୩୮ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର

## ଜର୍ଜି, ଷ୍ଟବ୍ସଙ୍କ ପରେ ମୁଲ୍ଡରଙ୍କ ଶତକ

ସମ୍ମୁଖୀନ ହୋଇଛି। ଟପ୍ ଓ ମିଡିଲ ଅର୍ଡରର ୪ ବ୍ୟାଟର ଆଉଟ ହୋଇ ଯାଇଥିବାବେଳେ ଘରୋଇ ଦଳ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସଠାରୁ ୫୩୭ ରନ ପଛରେ ରହିଛି। ଦକ୍ଷିଣ ଆଫ୍ରିକା ବୋଲର କାଗିଶୋ ରାବାଡ଼ା ୨ଟି ଏବଂ ଡାନ୍ ପିଟରସନ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇ ବାଂଲାଦେଶର ବିପର୍ଯ୍ୟୟ ଘଟାଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୦୭/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦିବସରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୧୪୧ ରନରେ ଅପରାଜିତ ରହି ଖେଳ ଆରମ୍ଭ କରିଥିବା ଜର୍ଜି ନିଜ ଇନିଂସକୁ ଆଗେଇ ନେଇ ୧୭୭ ରନ ସ୍କୋର କରିଥିଲେ। ସେ ୨୬୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୨ ଚୌକା ଓ ୪ ଛକା ମାରିଥିଲେ। ଡେଭିଡ ବେଡିଂହାମ୍ ୫୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ମିଡିଲ ଅର୍ଡରରେ ର୍‌ୟାନ ରିକେଲଟନ (୧୨) ଓ କାଏଲ ଭେରିନେ (୦) ବିଫଳ ହୋଇଥିଲେ ହେଁ ୨୬ ବର୍ଷୀୟ ମୁଲ୍ଡର ଖେଳିଥିଲେ ଶ୍ରେଷ୍ଠ ଇନିଂସ। ସେ କେବଳ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ପୂରଣ କରି ନ ଥିଲେ ଅସମାପ୍ତ ୭ମ ଉଇକେଟରେ ସେନିରାନ ମୁଥୁସାମୀଙ୍କ ସହ ୧୫୨ ରନର ଭାଗୀଦାରି ଗଢ଼ି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ମୁଲ୍ଡର ୧୦୫ (୮ ଚୌକା, ୪ ଛକା) ଓ ମୁଥୁସାମୀ ୬୮ (୫ ଚୌକା, ୨ ଛକା) ରନରେ ଅପରାଜିତ ଥିବାବେଳେ ଅଧିନାୟକ ଏଡେନ ମାରକ୍ରମ ଇନିଂସ ଘୋଷଣା କରିଥିଲେ। ବାଂଲାଦେଶ ପକ୍ଷରୁ ତାଜିଉଲ ଇସଲାମ ୫ ଉଇକେଟ ସଫଳତା ପାଇଥିଲେ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇ ନିଜ ୫୨.୨ ଓଭରରେ ୧୯୮ ରନ ବ୍ୟୟ କରିଥିଲେ। ନାହିଦ ରାଣାଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୫୭୫/୬/ଘୋଷଣା। (ଟୋନି ଡି'ଜର୍ଜି–୧୭୭, ଟ୍ରିଷ୍ଟାନ ଷ୍ଟବ୍ସ–୧୦୬, ୱିଆନ ମୁଲ୍ଡର–୧୦୫*, ସେନୁରାନ ମୁଥୁସାମୀ–୬୮*, ତାଜିଉଲ ଇସଲାମ–୫/୧୯୮, ନାହିଦ ରାଣା–୧/୮୩)। ବାଂଲାଦେଶ ପ୍ରଥମ ଇନିଂସ: ୩୮/୪।



କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ ପରେ ୱିଆନ ମୁଲ୍ଡର।

# କିଟ୍ ମହିଳା, ପୁରୁଷ ଦଳ ଚାମ୍ପିୟନ



ସପୋର୍ଟ ଷ୍ଟାଫଙ୍କ ସହ ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଟେନିସ ଦଳ।

**ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ)**

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ

ସ୍ଥାନୀୟ ଲିଆଣ୍ଡର ପେସ୍ ଟେନିସ ଷ୍ଟାଡିୟମରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ କିଟ୍ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ କିଟ୍ ପୁରୁଷ ଦଳ ମଣିପୁର ବିଶ୍ୱବିଦ୍ୟାଳୟକୁ ୨–୧ରେ ଏବଂ ମହିଳା ଦଳ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟକୁ ୨–୧ରେ ହରାଇ ପ୍ରଥମସ୍ଥାନ ଅଧିକାର କରିଛି। ପୁରୁଷ ବର୍ଗରେ କିଟ୍ ପ୍ରଥମ, ମଣିପୁର ଦ୍ୱିତୀୟ, ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ତୃତୀୟ ଓ ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ଅଧିକାର କରିଛି। ସେହିପରି ମହିଳା ବର୍ଗରେ କିଟ୍ ପ୍ରଥମ, ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ଯାଦବପୁର ବିଶ୍ୱବିଦ୍ୟାଳୟ ତୃତୀୟ ଓ କିସ୍ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ହାସଲ କରିଛି। ଫଳରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ଏବଂ କିସ୍ ମହିଳା ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍ ଏବଂ ୫ମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଉଦ୍‌ଯାପନୀ ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ବେହେରା, ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ, କିଟ୍ ଓ କିସ୍‌ର କ୍ରୀଡ଼ା ମହାସଚିବ ଗଗନେନ୍ଦୁ ଦାଶ, କିସ୍ ବିଶ୍ୱବିଦ୍ୟାଳୟର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ରେଫରି ପ୍ରବୀଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କିଟ୍ ପୁରୁଷ ଦଳରେ କବିର ହଂସ, ଅଥର୍ବ ଶର୍ମା, ଅଂଶୁମାନ ସିଂ, ପ୍ରତ୍ୟୁଷ ମହାନ୍ତି, ଦେବାଶିଷ ସାହୁ ଏବଂ ମହିଳା ଦଳରେ ଋତୁପର୍ଣ୍ଣା ଚୌଧୁରୀ, ଆଭିଳାଷା ବିସ୍ତା, ରିୟା ମର୍ଦ୍ଦରାଜ ଓ ଆକୃତି ସଦସ୍ୟ ଥିଲେ। ଚାମ୍ପିୟନ ମହିଳା ଓ ପୁରୁଷ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ୫ ଖେଳାଳିଙ୍କୁ ବାସନ୍ଦ କଲା ପିଏଚ୍‌ଏଫ୍

**କରାଚୀ,୩୦।୧୦(ପି.ଟି.):** ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍) ପକ୍ଷରୁ ୫ ଜଣ ପୂର୍ବତନ ହକି ଖେଳାଳିଙ୍କୁ ବୁଧବାର ଆଜୀବନ ବାସନ୍ଦ କରାଯାଇଛି। ୫ ଜଣ ଅଲିମ୍ପିଆନ୍ ସମାନ୍ତରାଳ ଭାବରେ ଏକ ନୂତନ ହକି ଫେଡେରେଶନ ଗଠନ କରିବାକୁ ଚେଷ୍ଟା କରୁଥିବା ବେଳେ ପିଏଚ୍‌ଏଫ୍ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପିଏଚ୍‌ଏଫ ସଭାପତି ତାରିକ୍ ବୁଗ୍‌ଟିଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୫ ଜଣ ଖେଳାଳି ନାସିର ଅଲି, ଖାଲିଦ୍ ବଶିର୍, ସଲିମ୍ ନଜିମ, ଆବାସ ଅଲୀ ଓ ହାଇଦର ଅଲୀଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ଏହି ୫ ଖେଳାଳି ପିଏଚ୍‌ଏଫର ତଥ୍ୟ ଚୋରି କରିବା ସହ ଫଣ୍ଡ ହେରଫେର କରି ଏକ ସମାନ୍ତରାଳ ସଙ୍ଗଠନ ତିଆରି କରିବାକୁ ପ୍ରୟାସ କରିଥିଲେ। ଗତବର୍ଷ ବ୍ରିଗେଡିୟର ସଜ୍ଜାନ ଖୋକାରଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବା ପରେ ଦୁଇ ଗୋଷ୍ଠୀ ମଧ୍ୟରେ କ୍ଷମତା ଦଖଲ ନେଇ ଲଢେଇ ଜାରି ରହିଛି। ବାଲୋଚିସ୍ତାନର ରାଜନେତା ବୁଗଟିଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ରହିଥିବା ବେଳେ କରାଚୀର ରାଜନେତା ସେହଲା ରେଜାଙ୍କ ନେତୃତ୍ୱରେ ଆଉ ଏକ ଦଳ କ୍ଷମତା ହାସଲର ପ୍ରୟାସ କରୁଛି। ସଜ୍ଜାଦଙ୍କ ନେତୃତ୍ୱରେ ମହାସଚିବ ରହିଥିବା ହାଇଦର ଅଲୀ ସେହଲା ରେଜାଙ୍କ ଗୋଷ୍ଠୀରେ ସମ୍ପାଦକ ଭାବରେ ଯୋଗ ଦେଇଥିଲେ। ଅନ୍ୟ ପକ୍ଷରେ ପାକିସ୍ତାନ କ୍ରୀଡା ବିଭାଗ ଓ ଏଫ୍‌ଆଇଏଚ୍ ପକ୍ଷରୁ ବୁଗଟିଙ୍କ ନେତୃତ୍ୱାଧୀନ ଫେଡେରେଶନ୍ ପିଏଚ୍‌ଏଫକୁ ସ୍ୱୀକୃତୀ ପ୍ରଦାନ କରିଛନ୍ତି। ବୁଗଟିଙ୍କ ଦଳରେ ପୂର୍ବତନ ଅଲିମ୍ପିଆନ ରାଣା ମୁଜାହିଦ୍ ମଧ୍ୟ ରହିଛନ୍ତି। କ୍ରୀଡା ବିଭାଗ ଓ ଏଫ୍‌ଆଇଏଚ୍ ପକ୍ଷରୁ ସ୍ୱୀକୃତି ମିଳିବା ପରେ ସେହଲା ରେଜା କ୍ଷମତା ଦୌଡରୁ ଓହରି ଯାଇଥିଲେ। ଏହି ଖେଳାଳି ମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଚୋରି କରିବା ସହ ଏକ ଆକାଉଣ୍ଟକୁ ଅନୈତିକ ଭାବରେ ବ୍ଲକ କରି ରଖିଥିଲେ। ବିଭିନ୍ନ ଦୋକାନ, ଅଫିସ୍ ଓ ଗୋଦାମରୁ ସଂଗୃହୀତ ହେଉଥିବା ଭଡା ଏହି ଆକାଉଣ୍ଟରେ ଜମା ହୋଇଥାଏ। ଏହି ଘଟଣାର ପ୍ରମାଣ ମିଳିବା ପରେ ୫ ଖେଳାଳିଙ୍କୁ ବାସନ୍ଦ କରାଯାଇଥିବା ସୂଚନା ଦେଇଛନ୍ତି ବୁଗଟି। ଏହି ୫ ଖେଳାଳିଙ୍କ ମଧ୍ୟରୁ ଖାଲିଦ୍ ବଶିର ଓ ନାସିର ଅଲୀ ଅଲିମ୍ପିକ୍ସ ପଦକ ଜିତିଥିବା ବେଳେ ସଲିମ୍ ନଜିମ୍ ଜଣେ ତାରକା ମିଡଫିଲ୍ଡର ରହିଥିଲେ।

# କମ୍ ପାଉଣା ନେବେ ଶୁବମନ ଗିଲ୍

**ନୂଆଦିଲ୍ଲୀ,୩୦।୧୦(ପି.ଟି.):** ଗୁଜରାଟ ଟାଇଟନ୍ସର ଅଧିନାୟକ ଶୁବମନ ଗିଲ୍ ଦଳର କୋର୍ ଗ୍ରୁପ୍‌କୁ ଏକତ୍ର ରଖିବା ପାଇଁ କମ୍ ପାଉଣା ନେବାକୁ ରାଜି ହୋଇଛନ୍ତି। ଅକ୍ଟୋବର ୩୧ ରିଟେନ୍ ଖେଳାଳି ତାଲିକା ପ୍ରକାଶ କରିବାର ଅନ୍ତିମ ଦିନ ହୋଇଥିବା ବେଳେ ଗିଲ୍ ଦ୍ୱିତୀୟ ଖେଳାଳି ଭାବରେ ରିଟେନ୍ ହେବେ ବୋଲି ଜଣା ପଡିଛି। ଗୁଜରାଟ ଏହାର କୋର୍ ଗ୍ରୁପ୍‌ର ୫ ଖେଳାଳି ରାଶିଦ୍ ଖାନ୍, ଗିଲ୍, ସାଇ ସୁଦର୍ଶନ ଓ ୨ ଅନକ୍ୟାପ୍ଡ ଖେଳାଳି ରାହୁଲ ଟେୱାଟିଆ ଓ ଶାହରୁଖ ଖାନ୍‌ଙ୍କୁ ରିଟେନ କରିବ ବୋଲି ନିଷ୍ପତ୍ତି ନେଇଛି। ତେବେ ରାଶିଦ୍ ଖାନ୍ ପ୍ରଥମ ଖେଳାଳି ଭାବରେ ରିଟେନ୍ ହୋଇଛନ୍ତି। ଗିଲ୍ ଭାରତୀୟ ଦଳର ଭବିଷ୍ୟତର ଅଧିନାୟକ ଭାବରେ ବିବେଚିତ ହେଉଛନ୍ତି। ଗିଲ୍ ଅଧିନାୟକ ଭାବରେ ପ୍ରଥମ ପସନ୍ଦର ଖେଳାଳି ଭାବରେ ରିଟେନ୍ ହେବା ଉଚିତ୍। ମାତ୍ର କୋର୍ ଗ୍ରୁପ୍‌କୁ ଅପରିବର୍ତ୍ତିତ ରଖିବା ପାଇଁ ସେ ପ୍ରଥମ ସ୍ଲଟ୍ ରାଶିଦ୍ ଖାନଙ୍କ ପାଇଁ ଛାଡି ଦେଇଛନ୍ତି।

# ଭାରୋତ୍ତୋଳନ, ବକ୍ସିଂରେ ଗଞ୍ଜାମ ଚାମ୍ପିୟନ



କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

**ବ୍ରହ୍ମପୁର,୩୦।୧୦**
**(ସ୍ୱାଧୀନ ଶେଖର ପାଢ଼ୀ)**

## ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୬୮ତମ ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ଭାରୋତ୍ତୋଳନ, ବକ୍ସିଂ ଓ ବାସ୍କେଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ୧୭ ଜିଲାର ୧୪ ଓ ୧୭ ବର୍ଷରୁ କମ ବୟସ ବର୍ଗର ଖେଳାଳି ଭାଗ ନେଇଥିଲେ। ଏଥିରେ ବକ୍ସିଂରେ ଗଞ୍ଜାମ ଜିଲା ଗ୍ରୁପ ଚାମ୍ପିୟନ ଓ ପୁରୀ ରନର୍ସଅପ ହୋଇଛି। ଭାରୋତ୍ତୋଳନରେ ଗଞ୍ଜାମ ଚାମ୍ପିୟନ ଓ ଭୁବନେଶ୍ୱର ରନର୍ସଅପ ହୋଇଛି। ବାସ୍କେଟ ବଲ(ବାଳକ)ରେ ଭୁବନେଶ୍ୱର ଦଳ ଚାମ୍ପିୟନ ଓ ଗଞ୍ଜାମ ଦଳ ରନର୍ସଅପ ହୋଇଛି। ବାଳିକାରେ ଭୁବନେଶ୍ୱର ଚାମ୍ପିୟନ ଓ କଟକ ଦଳ ରନର୍ସଅପ ହୋଇଛି। ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ଓ ଗଞ୍ଜାମ ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଶିକ୍ଷାଅଧିକାରୀ ଅମିତା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଥିଲେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର। ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର କୁମାର ବେହେରା ମଞ୍ଚାସୀନ ଥିଲେ। ଜିଲା ସ୍କୁଲ କ୍ରୀଡା ନିରୀକ୍ଷକ ଭାଗିରଥି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଓ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ।

# ପନ୍ତଙ୍କୁ ଛାଡ଼ିଲା କ୍ୟାପିଟାଲ୍ସ

**ନୂଆଦିଲ୍ଲୀ,୩୦।୧୦(ପି.ଟି.):** ଭାରତୀୟ ଦଳର ଉଇକେଟ କିପର ବ୍ୟାଟର ରିଷଭ ପନ୍ତଙ୍କୁ ରିଟେନ୍ କରିନାହିଁ ଦିଲ୍ଲୀ କ୍ୟାପିଟାଲ୍ସ। ମ୍ୟାନେଜମେଣ୍ଟ ସହ ଆଲୋଚନା ପରେ ପନ୍ତ ଏଭଳି ନିଷ୍ପତ୍ତି ନେଇଛନ୍ତି। କ୍ୟାପିଟାଲ୍ସ ପକ୍ଷରୁ ଅକ୍ଷର ପଟେଲ, କୁଲଦୀପ ଯାଦବ, ଟ୍ରିଷ୍ଟାନ ଷ୍ଟବ୍ସ ଓ ଅଭିଷେକ ପୋରେଲଙ୍କୁ ରିଟେନ୍ କରାଯାଇଛି। ପନ୍ତଙ୍କ ସହ ମାସାଧିକ କାଳ ଆଲୋଚନା ହୋଇଥିଲେ ହେଁ କୌଣସି ଫଳ ବାହାରି ନ ଥିଲା। ତେଣୁ ସେ ଅକ୍ସନ ଟେବୁଲରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଅନ୍ୟ ପକ୍ଷରେ କ୍ୟାପିଟାଲ୍ସର ପୂର୍ବତନ ଅଧିନାୟକ ଶ୍ରେୟସ୍ ଆୟାର ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଆୟରଙ୍କ ଅଧିନାୟକତ୍ୱରେ ହିଁ କ୍ୟାପିଟାଲ୍ସ ଥରେ ମାତ୍ର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା।

# ଜାଏଣ୍ଟସ୍କୁ ହରାଇଲା ଥାଲାଇଭାସ୍

**ହାଇଦ୍ରାବାଦ,୩୦।୧୦(ପି.ଟି.):** ନରେନ୍ଦର କଣ୍ଡୋଲା ଏକାକୀ ୧୫ ପଏଣ୍ଟ ସ୍କୋର କରିବା ଫଳରେ ଗୁଜରାଟ ଜାଏଣ୍ଟସ୍କୁ ୪୪–୨୫ରେ ପରାସ୍ତ କରିଛି ତାମିଲ ଥାଲାଇଭାସ୍। ନରେନ୍ଦର ସୁପର୍–୧୦ ଅର୍ଜନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସାହିଲ ଗୁଲିଆ ଓ ସଚିନ୍ ମଧ୍ୟ ୫ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ମନ୍‌ପ୍ରୀତ୍ ସିଂ ସର୍ବାଧିକ ୭ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ହରିଆଣା ଷ୍ଟିଲର୍ସ ୩୦–୨୮ର କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୟୁପି ଯୋଦ୍ଧାସକୁ ହରାଇଛି। ଷ୍ଟିଲର୍ସ ପକ୍ଷରୁ ବିନୟ ସର୍ବାଧିକ ୮ ପଏଣ୍ଟ ଅର୍ଜନ କରିଥିବା ବେଳେ ସଞ୍ଜୟ ୬ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଯୋଦ୍ଧାସ୍ ପକ୍ଷରୁ ଗଗନ ଗୌଡା ୯ ପଏଣ୍ଟ ଓ ଭରତ ୫ ପଏଣ୍ଟ ସ୍କୋର କରିଥିଲେ।

# ଟୁର୍ ଡି ଫ୍ରାନ୍ସ ରୁଟ୍‌ରେ ମଣ୍ଟ ଭେଣ୍ଟକ୍ସ




ଟୁର୍ ଡି ଫ୍ରାନ୍ସର ନୂଆ ରୁଟ୍ ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଉଛନ୍ତି।

**ପ୍ୟାରିସ୍,୩୦।୧୦(ପି.ଟି.)**

ସାଇକେଲ୍ ଚାଳନାର ସର୍ବବୃହତ ଇଭେଣ୍ଟ ଟୁର୍ ଡି ଫ୍ରାନ୍ସର ରୁଟ୍ ଉନ୍ମୋଚିତ ହୋଇଛି। ପୂର୍ବାପେକ୍ଷା ଏହି ରେସ୍ ଏକ ପାରମ୍ପରିକ ରୂପରେ ଦେଖିବାକୁ ମିଳିବ। ପୂର୍ବରୁ ପ୍ୟାରିସ୍ ବାହାରେ ଏହି ରେସ୍‌ର କିଛି ଅଂଶ ରହୁଥିବା ବେଳେ ଚଳିତ ବର୍ଷ ଏହା ସମ୍ପୂର୍ଣ୍ଣ ପ୍ୟାରିସ୍‌ରେ ରହିବ। ପ୍ରଥମ ସପ୍ତାହରେ ସାଧାରଣତଃ ସମତଳ ଅଞ୍ଚଳରେ ଏହି ପ୍ରତିଯୋଗିତାର ଅଂଶ ଦେଖିବାକୁ ମିଳିବ। ତେବେ ପରବର୍ତ୍ତୀ ୧୦ ପର୍ଯ୍ୟାୟରେ ପାହାଡିଆ ଅଞ୍ଚଳରେ ରେସ୍ ଦେଖିବାକୁ ମିଳିବ। ଡିଫେଣ୍ଡିଂ ଚାମ୍ପିୟନ ଟାଡେଜ ପୋଗାକାର ଓ ପ୍ରତିଦ୍ୱନ୍ଦ୍ୱୀ ଜୋନାସ୍ ଭିଙ୍ଗେଗାର୍ଡଙ୍କ ମଧ୍ୟରେ ଆଉ ଏକ କଡା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ରୁଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଭିଙ୍ଗେଗାର୍ଡ ଅନୁପସ୍ଥିତ ଥିଲେ ମଧ୍ୟ ସେ ଏହି ରୁଟ୍ ଦେଖି ଖୁସି ହେବେ ବୋଲି କହିଛନ୍ତି ତାଙ୍କ ଟିମ୍ ଭୀସ୍ମା ଲିଜ୍‌ର ମୁଖ୍ୟ ଗ୍ରୀଷ୍ଟା ନିର୍ମାନ। ଜୁଲାଇ ୫, ୨୦୨୫ରେ ଲିଲି ସହରରୁ ଏହି ରେସ୍ ଆରମ୍ଭ ହେବ। ବ୍ରିଟାନୀ ଓ ମାସିଫ୍ ସେଣ୍ଟ୍ରାଲ ମଧ୍ୟ ଦେଇ ଏହି ରେସ୍ ଆଗକୁ ବଢିବ। ଦ୍ୱିତୀୟ ସପ୍ତାହରେ ପିରିନିସ୍ ପର୍ବତମାଳା ଉପରେ ଟାଇମ୍ ଟ୍ରାଏଲ ରେସ୍ ଅନୁଷ୍ଠିତ ହେବ। ତୃତୀୟ ତଥା ଅନ୍ତିମ ସପ୍ତାହରେ ମଣ୍ଟ ଭେଣ୍ଟକ୍ସ, ଦ କୋଲ ଡି ଲା ଲୋଜି ଓ ଆଲ୍ପସ୍ ପର୍ବତମାଳାରେ ଅନ୍ତିମ ପର୍ଯ୍ୟାୟର ରେସ୍ ଅନୁଷ୍ଠିତ ହେବ। ଏହି ରେସ୍‌ର ସର୍ବୋଚ୍ଚ ପଏଣ୍ଟ ଆଲ୍ପସ୍ ପର୍ବତମାଳାର ଲା ପ୍ଲେନ୍ ସ୍କି ରିସୋର୍ଟରେ ଅନୁଷ୍ଠିତ ହେବ।

ପ୍ରତ୍ୟେକ ବର୍ଷ ଏହି ସମ୍ମାନଜନକ ଇଭେଣ୍ଟର ଫାଇନାଲ ରାଉଣ୍ଡ ପ୍ୟାରିସରେ ଦେଖିବାକୁ ମିଳିଥାଏ। ୧୯୦୫ରୁ ଏହି ଧାରା ଆରମ୍ଭ ହୋଇଥିବା ବେଳେ ଗତବର୍ଷ ଏହା ନାଇସକୁ ସ୍ଥାନାନ୍ତର ହୋଇଥିଲା। ସୁରକ୍ଷା କାରଣରୁ ଚାମ୍ପ ଏଲିସ୍‌ରୁ ଏହି ଇଭେଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପୁନର୍ବାର ଏହା ରୋଷ୍ଟରକୁ ପ୍ରତ୍ୟାବର୍ତ୍ତନ କରିଛି। ପୁରୁଷଙ୍କ ରେସ୍‌ରେ ମୋଟ ୨୦୬୩ ମାଇଲ ବା ୩୨୨୦ କି.ମି. ଯାତ୍ରା କରିବାକୁ ପଡିବ। ସେହିପରି ମହିଳା ଟୁର୍ ଡି ଫ୍ରାନ୍ସ ଇଭେଣ୍ଟ ଜୁଲାଇ ୨୬ ତାରିଖରୁ ଆରମ୍ଭ ହେବ। ଏହା ମଧ୍ୟରେ ମୋଟ ୭୨୪ ମାଇଲ ବା ୧୧୬୫ କି.ମି. ଯାତ୍ରା କରିବାକୁ ପଡିବ। ୧୯୬୭ ପରେ ପ୍ରଥମ ଥର ପାଇଁ ମଣ୍ଟ ଭେଣ୍ଟକ୍ସକୁ ରେସ୍‌ରେ ସାମିଲ କରାଯାଇଛି। ବ୍ରିଟିଶ ରାଇଡର ଟମ୍ ସିମ୍ପସନ୍ ଏଠାରେ ରେସ୍ କରୁଥିବା ସମୟରେ ଷ୍ଟେଜ୍ ୧୬ରେ ପାହାଡରୁ ତଳକୁ ଖସି ପଡିଥିଲେ। ଏହା ପରଠାରୁ ମଣ୍ଟ ଭେଣ୍ଟକ୍ସକୁ ଟୁର୍ ଡି ଫ୍ରାନ୍ସ ରେସ୍ ତାଲିକାରୁ ବାଦ ଦିଆଯାଇଥିଲା।







ପଶ୍ଚିମବଙ୍ଗର ହଳଦିଆଠାରେ ଅନୁଷ୍ଠିତ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଜୋନାଲ ଖୋ ଖୋ ଲିଗ୍ (ପୂର୍ବାଞ୍ଚଳ)ରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ସବ୍‌ଜୁନିୟର ଓ ଜୁନିୟର ଦଳ।

**ରିଲିଜ ଅପେକ୍ଷାରେ**

# ପ୍ରେମୀ ଆୱାରା

ସତରେ ପ୍ରେମର ନିଶା ଭାରି ଗାଢ଼। ପ୍ରେମ ନିଶାରେ ମତୁଆଲା ପ୍ରେମୀଯୁଗଳ କିପରି ନିଜ ପ୍ରେମ ମିଶନକୁ ସଫଳ କରୁଛନ୍ତି ତାହାକୁ ନେଇ କାହାଣୀ ଗତି କରିଛି। ଆଉ ଏଭଳି ଏକ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ପ୍ରେମୀ ଆୱାରା'। ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ଜଣାପଡ଼ିଛି। ପ୍ରଭାତୀ ଆଚାର୍ଯ୍ୟ ଏହାର ପ୍ରଯୋଜନା କରିଥିବା ବେଳେ ଲାଇନ୍ ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ୍-ଟୁବୁନ୍। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଦୂର୍ଗା ଆଚାର୍ଯ୍ୟ। ସଂଳାପ ଲେଖିଛନ୍ତି ସଞ୍ଜୟ ମହାକୁଳ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏବଂ ଏଲଟି ପ୍ରଡକ୍ସନ ସହଯୋଗିତାରେ ନିର୍ମିତ ଏହି ଫିଲ୍ମରେ ଓମ୍‌କାର, ଅଙ୍କିତା ଦାଶ, ଧୀର ମଲ୍ଲିକ, ସରୋଜ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଓମ୍‌କାର-ଅଙ୍କିତା

## ବୃକ୍ଷରୋପଣ, କରୋନା ମୋତେ ପ୍ରେରଣା ଦେଇଥିଲା

**ପେସା ସମାଜସେବା, ହେଲେ ପ୍ରଥମ ସିନେମାର ସଂଳାପ ରଚନା ପରେ ନିଜ କ୍ୟାରିୟରକୁ ନେଇ ଢେର ସ୍ୱପ୍ନ ଦେଖୁଛନ୍ତି। ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଅକ୍ସିଜେନ୍'ର ଏହି ସଂଳାପକାର ଡ. ରଶ୍ମି ରଞ୍ଜନ ପଣ୍ଡା ନିଜ ବିଷୟରେ ଯାହା କହନ୍ତି...**


ଡ. ରଶ୍ମୀ ରଞ୍ଜନ ପଣ୍ଡା

''ସତ କଥା କହିବାକୁ ଗଲେ ପାଠ ପଢ଼ିବା ସମୟରୁ ପରିବେଶ ସୁରକ୍ଷା ପ୍ରତି ମୋ ମନ ଢଳିଥିଲା। ସମୟକ୍ରମେ ଏ ନେଇ ମୁଁ ବେଶ୍ ଆଗେଇ ପାରିଛି। ବୃକ୍ଷରୋପଣ ଏବଂ କରୋନା ସମୟରେ ଅକ୍ସିଜେନ୍‌ର ସମସ୍ୟା ମୋତେ ବେଶ୍ ପ୍ରଭାବିତ କରିଥିଲା। ଆଉ ଏହାକୁ ଆଧାର କରି ଏ ସୁନ୍ଦର ସିନେମାଟିଏ ନିର୍ମାଣ କରିହେବ ବୋଲି ବାପା ଶିବ ପ୍ରସାଦ ପଣ୍ଡାଙ୍କୁ କହିଥିଲି। ଏହି ସିନେମା (ଅକ୍ସିଜେନ୍) ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି। ତେବେ ବୃକ୍ଷରୋପଣ ଏବଂ କରୋନା-ଏ ଦୁଇଟି କଥା ହିଁ ମୋତେ ଉକ୍ତ ଫିଲ୍ମର ସଂଳାପ ରଚନା କରିବାକୁ ବେଶ୍ ପ୍ରେରଣା ଦେଇଛି ବୋଲି କହନ୍ତି ଆଠଗଡ଼ରେ ଜନ୍ମିତ ଏବଂ ଗୋରେଗାଓଁକୁ ନିଜର କର୍ମକ୍ଷେତ୍ର ଭାବରେ ବାଛି ନେଇଥିବା ରଶ୍ମି।'' ତାଙ୍କର ଫଟୋଗ୍ରାଫି ଏବଂ ବିଦେଶରେ ଥିବା ବର୍ଣ୍ଣନୀୟ ସ୍ଥାନ ବୁଲିବାରେ ରୁଚି ରହିଛି। ସମାଜସେବା, ପରିବେଶ ସୁରକ୍ଷା, ଗରିବ ପିଲାଙ୍କୁ ମାଗଣାରେ ପାଠ ପଢ଼ାଇବା ପରି ମହତ କାମ ସହ ସେ ମଧ୍ୟ ଜଡ଼ିତ। ''ଏବେ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିଛି। ଭବିଷ୍ୟତରେ ଭଲ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି ରଶ୍ମି।'' 'ଅକ୍ସିଜେନ୍' ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ। ସସ୍ମିତ, ତମନ୍ନା ଏବଂ ବବି ମିଶ୍ର ଏହାର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।

## ପ୍ରେମ ପାଇଁ ଟେନ୍‌ସନ

ଜାହ୍ନବୀ କପୁରଙ୍କ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡ଼େ ଜଣେ ବିଦେଶୀ ବିଜ୍‌ନେସମ୍ୟାନ୍‌ଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ହେଲେ ଏପରି କଥାକୁ ମାନିବାକୁ ସେ ନାରାଜ। କେହି ତାଙ୍କୁ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ଏ ସମ୍ପର୍କରେ ସଫେଇ ଦେଇ ଜାହ୍ନବୀ କହନ୍ତି, 'ବର୍ତ୍ତମାନ ମୋ ପାଖରେ ପ୍ରେମ କରିବାକୁ ସମୟ ନାହିଁ। କାରଣ ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ବେଶ୍ ସତର୍କତାର ସହ ଚାଲୁଛି। ମୋ ନାମକୁ ଅନ୍ୟ ସହ ଯୋଡ଼ି କେହି ଏଭଳି ମିଛ ପ୍ରଚାର କରୁଛି। ଏସବୁ ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ସେପରି କଥାକୁ ସତ ଭାବିଲେ ମୋର ସେ ନେଇ କିଛି କହିବାର ନାହିଁ।' ପ୍ରଥମ ସିନେମା 'ଧଡକ' ପରେ 'ଘୋଷ୍ଟ ଷ୍ଟୋରିଜ', 'ଗୁଞ୍ଜନ ସକ୍‌ସେନା', 'ଦୋସ୍ତାନା-୨' ଏବଂ 'ରୁହି' ଆଦି ସିନେମାରେ ସେ ଅଭିନୟ କରିସାରିଛନ୍ତି।


ଜାହ୍ନବୀ


ଯାମି

## ଅଧୁରା ରହିଗଲା ଆଶା

ମଣିଷ ଯାହା ଚାହେଁ ତା'ର ସମସ୍ତ ଆଶା କ'ଣ ପୂରଣ ହୁଏ ? ହୁଏତ ଏହାର ଅଧିକାଂଶ ଉତ୍ତର 'ନା' ଆସିବ। ଆଶା ତ ମରୀଚିକା। ତା' ପଛରେ ଯୋଜନାବଦ୍ଧ ଭାବରେ ନ ଆଗେଇଲେ ତାହାକୁ ହାସଲ କରିବା ସମ୍ଭବ ହୋଇ ନ ଥାଏ। ଯେତେବେଳେ ଯାମି ପାଠ ପଢୁଥିଲେ ସେତେବେଳେ ତାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ। 'ପାଠ ପଢ଼ିବି, ଭବିଷ୍ୟତରେ ଜଣେ ଓକିଲ ହେବି'- ଏଭଳି ଆଶା ରଖି ସେ ଆଗକୁ ବଢ଼ିଥିଲେ। କିନ୍ତୁ ଭବିଷ୍ୟତରେ ତାଙ୍କର ଏହି ଆଶା ପୂରଣ ହୋଇ ପାରି ନ ଥିଲା। ଏଭଳି ଅଭିଳାଷ ବିଷୟରେ ଯାମି ଗୌତମ କହନ୍ତି, 'ପାଠ ପଢ଼ିବା ସମୟରେ କେତେ ଆଶା ରଖିଥିଲି, ଭଲ ପାଠ ପଢ଼ି ଜଣେ ଓକିଲ ହେବି। ହେଲେ ତାହା ସମ୍ଭବ ହେଲା ନାହିଁ। ହେଲେ 'ବତୀ ଗୁଲ୍ ମିଟର ଚାଲୁ'ରେ ସେ ଓକିଲ ଭୂମିକାରେ ଅଭିନୟ କରିଥିଲି।' ଧାରାବାହିକ 'ଚାନ୍ଦ କି ପାର୍ ଚଲୋ' ଯାମିଙ୍କୁ ବେଶ୍ ମାଇଲେଜ ଦେଇଥିଲା। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।

## ଭୂମିଙ୍କ ପ୍ରେକ୍ଷାଳୟ ଉପାଖ୍ୟାନ

ଭୂମି ପେଡେନକରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦମ୍ ଲଗାକେ ହୈସା'। ୨୦୧୫ରେ ଏହି ଚିତ୍ରଟି ପରଦା ଉପରକୁ ଆସିଥିଲା। ମାତ୍ର ୧୪ କୋଟି ବଜେଟରେ ନିର୍ମିତ ଏହି ସିନେମା ବକ୍ସ ଅଫିସରେ ୧୧୪କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା। ସେତେବେଳେ ଏକ ମଜାଦାର ଘଟଣା ଘଟିଥିଲା। ଫିଲ୍ମ ରିଲିଜ ହେବାର ପ୍ରଥମ ଦିନରୁ ୪୫ ଦିନ ପର୍ଯ୍ୟନ୍ତ ଏହାର ନିର୍ଦ୍ଦେଶକ ଶରତ କଟାରିଆ ଏବଂ ଭୂମି ପ୍ରତିଦିନ ପ୍ରେକ୍ଷାଳୟକୁ ଯାଉଥିଲେ। ଏ ନେଇ ଭୂମି କହନ୍ତି, 'ଏଭଳି ଆଇଡିଆ ମୁଁ ପ୍ରଥମେ ନିର୍ଦ୍ଦେଶକଙ୍କୁ ଦେଇଥିଲି। ତେଣୁ ଆମେ ପ୍ରତିଦିନ ଗୋଟିଏ ଦୁଇଟି ପ୍ରେକ୍ଷାଳୟକୁ ଯାଉଥିଲୁ। ସେଠାରେ ଫିଲ୍ମ ବିଷୟରେ ଦର୍ଶକଙ୍କର ମତ ନେଉଥିଲୁ। ସେତେବେଳେ ସେମାନେ ମୋତେ ଯେତିକି ପ୍ରଶଂସା କରିଥିଲେ ତାହା ମୋ ପାଇଁ ପ୍ରେରଣାର ଉତ୍ସ ସାଜିଥିଲା।' ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ମନୀଷ ଶର୍ମା ଏବଂ ଆଦିତ୍ୟ ଚୋପ୍ରା। ଏଥିରେ ଭୂମିଙ୍କର ନାୟକ ସାଜିଥିଲେ ଆୟୁଷ୍ମାନ ଖୁରାନା।


ଭୂମି

# ତାରାଙ୍କ ନୂଆ ଯୋଜନା

ତାରା ସୁତାରିଆ ଏବେ ବୁଝି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସି ଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ତାରା। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ସପକ୍ଷରେ ମୁଁ ନୁହେଁ। କାରଣ ଯଦି କିଛି ସିନେମା ଫ୍ଲପ ହୋଇଗଲା ତେବେ ଅଫରଟିଏ ପାଇବା ସାତ ସପନ ହୋଇଯାଏ। ପୁଣି ସେଗୁଡିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ମୋ ଅଭିନୟ ଜୀବନରେ ଯାହା ଘଟିଯାଇଛି ତାହାକୁ ମୁଁ ଭଲ ଭାବରେ ତର୍ଜମା କରିଛି। ଏଣିକି ଗୋଟିଏ ସିନେମା ସାଇନ୍ କରିବା ପୂର୍ବରୁ ହଜାରେ ଥର ଚିନ୍ତା କରିବି। ଭଲ କାହାଣୀ ଏବଂ ଭୂମିକାଟିଏ ନ ମିଳିଲେ ରାଜି ହେବି ନାହିଁ।' ତାରାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨' (୨୦୧୯)ରୁ। ଗତ ପାଞ୍ଚ ବର୍ଷ ଭିତରେ ସେ ମାତ୍ର ୬ଟି ସିନେମାରେ ଅଭିନୟ କରିଛନ୍ତି।


ତାରା

**ଶୁଟିଂ ଚାଲିଛି**

## ମିଡ୍ ନାଇଟ୍

ଏକ ରହସ୍ୟ ଓ ରୋମାଞ୍ଚପୂର୍ଣ୍ଣ କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ମିଡ୍ ନାଇଟ୍'। କାହାଣୀ ଅନୁସାରେ ତିନି ଜଣ ବାନ୍ଧବୀ ନୂଆ ବର୍ଷ ସେଲିବ୍ରେଟ କରିବାକୁ ଚନ୍ଦ୍ରାଭାଗା ଯାଉଥାଆନ୍ତି। ବାଟରେ ସେମାଙ୍କ ମଧ୍ୟରୁ ଜଣେ ଏକ ହରର୍ ବହି ପଢୁଥାଆନ୍ତି। ହେଲେ ସଂଯୋଗ ଏମିତି ଯେ ଯେଉଁ ଲାଇନ୍ ପଢୁଥାଆନ୍ତି, ବାସ୍ତବରେ ସେମାନଙ୍କ ସାମନାରେ ସେହି ଘଟଣା ଘଟୁଥାଏ। ହେଲେ ହଠାତ୍ ଗାଡିଟି ଖରାପ ହୋଇଯାଏ, ଆଉ ଉପାୟଶୂନ୍ୟ ହୋଇ ସେମାନେ 'ମିଡ୍ ନାଇଟ୍' ନାମକ ଏକ ହୋଟେଲରେ ରହନ୍ତି। ଆଉ ତା'ପରେ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଭିନେତା ମନୁ ଦ୍ୱିବେଦୀ। ଏହାର କାହାଣୀ ରଚନା କରିବା ସହ ଅନ୍ୟତମ ପ୍ରଯୋଜକ ସାଜିଛନ୍ତି ଅନୁପ ଦ୍ୱିବେଦୀ। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ। ଫିଲ୍ମଟିର କ୍ରିଏଟିଭ ହେଡ୍ ରାହୁଲ ଶତପଥୀ ଥିବା ବେଳେ କ୍ୟାମେରା ଦାୟିତ୍ୱ ତୁଲାଉଛନ୍ତି ଅଜିତ ଦାସ। ମନୁ ଦ୍ୱିବେଦୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ମନୁ ଦ୍ୱିବେଦୀ। ସହକାରୀ ନିର୍ଦ୍ଦେଶକ ଭାର ସମ୍ଭାଳିଛନ୍ତି ସୁରେଶ ଦାଶ। ମନୁ ଦ୍ୱିବେଦୀ, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ସୁଇଟି, ଆଲିୟା ପ୍ରମୁଖ କଳାକାର ଏଥିରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ବର୍ତ୍ତମାନ ଚାଲୁ ରହିଛି।


'ମିଡ୍ ନାଇଟ୍' ଫିଲ୍ମରେ (ବାମରୁ) ମନୁ, ଦେବୁ ବ୍ରହ୍ମା, ଡାଏନା

## ସେଞ୍ଚୁରୀ ଅଫର ପରେ...

'ଇସ୍କ ଭିସ୍କ' ଫେମ୍ ଶାହୀଦ କପୁର ଏକଦା ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ଚିନ୍ତାରେ ପଡିଯାଇଥିଲେ। ସେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥାଆନ୍ତି। ପ୍ରଥମ ଅଫର 'ଇସ୍କ ଭିସ୍କ' ପାଇବା ପୂର୍ବରୁ ତାଙ୍କୁ ଅନେକ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। କିନ୍ତୁ ଦୁର୍ଭାଗ୍ୟ। ସମସ୍ତ ଅଫର କେବଳ ଅଫରରେ ହିଁ ସୀମିତ ରହିଯାଇଥିଲା। ସେହି ସମୟରେ ତାଙ୍କୁ ପାଖାପାଖି କେତେ ଅଫର ମିଳିଥିଲା ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ସେତେବେଳେ ତାଙ୍କୁ ପାଖାପାଖି ୧୦୦ଟି ଅଫର ମିଳିଥିଲା। ଏ ବିଷୟରେ ଶାହୀଦ କହନ୍ତି, ''ହିନ୍ଦୀ ସିନେମାରେ ଯେତେବେଳେ ମୁଁ କ୍ୟାରିୟର କରିବାକୁ ମନସ୍ଥ କଲି, ତା'ପରେ ମୋତେ ଅଫର ପରେ ଅଫର ମିଳି ଚାଲିଲା। ହେଲେ ସେହି ଅଫରଗୁଡ଼ିକ ଅଦିନ ମେଘ ପରି ମିଳେଇ ଯାଇଥିଲା। ମୁଁ ବା କ'ଣ କରିପାରିବି ? ଏପରି ସମୟ ଆସିଲା, ସେଞ୍ଚୁରୀ ଅଫର ପରେ ମୁଁ ଭାବିନେଇଥିଲି ଯେ ବୋଧହୁଏ ଅଭିନେତା ହେବା ପାଇଁ ମୋତେ ଆହୁରି ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ପ୍ରଯୋଜକ କୁମାର ଏସ. ତୌରାନି ଏବଂ ରମେଶ ଏସ. ତୌରାନି ଯେତେବେଳେ ମୋତେ 'ଇସ୍କ ଭିସ୍କ' ପାଇଁ ଯୋଗାଯୋଗ କଲେ ତାହା ଉପରେ ମୋର ମଧ୍ୟ ବିଶ୍ୱାସ ନ ଥିଲା। ଯାହାହେଉ ଫିଲ୍ମଟି ଶୁଟିଂ ହୋଇ ରିଲିଜ ହେଲା ଏବଂ ରାତାରାତି ମୁଁ ନିଜକୁ ନାୟକ ଦୌଡ଼ରେ ସାମିଲ କରିବାରେ ସକ୍ଷମ ହୋଇଥିଲି।''


ଶାହୀଦ କପୁର

# ସ୍ପିନ୍ ଖେଳିବାକୁ ବ୍ୟାଟରଙ୍କ ଅଭ୍ୟାସ

ମୁମ୍ବାଇ,୩୦।୧୦(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୦-୨ରେ ପଛୁଆ ରହିଥିବା ଭାରତୀୟ ଦଳ ବୁଧବାର ଏହାର ନେଟ୍ ସେସନ୍ ଆରମ୍ଭ କରିଛି। ସ୍ପିନ୍ ଖେଳିବାରେ ଭାରତୀୟ ବ୍ୟାଟର ବିଫଳ ହୋଇଥିବା ବେଳେ ଏହା ଉପରେ ସମସ୍ତ ପ୍ରମୁଖ ବ୍ୟାଟର ଅଭ୍ୟାସ କରିଛନ୍ତି। ତୃତୀୟ ଟେଷ୍ଟ ପାଇଁ ମଧ୍ୟ ଏକ ର୍‍ୟାଙ୍କ ଟର୍ନର ମିଳିବାର ସମ୍ଭାବନା ରହିଛି। ତେଣୁ ନ୍ୟୁଜିଲାଣ୍ଡ ସ୍ପିନରଙ୍କ ମୁକାବିଲା କରିବା ପାଇଁ ଭାରତୀୟ ବ୍ୟାଟର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଶୁକ୍ରବାର ପ୍ରଥମ ଟେଷ୍ଟ ଆରମ୍ଭ ହେବାକୁ ଥିବା ବେଳେ ବିରାଟ କୋହଲି ଓ ରୋହିତ ଶର୍ମା ଜୋରଦାର ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଛି। ନେଟ୍ସ ପୂର୍ବରୁ ଉଭୟ ବ୍ୟାଟର ଷ୍ଟମ୍ପ ଆଗରେ ଧଳା ଲାଇନ୍

## ଭାରତୀୟ ଦଳର ନେଟ୍ ସେସନ

ଟାଣି ଅଭ୍ୟାସ କରିଥିଲେ। ଲାଇନ୍ ଓ ଲେନ୍ଥ ଜାଣିବା ପାଇଁ ସାଧାରଣତଃ ଏଭଳି ଅଭ୍ୟାସ କରିବାକୁ ପଡିଥାଏ। ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତୀୟ ବ୍ୟାଟର ମାନେ ନ୍ୟୁଜିଲାଣ୍ଡ ବୋଲରଙ୍କ ବାଉନ୍ସ ଆଗରେ ହାର ମାନିଥିଲେ। ପେସ୍ ବୋଲର ଚମତ୍କାର ବୋଲିଂ କରିଥିବା ବେଳେ ଭାରତ ବ୍ୟାକ୍‌ଫୁଟରେ ରହିଥିଲା। ସେହିପରି ପୁଣେର ଟର୍ନିଂ ଟ୍ରାକ୍‌ରେ ମିଚେଲ୍ ସାଣ୍ଟନରଙ୍କ ଜାଲରେ ଫସି ଯାଇଥିଲା ଭାରତ। ସାଣ୍ଟନର ଏକାକୀ ୧୩ ଉଇକେଟ ନେଇ ଭାରତର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ପାରମ୍ପରିକ ଢଙ୍ଗରେ ସାଣ୍ଟନରଙ୍କ ବଲ୍ ସ୍ପିନ୍ ହୋଇ ନ ଥାଏ। ଏହା ଭାରତୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇଥିଲା। ସାଣ୍ଟନରଙ୍କ ବଲ୍ ମୁଖ୍ୟତଃ ସିଧା ରହୁଥିବା ବେଳେ ସମାନ ଲେନ୍ଥରୁ କିଛି ବଲ୍ ବାହାରକୁ ଟର୍ନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଗୌତମ ଗମ୍ଭୀର ଭାରତୀୟ ଖେଳାଳିଙ୍କୁ ଅଭ୍ୟାସ କରାଇଛନ୍ତି। ଭାରତର ସହକାରୀ କୋଚ୍ ଅଭିଷେକ ନାୟାର ସମସ୍ତ ଖେଳାଳିଙ୍କ ଅଭ୍ୟାସ ଉପରେ ନଜର ରଖିଥିଲେ। ଯେତେବେଳେ ସ୍ପିନର ସମାନ ସ୍ଥାନରୁ ବଲ୍ ସିଧା ରଖୁଛନ୍ତି ବା ଟର୍ନ କରିବାରେ ସକ୍ଷମ ହେଉଛନ୍ତି ସେପରି ସ୍ଥାନରେ ବୋଲରଙ୍କ ହାତ ଓ ବଲ୍‌ର ରିଲିଜ୍ ପୋଜିଶନ୍ ଉପରେ ଧ୍ୟାନ ଦେବାକୁ ଗୁରୁତ୍ୱ ଦେଇଛନ୍ତି ନାୟାର। ମାନସିକ ଭାବରେ ଏଭଳି ପରସ୍ଥିତି ପାଇଁ ଖେଳାଳିଙ୍କୁ ପ୍ରସ୍ତୁତ ହେବାକୁ ପଡିବ ବୋଲି କହିଛନ୍ତି ନାୟାର। ଘରୋଇ କ୍ରିକେଟ ସାଧାରଣତଃ କଳାମାଟିର ପିଚ୍‌ରେ ଖେଳା ଯାଇଥାଏ। ମାତ୍ର ଅନ୍ତର୍ଜାତୀୟ କ୍ରିକେଟରେ ଭିନ୍ନ ଭିନ୍ନ ପିଚ ଓ ପରିବେଶରେ ଖେଳିବାକୁ ମିଳିଥାଏ। ତେଣୁ ଭାରତୀୟ ବ୍ୟାଟରଙ୍କୁ ଅଧିକ ଧ୍ୟାନ ଲଗାଇବାକୁ ପଡିବ ବୋଲି କହିଛନ୍ତି ନାୟାର। ୨୫ରୁ ଅଧିକ ସ୍ଥାନୀୟ ବୋଲରଙ୍କୁ ଭାରତୀୟ ବ୍ୟାଟରଙ୍କୁ ବୋଲିଂ କରିବା ପାଇଁ ଡକା ଯାଇଥିଲା। ଏପରିକି ଭାରତୀୟ ବୋଲର ମହମ୍ମଦ ସିରାଜ ମଧ୍ୟ ଦୀର୍ଘ ସମୟ ଧରି ନେଟ୍ସରେ ବ୍ୟାଟିଂ କରିଥିଲେ।



ବୁଧବାର ନେଟ୍ସ ଅବସରରେ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ଗୌତମ ଗମ୍ଭୀର ପିଚ୍ ନିରୀକ୍ଷଣ କରୁଛନ୍ତି।

# ରିତିକାଙ୍କୁ ୨ ସ୍ୱର୍ଣ୍ଣ ସହ ୫ ପଦକ

## ସିବିଏସ୍‌ଇ ଜିମ୍ନାଷ୍ଟିକ୍ ଜାତୀୟ ଚାମ୍ପିୟନଶିପ୍

ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ)

ମହାରାଷ୍ଟ୍ର କୋପାରଗାଓଁର କୋକାମଥନାସ୍ଥିତ ଆତ୍ମା ମଲିକ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅନୁଷ୍ଠିତ ସିବିଏସ୍‌ଇ ଜିମ୍ନାଷ୍ଟିକ୍ ଜାତୀୟ ଚାମ୍ପିୟନଶିପ୍‌ର ୧୯ ବର୍ଷରୁ କମ୍ ବର୍ଗରେ ଚମକ ସୃଷ୍ଟି କରିଛନ୍ତି ଓଡ଼ିଶାର ପ୍ରତିଭା ସମ୍ପନ୍ନ ଜିମ୍ନାଷ୍ଟ ଜେ.ଏମ. ରିତିକା ଦାସ। ପ୍ରତିଯୋଗିତା ଅକ୍ଟୋବର ୧୫ରୁ ୧୯ ପର୍ଯ୍ୟନ୍ତ ହୋଇଥିଲେ ହେଁ କେତେକ କାରଣ ଯୋଗୁ ଫଳାଫଳକୁ ସ୍ଥଗିତ ରଖା ଯାଇଥିଲା। ବୁଧବାର ପ୍ରକାଶିତ ଫଳାଫଳ ଅନୁସାରେ ରିତିକା ୨ଟି ସ୍ୱର୍ଣ୍ଣ ସହ ମୋଟ ୫ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ରିତିକା ଅନ୍‌ଇଭେନ୍ ବାର୍ସ ଏବଂ ଅଲ୍ ରାଉଣ୍ଡରେ ସ୍ୱର୍ଣ୍ଣିମ ସଫଳତା ପାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ସେହିପରି ସେ ଫ୍ଲୋର ଏକ୍ସରସାଇଜ୍‌ରେ ରୌପ୍ୟ ଏବଂ ବାଲାନ୍ସ ବିମ୍ ଓ ଟେବଲ ଭଲ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ରିତିକା ମାତ୍ର ୬ ବର୍ଷରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ନିଜ ଜିମ୍ନାଷ୍ଟିକ୍ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଦର୍ଶନରେ ଉନ୍ନତି ଆଣିବା ପରେ ଏବେ ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ମୀରାରାଣୀ ଦାସ ଓ ଯଶୋବନ୍ତ ଦାସଙ୍କ କନ୍ୟା ରିତିକା ସମ୍ପ୍ରତି ଦିଲ୍ଲୀ ପବ୍ଲିକ୍ ସ୍କୁଲ, କଳିଙ୍ଗାରେ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।



ଜେ.ଏମ. ରିତିକା ଦାସ

# ମ୍ୟାଚ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ

ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ)

ୱାୟନାଡ଼ର କ୍ରିଷ୍ଣଗିରି ଷ୍ଟାଡିୟମରେ ବୁଧବାର ଶେଷ ହୋଇଥିବା ଓଡ଼ିଶା-କେରଳ ୨୩ ବର୍ଷରୁ କମ୍ କଲୋନେଲ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଛି। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଛି। ଏହି ମ୍ୟାଚରେ କେରଳ ପ୍ରଥମ ଇନିଂସରେ ୩୧୯ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୪ର୍ଥ ତଥା ଅନ୍ତିମ ଦିବସର ପ୍ରଥମ ସେସନରେ ମୋଟ ୪୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ୧୧୧, ଓମ୍ ଟି. ମୁଣ୍ଡେ ୯୨, ସାଓ୍ୱନ ପହାରିଆ ୭୬, ସାଇଦୀପ ମହାପାତ୍ର ୬୪ ଓ ଆଶୁତୋଷ ମାର୍ଣ୍ଡି ୫୧ ରନ କରିଥିଲେ। କେରଳ ପକ୍ଷରୁ ଇଡେନ ଆପ୍‌ଲେ ଟମ୍ ୬ଟି ଓ ଜିସ୍ନୁ ଏ. ୨ଟି ଓ ପବନ ରାଜ ଗୋଟିଏ ଉଇକେଟ ନେଇଥିଲେ। ଖେଳ ଶେଷ ହେବା ବେଳକୁ କେରଳ ଦ୍ୱିତୀୟ ଇନିଂସରେ ୫ ଉଇକେଟ ହରାଇ ୨୧୭ ରନ କରିଥିଲା। ଶୋଉନ ରୋଗର ସର୍ବାଧିକ ୭୨ ରନକରି ଅପରାଜିତ ରହିଥିବାବେଳେ ଅହମଦ ଇମ୍ରାନ ୬୧ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଆୟୁଷ ବାରିକ ୨ଟି ଏବଂ ଆଶୁତୋଷ ମାର୍ଣ୍ଡି, ଆଶୁତୋଷ ଛୁରିଆ ଓ ସମ୍ବିତ ବରାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ